ଓଁ

# ସୁସ୍ପାଃ

# ଆଜି ଓ କାଲିରୁ

ସହଦେବ ସାହୁ

# ସମସ୍ୟା:

## ଆଜି ଓ କାଲିର

ଶ୍ରୀ ସହଦେବ ସାହୁ
ଆଇ. ଏ. ଏସ୍

ଓଡ଼ିଶା ବୁକ୍ ଷ୍ଟୋର

# ସମସ୍ୟା :
## ଆଜି ଓ କାଲିର


*ଲେଖକ*
**ଶ୍ରୀ ସହଦେବ ସାହୁ ,**
ଆଇ. ଏ. ଏସ୍



*ପ୍ରକାଶକ*
ଶ୍ରୀ ବିଜୟ ଶଙ୍କର ପାତ୍ର
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦ ବିହାରୀ, କଟକ -୭୫୩ ୦୦୨

*ନୂତନ ସଂସ୍କରଣ :* **୧୯୯୯**

*ଡି.ଟି.ପି. :* **ମୁକୁର ମେଡ଼ିଆ**

*ମୁଦ୍ରଣ*
**ଇନ୍ଦ୍ରାଣୀ ପ୍ରିଣ୍ଟର୍ସ**
କଟକ - ୯

*ପ୍ରତିଷ୍ଠାତା ପ୍ରକାଶକ:*
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ - ୧୯୫୯


# SAMASYA
## AJI O KALIRA


*By*
**Sri Sahadev Sahoo,** I.A.S.



*Published by*
Sri Bijoya Shankar Patra
**ORISSA BOOK STORE**
Binod Behari, Cuttack - 753 002

*PRICE :* **Rs. 25 /-**
*ISBN 81-7400-271-5*

*New Edition- 1999*

# ସୂଚୀ


| | ବିଷୟ | ପୃଷ୍ଠା |
|---|---|---|
| ୧ । | ଆମର ଭାଷା | ୫ |
| ୨ । | ବୈଷୟିକ ଜ୍ଞାନ ଓ ଗଣତନ୍ତ୍ର | ୧୧ |
| ୩ । | ସାଧାରଣ ଲୁଣର ଅସାଧାରଣ କଥା | ୧୬ |
| ୪ । | ବ୍ୟକ୍ତି-ପୂଜା | ୨୨ |
| ୫ । | ପୋଷାକ ହିଁ ପରିଚୟ | ୨୯ |
| ୬ । | ଜନସଂଖ୍ୟା ବୃଦ୍ଧି | ୩୭ |
| ୭ । | ସମାଜବାଦ | ୪୫ |
| ୮ । | କାରିଗରୀ ବିଦ୍ୟା ଓ ମାନବିକ ମୂଲ୍ୟବୋଧ | ୫୪ |
| ୯ । | ଋଣଂ କୃତ୍ୱା ଘୃତଂ ପିବେତ୍ | ୬୬ |
| ୧୦ । | ସତେ କ'ଣ ପ୍ରଳୟ ହେବ ? | ୭୧ |
| ୧୧ । | ଭବିଷ୍ୟତ ସମାଜର ରୂପରେଖ | ୭୭ |
| ୧୨ । | ବିଶ୍ୱର ଖାଦ୍ୟ ସମସ୍ୟା | ୮୩ |
| ୧୩ । | ପୃଥିବୀ ବାହାରେ ଜୀବନ ଅଛି କି ? | ୯୧ |
| ୧୪ । | ମଣିଷ ଶରୀରର ଭବିଷ୍ୟତ ରୂପ | ୧୦୧ |


♦♦♦

# ଆମର ଭାଷା

ଭାରତ ଭୂଖଣ୍ଡ ଗୋଟିଏ ଉପମହାଦେଶ । ଏହି ଉପମହାଦେଶର ସବୁ ଅଞ୍ଚଳରେ ଲୋକେ ବୁଝିପାରୁଥିବା ଭଳି ଗୋଟିଏ ସାଧାରଣ ଭାଷା ରହିବା ଅସମ୍ଭବ । ପାହାଡ଼-ପର୍ବତଶ୍ରେଣୀ, ଘନଜଙ୍ଗଲ, ବଡ଼ ବଡ଼ ନଦୀ ପ୍ରଭୃତି ପ୍ରାକୃତିକ ବାଧା ଗୋଟିଏ ଅଞ୍ଚଳକୁ ଅନ୍ୟ ଅଞ୍ଚଳଠାରୁ ଭିନ୍ନ କରି ରଖିଛି । ଗମନାଗମନର ସୁବିଧା ନ ଥିବା ସମୟରେ ପ୍ରତ୍ୟେକ ଅଞ୍ଚଳ ଅନ୍ୟ ଅଞ୍ଚଳଠାରୁ ଭିନ୍ନ ଏକ ପ୍ରକାରର ଭାଷା, ସଂସ୍କୃତି, ସଭ୍ୟତା ତିଆରି କରି ନେଇଛି । ଭୌଗୋଳିକ ପ୍ରତିବନ୍ଧକହିଁ ବିଭିନ୍ନ ଭାଷା ମଧ୍ୟରେ ଥିବା ପାର୍ଥକ୍ୟର ଐତିହାସିକ କାରଣ ହୋଇଉଠିଛି । କାଳକ୍ରମେ ବିଶ୍ୱରେ ଜାତି-ରାଷ୍ଟ୍ର (Nation-State) ଗଢ଼ିଉଠିଲା— ଏକ ଭାଷା, ଏକ ସଂସ୍କୃତି, ଏକ ସଭ୍ୟତାର ଲୋକେ ଗୋଟିଏ ସ୍ୱତନ୍ତ୍ର ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖିଲେ । ଲାଗ ଲାଗ ଦୁଇଟି ବିଶ୍ୱଯୁଦ୍ଧ ଏହି ସ୍ୱପ୍ନକୁ ସଫଳ କଲା । ଦ୍ୱିତୀୟ ମହାସମର ପରେ ପୃଥିବୀସାରା ସ୍ୱାଧୀନ ଜାତି-ରାଷ୍ଟ୍ରମାନେ ଗୋଟିକ ପରେ ଗୋଟିଏ ଜନ୍ମ ନେଲେ । ପୁରୁଣା ସାମ୍ରାଜ୍ୟ, ବୃହତ୍ ରାଜ୍ୟ ବା ଉପନିବେଶଗୁଡ଼ିକ ଉଭେଇଗଲେ । ଛୋଟ ଛୋଟ ରାଷ୍ଟ୍ରମାନେ ଜନ୍ମନେଲେ । ଦ୍ୱିତୀୟ ମହାସମର ପରେ ଭାରତ ମଧ୍ୟ ସ୍ୱାଧୀନ ହେଲା ।

**ମାତୃଭାଷା -** ଧର୍ମ ଭିତ୍ତିରେ ଭାରତ ଦୁଇଭାଗ ହୋଇଥିଲେ ହେଁ, କେତୋଟି ନିର୍ଦ୍ଦିଷ୍ଟ ଭାଷାର ଲୋକେ ପାକିସ୍ଥାନର ଅନ୍ତର୍ଭୁକ୍ତ ହେଲେ । ଏହି ଭାଷାପାର୍ଥକ୍ୟ ଯୋଗୁ ବଙ୍ଗଳାଭାଷୀ ପୂର୍ବପାକିସ୍ଥାନ ୧୯୭୧ରେ ବାଙ୍ଗଲାଦେଶ ନାମକ ଏକ ସ୍ୱାଧୀନ ରାଷ୍ଟ୍ରରୂପରେ ମୁଣ୍ଡ ଟେକିଛି । ଭାରତ ବର୍ତ୍ତମାନ ପୂରାଭାରତ ଭୂଖଣ୍ଡର ଏକ ବୃହତ୍ ଅଂଶ ମାତ୍ର । ତଥାପି ୧୯୬୧ ଜନଗଣନାରୁ ଜଣାଯାଏ ଯେ ଭାରତର ତେତେବେଳର ୪୪କୋଟି ଲୋକେ ୧୬୫୨ଟି ମାତୃଭାଷାରେ କଥା କହୁଥିଲେ । ଏହି ସବୁ ମାତୃଭାଷା ୮୨୬ଟି ବିଭିନ୍ନ ଭାଷା ବା ଉପଭାଷା (dialect) ଅନ୍ତର୍ଭୁକ୍ତ । ଏହି ୧୬୫୨ଟି ମାତୃଭାଷା ଭିତରୁ ୧୦୩ଟି ଭାରତ ବାହାରୁ ଆସିଛି । ଅବଶିଷ୍ଟ ୧୫୪୯ଟି ମାତୃଭାଷାରୁ ମାତ୍ର ୧୨୯୫ଟିକୁ କୌଣସି ନା କୌଣସି ଜଣାଶୁଣା

ଭାଷାର ଅନ୍ତର୍ଭୁକ୍ତ କରାଯାଇପାରେ, ମାତ୍ର ବାକି ୨୫ଟି ମାତୃଭାଷା କେଉଁ ଭାଷା ଶ୍ରେଣୀର ଏ ପର୍ଯ୍ୟନ୍ତ ଠିକ୍ କରାଯାଇନାହିଁ । ଏଗୁଡ଼ିକ ସାଧାରଣତଃ କଥିତ ଭାଷା ।

**ସଂଜ୍ଞା** - ମାତୃଭାଷା (mother tongue) କ'ଣ ? ୧୯୭୧ ଜନଗଣନାରେ ଏହାର ଏକ ସଂଜ୍ଞା ଦିଆଯାଇଛି - ବ୍ୟକ୍ତିର ବାଲ୍ୟାବସ୍ଥାରେ ତା'ର ମାଆ ଯେଉଁ ଭାଷାରେ ତାହା ସହିତ କଥାବାର୍ତ୍ତାକରେ କିମ୍ବା ପରିବାର ମଧରେ ମୁଖ୍ୟତଃ ଯେଉଁଭାଷାରେ କଥାବାର୍ତ୍ତା କରାଯାଏ ତାହାହିଁ ମାତୃଭାଷା । ଅର୍ଥାତ୍ - ମାତୃଭାଷା ହେଉଛି ଘରର କଥିତ ଭାଷା (home language) । କଥିତ ଭାଷାର ଲିଖିତ ରୂପ ଥାଇପାରେ ବା ନ ପାରେ । ଏହି କାରଣରୁ ଭାରତରେ ଥିବା ବହୁ ପ୍ରକାର ଭାଷାର ଅନୁଧ୍ୟାନ ଏକ ଜଟିଳ ବିଷୟ ହୋଇଛି ।

**ଭାଷାଭେଦ** - ଐତିହାସିକ ଯୁଗର ପ୍ରାରମ୍ଭରୁ ବିଭିନ୍ନ ଜାତିର ଲୋକେ ଭାରତବର୍ଷକୁ ଆସିଛନ୍ତି, ବିଭିନ୍ନ ଭାଷା ସୃଷ୍ଟି କରିଛନ୍ତି । ଏହି ଜାତିମାନଙ୍କ ମଧ୍ୟରେ ନିଗ୍ରୋଜାତୀୟ (Negroids), ଅଷ୍ଟ୍ରୀୟ (Austrics), ଚୀନା-ତିବ୍ବତୀୟ (Sino-Tibetans), ଦ୍ରାବିଡ଼ୀୟ (Dravidians) ଓ ଆର୍ଯ୍ୟ (Aryans) ପ୍ରଧାନ । ଭାରତୀୟ ଭାଷାମାନଙ୍କ ମୂଳପିଣ୍ଡ ଅଷ୍ଟ୍ରୀୟ, ଚୀନା-ତିବ୍ବତୀୟ, ଦ୍ରାବିଡ଼ୀୟ ତଥା ଆର୍ଯ୍ୟ ଭାଷାମାନଙ୍କରୁ ଆସିଛି । ପରସ୍ପରର ପ୍ରଭାବରେ ଏହି ଭାଷାମାନେ ବିଭିନ୍ନ ଆଞ୍ଚଳିକ ପ୍ରଭେଦ ଆଣି ଦେଇଛନ୍ତି । ଭାରତର ସର୍ବପ୍ରଥମ ଅଧିବାସୀମାନେ ବୋଧହୁଏ ନିଗ୍ରୋଜାତୀୟ ଥିଲେ, ଏମାନଙ୍କ ଭାଷା ଭାରତ ଭୂଖଣ୍ଡରେ ଏବେ ଦେଖାଯାଏ ନାହିଁ କିନ୍ତୁ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ପ୍ରଚଳିତ ଭାଷା (Andamanese) ଏହି ନିଗ୍ରୋ ଜାତୀୟ ଭାଷାର ନିଦର୍ଶନ । ମୂଳଭୂଖଣ୍ଡରେ ଅଷ୍ଟ୍ରୀୟ, ଚୀନା-ତିବ୍ବତୀୟ, ଦ୍ରାବିଡ଼ୀୟ ତଥା ଆର୍ଯ୍ୟ ଭାଷାମାନଙ୍କ ପ୍ରଭାବରେ ନିଗ୍ରୋଜାତୀୟ ଭାଷା ଲିଭିଯାଇଥିଲେହେଁ, ବର୍ତ୍ତମାନ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ପ୍ରାୟ ୧୦୦୦ ଜଣ ଅଧିବାସୀ ଏହି ଭାଷା କହନ୍ତି ।

**ଅଦ୍ଭୁତ ଭାଷା** - ଭାରତର ଅଧିକାଂଶ ଭାଷା ଆର୍ଯ୍ୟ, ଦ୍ରାବିଡ଼ୀୟ, ଅଷ୍ଟ୍ରୀୟ ବା ଚୀନା-ତିବ୍ବତୀୟ ଶ୍ରେଣୀର ହୋଇଥିଲେହେଁ କେତେଗୁଡ଼ିଏ ଭାଷା ଏହି ଚାରୋଟି ମୁଖ୍ୟ ଶ୍ରେଣୀର ସମ୍ପର୍କରେ ଆସିନାହାନ୍ତି କି ସମ୍ପୃକ୍ତ ନୁହନ୍ତି । କେନ୍ଦ୍ର ଭାରତରେ ନାହାଲି

(Nahali) ନାମକ ଏକ ଉପଭାଷା ଏହି ପ୍ରକାରର ଏକ ଉଦାହରଣ । ଭାରତ ଇତିହାସର କେଉଁ ଏକ ଅଜ୍ଞାତ ଯୁଗରୁ ଏହା ଆସିଥିବ ।

**ଆର୍ଯ୍ୟଭାଷା -** ଭାରତୀୟ-ୟୁରୋପୀୟ (Indo-European) ଜାତିର ଲୋକେ ଆର୍ଯ୍ୟମାନଙ୍କ ସହିତ ଭାରତକୁ ଆସିଥିଲେ । ଏମାନଙ୍କ କଥିତ ଭାଷାହିଁ ଆର୍ଯ୍ୟଶ୍ରେଣୀର । ଭାରତ ଜନସଂଖ୍ୟାର ପ୍ରାୟ ୭୪% ଏହି ଭାଷାମାନ କହନ୍ତି । ଏହି ଭାଷାମାନଙ୍କ ମଧ୍ୟରେ ପ୍ରଧାନ ହେଲା - ପଶ୍ଚିମପଞ୍ଜାବୀ, ପୂର୍ବପଞ୍ଜାବୀ, ସିନ୍ଧ୍, ହିନ୍ଦୀ, ବିହାରୀ, ରାଜସ୍ଥାନୀ, ଗୁଜରାଟୀ, ମରାଠି, ଅସମୀୟା, ବେଙ୍ଗଲି, ଓଡ଼ିଆ, ପାହାଡ଼ୀ, କାଶ୍ମୀରୀ ଏବଂ ସଂସ୍କୃତ । ଏହି କଥିତ ଭାଷାମାନଙ୍କ ଆଞ୍ଚଳିକ ପାର୍ଥକ୍ୟ ଅଛି, ଯଥା ବିହାରୀ ମଧ୍ୟରେ ମୈଥିଳୀ, ମାଗଧୀ, ଭୋଜପୁରୀ ଇତ୍ୟାଦି । ହିନ୍ଦୀ ମଧ୍ୟରେ ବହୁତ ପ୍ରକାର ଉପଭାଷା ଅଛି । ବର୍ଣ୍ଣମାଳା ବା ଲିଖିତ ଭାଷା ଭେଦରେ ପ୍ରତି କଥିତ ଭାଷାର ପ୍ରକାରଭେଦ ଅଛି । ଯଥା- ପୂର୍ବପଞ୍ଜାବୀ ମୁଖତଃ ଗୁରୁମୁଖୀ ଅକ୍ଷରରେ ଲେଖାହେଲେହେଁ ମୁସଲମାନମାନେ ଏହାକୁ ପର୍ସିଆନ୍ ଅକ୍ଷରରେ ଓ ହିନ୍ଦୁମାନେ ଦେବନାଗରୀ ଅକ୍ଷରରେ ଲେଖନ୍ତି । ଅକ୍ଷର ଭେଦରେହିଁ ପଞ୍ଜାବ (ଶିଖ) ଓ ହରିଆନା (ହିନ୍ଦୁ) ଭାଗ ଭାଗ ହେଲା । ସେହିପରି ହିନ୍ଦୀ ଦେବନାଗରୀ ଅକ୍ଷରରେ ଲେଖା ହେବାବେଳେ ଅଧିକାଂଶ ଭାରତୀୟ ଶବ୍ଦ ବ୍ୟବହାର କରେ । କିନ୍ତୁ ପାର୍ସିୟ ଆରବିକ୍ ଅକ୍ଷର (ଉର୍ଦ୍ଦୁ)ରେ ଲେଖାହେଲେ ବେଶୀ ପରିମାଣରେ ପର୍ସିଆନ୍ ଶବ୍ଦ ବ୍ୟବହାର କରେ ।

ଏହି ଭାଷା ଶ୍ରେଣୀରେ ସଂସ୍କୃତ ଆର୍ଯ୍ୟମାନଙ୍କର ଶ୍ରେଷ୍ଠଭାଷା, କିନ୍ତୁ ଏହା ଆଜିକାଲି ବୋଧହୁଏ କାହାର କଥିତ ଭାଷାହୋଇ ରହିନାହିଁ ।

**ଦ୍ରାବିଡ଼ୀୟ ଭାଷା -** ଏହି ଭାଷାମାନେ ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀର । ଯେପରି ଆର୍ଯ୍ୟ, ଅଷ୍ଟ୍ରୀୟ ଓ ଚୀନା-ତିବ୍ବତୀୟ ଭାଷାମାନଙ୍କର ବ୍ୟବହାର ଭାରତ ବାହାରେ ଦେଖିବାକୁ ମିଳେ, ଦ୍ରାବିଡ଼ୀୟ ଭାଷାମାନଙ୍କର ବ୍ୟବହାର ଭାରତ ବାହାରେ ସେଭଳି ମିଳେ ନାହିଁ । ଏହି ଭାଷାଭାଷୀଲୋକେ ଭାରତୀୟ ଜନସଂଖ୍ୟାର ୨୪% । ଦ୍ରାବିଡ଼ୀୟ ଭାଷା ଆର୍ଯ୍ୟଭାଷାଠାରୁ ପ୍ରାଚୀନ ହେଲେହେଁ ଉତ୍ତର ଭାରତରେ ଏହା ପ୍ରାୟ ନିଶ୍ଚିହ୍ନ । ଦ୍ରାବିଡ଼ୀୟ ଭାଷାର ତିନୋଟି ଶାଖା - (କ) ଉତ୍ତର ଶାଖା ମଧ୍ୟରେ

ବାଲୁଚିସ୍ଥାନରେ ବ୍ରାହୁଇ (Brahui) ଏବଂ ବଙ୍ଗ ଓ ଓଡ଼ିଶାରେ କରୁଖ (Kurukh) ମାଲ୍‌ଟୋ (Malto) କୁହାଯିବାର ଦେଖାଯାଏ । (ଖ) କେନ୍ଦ୍ରୀୟ ଶାଖା ମଧ୍ୟରେ ତେଲୁଗୁ ଓ କେନ୍ଦ୍ରୀୟ ଭାରତରେ କୁହାଯାଉଥିବା କୁଇ, କନ୍ଧ, ହୋଲାନି, କଣ୍ଡା, ଗଣ୍ଡି, ନାଇକି, ପରଜି, କୋୟା ଆଦି । (ଗ) ଦକ୍ଷିଣ ଶାଖା ମଧ୍ୟରେ ତାମିଲ, କନ୍ନଡ଼, ମାଲୟାଲମ୍, ତୁଲୁ, ବଡ଼ଗା, ତୋଡ଼ା, କୋଟା ଓ କୋଦାଗୁ ।

**ଅଷ୍ଟ୍ରୀୟ-ଏସିଆର ଭାଷା** - ଅଷ୍ଟ୍ରୀୟ ଏସିଆର ଭାଷା କହୁଥିବା ଲୋକସଂଖ୍ୟା ଖୁବ୍ କମ୍, ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ଦେଢ଼ଭାଗ । ଭାରତରେ ଏହି ଭାଷାର ଦୁଇ ଶାଖା - (କ) ମୁଣ୍ଡା, ସାନ୍ତାଳୀ, ମୁଣ୍ଡାରି, ହୋ, ଭୂମିଜି, କୋରକୁ, ଖରିଆ, ସୋରା ଆଦି ଭାଷା ବିହାରର ଛୋଟନାଗପୁର, ଓଡ଼ିଶା ଓ ମଧ୍ୟଭାରତ ଅଞ୍ଚଳରେ କୁହାଯାଏ । (ଖ) ମନ୍‌ଖମର (Monkhmer) ଭାଷା ମଧ୍ୟରେ ଉତ୍ତର ପୂର୍ବଭାରତର ଖାସି ଓ ନିକୋବର ଦ୍ୱୀପପୁଞ୍ଜର ନିକୋବରୀ ଭାଷା ଅନ୍ତର୍ଭୁକ୍ତ ।

**ଚୀନା ତିବ୍ବତୀୟ ଭାଷା** - ଉତ୍ତର ପୂର୍ବ ଭାରତର ବିସ୍ତୃତ ଅଞ୍ଚଳରେ ଏହା ପ୍ରଚଳନ ଥିଲେହେଁ, ଜନସଂଖ୍ୟା ଦୃଷ୍ଟିରୁ ଏହା ସମଗ୍ର ଦେଶର ଜନସଂଖ୍ୟାର ଏକଶତାଂଶରୁ ମଧ୍ୟ କମ୍ । ଏହି ଶ୍ରେଣୀର ଭାଷାର ଦୁଇଟି ଶାଖା - (୧) ଥାଇ-ଚୀନା ଭାଷା- ପ୍ରାୟ ୩୦୦ ଲୋକେ ଏହି ଭାଷା (Khamti) ଉତ୍ତରପୂର୍ବ ସୀମାନ୍ତ ଅଞ୍ଚଳରେ କହନ୍ତି । (୨) ତିବ୍ବତୀୟ-ବର୍ମୀ ଭାଷା ଶାଖା ମଧ୍ୟରେ ବହୁତ ଗୁଡ଼ିଏ ଭାଷା ଅଛି । (କ) ହିମାଚଳ ପ୍ରଦେଶରୁ ଭୁଟାନ ପର୍ଯ୍ୟନ୍ତ ଭୋଟିଆ (Bhotia) ଗୋଷ୍ଠୀର ଭାଷା ଯଥା - ଲହୁରୀ, ଭୁଟାନି, ସିକିମି, ବାଲଟି, ଭୋଟିଆ, (ଖ) ବଡ଼ୋ ଗୋଷ୍ଠୀର ଭାଷା ମଧ୍ୟରେ ବଡ଼ୋ, ସିହ, ଗାରୋ, ତ୍ରିପୁରୀ, ଡମାସା, କୋଚ୍, ରଭା ଓ ମିକିର, (ଗ) ନାଗ ଗୋଷ୍ଠୀର ଭାଷା- ଅଙ୍ଗାମି, ସୋମା, ଆଓ, ଲୋଠା, ମାଓ, କୋନ୍ୟାକ୍ ଆଦି । (ଘ) କୁକି-ଚୀନ୍ ଗୋଷ୍ଠୀ ମଧ୍ୟରେ ମାଠି ବା ମନିପୁରୀ, ଲୁସାହିମିଜୋ, ପାଇଟେ, ହମାଉ, ହଲାମ, (ଙ) ଆବୋର ଗୋଷ୍ଠୀର ଭାଷା ମଧ୍ୟରେ ଆବୋର, ମିଉ, ଦାର୍ଫିଆ, ଆକା, ମିଷମି, ନୋକ୍‌ଟୋ । ଚୀନା-ତିବ୍ବତୀୟ ଭାଷାମାନଙ୍କ ମଧ୍ୟରେ ବୋଧହୁଏ ମଣିପୁରୀ ଭାଷାକୁ ଛାଡ଼ିଦେଲେ ଆଉ କୌଣସି ଭାଷା, କଥା ବା ଲେଖାରେ କିଛି ସାହିତ୍ୟ ସୃଷ୍ଟି କରିନାହିଁ, ସାମାନ୍ୟ କେତେଜଣଙ୍କ ମଧ୍ୟରେ ସୀମିତ ହୋଇରହିଛି ।

**ଜାତୀୟ ଭାଷା** - ଭାରତ ସ୍ୱାଧୀନ ହେବା ପରେ ଗୋଟିଏ ସାଧାରଣ ଭାଷାର ଆବଶ୍ୟକତା ଅନୁଭବ କରାଗଲା । ସେ ପର୍ଯ୍ୟନ୍ତ ଇଂରାଜୀକୁ ରାଷ୍ଟ୍ରଭାଷା ଭଳି ବ୍ୟବହାର କରାଯାଉଥିଲା । ତତ୍‌କାଳୀନ କଂଗ୍ରେସ ସରକାର ଓ ନେତାମାନେ ସ୍ଥିର କଲେ ଯେ ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗଢ଼ିବାକୁ ପଡ଼ିବ । ଏହି ସମୟରେ ମଧ୍ୟ କଂଗ୍ରେସ ନେତାମାନେ ଭାଷା ଭିତ୍ତିରେ ପ୍ରଦେଶମାନ ଗଠନ କରିବାର ପ୍ରସ୍ତାବ କଲେ । ଏହି ନୀତିଯୋଗୁ ଆଞ୍ଚଳିକ ଭାଷାମାନଙ୍କୁ ଜାତୀୟ ଭାଷାରୂପେ ଓ ହିନ୍ଦୀକୁ କେନ୍ଦ୍ର ସରକାରଙ୍କ, ସରକାରୀ ଭାଷା ରୂପେ ସମ୍ବିଧାନରେ ସ୍ୱୀକୃତି ଦିଆଗଲା । ସମ୍ବିଧାନର ୮ମ ତଫସିଲରେ ୧୫ଟି ଭାଷାକୁ ଜାତୀୟ ଭାଷା ରୂପେ ନିର୍ଦ୍ଦିଷ୍ଟ କରାଯାଇଛି ଯଥା- ଅସମିୟା, ବେଙ୍ଗଲୀ, ଗୁଜରାଟୀ ହିନ୍ଦୀ, କନ୍ନଡ଼, କାଶ୍ମୀରୀ, ମାଲୟାଲମ୍, ମରାଠି, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଓ ସିନ୍ଧ୍ । ଏମାନଙ୍କ ମଧ୍ୟରୁ ୩ଟି ଯଥା - ସଂସ୍କୃତ, କାଶ୍ମୀରୀ ଓ ସିନ୍ଧ୍, କୌଣସି ରାଜ୍ୟର ସରକାରୀ ଭାଷା ନୁହେଁ-ଅନ୍ୟଗୁଡ଼ିକ ସମ୍ପୃକ୍ତ ରାଜ୍ୟର ସରକାରୀ ଭାଷା । କେବଳ ହିନ୍ଦୀ ହିଁ ଛଅଟି ରାଜ୍ୟର ସରକାରୀ ଭାଷା । ସଂସ୍କୃତ ବ୍ୟତୀତ ଅନ୍ୟ ୧୪ଟି ଜାତୀୟ ଭାଷା ମଧ୍ୟରେ ସାହିତ୍ୟ ଦୃଷ୍ଟିରୁ ତାମିଲ ସବୁଠାରୁ ପ୍ରାଚୀନ- ୨୦୦୦ ବର୍ଷରୁ ବେଶି । ସାହିତ୍ୟ ସୃଷ୍ଟିରେ ଆସାମିଜ୍, ବେଙ୍ଗଲୀ, କନଡ଼, ମାଲୟାଲମ୍ ଓ ଓଡ଼ିଆ ୧୦ମ ଶତାବ୍ଦୀରୁ, ତେଲୁଗୁ ୧୧ଶ ଶତାବ୍ଦୀରୁ, ଗୁଜରାଟୀ ଓ କାଶ୍ମୀରୀ ୧୨ଶ ଶତାବ୍ଦୀରୁ; ହିନ୍ଦୀ, ପଞ୍ଜାବୀ, ସିନ୍ଧ୍ ଓ ଉର୍ଦ୍ଦୁ ୧୮ଶ ଶତାବ୍ଦୀରୁ ଉଲ୍ଲେଖନୀୟ ଅଗ୍ରଗତି କରିଆସିଛି ।

**ସାମ୍ବିଧାନିକ ସ୍ଥିତି-** ଭାରତର ସମ୍ବିଧାନ ଦେବନାଗରୀ ଅକ୍ଷରରେ ଲିଖିତ ହିନ୍ଦୀକୁ ଭାରତର ସାଧାରଣ ଭାଷା ରୂପେ ଓ ଇଂରାଜୀ ସଂଖ୍ୟା (Arabic numerals) କୁ ସାଧାରଣ ସଂଖ୍ୟା ରୂପେ ସ୍ୱୀକୃତି ଦେଇଛି । ଆପାତତଃ ୧୯୬୫ ପର୍ଯ୍ୟନ୍ତ ଇଂରାଜୀକୁ ଭାରତର ସରକାରୀ ଭାଷାରୂପେ ସ୍ୱୀକୃତି ଦିଆଯାଇଥିଲା । ସେହି ବର୍ଷରୁ ହିନ୍ଦୀ ଭାରତର ସରକାରୀ ଭାଷା ହେବାର କଥା ଥିଲା । କିନ୍ତୁ ଦେଶର ରାଜନୈତିକ ପରିସ୍ଥିତି ଏହା କରାଇ ଦେଲା ନାହିଁ । ଇଂରେଜୀ ଏକ ଅତିରିକ୍ତ ସରକାରୀ ଭାଷା ରୂପେ ଚାଲୁ ରହିଛି । କେବେ ହିନ୍ଦୀ ସମ୍ପୂର୍ଣ୍ଣରୂପେ ଇଂରାଜୀକୁ ସ୍ଥାନାନ୍ତର କରିବ ତାହା ଧାର୍ଯ୍ୟ କରାଯାଇ ନାହିଁ ।

ସରକାରୀ ଭାଷା (ସଂଶୋଧନ) ଆଇନ ୧୯୬୭ରେ ବ୍ୟବସ୍ଥା କରାଗଲା ଯେ କେନ୍ଦ୍ରରେ ନିଯୁକ୍ତି ପାଇଁ ହିନ୍ଦୀ ବା ଇଂରାଜୀ ବାଧ୍ୟତାମୂଳକ ହେଲା । କେନ୍ଦ୍ର ଓ ଅଣହିନ୍ଦୀ ରାଜ୍ୟ ମଧ୍ୟରେ ଇଂରାଜୀରେ ପତ୍ରାଳାପ କରାଗଲା, ହିନ୍ଦୀଭାଷୀ ରାଜ୍ୟ ଅଣହିନ୍ଦୀଭାଷୀ ରାଜ୍ୟ ସହିତ ପତ୍ରାଳାପ କଲେ ହିନ୍ଦୀ ଚିଠି ସହିତ ଏକ ଇଂରାଜୀ ନକଲ ପଠାଇବେ, କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ତଥା ରାଜ୍ୟମାନଙ୍କ ମଧ୍ୟରେ ପତ୍ରାଳାପ ହେଲେ ହିନ୍ଦୀ ଓ ଇଂରାଜୀ ଉଭୟ ଭାଷାରେ ପ୍ରତ୍ୟେକ ପତ୍ର ପଠାହେବ; କମ୍ପାନୀ ବା କର୍ପୋରେସନ ସହିତ ପତ୍ରାଳାପରେ ଅନୁରୂପ ବ୍ୟବସ୍ଥା ହେବ ।

# ବୈଷୟିକ ଜ୍ଞାନ ଓ ଗଣତନ୍ତ୍ର

ରାଜନୀତି ବିଜ୍ଞାନୀମାନେ କହନ୍ତି ଯେ ଲୋକମାନେ ନିଜେ ପ୍ରତ୍ୟକ୍ଷ ଭାବରେ ହେଉ ବା ନିଜ ପ୍ରତିନିଧିମାନଙ୍କ ଦ୍ୱାରା ହେଉ ଯେଉଁ ପ୍ରକାର ସରକାର ଗଢ଼ନ୍ତି ତାହା ଗଣତନ୍ତ୍ର । ଆଜିକାଲି ଗଣତନ୍ତ୍ରର ଅର୍ଥ-ଅର୍ଥାନ୍ତର ଏପରି ବହୁରୂପୀ ହୋଇଗଲାଣି ଯେ ଯେଉଁ ସମାଜରେ ମମତାର ଭାବହିଁ ଶାସନର ମୂଳମନ୍ତ୍ର ହୋଇଥିବ, ଯେଉଁଠାରେ ସମତା ଆଣିଦେବାର ଇଚ୍ଛା ମୁଖ୍ୟ ହୋଇଥିବ ଓ ପ୍ରତ୍ୟେକଙ୍କୁ ଜିନିଷ ଦେବାର ଅଦମ୍ୟ ଚେଷ୍ଟା ଚାଲିଥିବ, ତାହାହିଁ ଏକ ଗଣତାନ୍ତ୍ରିକ ସମାଜ ବୋଲି କହିଲେ ଚଳିବ ।

**ଜୀବନଯାପନରେ ଗଣତନ୍ତ୍ର -** ଆମର ଦୈନନ୍ଦିନ ଜୀବନକୁ ଗଣତାନ୍ତ୍ରିକ କରିବାରେ ଆମେ ଯେଉଁ ବୈଷୟିକ ଜ୍ଞାନର ବ୍ୟବହାର କରୁଛୁ ତହିଁରୁ ଆମ ଆଶାଆକାଙ୍‌କ୍ଷାର ନୂଆରୂପ ବାହାରୁଛି । ଏ ପ୍ରକାରର ଅନ୍ତତଃ ଚାରୋଟି ପରିଣତି ଦେଖିବାକୁ ମିଳୁଛି ।

**ସମୟ ଭାବନା-** ଗୋଟିଏ ହେଉଛି ଅଭିଜ୍ଞତାର ଗଣତାନ୍ତ୍ରୀକରଣ । ଏହାକୁ ସମାନୁଭୂତି କୁହାଯାଇପାରେ । ଲୋକ ଲୋକ ଭିତରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗା ଭିତରେ, ଗୋଟିଏ ଜିନିଷ ଓ ଅନ୍ୟ ଜିନିଷ ମଧ୍ୟରେ, ଗୋଟିଏ ସମୟ ଓ ଅନ୍ୟ ସମୟ ମଧ୍ୟରେ ଆଉ ବେଶୀ ପାର୍ଥକ୍ୟ ନାହିଁ । ଦୂରଦର୍ଶନ (ଟେଲିଭିଜନ୍) ଯୋଗୁଁ ଆମେ ଏଠିଥିବା ବା ସେଠି ନଥିବା ଭିତରେ-ପ୍ରଭେଦ ଜାଣିପାରୁ ନାହୁଁ । ଯାତାୟାତ, ଶୀତଳୀକରଣ, ସଂରକ୍ଷଣ ଆଦିର ନୂତନ ପଦ୍ଧତି ଏପରି ସୁବିଧା କରି ଦେଇଛି ଯେ ଆମେ ଖରାଦିନେ କୋବି ପାଇପାରୁଛୁ, ବଜାରରେ ମାଂସ ମରା ନ ହେବା ଦିନ ତାଜା ମାଂସ ପାଉଛୁ । ଶୀତଦିନର ଖାଦ୍ୟ ଓ ଖରାଦିନର ଖାଦ୍ୟ ଭିତରେ ପାର୍ଥକ୍ୟ ରହୁନାହିଁ । ଅଦିନିଆ ପରିବା ବୋଲି କିଛି ରହୁନାହିଁ । କେନ୍ଦ୍ରୀୟ ଉତ୍ତାପକାରୀ ଯନ୍ତ୍ର ବା ଶୀତତାପ ନିୟନ୍ତ୍ରଣକାରୀ ଯନ୍ତ୍ର ବ୍ୟବହାର ଫଳରେ ଋତୁର ପରିବର୍ତ୍ତନ ପ୍ରତି

ଆମେ ଲକ୍ଷ୍ୟ ରଖୁନାହୁଁ । ବାହାରଠାରୁ ଶୀତଦିନେ ଘର ଭିତରେ ଅଧିକ ଗରମ ଓ ଖରା ଦିନେ ଅଧିକ ଥଣ୍ଡା ବୋଧ ହେଉଛି ।

**ସ୍ଥାନ ଭାବନା** - ନଗରମାନଙ୍କରେ ଶହଶହ ପରିବାର ବାସ କରିବା ଭଳି ଗୋଟିଏ ଗୋଟିଏ କୋଠା ତିଆରି ହେଉଛି । ୧୦୦ଟି ପରିବାର ପାଇଁ ୧୦୦ଟି ଚୁଲି କରି, ୧୦୦ଟି ଧୂଆଁନଳି କଲେ କେତେ ଅସୁବିଧା ହେବ ଆମେ ଜାଣୁ । ଏଥିପାଇଁ ଏକ କେନ୍ଦ୍ରସ୍ଥଳରେ ତାପଜ ଯନ୍ତ୍ର ରଖାଯାଇ ଗୋଟିଏ କେନ୍ଦ୍ରୀୟ ଧୂମନଳି (ବା ଚିମ୍‌ନି) ରଖାଯାଉଛି ।

ଦ୍ୱିତୀୟ ପ୍ରକାରର ପ୍ରଭାବ ହେଉଛି ସ୍ଥାନର ଗଣତନ୍ତ୍ରୀକରଣ । ଗୋଟିଏ ଘରର ମଝିକୋଠରୀରେ ଶୋଇବାଠାରୁ କୋଣ କୋଠରୀରେ ଶୋଇବାରେ କେତେ ପ୍ରଭେଦ ଜଣାଯାଏ, ଗୋଟିଏ କୋଠାର ୩୪ ମହଲାରେ ଶୋଇବାଠାରୁ ୪୨ ମହଲାରେ ଶୋଇବା ଭିତରେ ତେତେ ପ୍ରଭେଦ ଦେଖାଯାଏ ନାହିଁ । ତଳେ ନ ରହି ଆମେ ଯେତେ ଉପରରୁ ଉପରକୁ ଉଠୁଛୁ, ଆମେ କେଉଁଠି ରହିଲେ ବି ବେଶୀ ପାର୍ଥକ୍ୟ ବୋଧ ହେଉନାହିଁ । ଘର ତିଆରିରେ କାଚ ବ୍ୟବହାର କରାଯାଇ ବାହାର ଓ ଭିତରର ସାଜସଜ୍ଜା ଭିତରେ ପାର୍ଥକ୍ୟ ଲୋପ ହୋଇଯାଇଛି ।

**ଅନୁଭୂତିର ପୁନରାବୃତ୍ତି-** ସ୍ଥାନ ଓ କାଳର ଗଣତନ୍ତ୍ରୀକରଣ ସାଙ୍ଗକୁ ଘଟଣା ଓ ପ୍ରବାହର ଗଣତନ୍ତ୍ରୀକରଣ ମଧ୍ୟ ଘଟିଛି । ଜୀବନର ଅତୀତକୁ ପୁନରାବୃତ୍ତି କରି ହେଉ ନଥିଲା, ତେଣୁ ଯେଉଁ ବ୍ୟକ୍ତି ଗୋଟିଏ ଘଟଣା ଦେଖି ନ ପାରିଲା, ତାକୁ ଆମେ ଅଭାଗା ବୋଲି କହୁଥିଲୁ । ଆଲୋକଚିତ୍ର ଗ୍ରହଣ ଆରମ୍ଭ (୧୮୮୮) ଦିନୁ ଆମେ ଅନୁଭୂତିକୁ ପୁନଃପ୍ରଚାର କରିପାରୁଛୁ; ଫନୋଗ୍ରାଫ୍ ହେଲା (୧୮୭୭) ଦିନୁ ଆମେ ନିଜର ସ୍ୱରର ବା ଶ୍ରବଣୀୟ ଅଭିଜ୍ଞତାର ପୁନରାବୃତ୍ତି କରିପାରୁଛୁ । ଅଭିଜ୍ଞତା ଆଉ ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଉପରେ ଆଧାରିତ ନୁହେଁ ।

**ବୀମା ବ୍ୟବସ୍ଥା-** ଆଶଙ୍କା, ବିପଦ ବା କ୍ଷତିର ପୂରଣ ପାଇଁ ବୀମା ବ୍ୟବସ୍ଥା ଚାଲୁହେବା ଦିନୁ ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ପାର୍ଥକ୍ୟ ରହୁନାହିଁ । ମୁଁ ଆଜି ଯେତିକି

ଧନ ବ୍ୟବହାର କରି ଘରଦ୍ୱାର ବା ବ୍ୟବସାୟ ଗଢ଼ିଛି, ଭବିଷ୍ୟତରେ ଘରଦ୍ୱାର ବା ବ୍ୟବସାୟ ନଷ୍ଟ ହୋଇଗଲେ ତେତିକି ଧନ ଫେରି ପାଇ ପୁଣି ତିଆରି କରିନେବି ।

**ଆଂଶିକ ମାଲିକାନା-** ସମ୍ପତ୍ତିର ଗଣତନ୍ତ୍ରୀକରଣ ଆଉ ଗୋଟିଏ ଦିଗ ସମ୍ପତ୍ତିର ମାଲିକାନା ଅଂଶଧନ୍ ଦ୍ୱାରା ନିରୂପିତ ହେଉଛି । ଗୋଟିଏ ଗୋଟିଏ କମ୍ପାନୀରେ ହଜାର ହଜାର ଅଂଶୀଦାର ଅଛନ୍ତି, ଅନେକେ ଅଂଶୀଦାର ଅଂଶ କିଣିଥାନ୍ତି ସତ, ସେମାନେ ନିଜର ଆଇନଗତ ଅଧିକାର କ'ଣ ଅଛି ବା ଅଂଶଗୁଡ଼ିଏ ରଖିଥିବାର ମାନେ କ'ଣ, କେବେ ବୁଝନ୍ତି ନାହିଁ । ତଥାପି ଗୋଟିଏ ଗୋଟିଏ ସମ୍ପତ୍ତିରେ ଏକାଧିକ ଅଂଶଧନ (share of stock) ଥିବା ଆଧୁନିକ ଯୁଗର ସମ୍ପତ୍ତିର ଗୋଟିଏ ଲକ୍ଷଣ ।

**ଋଣନେଇ ଖରିଦ-** ଆଉ ଗୋଟିଏ ଘଟଣା ହେଉଛି କିସ୍ତିରେ ଋଣ ଆକାରରେ ସମ୍ପତ୍ତି ଖରିଦ କରିବା । ସିଲେଇ ଯନ୍ତ୍ର, ମଟର ଗାଡ଼ି ବା ଅନ୍ୟାନ୍ୟ ଯନ୍ତ୍ର ଯେତେବେଳେ ବହୁ ସଂଖ୍ୟାରେ ଉତ୍ପାଦନ ହେଲା, ସେ ପ୍ରକାର ଉତ୍ପାଦନକୁ ଚାଲୁ ରଖିବା ପାଇଁ ସବୁଦିନେ ବହୁତ ଗ୍ରାହକ ଦରକାର । ଯେଉଁମାନଙ୍କର ଗ୍ରାହକ ହେବାର ସମ୍ବଳ ନାହିଁ ସେମାନଙ୍କୁ ସମ୍ବଳ ଯୋଗାଇଦେବା ଦରକାର ହେଲା । ଏହି କାରଣରୁ କିସ୍ତିରେ ଋଣ ସୂତ୍ରରେ ସମ୍ପତ୍ତି କିଣିବା ଲୋକଙ୍କ ଅଭ୍ୟାସରେ ପଡ଼ିଗଲାଣି । ମାଲିକାନା କଥା କିଏ ପଚାରୁଛି, ବ୍ୟବହାର ପାଇଁ ସୁବିଧା ମିଳିଗଲେ ଯଥେଷ୍ଟ ହେଲା ।

ଏସବୁ ଦୃଷ୍ଟିରୁ ମୁହୂର୍ତ୍ତର ତୀକ୍ଷ୍ଣତା, ଋତୁର ତୀବ୍ରତା, ଦ୍ରବ୍ୟନିୟନ୍ତ୍ରଣର ବନ୍ଧୁରତା, ଘଟଣା ପ୍ରବାହର ସ୍ୱତଃସ୍ଫୂର୍ତ୍ତତା- ଏ ସମସ୍ତ ହ୍ରାସ ପାଇବାରେ ଲାଗିଛି ଓ ଅଭିଜ୍ଞତାର ଘନତା ତରଳ ହେବାରେ ଲାଗିଛି ।

**ସଙ୍ଘର ଅଭାବ-** ବୈଷୟିକ ଜ୍ଞାନର ସଫଳତା ହେତୁ ଆମ ଦୈନନ୍ଦିନ ଜୀବନରେ ସଙ୍ଘର ଅଭାବ ବା ବ୍ୟକ୍ତିକେନ୍ଦ୍ରିକ ଅଭିଜ୍ଞତାର ଆବିର୍ଭାବ ଦେଖାଯାଉଛି । ପୁରାଣର ଶକୁନ୍ତଳା ଗାଁରେ ରହୁଥିଲା, ଘର ପାଇଁ ପାଣି ଦରକାର ହେଲେ ନଦୀ ବା ପୁଷ୍କରିଣୀକୁ ଯାଉଥିଲା, ସେଠାରେ ଗ୍ରାମର ଅନ୍ୟ ମହିଳାମାନଙ୍କୁ ଦେଖୁଥିଲା, ବାରଆଡ଼ର ଗପ ଶୁଣୁଥିଲା, ଏପରିକି ନିଜର ଭାବୀ ସ୍ୱାମୀକୁ ବାଛୁଥିଲା । ଗଣତନ୍ତ୍ର ଓ ତା ସାଙ୍ଗକୁ ବୈଷୟିକ ପ୍ରୟୋଗ ଏ ସବୁକୁ ବଦଳାଇ ଦେଲା । ଦୁଇତାଲା କୋଠା ଘରେ

ଶକୁନ୍ତଳା ରୋଷାଇଶାଳରେ ରହିଲା, କଳ ଖୋଲି ପାଣିପାଇଲା । ପୁଷ୍କରିଣୀକୁ ଗଲା ନାହିଁ କି ବାହାର ଖବର ଜାଣିଲା ନାହିଁ । ଏବେ ତାକୁ ଲୁଚି ଲୁଚି ବା ଅନ୍ୟ ଉପାୟରେ ଉପଯୁକ୍ତ ପାତ୍ର ଖୋଜିବାକୁ ପଡ଼ିବ । ଦୂରଦର୍ଶନର ପ୍ରସାର ଫଳରେ ଶକୁନ୍ତଳାକୁ ଘର ଭିତରେ ଥିଏଟର ମିଳିଲା, ସଙ୍ଗୀତ ମିଳିଲା, ନେତାମାନଙ୍କ ବକ୍ତୃତା ବି ଶୁଣିହେଲା । ଏପ୍ରକାର ଆମୋଦ ପ୍ରମୋଦ ପାଇଁ ବାହାରକୁ ଯିବା କ'ଣ ଦରକାର ? ଫଳ ହେଲା, ବ୍ୟକ୍ତି ବିଶେଷ ଏକୁଟିଆ ହୋଇପଡ଼ିଲା ।

ପୁରା କାଳରେ ମାନବ ସମାଜକୁ ପୂରାପୂରି ଗୋଟିଏ ଅନୁଭୂତି ଆକାରରେ ଦେଖି ହେଉଥିଲା- ଏଥିରେ ଜଣେ ଅନ୍ୟ ଜଣକର ସାନ୍ନିଧ ପାଉଥିଲା, ସୁଖ ଦୁଃଖ ହେଉଥିଲା, ମୁହାଁ ମୁହିଁ ହେଉଥିଲା । କିନ୍ତୁ ଆଜିକାଲି ବ୍ୟକ୍ତିବିଶେଷ ନିଜ ନିଜ ଭିତରେ ସମାଜକୁ ଉପଭୋଗ କରୁଛି, କାହାରି ସାନ୍ନିଧ ଚାହୁଁ ନାହିଁ ।

**ସମାଧାନରେ ବିଶ୍ୱାସ-** ଗଣତନ୍ତ୍ରରେ ବିଶ୍ୱାସୀମାନେ ଗୋଟିଏ ଭୁଲ କରନ୍ତ- ସେମାନେ କହନ୍ତି ଏହା ଗୋଟିଏ ସର୍ବୋତ୍ତମ ସମାଧାନ । ବୈଷୟିକ ଜ୍ଞାନରେ ଗର୍ବୀ ମଣିଷ ଭାବେ ଯେ ସେ ସବୁ ସମସ୍ୟାର ସମାଧାନ କରିପାରିବ- ତେଣୁ ଗଣତନ୍ତ୍ର ମିଳିଗଲେ ସବୁ ସମାଧାନ ହୋଇଗଲା । ଅଭିଜାତ ଶାସନ ବା ରାଜତନ୍ତ୍ର, ଏପରିକି ଏକଚ୍ଛତ୍ରବାଦ, ଏଗୁଡ଼ିକର କେତେକ ଲକ୍ଷ୍ୟ ହାସଲ ହୋଇପାରେ । କିନ୍ତୁ ଗଣତନ୍ତ୍ରର ଆଦର୍ଶ ହାସଲ ହୋଇ ପାରିବ ନାହିଁ ।

**ଗଣତନ୍ତ୍ର ଏକ ଆୟୁଧ-** ଗଣତନ୍ତ୍ରରେ ନିର୍ଦ୍ଦିଷ୍ଟତା ନାହିଁ । ଖୋଜିବାର ଚେଷ୍ଟା ଏଥିରେ ଅଛି, କିନ୍ତୁ ପାଇବାର ନୁହେ । ଗଣତାନ୍ତ୍ରିକ ସମାଜ ଗୋଟିଏ ପ୍ରଥା ବା ପ୍ରଣାଳୀ, କିନ୍ତୁ ଫଳ ନୁହେଁ । ଏହା ଏକ ଅନୁସନ୍ଧାନ - ଆବିଷ୍କାର ନୁହେଁ । ବୈଷୟିକ ଆଦର୍ଶ ଢାଞ୍ଚାରେ ଆମେ ଭାବୁ ଗଣତନ୍ତ୍ର ଗୋଟିଏ ସମାଧାନ, ଗୋଟିଏ ଉତ୍ତର- ଏଥିରେ ମଣିଷର ଅବସ୍ଥା ସୁଧୁରିଯିବ । କିନ୍ତୁ ମଣିଷର ଇତିହାସରେ ସମାଧାନ ନାହିଁ- କେବଳ ସମସ୍ୟା ଅଛି । ଆପାତତଃ ସମାଧାନ ବୋଲି ଆମେ ଯାହାକୁ ଭାବୁ, ତାହା ହେଉଛି ଗୋଟିଏ ନୂଆ ସମସ୍ୟା । ବେଗଗାମୀ ମଟରଗାଡ଼ିକୁ ଗଣତନ୍ତ୍ରୀକୃତ କଲେ, ରାସ୍ତା ଅବରୋଧ ହିଁ ଘଟିବ ।

ତେଣୁ ଆମେ ଭାବିବା ଉଚିତ ଯେ ଆମର ଗଣତାନ୍ତ୍ରିକ ସମାଜ ଶେଷ ପର୍ଯ୍ୟାୟ ନୁହେଁ- ଏହା ଏକ ପନ୍ଥା ବା ରାସ୍ତା; ମଣିଷ ଓ ଅନୁଷ୍ଠାନର ଏହା ଏକ ସୁନ୍ଦର ସଙ୍ଗଠନ ନୁହେଁ, ଏହା ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥା ।

ଏହାର ଉପଲବ୍ଧି ପାଇଁ ଆମକୁ ଦୁଇଟି ଜିନିଷ ଦରକାର । ଗୋଟିଏ ହେଲା ଜ୍ଞାନର । ଐତିହାସିକ ଧାରଣା ରଖି ଆମକୁ ଆଗେଇବାକୁ ପଡ଼ିବ -ଏବର ପରିସୀମାକୁ ଡେଇଁ ବହିର୍ଜଗତକୁ ଯିବାକୁ ହେବ । ଛୋଟ ଛୋଟ ଘଟଣାକୁ ମହାନ୍ ବିପ୍ଳବ ଧାରଣାଦେଇ ଭୁଲ କରିବାକୁ ପଡ଼ିବ ନାହିଁ । ଦ୍ୱିତୀୟଟି ହେଲା କଳ୍ପନାର । ଅଭିଯାତ୍ରୀର ସାହସ (spirit of adventure) ନେଇ ନୂତନ ଦୁନିଆରେ ଅନୁସନ୍ଧାନ କରିବାକୁ ହେବ । ଅଜ୍ଞାତ ଭବିଷ୍ୟତର ଆଶ୍ୱାସନା ଛାଡ଼ିଦେଇ ଆଜିର ପରିସଂଖ୍ୟାନଗତ ଲାଭରେ ସନ୍ତୋଷ ଲାଭ କଲେ ଗଣତନ୍ତ୍ରର ଭବିଷ୍ୟତ ଅନ୍ଧାର ହୋଇଯିବ ।

(Daniel J. Boorstinଙ୍କ ପୁସ୍ତକ Democracy and Its Discontents ରୁ କିୟତ୍ ଉଦ୍ଧୃତାଂଶ) ।

●

# ସାଧାରଣ ଲୁଣର ଅସାଧାରଣ କଥା

''ନମକ୍‌ହାରାମ'' କହିବାବେଳେ ଆମେ ଲୁଣର ମହତ୍ତ୍ୱ ମନେ ପକାଉ । ଯେ ଯାହାର ଲୁଣ ଖାଏ, ସେ ତାହାର ଗୁଣ ଗାଏ । ଦରମା ବା ମଜୁରି ଅର୍ଥରେ ଲୁଣକୁ ଧରାଯାଏ । ଇଂରାଜୀରେ ଦରମାକୁ Salary କୁହାଯାଏ, ଏହି ଶବ୍ଦ ଲୁଣ ବା Salt ଶବ୍ଦରୁ ଉତ୍ପନ୍ନ । ରୋମ ସାମ୍ରାଜ୍ୟରେ ସୈନିକମାନଙ୍କୁ Salarium ବା ଲବଣଭତ୍ତା ଦିଆଯାଉଥିଲା । କାଳକ୍ରମେ ଲବଣଭତ୍ତା ବା Salarium ରୁ ଦରମା ବା Salary ଶବ୍ଦ ପ୍ରଚଳିତ ହୋଇଆସିଲା । ଇଟାଲୀରେ ରୋମ ସାମ୍ରାଜ୍ୟ ସମୟର ତିଆରି ଗୋଟିଏ ରାସ୍ତା Via salarium ବା ଲୁଣରାସ୍ତା ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟବହାର ଅବସ୍ଥାରେ ଅଛି ।

ବହୁ ପ୍ରାଚୀନକାଳରୁ ମଣିଷ ଜାଣିପାରିଛି ଯେ ତା'ରି ଶରୀରରେ ଜଳ ଓ ଲୁଣର ଏକପ୍ରକାର ଅନୁପାତ ଅଛି, ଏହି ଅନୁପାତରେ ଗଣ୍ଡଗୋଳ ହୋଇଗଲେ, ବିଶେଷତଃ ଲୁଣ ଅଂଶ କମିଗଲେ ମଣିଷ ଦେହରେ ଜଳୀୟ ଅଂଶ କମିଯାଏ, ଡାକ୍ତରମାନେ ଏହି ଅବସ୍ଥାକୁ dehydration କହନ୍ତି; ଏହା ବେଶୀଦିନ ରହିଲେ ରୋଗୀ ମରିଯାଇପାରେ । ଛୁଆଙ୍କଠାରେ ଏହି ଜଳଶୁଷ୍କତା ବା ଡିହାଇଡ୍ରେସନ ବେଶୀ ମାରାତ୍ମକ ହୋଇଥାଏ ।

ମଣିଷ ସଭ୍ୟତାର ଆଦିମକାଳରେ ବା ପ୍ରସ୍ତରଯୁଗରେ, ଯେତେବେଳେ ମଣିଷ ପଶୁ ଅବସ୍ଥାରୁ ମଣିଷ ଅବସ୍ଥାକୁ ଆଗେଇଲା, ତେତେବେଳେ ଗୋରୁଗାଈ ବା ବିଭିନ୍ନ ଶିକାର ଖୋଜିବାକୁ ଯାଇ ଦେଖିଲା, ପଶୁମାନେ ଲୁଣିଆମାଟିକୁ କିମ୍ବା ଲୁଣପାହାଡ଼ର ତୀର ପାଖକୁ ଚାଟୁଛନ୍ତି । ସେଠାରେ ସେ ଲୁଣ ନେଇ ନିଜ ଗୁମ୍ଫାରେ ସଞ୍ଚି ରଖିଲା । ଲୁଣିଆପାଣିର ଝରଣା ପାଇଗଲା ପରେ ମଣିଷକୁ ଲୁଣର ଗୋଟିଏ ସ୍ଥାୟୀ ଉତ୍ସ ମିଳିଗଲା । ସମୁଦ୍ରକୂଳରେ ସହଜରେ ଲୁଣ ମିଳୁଥିବାରୁ ସେଠାକାର ଲୋକେ ଲୁଣକୁ ଅତି ମାମୁଲି ଜିନିଷବୋଲି ଭାବୁଥିଲେ । ସମୁଦ୍ରକୂଳରୁ ଦୂରରେ ଥିବା ପ୍ରାଚୀନ ସଭ୍ୟତାର ଲୋକେ କେବଳ ଖାଦ୍ୟରେ ଲୁଣର ଉପଯୋଗିତା ଦେଖୁନଥିଲେ, ସେମାନଙ୍କ ସାମାଜିକ ଜୀବନରେ ଓ ଧର୍ମସମ୍ପର୍କୀୟ ପର୍ବପର୍ବାଣୀରେ ଲୁଣକୁ ଗୁରୁତ୍ୱ

ଦେଉଥିଲେ । କେନ୍ଦ୍ର ଆମେରିକାର ଆଜଟେକ୍‌ମାନେ ଲବଣର ପ୍ରତିମାକୁ ଦେବୀ ରୂପେ ପୂଜା କରୁଥିଲେ । ଇହୁଦୀମାନଙ୍କ ଲେଭାଇଟ (The Levites) ନିୟମ ଅନୁଯାୟୀ ବଳିଦିଆଯାଇଥିବା ମାଂସକୁ ଲୁଣରେ ପଚାଇବାକୁ ପଡ଼େ । ଗ୍ରୀକ୍ ଓ ରୋମାନ୍‌ମାନେ ଯେଉଁ ପଶୁମାନଙ୍କୁ ବଳି ପକାଉଥିଲେ ସେମାନଙ୍କ ମୁଣ୍ଡ ଉପରେ ଲୁଣ ପକାଉଥିଲେ । ଲୁଣ ଦେଇ ମାଂସକୁ ଶୁଖୁଆ କରି ରଖାଯାଇପାରେ ବୋଲି ମଣିଷ ଶିଖିଲା । ଲୁଣର ଗୁଣ ଯୋଗୁ ଆରବ, ପର୍ସିଆ ବା ଭାରତୀୟମାନଙ୍କ ଅତିଥିମାନଙ୍କ ଖାଦ୍ୟପାତ୍ରରେ ପ୍ରଥମେ ଲୁଣ ଦିଆଯାଏ ।

ସମୁଦ୍ରକୂଳ ଛଡ଼ା ଲୁଣପାଣିର ଝରଣା ପାଖାପାଖି ଅଞ୍ଚଳରେ ମଣିଷ ସଭ୍ୟତା ପ୍ରଥମେ ଗଢ଼ି ଉଠିଲା । ପୃଥିବୀରେ ବହୁତ ସ୍ଥାନର ନାମ ଲୁଣସାଙ୍ଗିଆ ନେଇ ଏହି କାରଣରୁ ରହିଆସିଛି । ଇଂଲଣ୍ଡରେ ଲୁଣପାଣିର କୂଅକୁ ପୁରୁଣାକାଳରେ Wich କହୁଥିଲେ- North, Wich, Middle Wich, Droitwich ଆଦି ଇଂଲଣ୍ଡର ସହରମାନ ଏହିପରି ନାମ ପାଇଛନ୍ତି । ଗ୍ରୀକ୍ ଭାଷାରେ ଲୁଣକୁ hals କହନ୍ତି ଏଣୁ Halle ଓ Hallstatt ଆଦି ନଗର ଏପରି ନାମିତ । Salamis, Salzburg, Seille ଆଦି ସ୍ଥାନ, ଆମ ରାଜ୍ୟର ଲୁଣପୁର (ଅପଭ୍ରଂଶ ନୁଣପୁର) ଭଳି ଗ୍ରାମର ନାମ ଭଳି । ପ୍ରଥମେ ଲୁଣ ମିଳୁଥିବା ଅଞ୍ଚଳରେ ସଭ୍ୟତା ଗଢ଼ିଉଠିଲା । ଇଂଲଣ୍ଡର ଡ୍ରଇଟ୍‌ଉଇକ୍, ଫ୍ରାନ୍‌ସ ମସେଲେ (Mossele) ଓ ଜର୍ମାନୀର ସାଲେ (Saale) ଭଳି ଅଞ୍ଚଳରେ ଏଭଳି ସଭ୍ୟତା ଆସିଥିଲା । ଲୁଣିଆ ପାଣିକୁ ଫୁଟାଇ ଲୁଣ କରିବା ଗୋଟିଏ ଶିଳ୍ପ ହୋଇପଡ଼ିଲା । ଏଥିପାଇଁ କାଳକ୍ରମେ ପ୍ରକାଣ୍ଡ ଜଙ୍ଗଲମାନ ଅଦୃଶ୍ୟ ହୋଇଗଲା । ଚୀନ୍‌ର ୟଲୋରିଭର୍‌ର ଲୁଣମରା ଅଞ୍ଚଳରେ ପ୍ରଥମେ ମଣିଷବସତି ହୋଇଥିଲା । ଜୋର୍ଡାନ୍ ଉପତ୍ୟକାର ଡେଡ୍ ସି (Dead Sea) ଆଖପାଖ ଅଞ୍ଚଳରେ ବହୁତ ଜନବସ୍ତି ଖ୍ରୀଷ୍ଟପୂର୍ବ ୮୦୦୦ ବେଳକୁ ବସି ସାରିଥିଲା ।

ଯାନବାହନ ବା ପରିବହନ ବ୍ୟବସ୍ଥା କାଳକ୍ରମେ ଉନ୍ନତ ହେବାରୁ ମଣିଷବସତି ଲୁଣ ମିଳୁଥିବା ଅଞ୍ଚଳର ଦୂରରେ ବସିପାରିଲା । ନୀଳନଦୀର ମୁହାଣରୁ ଲୁଣମାରି ନୌକାରେ ନିଆଯାଇ ନୀଳନଦୀ ଉପର ଅଂଶରେ ବାସକରୁଥିବା ଚାଷୀମାନଙ୍କୁ ଦିଆହୋଇ ପାରିଲା । ସମୁଦ୍ର ଲୁଣମରାର ଗୋଟିଏ ସର୍ବସାଧାରଣ ସ୍ଥାନ ହୋଇଥିବାରୁ

ଲୋକେ ବହୁତ ଅଞ୍ଚଳରେ ଉପକୂଳରେ ହ୍ରଦ ଖୋଳି ପକାଇଲେ । ସମୁଦ୍ରରେ ଭିଜି ରହିଥିବା କାଦୁଅକୁ ଖୋଳି; ପୋଡ଼ି ଏବଂ ପରେ ସମୁଦ୍ର ପାଣିକୁ ଫୁଟାଇ ଲୁଣ ବାହାର କରାଯାଉଥିଲା । ଇତିହାସର ବିଭିନ୍ନ ଯୁଗରେ ସମୁଦ୍ରର ଜଳପତ୍ତନର ଉତ୍ଥାନ ପତନ ସହିତ ସଭ୍ୟତାର ପତନ ବା ଉତ୍ଥାନ ହୋଇଛି । ସମୁଦ୍ର ଖସିଗଲେ, କୂଳରେ ଲୁଣିଆପୋଖରୀ ବା ଜଳାଭୂମି ଛାଡ଼ିଯାଏ । ଏଥିରୁ ସହଜରେ ଲୁଣ ମିଳେ । ସମୁଦ୍ର ବଢ଼ି ବା ମାଡ଼ି- ଆସିଲେ, ଲୁଣ ମରାହେବା ସ୍ଥାନଗୁଡ଼ିକ ଜଳରେ ବୁଡ଼ିରହେ । ଖ୍ରୀଷ୍ଟପୂର୍ବ ୫୦୦ରେ ସମୁଦ୍ରର ଜଳପତ୍ତନ ଖୁବ୍ ତଳେ ଥିଲା, ଆଜିକାଲି ତୁଳନାରେ ୩ଫୁଟ ବା ଏକମିଟର ତଳେ ଥିଲା । ସେହି ସମୟରେ ଗ୍ରୀକ୍ ଓ ଫୋନିସିଆନ୍ ସଭ୍ୟତା ଖୁବ୍ ଉନ୍ନତ ହୋଇଉଠିଥିଲା । ଲୁଣ ବ୍ୟବସାୟ କରି ସେମାନେ ସମୃଦ୍ଧିଶାଳୀ ହୋଇଥିଲେ । ଇଟାଲୀର ଭାୟା ସାଲାରିଆ ସଡ଼କ ପ୍ରାୟ ଖ୍ରୀ. ପୂ. ୪୦୦ରେ ତିଆରି ହୋଇଥିଲା । ରୋମରୁ ଇଟାଲୀର କେନ୍ଦ୍ରାଞ୍ଚଳକୁ ଲୁଣ ଏହି ସଡ଼କରେ ନିଆହେଉଥିଲା । ଭୂମଧ୍ୟସାଗର; ଆଟ୍ଲାଣ୍ଟିକ ଏବଂ ଉତ୍ତରସାଗର (North Sea) ଅଞ୍ଚଳରେ ପ୍ରାୟ ୧୦୦୦ ବର୍ଷ ଧରି ଲବଣ ବ୍ୟବସାୟ ଚାଲିଥିଲା । କିନ୍ତୁ ସମୁଦ୍ର ପତ୍ତନ ବଢ଼ିବାରେ ଲାଗିଲା ! ୫୦୦ ଖ୍ରୀଷ୍ଟାବ୍ଦ ବେଳକୁ ଆଜିର ସମୁଦ୍ର ପତ୍ତନଠାରୁ ଏକମିଟର ଅଧିକ ଉଚ୍ଚ ହୋଇଗଲା । ଲୁଣମରା ଅଞ୍ଚଳ ବୁଡ଼ିଯିବାରୁ ୟୁରୋପରେ ବ୍ୟବସାୟ ବାଣିଜ୍ୟ ହ୍ରାସ ପାଇଲା । ଏହି ସମୟରେ 'ଡେଡ୍ ସି' ଅଞ୍ଚଳରେ ଆରବ ସଭ୍ୟତା ଉନ୍ନତ ହେଲା । ଲୁଣ ବିନିମୟରେ ସେମାନେ ସୁନା, ଶଙ୍ଖମର୍ମର ପଥର ଓ ଅନ୍ୟ ଆମୋଦସାମଗ୍ରୀ ବ୍ୟବସାୟ କରି ଆଣୁଥିଲେ । ପ୍ରାୟ ନବମ ଶତାବ୍ଦୀ ବେଳକୁ ସମୁଦ୍ରପତ୍ତନ ପୁଣି ଖସିଆସିଲା । ସମୁଦ୍ର ଛାଡ଼ିଯାଇ ଇଂରାଜୀ, ଫରାସୀ ଓଲନ୍ଦାଜମାନଙ୍କୁ ଲୁଣ ମାରିବାରେ ସୁବିଧା ଆଣିଦେଲା । ୧୬ଶ ଶତାବ୍ଦୀରେ ପୁଣି ସମୁଦ୍ର ବଢ଼ିଲା ଓ ୟୁରୋପର ଉପକୂଳ ଅଞ୍ଚଳକୁ ବୁଡ଼ାଇଦେଲା । ଇଂଲଣ୍ଡର ପୂର୍ବ ଉପକୂଳରେ ଯେଉଁସବୁ ସ୍ଥାନରେ ଲୁଣମରା ପାଇଁ ଗାଡ଼ ହୋଇଥିଲା, ସେଠାରେ ହ୍ରଦ ସୃଷ୍ଟି ହୋଇଗଲା । ଲୁଣ ଉତ୍ପାଦନ କରୁଥିବା ରାଷ୍ଟ୍ରମାନେ ଲୁଣ ଅଭାବ ଘଟିଥିବା ରାଜ୍ୟମାନଙ୍କୁ ଜାହାଜରେ ଲୁଣ ଯୋଗାଇଲେ । ବ୍ୟବସାୟୀମାନେ ଦେଖିଲେ ସେ ଆଫ୍ରିକାର କେତେକ ଅଞ୍ଚଳରେ ଲୁଣକୁ ଏତେ ଦର ଦେଉଥିଲେ ଯେ ସେଥିପାଇଁ ପିଲାଙ୍କୁ ବିକି ଦେଉଥିଲେ । ଏହି କାରଣରୁ ଦାସତ୍ୱ ପ୍ରଥା ବା ଦାସତ୍ୱ ବାଣିଜ୍ୟର ସୂତ୍ରପାତ ହୋଇଥିଲା ।

ସେହି ସମୟରେ ସରକାରମାନେ, ବିଶେଷତଃ ଉପନିବେଶର ସରକାରମାନେ ଦେଖିଲେ ଯେ ଲୁଣ ଉପରେ ଟିକସ ବସାଇଲେ ସହଜରେ ଆୟ ବଢ଼ାଇହେବ । ଫ୍ରାନସରେ ଏଭଳି ଟିକସ (gabelle) ଏତେ ବଡ଼ ବୋଝ ହୋଇଗଲା, ଯେ ଫରାସୀ ବିପ୍ଳବର ଗୋଟିଏ କାରଣ ହୋଇପଡ଼ିଥିଲା । ଆମଦେଶରେ ଲୁଣଟିକସ ଅସହ୍ୟ ହେବାରୁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ହୋଇଥିଲା । ଲୁଣ ନାମଧରି ଆନ୍ଦୋଳନ କଲେ ସାଧାରଣ ଲୋକଙ୍କ ଉପରେ ଏହାର ଉଚିତ ପ୍ରଭାବ ପଡ଼ିବ ବୋଲି ମହାତ୍ମାଗାନ୍ଧୀ ଜାଣିପାରିଥିଲେ ।

ଆଜିକାଲି ପୃଥିବୀରେ ବର୍ଷକୁ ୧୭ କୋଟି ଟନ୍ ଲୁଣ ଖିଆଯାଏ । ୧୯୬୦ ସମୟକୁ ପୃଥିବୀରେ ବର୍ଷକୁ ମାତ୍ର ୩କୋଟି ଟନ୍ ଖର୍ଚ୍ଚ ହେଉଥିଲା । ସମୁଦ୍ରପାଣି ଓ ପାହାଡ଼ିଆ ଲୁଣ - ଏହି ଦୁଇଟିରୁ ଲୁଣ ମିଳିଥାଏ । କିନ୍ତୁ ସମୁଦ୍ରପାଣିରେ ଅସରନ୍ତି ଲୁଣ ରହିଛି । ସମୁଦ୍ରରେ ଶତକଡ଼ା ତିନିଭାଗ ଲୁଣ ଅଛି । ହିସାବରୁ ଜଣାଯାଏ ଯେ ଯଦି ପୃଥିବୀର ସବୁ ସମୁଦ୍ର ଶୁଖାଇ ଲୁଣ କରାଯାଏ ତେବେ ସାରା ଇଂଲଣ୍ଡ ୩୫ ମାଇଲ (୫୬ କିଲୋମିଟର) ଉଚ୍ଚର ଲୁଣରେ ପୋତି ହୋଇଯିବ । ସ୍ଥଳଭାଗରେ ଲୁଣଖଣି, ଲବଣ ପାହାଡ଼ ରୂପରେ ପ୍ରଚୁର ଲୁଣ ୟୁରୋପ, ଉତ୍ତର ଆମେରିକା, ରୁଷିଆ ଓ ଭାରତରେ ମିଳିଥାଏ ।

ଗ୍ରୀଷ୍ମପ୍ରଧାନ ଦେଶରେ ସମୁଦ୍ରଜଳକୁ କିଆରିରେ ବାନ୍ଧି ଖରାରେ ଶୁଖାଇ ଲୁଣ ବାହାର କରାଯାଏ । ସୂର୍ଯ୍ୟକିରଣର ଉତ୍ତାପ ଦ୍ୱାରା ଏହି ପ୍ରକାର ଲୁଣ ଅମଳ ଗଞ୍ଜାମ ଜିଲାର ହୁମା ଓ ରମ୍ଭା ଅଞ୍ଚଳରେ ଏବେ ବି କରାଯାଉଛି । ପୃଥିବୀରେ ଯେତେ ଲୁଣ ଉତ୍ପାଦନ ହୁଏ ପ୍ରାୟ ୬ ଭାଗରୁ ଭାଗେ ଏହି ଉପାୟରେ ଉତ୍ପାଦିତ ହୋଇଥାଏ ।

ଆଦିମକାଳରେ ଲୋକେ ପଥରକୁ ନିଆଁରେ ଗରମ କରି ତା ଉପରେ ଝରଣାର ଲୁଣିଆପାଣି ପକାଇ ଲୁଣ ବାହାର କରୁଥିଲେ । ଗରମରେ ପାଣି ଶୁଖିଗଲେ ଗୋଡ଼ା ଗୋଡ଼ା ଲୁଣ ବାହାରୁଥିଲା । ସଭ୍ୟହେବା ସଙ୍ଗେ ସଙ୍ଗେ ମଣିଷ ଲୁହାକଡ଼େଇରେ ଗରମ କରି ଲୁଣ କାଢ଼ିଲା । ଧୀରେ ଧୀରେ ଗରମ କଲେ ପାଣି ବାମ୍ପହୋଇ ବାହାରିବା ପରେ ପରେ ବଡ଼ ବଡ଼ ଗୋଡ଼ା ଲୁଣ ହୁଏ । ବେଶୀ ନିଆଁ ଦେଲେ, ଗୋଡ଼ା ଛୋଟ ହୋଇଯାଏ ।

ଲୁଣଖଣିରୁ ଲୁଣ ବାହାର କରିବାର ଉପାୟରେ ଆଦିମକାଳରୁ ଆଜି ମଧ୍ୟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । କେବଳ ଯନ୍ତ୍ର ବ୍ୟବହାର ବଦଳିଛି । ପୃଥିବୀ ପ୍ରସିଦ୍ଧ ଲୁଣ ଖଣି ପୋଲାଣ୍ଡର କ୍ରାକୋ (cracow) ଠାରେ ଗତ ୭୦୦ ବର୍ଷ ଧରି କାମ କରାହୋଇ ଆସୁଛି । ଏଠାକାର ମାଟିତଳ ଖୋଲାକାମ ପ୍ରାୟ ବାର ବର୍ଗମାଇଲ (ପ୍ରାୟ ୩୦ ବର୍ଗ କିଲୋମିଟର) ଅଞ୍ଚଳ ବ୍ୟାପିଗଲାଣି । ଏହି ଖଣି ଭିତର ଗୋଟିଏ ଦର୍ଶନୀୟ ସ୍ଥାନ । ସ୍ୱଚ୍ଛ ସ୍ଫଟିକ ଲୁଣର ଖମ୍ବ, ସ୍ତମ୍ଭ, ମୂର୍ତ୍ତି, ଝୁଲା ଆଲୋକଦାନୀ ଥାଇ ଗୋଟିଏ ନାଚଘର ମଧ୍ୟ ଏଠାରେ ତିଆରି କରାହୋଇଛି ।

ପାହାଡ଼ ଲୁଣ ସାଧାରଣତଃ ଖାଣ୍ଟି ନୁହେଁ । ଏଥିରେ ଅନ୍ୟାନ୍ୟ ପଥର ମିଶିଥାଏ । କିନ୍ତୁ ଯୁକ୍ତରାଷ୍ଟ୍ର ଓ ପୋଲାଣ୍ଡର କେତେକ ସ୍ଥାନରେ ଶୁଦ୍ଧ ଲବଣ ମିଳେ- ଖଣିରୁ ସିଧାସଳଖ ଖାଇବା ଥାଳିରେ ବ୍ୟବହାର କରିହେବ । ଆଜିକାଲି ପଥର ଲୁଣକୁ ନ ଖୋଳି ବା ଖଣି ଭଳି କାମ ନକରି ପମ୍ପ ସାହାଯ୍ୟରେ ପାଣି ପଠାଇ ମିଳାଇ ଦିଆଯାଉଛି ଏବଂ ଏହି ତରଳ ଦ୍ରବଣକୁ ପମ୍ପ କରି ଉପରକୁ ଅଣାଯାଇ ବାଷ୍ପୀଭୂତ କରାଯାଉଛି । ଲୁଣକାରଖାନାରେ ଦୁଇପ୍ରକାର ବ୍ୟବସ୍ଥାରେ ଲୁଣ ତିଆରି କରାଯାଏ । ଗୋଟିଏ ହେଉଛି ଖୋଲା କଡେଇରେ ଲୁଣପାଣିକୁ ରାନ୍ଧିବା । ଅନ୍ୟଟି ହେଉଛି ବାୟୁଶୂନ୍ୟ ଅବସ୍ଥାରେ ରାନ୍ଧିବା (Vacuum Process) ଏହି ଉପାୟରେ ପୂରା ବାୟୁଶୂନ୍ୟ କରାଯାଏ ନାହିଁ; ବାୟୁର ଚାପ କମାଇଦେଲେ ଅଳ୍ପ ଗରମରେ ଲୁଣପାଣି ଫୁଟେ, ସହଜରେ ଗୋଡ଼ା ଗୋଡ଼ା ଲୁଣ ବାହାରେ । ଗୋଟିଏ ଚୁଲ୍ଲିର ଗରମବାମ୍ପ ଦ୍ୱାରା ଅନ୍ୟ କଡ଼େଇ ଗୁଡ଼ିକ ଗରମ ହୁଏ, ତେଣୁ ପ୍ରଥମ କଡ଼େଇ ଛଡ଼ା ଅନ୍ୟ କଡ଼େଇ ଗୁଡ଼ାକ ତଳ ଚୁଲ୍ଲିରେ ନିଆଁ ନଥାଏ । କିନ୍ତୁ ଅନ୍ୟ କଡ଼େଇଗୁଡ଼ିକରେ କ୍ରମାନ୍ୱୟରେ ଅଧିକରୁ ଅଧିକତର ବାୟୁଚାପ କମାଇ ଦିଆହୋଇଥାଏ; ତେଣୁ ଗୋଟାକ ପରେ ଗୋଟିଏ କମ୍ ତାପରେ ଲୁଣ ହୋଇପାରେ ଏବଂ ଜାଳ ମଧ୍ୟ ବଞ୍ଚିଥାଏ । ଏହି ବାୟୁଶୂନ୍ୟ ରନ୍ଧାରେ ଧୂଳିଲୁଣ ଭଲ ହୋଇଥାଏ । ବଡ଼ ବଡ଼ ଗୋଡ଼ାଲୁଣ ପାଇଁ ସିଧାସଳଖ ରନ୍ଧା ବ୍ୟବସ୍ଥା କରାଯାଏ; ବାୟୁଶୂନ୍ୟ ରନ୍ଧା ଦରକାର ହୁଏ ନାହିଁ ।

ଲୁଣ ଓ ଲୁଣରୁ ବାହାରୁଥିବା ରାସାୟନିକ ଦ୍ରବ୍ୟ ପ୍ରାୟ ୬୦ରୁ ଅଧିକ ବଡ଼ ବଡ଼ ଶିଳ୍ପରେ ଲାଗିଥାଏ । ମାଂସ ସଂରକ୍ଷଣରେ, ମାଛକୁ ଶୁଖୁଆ କରି ରଖିବାରେ, ଗୋଖାଦ୍ୟ ତିଆରିରେ, ଚମଡ଼ାକୁ ପଚାଇ ରଙ୍ଗ କରିବାରେ ଲୁଣ ବ୍ୟବହାର

କରାଯାଏ । ଅତି ଶୀତଳ କରିବାରେ ବା ବରଫ ବସାଇବା ଲାଗି ବରଫଜମାଟ ବାନ୍ଧିଥିବା ରାସ୍ତାକୁ ତରଳାଇବା ପାଇଁ, ବୀଟଗଛ ଭଳି କେତେକ ଗଛର ସାର ରୂପରେ, ମାଟିପାତ୍ରକୁ ଚକ୍‌ଚକ୍ କରିବାରେ ଏବଂ ପିଇବା ପାଣିକୁ ସ୍ୱାଦିଷ୍ଟ କରିବାରେ- ସାଧାରଣ ଲୁଣର ବ୍ୟବହାର କରାଯାଏ । ରାସାୟନିକ ଶିଳ୍ପରେ ସାଧାରଣ ଲୁଣକୁ ତରଳ ଅବସ୍ଥାରେ (brine) ରୂପରେ ବ୍ୟବହାର କରାଯାଏ ।

ସାଧାରଣ ଖାଇବା ଲୁଣକୁ ରସାୟନ ବିଦ୍ୟାରେ ସୋଡ଼ିଅମ୍ କ୍ଲୋରାଇଡ୍ Nacl; ଅର୍ଥାତ୍ ସୋଡ଼ିଅମ୍ ଓ କ୍ଲୋରିନ୍ ନାମକ ଦୁଇଟି ମୌଳିକ ପଦାର୍ଥ ଏଥିରେ ରହିଛି । ଲୁଣ ପାଣି ଭିତରେ ବିଜୁଳିତରଙ୍ଗ ଚଳାଇଲେ ଲୁଣରୁ ସୋଡ଼ିଅମ୍ ଓ କ୍ଲୋରିନ୍ ପୃଥକ୍ ପୃଥକ୍ ହୋଇଯାଏ । ଏହି ଦୁଇଟି ଉପାଦାନରୁ ବହୁତ ପ୍ରକାରର ରାସାୟନିକ ପଦାର୍ଥ ତିଆରି ହୁଏ । କ୍ଷାରସୋଡ଼ା, ହାଇଡ୍ରୋକ୍ଲୋରିକ୍ ଏସିଡ୍ ଦୁଇଟି ପ୍ରଧାନ ଉତ୍ପାଦନ । ଖାଇବା ସୋଡ଼ା (ସୋଡ଼ିଅମ୍ ବାଇକାର୍ବୋନେଟ୍) ଓ ସୋଡ଼ା ଆସ୍ ମଧ ଏହି ଦୁଇଟି ଉପାଦାନରୁ ତିଆରି ହୁଏ । ସାବୁନକୁ ତରଳ କରିବା, କାଚ ତିଆରି କରିବା, କାଗଜ ଉତ୍ପାଦନ- ଆଦିରେ ସୋଡ଼ା ଆସ୍ ବା ପାଉଁଶ ସୋଡ଼ା ଦରକାର ହୁଏ ।

ସାଧାରଣ ଲୁଣଉପରେ ମଣିଷ ଯେତେ ନିର୍ଭର କରେ, ଲୁଣସମ୍ପର୍କୀୟ ଶିଳ୍ପମାନ ମଣିଷକୁ ଲୁଣ ଉପରେ ଆହୁରି ଅଧିକ ନିର୍ଭରଶୀଳ କରିଦିଏ । ଅନ୍ୟାନ୍ୟ ଜୀବମାନଙ୍କ ଭଳି ମଣିଷ ମଧ କ୍ରମବିବର୍ତ୍ତନରେ ସାମୁଦ୍ରିକ ଜୀବଠାରୁ ଉଦ୍‌ଭବ ହୋଇଛି । ସାମୁଦ୍ରିକ ଜୀବର ସତ୍ତା ଥିବାରୁ ମଣିଷ ଲୁଣ ବ୍ୟତିରେକେ ବଞ୍ଚିପାରୁ ନାହିଁ । ପ୍ରତିଦିନ ଜଣେ ବୟସ୍କ ଲୋକ ଶୀତପ୍ରଧାନ ଦେଶରେ ପ୍ରାୟ ଦେଢ଼ଗ୍ରାମ ଏବଂ ଉଷ୍ଣ ପ୍ରଧାନ ଦେଶରେ ୨୮ ଗ୍ରାମ ବା ଅଧିକ ଲୁଣ ନ ଖାଇଲେ ତା'ର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ । ପ୍ରତିଦିନ ଖାଇବାବେଳେ ଭାତଥାଳିରେ ଆମେ ଲୁଣ ଚିମୁଟାଏ ନେବାବେଳେ ଲୁଣର ଯେ ଏଭଳି ଅସାଧାରଣ କାହାଣୀ ଅଛି, ତାହା କେବେ ଭାବିପାରୁ ନାହିଁ ।

●

# ବ୍ୟକ୍ତି-ପୂଜା

ସାଧାରଣ ମନୁଷ୍ୟର ସ୍ୱଭାବ- ସେ ଯାହାଠାରୁ ଉପକାର ପାଏ ତାକୁ ପୂଜା କରେ । ପ୍ରକାରାନ୍ତରେ ଯାହାଠାରୁ ଭୟର ଆଶଙ୍କା କରେ ତାକୁ ବି ପୂଜାକରେ; ଉଦ୍ଦେଶ୍ୟ ଏକା- ପୂଜାରେ ଖୁସି ହୋଇ ସେ ଅଧିକ ଉପକାର କରିବେ କିମ୍ବା ଭୟ ପ୍ରଦର୍ଶନ ତ୍ୟାଗ କରି ଅନୁଗ୍ରହ କରିବେ । ଏହି ଦୁଇ ପ୍ରକାର ପୂଜାର ସୀମାରେଖାରେ ବ୍ୟକ୍ତିପୂଜାର ସ୍ଥାନ । ଦଣ୍ଡିବା ଶକ୍ତିରୁ ଅବ୍ୟାହତି ପାଇବା ଓ ଉପକାରୀ ଶକ୍ତିର ଅନୁଗ୍ରହ ପାଇବା ପାଇଁ ବ୍ୟକ୍ତିପୂଜା କରାଯାଏ । ଉକ୍ତ ବ୍ୟକ୍ତିଙ୍କର କ୍ରୋଧ ଯେପରି ଆମ ଉପରେ ନ ପଡ଼େ କିମ୍ବା ସେ ଯେପରି ଆମର ଉପକାର କରିବାର ସ୍ପୃହା ରଖନ୍ତି, ଏଥିପାଇଁ ଆମେ ତାଙ୍କର ବ୍ୟକ୍ତିପୂଜା କରିଥାଉଁ । ଯେଉଁ ମହାପୁରୁଷମାନେ ସେମାନଙ୍କର ସ୍ୱକୀୟ ଗୁଣ ଯୋଗୁଁ ମରଣୋତ୍ତର ପୂଜା ପାଆନ୍ତି, ସେମାନଙ୍କ ପୂଜାକୁ ବ୍ୟକ୍ତି ପୂଜା କୁହାଯାଏ ନାହିଁ । ଜୀବଦ୍ଦଶାରେ ବ୍ୟକ୍ତିର ପୂଜା ହିଁ ବ୍ୟକ୍ତିପୂଜା । ଏହି ବ୍ୟକ୍ତି ପୂଜାର ପ୍ରଚାରକ ବା ଉଦ୍ୟୋକ୍ତାମାନେ ହେଉଛନ୍ତି ଉକ୍ତ ବ୍ୟକ୍ତିର ପାର୍ଶ୍ୱଚର ବା ଅନୁଚରଗଣ । ପରେ ଏହା ଯେତେବେଳେ ସୁଦୂର ପ୍ରସାରୀ ହୁଏ ଏବଂ ନଜାଣିବା ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ଉକ୍ତ ବ୍ୟକ୍ତିଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି ବା ବ୍ୟକ୍ତିଙ୍କୁ ପୂଜା କରନ୍ତି, ସେତେବେଳେ ଏହି ବ୍ୟକ୍ତି ପୂଜା ଅନାବିଳ ଭକ୍ତିରେ ପରିଣତ ହୁଏ ।

ବ୍ୟକ୍ତିପୂଜା ଓ ବ୍ୟକ୍ତି ପ୍ରତି ଭକ୍ତି ମଧ୍ୟରେ ପାର୍ଥକ୍ୟ ହେଲା- ସ୍ୱାର୍ଥପରତା । ବ୍ୟକ୍ତିପୂଜାର କାରଣ ସ୍ୱାର୍ଥ । ସାମାଜିକ ଜୀବ ଭାବରେ ମଣିଷ ଗୋଷ୍ଠୀବଦ୍ଧ ଜୀବନଯାପନ କରେ । ଗୋଷ୍ଠୀର ସୁପରିଚାଳନା ଲାଗି ନେତୃତ୍ୱର ଆବଶ୍ୟକତା ଅନୁଭବ କରେ । ଆଦିବାସୀଙ୍କ ସର୍ଦ୍ଦାର ହେଉ, କୌଣସି ଧର୍ମ ସମ୍ପ୍ରଦାୟର ଗୁରୁ ହେଉ, କୌଣସି ରାଜ୍ୟର ରାଜା ହେଉ କିମ୍ବା କୌଣସି ସାଧାରଣତନ୍ତ୍ରର ପ୍ରଧାନମନ୍ତ୍ରୀ ହେଉ, ସମ୍ପୃକ୍ତ ସମାଜ, ସମ୍ପ୍ରଦାୟ ବା ରାଷ୍ଟ୍ରକୁ ନେତୃତ୍ୱ ଦେବା ଲାଗି ଏଭଳି ଅବତାରଣା କରାଯାଇଛି । ଏମାନେ ନିଜର ବୁଦ୍ଧି ଓ ଶକ୍ତି ବଳରେ ଏଭଳି ପଦବୀ ହାସଲ କରି ପାରିଥାଆନ୍ତି, ଯୁଦ୍ଧରେ ଜୟ କରି ହେଉ ବା ସାଧାରଣ ଜନତା ଦ୍ୱାରା ମନୋନୀତ

ହୋଇ ହେଉ- ଯେ କୌଣସି ଉପାୟରେ ହେଉ, ଥରେ ବ୍ୟକ୍ତିବିଶେଷ ନେତୃସ୍ଥାନକୁ ଆସିଗଲେ, ଦଳେ ଲୋକ ତାଙ୍କ ଚାରିପଟେ ଘୂରିବୁଲନ୍ତି- ଯେପରି ସୂର୍ଯ୍ୟ ଚାରିପଟେ ଗ୍ରହପୁଞ୍ଜ । ଶକ୍ତିର ଉତ୍ସ ଅଭିମୁଖେ ଏମାନେ ଆକୃଷ୍ଟ । ନେତାଙ୍କର ପ୍ରଶଂସା କରିବାରେ ଏମାନେ ଶତମୁଖ । ଏହିମାନଙ୍କ ପ୍ରଚାରରେ ନେତାଙ୍କ ଅଲୌକିକ ଶକ୍ତି ସମ୍ବନ୍ଧରେ ଜନସାଧାରଣଙ୍କ ଧାରଣା ଆସେ । ପାଞ୍ଚ ତୁଣ୍ଡରେ ଛେଳି କୁକୁର । ସବୁବେଳେ ଜଣଙ୍କ ଗୁଣାବଳୀ ଶୁଣି ଶୁଣି ଆମେ ବି ତା'ର ପ୍ରଶଂସା କରିଉଠୁ । ମନୁଷ୍ୟର ଏହି ପ୍ରବୃତ୍ତିକୁ ଭିତ୍ତିକରି * ଗବେଲ୍‌ଜଙ୍କ ନିଯୁକ୍ତି ଜର୍ମାନୀର ରକ୍ଷାକର୍ତ୍ତା ହିସାବରେ, ବିଶୁଦ୍ଧ ଆର୍ଯ୍ୟ ରକ୍ତର ରକ୍ଷକ ହିସାବରେ ପରିଚିତ ହେବାକୁ ହିଟଲରଙ୍କ ପ୍ରଚାର ଦରକାର- ଗବେଲ୍‌ଜ ହେଲେ ପ୍ରଚାର ବିଭାଗର ମୁଖ୍ୟ । ଦ୍ୱିତୀୟ ମହାଯୁଦ୍ଧର ଶେଷ ପର୍ଯ୍ୟନ୍ତ, ହିଟଲରଙ୍କ ମୃତ୍ୟୁ ପର୍ଯ୍ୟନ୍ତ, ହିଟଲର୍ ଥିଲେ ସମଗ୍ର ଜର୍ମାନ ଜନତାର ପୂଜ୍ୟ ନେତା ।

ନିଜର ପ୍ରଚାର ପାଇଁ ନିର୍ଦ୍ଦିଷ୍ଟ କୌସି ବ୍ୟକ୍ତିକୁ ନିଯୁକ୍ତ ନ କଲେ ହେଁ ନେତା ତା'ର ପ୍ରଶଂସା ପାଇଁ କେତେଗୁଡ଼ିଏ ଆତ୍ମନିଯୁକ୍ତ (self appointed) ଲୋକ ପାଇଥାଏ । ଏହି ସ୍ତାବକମାନଙ୍କ ସ୍ୱାର୍ଥ (interest) ଅଛି- ନେତା ହେଲେ ସେମାନଙ୍କ ଶକ୍ତିର ଉତ୍ସ । ଶକ୍ତିର ନିକଟରେ ରହିଲେ ବାହାରର ଲୋକେ ଏମାନଙ୍କୁ ନେତାଙ୍କ ନିଜ ଲୋକ ବୋଲି ଭାବିବେ । ନେତାଙ୍କୁ ଯେଉଁମାନେ ପାଖରେ ପାଇ ନ ପାରନ୍ତି ସେମାନେ ଏହି ପାର୍ଶ୍ୱଚରମାନଙ୍କୁ ମଧ୍ୟସ୍ଥରୂପେ ବ୍ୟବହାର କରି କାମ ହାସଲ କରିବାର ଚେଷ୍ଟା କରିବେ । ନେତାଙ୍କର ଅଧସ୍ତନ କର୍ମଚାରୀ ବା ଭକ୍ତଗଣଙ୍କଠାରୁ ନେତାଙ୍କ ନାମ ନେଇ ବା ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଇ ଏମାନେ ନିମ୍ନସ୍ତରରେ ମଧ କାମ ହାସଲ କରିପାରିବେ । ଏ ପ୍ରକାରର ସଫଳତା ଏହି ପାର୍ଶ୍ୱଚରମାନଙ୍କୁ ଅଧିକ ଉତ୍ସାହିତ କରେ ନେତାଙ୍କ ଗୁଣାବଳୀର ଅଧିକ ପ୍ରଚାର ପାଇଁ । ଶଂସିତ ନେତାଙ୍କ ପ୍ରଚାର ହୁଏ, ପୁଣି ନିଜପାଇଁ ଦୁଇ ପଇସା ମିଳେ । କୁସୁମ ପରଶେ ପଟ ନିସ୍ତରେ- ନିଜେ କାଚ ହୋଇ ସୁବର୍ଣ୍ଣର ଦ୍ୟୁତିରେ କିଛି କାଳ ଉଜ୍ଜ୍ୱଳ ହୋଇ ଉଠିବାର ଆଶା ବି ଥାଏ । ବିଭିନ୍ନ ସମ୍ବାଦପତ୍ର, ବିଭିନ୍ନ ପ୍ରଚାରପତ୍ର, ବିଭିନ୍ନ ଉତ୍ସବ ଜରିଆରେ ପୂଜ୍ୟ ବ୍ୟକ୍ତିର

* ଗବେଲ୍‌ଜ Paul Josef Goebbels (1987-1945) ଜର୍ମାନ ରାଜନୀତିଜ୍ଞ । ୧୯୩୩ରେ ଜର୍ମାନ୍ ସାମ୍ରାଜ୍ୟ (ରାଇଖ Reich)ର ପ୍ରଚାର ବିଭାଗ ମନ୍ତ୍ରୀ (Minister for propaganda) ଥିଲେ 1945 ମେ'ରେ ଆତ୍ମହତ୍ୟା କରିଥିଲେ ।

ଗୁଣକୀର୍ତ୍ତନ ଓ ବିଭିନ୍ନ କାର୍ଯ୍ୟର ପ୍ରଶଂସା ଜନତା ଦୁଆରେ ଏହିମାନେ ଥୋଇଲାବେଳେ, ଏ ପ୍ରକାର ନୀଚ ଭାବ ଏହି ପାର୍ଶ୍ୱଚରମାନଙ୍କ ମନରେ ଥାଏ । ଏଭଳି ଲୋକଙ୍କୁ ଏବେ ହିନ୍ଦୀରେ ଚାମଚା କୁହାଯାଉଛି, ଇରାଜୀରେ second fiddle ।

ଏହାର ଅର୍ଥ ନୁହେଁ ଯେ କୌଣସି ବ୍ୟକ୍ତିର ପୂଜା ପାଇବାର ଯୋଗ୍ୟତା ନାହିଁ । ଜଣେ ଜଣେ ବ୍ୟକ୍ତି ସ୍ୱକୀୟ କାର୍ଯ୍ୟ କଳାପ ଦ୍ୱାରା ପ୍ରସିଦ୍ଧ ହୋଇଉଠନ୍ତି । ଏମାନଙ୍କ କ୍ଷେତ୍ରରେ ସଫଳତା ହିଁ ସେମାନଙ୍କ ଜୀବନକୁ ସଫଳ କରିଛି । ବିଜୟ ଅମୃତରାଜ ହେଉନ୍ତୁ ବା ଜୟପ୍ରକାଶ ନାରାୟଣ ହେଉନ୍ତୁ, ଏମାନେ ନିଜ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଁ ଲୋକପ୍ରଶଂସାର ଯୋଗ୍ୟ । ଏମାନଙ୍କ ପକ୍ଷରେ ବ୍ୟକ୍ତିପୂଜାକୁ ଆମେ ବୀରପୂଜା । (Hero worship) କହିପାରିବା । ପୂର୍ବକାଳରେ ଦେଶ ବା ସମ୍ପ୍ରଦାୟ ରକ୍ଷାକରି ପାରୁଥିବା ବୀରମାନେ ପୂଜା ପାଉଥିଲେ । ଏବେ ଯେକୌଣସି କ୍ଷେତ୍ରରେ କେହି ଯଦି ଅନନ୍ୟସାଧାରଣ କୃତିତ୍ୱ ଦେଖାଇ ପାରିଲା ସେ ହେଲା ଜାତିର ନମସ୍ୟ-ବୀର ବା ହିରୋ । ସେହି କ୍ଷେତ୍ରରେ ହିଁ ତା'ର କାର୍ଯ୍ୟାବଳୀ, ଦକ୍ଷତା ଅନ୍ୟମାନଙ୍କର ପୂଜା କରିଥାଉଁ ।

ଉପାଦାନ ହିସାବରେ ବ୍ୟକ୍ତିପୂଜା ଓ ଦେବପୂଜା ମଧ୍ୟରେ ପାର୍ଥକ୍ୟ ଖୁବ୍ କ୍ଷୀଣ । ଦେବପୂଜାରେ ଥାଏ ଭୋଗ, ଫୁଲ ଓ କେତୋଟି ସ୍ତୁତିଗାନ । ବ୍ୟକ୍ତିପୂଜାରେ ଫୁଲତୋଡ଼ା (bouquet) ଦିଆଯାଏ । ଚର୍ବ୍ୟଚୋଷ୍ୟ ଲେହ୍ୟ ପେୟ ଆଦିରେ ଭୋଗର ଗୁଣାତ୍ମକ ମାନ କୌଣସି ଦେବତାଙ୍କ ପ୍ରାପ୍ୟଠାରୁ ନ୍ୟୂନ ହୁଏ । ଅଭିନନ୍ଦନ ପାଠ, ଧନ୍ୟବାଦ ଅର୍ପଣ, ଏପରିକି ଦାବୀପତ୍ର ଜରିଆରେ ପୂଜ୍ୟ ବ୍ୟକ୍ତିର ଏପରି ସ୍ତୁତିଗାନ କରାଯାଏ, ଯେପରି ସେ ଏକାଦଶ ଅବତାର । ଫୁଲ, ଭୋଗ ଆଦି ଦେବତାଙ୍କ ପାଖରେ ପଡ଼ିରହେ, କିନ୍ତୁ ବ୍ୟକ୍ତିବିଶେଷଙ୍କଠାରେ ସଦ୍ୟ ଗୃହୀତ ହୁଏ । ସ୍ତୁତିଗାନ ପରେ ପରେ ଶକ୍ତି- ଆସୀନ ବ୍ୟକ୍ତିମାନଙ୍କଠାରୁ ଆଶ୍ୱାସନା ବା ପ୍ରତିଶ୍ରୁତି ମିଳେ- ଏହା ଦେବତାଙ୍କ ଅସ୍ପଷ୍ଟ ବରଠାରୁ ପ୍ରତ୍ୟକ୍ଷ ।

କେତେକ ବ୍ୟକ୍ତି ନିଜକୁ ଦେବପୁରୁଷ ବୋଲି ପ୍ରମାଣିତ କରି ପୂଜା ପାଆନ୍ତି- ଏହାଙ୍କ ପୂଜାଦାନ ପରେ ପାର୍ଥିବ ସମ୍ପତ୍ତି ମିଳିପାରେ । ସତ୍ୟସାଇ ବାବା ହୁଅନ୍ତୁ ବା ଦାଦାଜୀ ବାଳଯୋଗୀ ହୁଅନ୍ତୁ, ସେମାନେ କେତେଗୁଡ଼ିଏ ଆଧିଭୌତିକ କାର୍ଯ୍ୟ

ଦେଖାଇ ଲୋକଙ୍କୁ ମୁଗ୍‌ଧ କରନ୍ତି । ଯେଉଁମାନଙ୍କର କାମ ହାସଲ ହେଲା, ସେମାନେ ଏମାନଙ୍କୁ ଦେବତା ଜ୍ଞାନ କରନ୍ତି । ଯେଉଁମାନେ ଏକ ପରମେଶ୍ୱରରେ ବିଶ୍ୱାସ କରନ୍ତି, ସେମାନେ ଏମାନଙ୍କୁ ତାନ୍ତ୍ରିକ ସାଧକ ମନେ କରନ୍ତି । ଯାଦୁକରର ଯାଦୁ ଫଳରେ ଆଶ୍ଚର୍ଯ୍ୟ ଘଟଣା ଘଟିବାଭଳି ଏହି ସାଧକମାନେ ବିଭିନ୍ନ ତାନ୍ତ୍ରିକ ଆଶ୍ଚର୍ଯ୍ୟ ଦେଖାଇଥାନ୍ତି । ଭକ୍ତର ବାସଗୃହକୁ ସତ୍ୟନାରାୟଣଙ୍କ ପୂଜାସ୍ଥଳି ଭଳି ସୁବାସିତ କରାଯାଇପାରେ, ବିଭୂତିରୁ ଶାଢ଼ୀ, ସ୍ୱର୍ଣ୍ଣ ଅଳଙ୍କାର ଜନ୍ମ ନେଇପାରେ । କେତେକ ହଠଯୋଗୀମାନେ ମଧ୍ୟ ଏହିଭଳି ଅଦ୍ଭୁତ କାର୍ଯ୍ୟ ଦେଖାଇଥାନ୍ତି । ଲୋକଙ୍କୁ ଆଶ୍ଚର୍ଯ୍ୟକରି ପାରିଲେ ନିଜର ପରାକାଷ୍ଠା ପ୍ରମାଣ କରିପାରିଲେ, ପୂଜାର ଯୋଗ୍ୟହୋଇ ପାରିବ । ଏହି ଧାରଣାର ବଶବର୍ତ୍ତୀ ହୋଇ ଆଜିକାଲି ଆମ ଦେଶରେ କେତେଜଣ ତଥାକଥିତ ମହାପୁରୁଷ ଆତ୍ମପ୍ରକାଶ କରିଛନ୍ତି । ସେମାନଙ୍କ ଭକ୍ତମାନେ ଅନ୍ୟମାନଙ୍କୁ ଏହି ସାଧକମାନଙ୍କ ଆଧିଭୌତିକ ପରାକାଷ୍ଠା କଥା ଶୁଣାଇ ବା ଭୟଭୀତ କରାଇ ଅଧିକରୁ ଅଧିକ ସଂଖ୍ୟାରେ ଭକ୍ତ ସଂଗ୍ରହ କରିଥାନ୍ତି ।

ଲୋକେ କାହିଁକି ବ୍ୟକ୍ତି ପୂଜା କରନ୍ତି, ଏହାର ଉତ୍ତର ଯାହା, ଲୋକେ କାହିଁକି ଭଗବାନ ପୂଜା କରନ୍ତି, ଏହାର ଉତ୍ତର ତାହା । ଦୁନିଆରେ କେହି ସର୍ବଜ୍ଞାନତା ବା ସର୍ବଶକ୍ତିମାନ ନୁହେଁ କିମ୍ବା କାହାରି ପାଖରେ ଆଲାଦ୍ଦୀନ୍ ଦୀପ ନାହିଁ । ଅଥଚ ପ୍ରତ୍ୟେକ ଲୋକର ଆଶାଆକାଙ୍‌କ୍ଷା ଅଛି । ଯେ ଯେଉଁ କାମରେ ଲାଗିଛି, ସେ କାମରେ କିପରି ସେ ବିନା ବାଧାରେ ଶୀର୍ଷଭାଗରେ ପହଞ୍ଚୁ ତାହାହିଁ ତାର ଇଚ୍ଛା । ଜୀବଦ୍ଦଶା ସରିଆସିଲେ ମଧ୍ୟ ମଣିଷ ‘‘ନ ମୁଞ୍ଚତ୍ୟାଶା ଭାଣ୍ଡମ୍’’ । ଏହି ଅସୀମ ଆଶାକୁ ରୂପାୟିତ କରିବା ପାଇଁ ମଣିଷ ଭଗବାନଙ୍କ ସହାୟ ନିଏ । ଯଦି କୌଣସି ବ୍ୟକ୍ତି ନିଜର ଶକ୍ତି ବଳରେ ମଣିଷର ଏହି ଆଶାକୁ ପୂରଣ କରିପାରେ ବା କରିବାରେ ସାହାଯ୍ୟ କରିପାରେ ସେ ବ୍ୟକ୍ତି ଭଗବାନ ନ ହେଲେ ବି କିଛି ନା କିଛି ପୂଜାର ପାତ୍ର । କୌଣସି ତାନ୍ତ୍ରିକ ବା ସାଧକ ଯଦି କୌଣସି ନିଃସନ୍ତାନ ପିତାମାତାଙ୍କୁ ସନ୍ତାନ ଦାନ କରିବାର ଅବକାଶ ପାଇଥାନ୍ତି, ତେବେ ସେ ସମାଜର ଅଧିକାଂଶ ନିଃସନ୍ତାନ ପିତାମାତାଙ୍କ ପୂଜା ପାଆନ୍ତି । କୌଣସି ସାଧକଙ୍କୁ ପୂଜାକରି ଯଦି କେହି ନିଜର ଚାକିରି ବଜାୟ ରଖିପାରିଲା କିମ୍ବା କ୍ରମୋନ୍ନତିର ଶୀର୍ଷସ୍ଥାନକୁ ଯାଇପାରିଲା, ତାର ପ୍ରଚାର ଫଳରେ

ତଦନୁରୂପ ଆଶାକରୁଥିବା ଚାକିରିରେ ନିଯୁକ୍ତ ଅନ୍ୟଲୋକେ ଉକ୍ତ ସାଧକଙ୍କୁ ପୂଜା କରିବେ । ଆଜିକାଲିର ବସ୍ତୁବାଦୀ ଦୁନିଆରେ ସମସ୍ତେ ଚାହାନ୍ତି ସ୍ୱଚ୍ଛଳ ଜୀବନ ଯାତ୍ରା । ସେଥିପାଇଁ ଦରକାର ଅର୍ଥ ଓ ପ୍ରତିପତ୍ତି । ଏହି ଦୁଇଟିର ପ୍ରାପ୍ତି ପାଇଁ ବେଶୀ ପରିଶ୍ରମ କରିବାକୁ କିଏ ଯାଉଛି- ଯଦି କୌଣସି ସାଧକ ସିଧା ସଳଖ (shortcut) ରାସ୍ତା ଦେଖାଇଦେଲା, ତେବେ ତାଙ୍କର ଆଶ୍ରୟ କାହିଁକି ନ ନେବା ? ଏଥିପାଇଁତ ଆଜି ଆମ ଦେଶରେ ଶହଶହ ସାଧୁସନ୍ଥଙ୍କ ପୂଜା । ପାଶ୍ଚାତ୍ୟ ଲୋକେ ଏଥିପାଇଁ ଭାରତକୁ କହନ୍ତି ସାଧୁସନ୍ଥମାନଙ୍କ ଦେଶ ।

ବ୍ୟକ୍ତିପୂଜାର ବାହ୍ୟରୂପରେଖ (menifestations) ବିଷୟ ଆଲୋଚନାକଲେ ତୋଷାମୋଦ ଏହାର ଏକ ମୁଖ୍ୟ ଲକ୍ଷଣ ରୂପରେ ଦେଖାଦିଏ । ତୋଷାମୋଦର ପୁଣି ରୂପ ଅନେକ । ବାକ୍ୟରେ ପ୍ରଶଂସା କରିବା କେବଳ ତୋଷାମୋଦ ନୁହେଁ । ପୂଜାପାଣି କରିବା ମଧ୍ୟ ଏକ ପ୍ରକାର ତୋଷାମୋଦ । ସବୁଠାରୁ ଶୁଦ୍ଧ ତୋଷାମୋଦ ହେଲା ଅନୁକରଣ । Imitation is the sincerest from of flattery । ବଡ଼ ଲୋକଙ୍କ ହାବଭାବ, ଚାଲିଚଳନ ଦେଖି ନିଜର ହାବଭାବ, ଚାଲିଚଳନକୁ ସେହି ଢାଞ୍ଚାରେ ଗଢ଼ିବାକୁ ଆମେ କେତେବେଳେ ଇଚ୍ଛା କରୁ ? ଯେତେବେଳେ ଆମେ ସେ ବ୍ୟକ୍ତିଙ୍କୁ ନିଜର ଆଦର୍ଶ ବୋଲି ଭାବୁ । ଆଦର୍ଶ ଗୋଟିଏ ଗୋଟିଏ ଦୃଷ୍ଟିକୋଣରୁ ହୋଇପାରେ- ଯଥା ଦେବାନନ୍ଦର ବେଶଭୂଷା ବା ହେମାମାଳିନୀର କେଶ ବିନ୍ୟାସ ଅଥବା ବିଜୟ ଅମୃତରାଜଙ୍କ ଭଳି ଟେନିସ ରାକେଟ ଚାଳନ କିମ୍ବା ସର୍ବତୋମୁଖୀ ପ୍ରତିଭାର ଅନୁକରଣ ହୋଇପାରେ- ଯଥା ବୁଦ୍ଧଦେବଙ୍କ ବାଣୀ ଅନୁଯାୟୀ ଜୀବନପାଳନ ବା ଲାଲବାହାଦୁର ଶାସ୍ତ୍ରୀଙ୍କ ପରି ଦୈନନ୍ଦିନ ଜୀବନ ଯାପନ । ସର୍ବମୁଖୀ ଆଦର୍ଶ କୌଣସି ବ୍ୟକ୍ତିର ଜୀବଦ୍ଦଶାରେ ତା'ଠାରେ ଖୋଜିବା କଷ୍ଟକର । ମୃତ୍ୟୁପରେ ତାହାସବୁ ଜଣାପଡ଼େ । ତେଣୁ ଏହା ବ୍ୟକ୍ତି ପୂଜାପାଇଁ ଉପାଦାନ ଯୋଗାଇପାରେ ନାହିଁ । କାରଣ ବ୍ୟକ୍ତିପୂଜା ବ୍ୟକ୍ତିର ଜୀବଦ୍ଦଶାରେ ହିଁ ଘଟିଥାଏ । ନେହେରୁ ଜାକେଟ୍, ନେହେରୁ ଗୋଲାପ ତାଙ୍କ ସମୟରେ ନେହେରୁଙ୍କ ବ୍ୟକ୍ତି ପୂଜାର ସନ୍ତକ ଥିଲା । ହିଟଲର- ଜର୍ମାନୀରେ ହିଟଲରଙ୍କ ଭଳି କେଶ ବିନ୍ୟାସ କରିବା ସେତେବେଳର ଜର୍ମାନ ଯୁବକମାନଙ୍କ କର୍ତ୍ତବ୍ୟ ହୋଇଥିଲା, କାରଣ ଏହା ପ୍ରମାଣ କରୁଥିଲା ଯେ ସେମାନେ ଶୁଦ୍ଧ ଆର୍ଯ୍ୟରକ୍ତର- ହିଟଲରଙ୍କ ସମଧର୍ମୀ ।

ଏହି ବ୍ୟକ୍ତିକୈନ୍ଦ୍ରିକ ବ୍ୟକ୍ତିପୂଜା (personality cult) ର ପ୍ରାରମ୍ଭ ଅନେକ ସମୟରେ ସେହି ବ୍ୟକ୍ତିଙ୍କଠାରୁ । ଏହି ଦୃଷ୍ଟିରୁ ଏହା ବୀରପୂଜା (Hero worship) ଠାରୁ ପୃଥକ୍ । ନିଜଗୁଣରେ ବଡ଼ ହୋଇ ଦେଶ, ଜାତି ବା ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କଲେ, ଇତର ଜନସାଧାରଣ ଏଭଳି କୃତି ସନ୍ତାନର ପୂଜାକରେ- ଏହା ହୁଏ ପୂଜ୍ୟର ପୂଜା । ନିଜର କୌଣସି ଉଲ୍ଲେଖଯୋଗ୍ୟ କୃତି ବା କୀର୍ତ୍ତି ନ ଥାଇ ଯେଉଁମାନେ ପୂଜା ପାଆନ୍ତି, ସେମାନେ ଶକ୍ତି ବା ପ୍ରତିପତ୍ତି ବଳରେ ପୂଜା ପାଆନ୍ତି । ରାଜରାଜୁଡ଼ା ଶାସନରେ ଏମାନଙ୍କ ସଂଖ୍ୟା କମ୍, କାରଣ ରାଜପ୍ରଭାବଠାରୁ ବଳି ଅନ୍ୟ କାହାର ପ୍ରଭାବ ବା ଶକ୍ତି ସହ୍ୟ କରାଯାଏ ନାହିଁ । କିନ୍ତୁ ଗଣତନ୍ତ୍ରରେ ଶକ୍ତିର ଆଧାର ଭୋଟଗଣତି ଉପରେ ନିର୍ଭର କରେ । ଥରେ ଶାସନରେ ଉଚ୍ଚ ଆସନକୁ ଯାଇପାରିଲେ ନିଜର ବ୍ୟକ୍ତିତ୍ୱ ବଜାୟ ରଖିବାକୁ ପଡ଼ିବ- ପୁଣି ଥରେ ତ ଭୋଟ୍‌ର ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ପ୍ରଭାବ ଥାଉଁ ଥାଉଁ ନିଜର ପାର୍ଶ୍ୱଚର ଗୋଷ୍ଠୀ ତିଆରି କରିବାକୁ ପଡ଼ିବ, ଯେଉଁମାନେ ନିଜର ବ୍ୟକ୍ତିତ୍ୱର ପ୍ରଚାର ଓ ପ୍ରସାର କରିବେ । ସେ ପର୍ଯ୍ୟନ୍ତ ଦଳଗତ ରାଜନୀତି ଥିବ, ସେ ପର୍ଯ୍ୟନ୍ତ ଗଣତନ୍ତ୍ରର ଭୋଟ ପ୍ରଚାର ଅର୍ଥସାପେକ୍ଷ ହେଉଥିବ, ସେ ପର୍ଯ୍ୟନ୍ତ ଦଳର ନେତାଙ୍କ ଅଧିକାର ଦଳର ସଭ୍ୟମାନଙ୍କ ଉପରେ ଓ ସେମାନଙ୍କ ଜରିଆରେ ଜନତା ଉପରେ ରହିବ । ଥରେ ଏଭଳି ଉଚ୍ଚସ୍ତରକୁ ଆସିଗଲେ, ଏହି ସ୍ଥାନକୁ ବଜାୟ ରଖିବାକୁ ପଡ଼ିବ ଏବଂ ଏହାକୁ ବଜାୟ ରଖିବାକୁ ହେଲେ ଅନ୍ୟ କାହାର ବ୍ୟକ୍ତିତ୍ୱ ସହ୍ୟ କରିହେବ ନାହିଁ । ଏହିଠାରେ ଆରମ୍ଭ ବ୍ୟକ୍ତିତ୍ୱର ପୂଜା । ଷ୍ଟାଲିନବାଦ ହେଉ ବା ମାଓବାଦ ହେଉ- ଏହି ସବୁ ବ୍ୟକ୍ତିତ୍ୱର ଉପାସନା ମାଧ୍ୟମରେ ଗଢ଼ିଉଠିଛି । ୧୯୬୯ରେ କଂଗ୍ରେସ ବିଭାଜନ ପରେ ଶ୍ରୀମତୀ ଗାନ୍ଧି ଏହିଭଳି ବ୍ୟକ୍ତିତ୍ୱର ପୂଜା ବା Personality cult ଗଢ଼ି ତୋଳିଥିଲେ । ଏହି ସବୁ ବ୍ୟକ୍ତିପୂଜାର ଲକ୍ଷଣ ହେଲା ଏକାଧିପତ୍ୟ ବ୍ୟବହାର (dictatorial tendency) । ନିଜ ନିଜର କର୍ମକ୍ଷେତ୍ରରେ ଯେପରି ଆଉ ଜଣେ କେହି ସମାନ ସ୍ତର ବା ସମସ୍କନ୍ଧ ବ୍ୟକ୍ତି ନରହୁ, ଏହା ହାସଲ କରିବା ଏହି ବ୍ୟକ୍ତିଙ୍କର ଲକ୍ଷ୍ୟ ହୋଇଥାଏ । କେହି ସମାଲୋଚନା କଲେ, ନିଜର ସମ୍ମାନରେ ଆଞ୍ଚ ଆସିପାରେ ବୋଲି ଏହି ବ୍ୟକ୍ତି ସମାଲୋଚନାର ସୁଯୋଗ ଓ ସୁବିଧା କାହାରିକୁ ଦିଅନ୍ତି ନାହିଁ । ରାଜନୀତି କ୍ଷେତ୍ରରେ ସହନଶୀଳତା ଲିଭିଯାଏ । ରାଜନୀତି ବ୍ୟତୀତ ଅନ୍ୟ ସବୁ କ୍ଷେତ୍ରରେ ସହନଶୀଳତା ରହିଥାଏ କାରଣ ସେ ସବୁ

କ୍ଷେତ୍ରରେ ବ୍ୟକ୍ତିର ବ୍ୟକ୍ତିତ୍ୱ ତା'ର କାର୍ଯ୍ୟ ବା ଦକ୍ଷତା ଉପରେ ନିର୍ଭର କରେ, ଶକ୍ତି ଉପରେ ନୁହେଁ । ଏବର ପ୍ରସିଦ୍ଧ ଅଭିନେତା ଭବିଷ୍ୟତରେ ଆଉ କାହାର ଅଭିନୟ ଦ୍ୱାରା ଦ୍ୱିତୀୟସ୍ଥାନକୁ ଆସିପାରନ୍ତି । ଏବର ସାଧୁ ଅନ୍ୟ କୌଣସି ସାଧୁଙ୍କଠାରୁ ନ୍ୟୁନ ହୋଇପାରନ୍ତି । କିମ୍ବା ଏବର ଟେନିସ ବା ଚେସ୍ ଚାମ୍ପିଅନ୍ ଆଉ ଜଣେ ଖେଳାଳି ଦ୍ୱାରା ପରବର୍ଷ ପରାସ୍ତ ହୋଇ ପାରନ୍ତି । ଏମାନେ ନିଜ ବ୍ୟକ୍ତିତ୍ୱର ଉତ୍‌ଥାନ ପତନ ମାନିନିଅନ୍ତି । କିନ୍ତୁ ରାଜନୀତି କ୍ଷେତ୍ରରେ ସଫଳତା ହିଁ ସଫଳତାର ନିଦର୍ଶନ । ଥରେ ଖସିଲେ ଲାଞ୍ଛନା ମିଳିପାରେ । ତେଣୁ ଜୀବନଥିବା ପର୍ଯ୍ୟନ୍ତ ବା ଅନ୍ୟ ତୃତୀୟ ଶକ୍ତିର ପ୍ରଭାବ ତାଙ୍କୁ ବିତାଡ଼ିତ କରିବା ପର୍ଯ୍ୟନ୍ତ ନିଜର ବ୍ୟକ୍ତିତ୍ୱ ବଜାୟ ରଖିବାକୁ ପଡ଼ିବ । ଏଥିପାଇଁ ଅସହିଷ୍ଣୁଭାବ ପ୍ରକାଶ କରିବା ସ୍ୱାଭାବିକ । ଆୟୁବ ହେଉ ବା ଷ୍ଟାଲିନ ହେଉ ବା ହିଟଲର ହେଉ, ସମସ୍ତେ ବିରୋଧ ମତର ଅସହିଷ୍ଣୁ ଥିଲେ । ଏମାନେ ନିଜ ପାଇଁ ଯେଉଁ ବ୍ୟକ୍ତିତ୍ୱର ଆଲୋକ (halo) ରଚନା କରିଥାନ୍ତି, ସେଥିରେ କୌଣସି ପ୍ରତିବାଦର ଛାୟା ପାଇଁ ସ୍ଥାନ ନଥିଲା । ଏଭଳି ବ୍ୟକ୍ତିତ୍ୱର ପୂଜା ଗଣତନ୍ତ୍ରରେ ଚାଲୁ ରହିଲେ ବିରୋଧୀ ଦଳମାନେ ଉଠିପାରିବେ ନାହିଁ, ରାଷ୍ଟ୍ର ଏକଦଳୀୟ ଶାସନରେ ରହିଯିବ ଏବଂ ଦଳ ଏକନାୟକତ୍ୱରେ ଚାଲିବ । ଏକଦଳୀୟ ଶାସନରେ ଦଳର ପ୍ରତ୍ୟେକ ନେତା ବା ବ୍ୟବସ୍ଥାପକ ନିଜକୁ ଆଞ୍ଚଳିକ ରାଜା ଭାବରେ ସଜାଇବେ, ପ୍ରିୟାପ୍ରୀତି ତୋଷଣ, କଳାବଜାର, ଲାଞ୍ଚମିଛ ସାରାଦେଶରେ ବ୍ୟାପିଯିବ । ପରିଣାମରେ ଦେଶରୁ ଗଣତନ୍ତ୍ର ଲୋପ ପାଇବାର ଲକ୍ଷଣ ସ୍ପଷ୍ଟ ହେବ । ରାଜନୀତି କ୍ଷେତ୍ରରେ ବ୍ୟକ୍ତିତ୍ୱ ଆଳରେ ଏକଛତ୍ରବାଦ ଆସିଯାଏ । ରାଷ୍ଟ୍ରନାୟକମାନେ ବିରୋଧ ମତ ପ୍ରତି ସହିଷ୍ଣୁହୁଅନ୍ତୁ, ଜୋରଜବରଦସ୍ତ ନକରି ପ୍ରରୋଚନା, ପ୍ରବର୍ତ୍ତନାରେ ବିରୋଧମତକୁ ସଂଶୋଧନ କରନ୍ତୁ । ଭଲ ଭାବରେ ରାନ୍ଧି ଜାଣିଲେ ପଚା ପରିବା ବି ଭଲ ଲାଗେ (Boil stones in butter you may sup the broth) । ଅନ୍ୟର ମତ ଭିତରେ ନିଜ ବ୍ୟକ୍ତିତ୍ୱର ଦୋଷତ୍ରୁଟି ଦେଖିପାରି ରାଷ୍ଟ୍ରନାୟକମାନେ ସେମାନଙ୍କ ବ୍ୟକ୍ତିତ୍ୱର ସଂସ୍କାର କଲେ, ସେମାନଙ୍କ କୃତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦେଶର ମଙ୍ଗଳ ହେବ ।

●

# ପୋଷାକ ହିଁ ପରିଚୟ

ମଣିଷକୁ ମଣିଷଠାରୁ ପୃଥକ୍ କରିଥାଏ । ଆୟ, ବିଳାସବ୍ୟସନ, ପଦ ପଦବୀ,- ଏ ସବୁର ପରିଚାୟକ ବେଶ ପୋଷାକ । ସାଧାରଣ ଲୋକଙ୍କ ସହିତ ମିଳିମିଶି ସେମାନଙ୍କ ସୁଖଦୁଃଖ ଜାଣିବାକୁ ହେଲେ ସାଧାରଣ ଲୋକର ପୋଷାକରେ ଅଚିହ୍ନା ଭାବରେ ବୁଲିବାକୁ ପଡ଼ିବ- ଏ କଥା କିଙ୍ଗ୍ ହାରୁନ୍ଅଲ ରସିଦ୍, ରାମଚନ୍ଦ୍ର ବା ବିକ୍ରମାଦିତ୍ୟଙ୍କୁ ଜଣାଥିଲା । ତେଣୁ ସେମାନେ ରାତ୍ରିର ଅନ୍ଧକାରରେ ସାଧାରଣ ପୋଷାକରେ ରାଜ୍ୟର ଚଉଦିକଦିରେ ବୁଲୁଥିଲେ । ଉପଯୁକ୍ତ ପୋଷାକ ନ ଥିଲେ ସମ୍ମାନ ମିଳିବା ତ ଦୂରର କଥା, ସାକ୍ଷାତ ମିଳି ନ ପାରେ । ଏଥିପାଇଁ କୁହାଯାଏ, ଭେକ ଥିଲେ ଭିକ ମିଳେ । ଭିକାରୀର ଚେହେରା ନ ଥିଲେ ଭିକ୍ଷା ବି ମିଳିବ ନାହିଁ । ଏସବୁ ଗୋଟିଏ ଦିଗ । ଅନ୍ୟ ଦିଗରେ, ପୋଷାକ ପରିଧାନକାରୀର ମାନସିକ ଅବସ୍ଥା ଦର୍ଶାଏ । ପରିଧାନ ଅସଂଯତ ଥିଲେ, ଆମେ କହୁ ଲୋକଟି ବଡ଼ ବ୍ୟସ୍ତ ଅଛି ବା କେଉଁଠି ଭୟ ପାଇ ପଳାଇ ଆସିଛି । ସ୍ତ୍ରୀ ଲୋକଟିଏ ଭଲ ବେଶଭୂଷା ହୋଇ ଏକୁଟିଆ ଯାଉଥିଲେ ଆମେ ତାକୁ ଅଭିସାରରେ ବାହାରିଥିବା କହୁ । ପୁରୁଷ ଓ ସ୍ତ୍ରୀର ସାକ୍ଷାତ ବା ପ୍ରେମିକ ପ୍ରେମିକାର ସାକ୍ଷାତ ସମୟରେ ଭଲ ଭଲ ପୋଷାକ, ସାଜସଜା ପିନ୍ଧି ନଥିଲେ, ପ୍ରେମର ପରିମାଣ କମି ଆସୁଛି ବୋଲି ଅପରପକ୍ଷ ଭାବି ନିଏ । ପୁରୁଷ ଏକାରକମର ପୋଷାକ ପିନ୍ଧିଲେ ବି ନୂତନତ୍ୱର ଅଭାବ ଯୋଗୁ ସ୍ତ୍ରୀ ଭାବିନିଏ ଯେ ପୁରୁଷର ସ୍ନେହ ଅନୁରାଗ ଆଦି ବୋଧହୁଏ ହ୍ରାସ ପାଇଲାଣି ।

## ଅୟମାରମ୍ଭ

ମଣିଷ ପରିଧାନ ପ୍ରତି ଏତେ ଗୁରୁତ୍ୱ ଦେବା ଆରମ୍ଭ କଲା କିପରି ଓ କେବେ ? ଲକ୍ଷ ଲକ୍ଷ ବର୍ଷ ତଳେ ଆଦିମ ମଣିଷ ଅନ୍ୟ ପ୍ରାଣୀମାନଙ୍କ ଭଳି ଗୋଟିଏ ବନ୍ୟପ୍ରାଣୀ ଥିଲା । ଦଳ ଦଳ ହୋଇ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଯେତିକି ସାମାଜିକ ଚେତନା ଥିଲା, ମଣିଷଦଳ ମଧ୍ୟରେ ମଧ୍ୟ ସେତିକି ସାମାଜିକ ଚେତନା ଥିଲା । ଏମିତି କ'ଣ ହେଲା ଯେ ଅନ୍ୟ ପ୍ରାଣୀମାନେ ଶରୀରର କୌଣସି ଅଙ୍ଗ ଆବୃତ କରିବା ଦରକାର ମନେ କରୁ ନଥିଲେହେଁ ଏହି ମଣିଷ ଦରକାର କଲା କାହିଁକି ?

ବେଶ ପୋଷାକ ପ୍ରାକୃତିକ ନୁହେଁ । ଏହା ତିଆରି ଜିନିଷ । ତିଆରି କରିବା ପାଇଁ ହାତ ଦରକାର ଓ ହାତ ବ୍ୟବହାର ପାଇଁ ବୁଦ୍ଧି ଦରକାର । ଏହି ଦୁଇଟି ଜିନିଷ ମଣିଷକୁ ଅନ୍ୟ ଜନ୍ତୁମାନଙ୍କଠାରୁ ସ୍ୱତନ୍ତ୍ର କରିଥିଲା ଏବଂ ଭଗବାନଙ୍କ ସୃଷ୍ଟିରେ କୃତ୍ରିମତା ଆଣିଦେଲା । ବନ୍ୟ ମଣିଷ ତାଳପତ୍ର ହଲାଇ ଶତ୍ରୁକୁ ଡରାଇବାକୁ ଚେଷ୍ଟା କରୁଥିଲା ଏବେ ଯେପରି ମାଙ୍କଡ଼ କରେ । ତାଳପତ୍ର ଭାଙ୍ଗି ଶତ୍ରୁ ଉପରକୁ ଫୋପାଡ଼ି ପାରୁଥିଲା, ଚିଡ଼ିଆଖାନାରେ ବଣମଣିଷ ଯେପରି କରେ । ହାତର କରାମତି ମଣିଷ ଛଡ଼ା ଅନ୍ୟ ପ୍ରାଣୀ ସେତେ ବୁଝିପାରିଲା ନାହିଁ । ମଣିଷର ଉର୍ବର ମସ୍ତିଷ୍କ ତା'ର ହାତ କରାମତିକୁ ଆହୁରି ବଢ଼ାଇ ଦେଲା । ମଣିଷ Homo erectus ରୁ Homo faber କୁ ଅଗ୍ରସର ହେଲା । ଛିଡ଼ା ମଣିଷରୁ ହାତହତିଆର ତିଆରି କରିବା ମଣିଷ ହେଲା । ହାମୁଡ଼େଇ ଚାଲିବା (ଚାରି ଗୋଡ଼ରେ ଚାଲିବା) ଠାରୁ ଠିଆ ହୋଇ (ଦୁଇ ଗୋଡ଼ରେ) ଚାଲିବାରେ ବିପଦ ବଢ଼ିଲା ଏବଂ ଶରୀରର କୋମଳ ଅଂଶ (ପେଟତଳି ଅଂଶ) ବାହାରକୁ ଦେଖାଗଲା । ଅନାବୃତ କୋମଳ ଅଂଶ ଶତ୍ରୁ ଆକ୍ରମଣ ସମୟରେ ମଣିଷକୁ ବେଶୀ ଦୁର୍ବଳ କରିଦେବା କଥା । ଏଥିପାଇଁ ମଣିଷ ଚାହିଁଲା ଆବରଣ ଏବଂ କିଛି ଢେଲା ପଥର (କ୍ଷେପଣାସ୍ତ୍ର) ସ୍ୱଭାବତଃ ପ୍ରଥମେ କୌପୀନ ବ୍ୟବହାର କଲା । ଆବରଣ ସାଙ୍ଗକୁ ଏହାର ଖୋପ ଢେଲା ପଥର ବା ତୀର ରଖିବାରେ ସୁବିଧା କଲା । କିନ୍ତୁ ସୂତା ବା କପଡାର କୌପୀନ ପ୍ରଥମେ ବ୍ୟବହାର ହୋଇନାହିଁ । ସଙ୍ଗଠିତ ସାମାଜିକ ଜୀବନ ଯାପନ ଓ ଗୁମ୍ଫା ବା କୁଡ଼ିଆରେ ବସବାସ- ଏସବୁ ମଣିଷକୁ ପୂରା ନିରାପଦ କରିପାରିଲା ନାହିଁ । ଆକ୍ରମଣରେ ବ୍ୟବହୃତ ଟେକା ପଥର ଓ ତାଳପତ୍ର ଶରୀରକୁ କିପରି କ୍ଷତବିକ୍ଷତ କରିପାରେ ମଣିଷ ଦେଖିଲା । ଏପରି କ୍ଷତବିକ୍ଷତ ଅବସ୍ଥାରୁ ଶରୀରର କୋମଳ ଅଂଶକୁ ରକ୍ଷା କରିବା ପାଇଁ ଆଦିମ ମଣିଷ ଗଛର ବଲ୍‌କଲ ବା ଶିକାର କରିଥିବା ପ୍ରାଣୀର ଚମଡ଼ା ପିନ୍ଧିଲା । ଏହି କୌପୀନ ପିନ୍ଧାରୁ ଆରମ୍ଭ ହେଲା ପରିଧାନର ଇତିହାସ । ଏଥିରେ ଖରା ବର୍ଷାରୁ ରକ୍ଷା ପାଇବାର ଉଦ୍ଦେଶ୍ୟ ନଥିଲା । ନୃତତ୍ତ୍ୱବିଦ୍‌ମାନେ କହନ୍ତି, ମଣିଷ ସଭ୍ୟତା ପ୍ରଥମେ ଉଷ୍ଣତର ଜଳବାୟୁ ଅଞ୍ଚଳରେ ଦେଖା ଦେଇଥିଲା । ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମଣିଷ ପ୍ରଥମେ ଶରୀର ଆବୃତ କରିଥିଲା କହିବା ଠିକ୍ ହେବ ନାହିଁ । ଖରା, ପବନ, ବର୍ଷାରୁ ରକ୍ଷା ପାଇବା ପାଇଁ ମଣିଷ ଘର ତିଆରି କରି ଶିଖିଲା- ଏଥିପାଇଁ ପୋଷାକର ଆବଶ୍ୟକତା ନଥିଲା । ବରଂ ଶିକାରୀ ମଣିଷର ବ୍ୟବହାର ପାଇଁ ଗୋଟିଏ ଥଳି ବା

ମୁଣି ଭଳି ଜିନିଷ ଦରକାର ଥିଲା । କୌପୀନର ଖୋପ ଏହି କାମ ତୁଲାଇଲା । କାଳକ୍ରମେ ନିରାପଦ ମନେ କଲା ପରେ ମଧ୍ୟ ମଣିଷ ବେଶପୋଷାକ ପିନ୍ଧିଲା- ଏହାର ଉଦ୍ଦେଶ୍ୟଥିଲା ନିଜକୁ ସଜେଇବା ବା ଅନ୍ୟକୁ ନିଜପ୍ରତି ଆକୃଷ୍ଟ କରାଇବା । ମଧ୍ୟପ୍ରଦେଶ ବସ୍ତର ଜିଲ୍ଲାର ଆବୁଜମାଡ଼ ଅଞ୍ଚଳର ଆଦିବାସୀ ବା ଆମ ରାଜ୍ୟର କୋରାପୁଟ ଜିଲ୍ଲାର ମାଲକାନଗିରିର ବଣ୍ଡା ଅଞ୍ଚଳର ଆଦିବାସୀମାନେ ଏବେ ବି ଲୁଗା ବା କୌଣସି ଆବରଣ ପିନ୍ଧନ୍ତି ନାହିଁ କିନ୍ତୁ ଆଭରଣ ବା ଆଭୂଷଣ ପିନ୍ଧିଥା'ନ୍ତି ଏବଂ ଗୁଡ଼ାଏ ଅଳଙ୍କାର ଦ୍ୱାରା ନିଜର ଲଜ୍ଜା ଆବୃତ କରିଥାନ୍ତି । ମୁଣ୍ଡରେ ବା ବାଳରେ ପକ୍ଷୀର ପର ବା ପତର ମୁକୁଟ, ବେକରେ ମାଳି, ଅଣ୍ଟା ଚାରିପଟେ କିଛି ଗୋଟାଏ ଘେର- ଏଗୁଡ଼ିକ ଛଡ଼ା ଶାରୀରିକ ପୋଷାକ ଅଧିକାଂଶ ଆଦିବାସୀଙ୍କର ନଥାଏ । ତେଣୁ ପରିଧାନ ଶରୀରକୁ ସଜାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ନିଶ୍ଚିତ । ବର୍ତ୍ତମାନ ମଧ୍ୟ ବିଭିନ୍ନ ଆଦିବାସୀ ସମାଜରେ ବେଷଭୂଷାହିଁ ଲୋକର ପଦମର୍ଯ୍ୟାଦା ଦର୍ଶାଏ । ଆଦିବାସୀ ସର୍ଦ୍ଦାର ତା'ର ବେଶଭୂଷାରୁ ଚିହ୍ନିହୁଏ ଏବଂ ଇତର ଆଦିବାସୀ ତା'ର ବେଶଭୂଷା ଅନୁକରଣ କରିବା ମନା ଥାଏ ।

## ମର୍ଯ୍ୟାଦା ଚିହ୍ନ

ମିଶର, ଭାରତ ଓ ଚୀନ ସଭ୍ୟତାର ଇତିହାସରୁ ଜଣାଯାଏ ଯେ ପ୍ରଥମେ ପଦପଦାଧିକାରୀମାନେ ବସ୍ତ୍ର ପରିଧାନ କରୁଥିଲେ, ନୀଚ ଲୋକମାନେ ଲଙ୍ଗଳା ରହୁଥିଲେ । ପରବର୍ତ୍ତୀକାଳରେ ସେମାନେ ଅଣ୍ଟାଲୁଗା ପିନ୍ଧିବା ଆରମ୍ଭ କଲେ । ମଣିଷ କୃଷିଭିତ୍ତିକ ସଭ୍ୟତାକୁ ଆସିଗଲା ପରେ କପାସୂତାର ଲୁଗା ତିଆରି କଲା । ସ୍ତ୍ରୀ ଲୋକମାନେ ପ୍ରଥମେ ଘାଘରା ଭଳି ବସ୍ତ୍ର ପିନ୍ଧିବା ଆରମ୍ଭ କଲେ । ଶରୀରର ଊର୍ଦ୍ଧ୍ୱଅଂଶ ଆବରଣ କରିବା ଆଧୁନିକ ସଭ୍ୟତାର ଚିହ୍ନ । ମଣିଷ ଏହା ବହୁତ ବର୍ଷପରେ ଶିଖିଲା । ଆଧୁନିକ ସଭ୍ୟ ଜଗତର ଉପାନ୍ତରେ ବା ଜଙ୍ଗଲରେ ରହୁଥିବା ଅଧିକାଂଶ ଆଦିବାସୀ ପୁରୁଷ ଓ ସ୍ତ୍ରୀ ଏବେ ବି ଶରୀରର ଊର୍ଦ୍ଧ୍ୱଅଂଶ ଆବୃତ କରନ୍ତି ନାହିଁ (ବା topless ରହୁଛନ୍ତି) ।

## ଆପେକ୍ଷକତା

ପ୍ରାରମ୍ଭରେ ବିଭିନ୍ନ ଭୌଗୋଳିକ ବା ଜଳବାୟୁ ପରିସ୍ଥିତି ମଣିଷର ପୋଷାକରେ ବିଭିନ୍ନତା ଆଣିଦେଲା । ପରେ ବ୍ୟାବହାରିକତା ଦୃଷ୍ଟିରୁ ଆଞ୍ଚଳିକ ପରିବର୍ତ୍ତନ ଘଟିଲା ।

ଗ୍ରୀଷ୍ମପ୍ରଧାନ ଜଳବାୟୁରେ ଘର୍ମାକ୍ତ ଶରୀରକୁ ଥଣ୍ଡା ରଖିବା ପାଇଁ ଅଳ୍ପ ପୋଷାକ ବା ଢିଲା ଢିଲା ପୋଷାକ ଦରକାର । ତେଣୁ ଲୁଙ୍ଗି, ଧୋତି, ଚାଦର ବା ଶାଢ଼ୀ ଆଦି ଭାରତରେ ଦେଖାଦେଲା । ରାଜାମହାରାଜାମାନେ ଧୋତି ସାଙ୍ଗକୁ ପଞ୍ଜାବୀ ବା ଢିଲା କାମିଜ ପିନ୍ଧିଲେ । କିନ୍ତୁ ଇତର ଲୋକେ ଊର୍ଦ୍ଧ୍ୱ ଅଙ୍ଗ ଆବୃତ କରୁ ନ ଥିଲେ । କାଳକ୍ରମେ ବେଗରେ ଯିବାପାଇଁ ବା ଯୁଦ୍ଧରେ ବ୍ୟବହାର ପାଇଁ ଘୋଡ଼ାଚଢ଼ା ଦରକାର ହେବାରୁ ଧୋତି ବଦଳରେ ଗୋଡ଼ଚିପା ପାଇଜାମା ବା ଯୋଧପୁରୀ ପିନ୍ଧାଗଲା । ଢିଲା ଧୋତି ପିନ୍ଧିଲେ ପବନରେ ଉଡ଼ିବ; ଦେବେ ହାତଦୁଇଟା ଲୁଗାକୁ ଚାପି ରଖିବ ନା ଘୋଡ଼ା ଆଉ ଖଣ୍ଡା ଧରିବ ? ଏହି ପ୍ରକାର ପରିବର୍ତ୍ତନ ଭୂମଧ୍ୟସାଗରୀୟ ଉଷ୍ଣ ଜଳ ବାୟୁରେ ଘଟିଛି । ଧୋତି ଚାଦର ଭଳି ପୋଷାକ ସେ ଅଞ୍ଚଳର ଲୋକେ ପୂରାକାଳରେ ପିନ୍ଧୁଥିବାର ଚିତ୍ର ବିଭିନ୍ନ ପ୍ରାଚୀନ ମନ୍ଦିର ଗାତ୍ରରେ ମିଳେ । ୟୁରୋପର ଶୀତପ୍ରଧାନ ଦେଶରେ ଦେହକୁ ଥଣ୍ଡାରୁ ରକ୍ଷା କରିବା ପାଇଁ ହିଁ ଗାଢ଼ଭାବରେ ଆବୃତ କରିବା ଭଳି ପୋଷାକ ଦରକାର ହେଲା । କେବଳ ପେଣ୍ଟ ଓ ସାର୍ଟ ସମ୍ଭାଳିଲା ନାହିଁ । ତା' ଉପରକୁ କୋଟ ଆଦି ଦରକାର ହେଲା । ପ୍ରଥମେ ପ୍ରଥମେ କୋଟ ବା ବାହାର ପୋଷାକ ଖୁବ୍ ଢିଲାଥିଲା । ରୁଚି ବଦଳିବା ସଙ୍ଗେ ସଙ୍ଗେ ପୋଷାକର ଢଙ୍ଗ ରଙ୍ଗ ବଦଳିଲା । ରୁଚି ଆପେକ୍ଷିକ, ସମୟ ଓ ଦେଶ ଅନୁଯାୟୀ ଏହା ପ୍ରଭାବିତ ହେଉଥିଲା ।

ଅନ୍ଧକାର ମଧ୍ୟଯୁଗରେ ଦେଶ ଦେଶ ଭିତରେ ସମ୍ପର୍କ ବା ଗମନାଗମନ ନଥିଲା । ତେଣୁ ପୋଷାକପତ୍ରରେ ବେଶୀ ପରିବର୍ତ୍ତନ ହୋଇ ନଥିଲା । ୟୁରୋପରେ ଅଣ୍ଟାକୁ ଭିଡ଼ି ଧରିବା ଭଳି ଓ ହାତ ତଥା ବେକକୁ ଚିପି ଧରିବା ଭଳି ପୋଷାକ ପିନ୍ଧା ହେଉଥିଲା । ଚିପା ପୋଷାକ ପିନ୍ଧିବାରେ ସ୍ତ୍ରୀ ପୁରୁଷ ବାଛ ବିଚାର ନଥିଲା । ପରବର୍ତ୍ତୀ କାଳରେ ପାଶ୍ଚାତ୍ୟ ଆବିଷ୍କାରକମାନେ ପ୍ରାଚ୍ୟ ଦେଶମାନ ଭ୍ରମଣ କରି ଫେରି ନିଜଦେଶରେ ନୂଆ ନୂଆ ବିଳାସ ବ୍ୟସନ ପ୍ରଚାର କଲେ । ଏହି ସମୟରୁ କମରପଟି ବ୍ୟବହାର ଆରମ୍ଭ ହେଲା । ସ୍ତ୍ରୀଲୋକେ ଓଢ଼ଣା ବା ଓଢ଼ଣୀ ଭଳି ପୋଷାକ ପିନ୍ଧିଲେ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଲମ୍ବା ଲମ୍ବା ବାଳ ରଖିଲେ । ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହାହିଁ ଥିଲା ଫେସନ୍ । ଆମ ଦେଶରେ ଲମ୍ବା ବାଳ ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ଆସିଥିଲା ।

## ରୁଚି ଓ ଯୁଗ

ବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ପୁରୁଷର ପୋଷାକରେ ନିର୍ଦ୍ଦିଷ୍ଟ ନୀତି ନିୟମ ରହିଲା ନାହିଁ । ଦେହକୁ ମୁଲାୟମ ଲାଗିବା ଭଳି ପୋଷାକ ତିଆରି ହେଲା । ନାଇଲନ୍,

ଟେରିଲିନ୍ ଭଳି କୃତ୍ରିମ ବା ରାସାୟନିକ ତନ୍ତୁ ବାହାରି ନୂଆ ନୂଆ ହାଲୁକା ଓ ବେଶୀଦିନ ଯିବାଭଳି ପୋଷାକ ତିଆରି ହେଲା । ପଶମ, କାର୍ପାସ ବା ରେଶମ ଭଳି ଓଜନଦାର ପୋଷାକ ସାଙ୍ଗକୁ କୃତ୍ରିମ ତନ୍ତୁର ପୋଷାକ ବୈଚିତ୍ର୍ୟ ଆଣିଦେଲା ।

ସ୍ତ୍ରୀମାନଙ୍କ ପୋଷାକରେ ବୈପ୍ଳବିକ ପରିବର୍ତ୍ତନ ଘଟିଲା ଓଢ଼ଣାରୁ । ଗତ କୋଡ଼ିଏ ତିରିଶ ବର୍ଷ ଭିତରେ ସ୍ତ୍ରୀ ଲୋକେ ମୁଣ୍ଡ ମୁକୁଳା ରଖିବା ଆରମ୍ଭ କଲେ । ପ୍ରାଚ୍ୟର ଓଢ଼ଣା ଓ ପାଶ୍ଚାତ୍ୟ ଟୋପି ଉଭେଇଗଲା । ଆଉ ଧର୍ମଗୁରୁମାନେ କହିଲେ ନାହିଁ ଯେ ସ୍ତ୍ରୀମାନଙ୍କର ମୁକୁଳାକେଶ ପୁରୁଷମାନଙ୍କୁ ଉଚ୍ଚ ଆଧ୍ୟାତ୍ମିକ ଚିନ୍ତାରୁ ନିବୃତ୍ତ କରି ପକାଇବ । ତଥାପି କେତେକ ଅଞ୍ଚଳରେ ଏବେ ବି ମୁଣ୍ଡକୁ ଆବୃତ ନ କରି ସ୍ତ୍ରୀ ଲୋକମାନେ ମନ୍ଦିର, ଗୀର୍ଜା ମାନଙ୍କରେ ପ୍ରବେଶ କରିପାରୁ ନାହାନ୍ତି ।

## ଘୋଡ଼ାଚଢ଼ା

ଘୋଡ଼ା ସବାର ହେଲା ଦିନଠାରୁ ମଣିଷ ପୋଷାକରେ ଯେଉଁ ପରିବର୍ତ୍ତନ ଘଟିଲା ଏବେ ଘୋଡ଼ା ନ ଚଢ଼ିଲେ ମଧ ଆମେ ସେହି ବେଶ ରଖିଛୁ । ଟ୍ରାଉଜର ଆଗରେ ପକେଟ୍ (ଫ୍ରଣ୍ଟ ପକେଟ) ଘୋଡ଼ାଚଢ଼ାଳିର ସୁବିଧା ପାଇଁ ହୋଇଥିଲା । ଗାଡ଼ି ଚଢ଼ିବା ଲୋକେ ଦୁଇପାଖ ପକେଟ ଚାହିଁଲେ । ଚିପା ଟ୍ରାଉଜରର ପାଖ ପକେଟରେ ଜିନିଷ ରହିଲେ ଗାଡ଼ିରେ ବସିଗଲେ ପକେଟରୁ ବାହାରି ପଡ଼ିବ । ତେଣୁ ଟ୍ରାଉଜର ହୋଇ ତିଆରି ହେବା ପରେ ଲୋକେ ପୁଣି ଘୋଡ଼ାସବାର ଭଳି ଆଗ ପକେଟ ଚାହିଁଲେ । ସୁବିଧା ଅନୁଯାୟୀ ବେଶ ବଦଳିଲା; ସଉକ ପାଇଁ ନୁହେଁ । କାଦୁଅ ପାଣିରେ ଲାଗିବ ନାହିଁ ବୋଲି ଲୋକେ ଟ୍ରାଉଜର ତଳ ଭାଙ୍ଗ କଲେ । ପାଦପାଖ ତଳଅଂଶ ଉପରକୁ ଓଲଟାଇ ରଖିବା ପ୍ରଥମ ମହାଯୁଦ୍ଧ ପରେ ପରେ ଲୋକଙ୍କ ଅଭ୍ୟାସରେ ପଡ଼ିଗଲା । କିନ୍ତୁ ଯେଉଁମାନେ ସାଇକେଲ ଚଢ଼ିଲେ, ସେମାନେ ପାଦ ପାଖରେ ଗୋଡ଼କୁ ଚିପି ଧରିବା ଭଳି ସରୁ ଟ୍ରାଉଜର ପିନ୍ଧିଲେ । ଢ଼ିଲା ଟ୍ରାଉଜର ସାଇକେଲ ଜଞ୍ଜିରରେ ଲାଗିଯାଇପାରେ, ଏ ବିପଦ ଅଛି । ସାଲୁଆର ଭଳି ଗୋଡ଼କୁ ଚିପି ଧରୁଥିବା ପୋଷାକ ଘୋଡ଼ାଚଢ଼ା ଯୁଗରୁ ଚଳିଆସୁଛି । ଘୋଡ଼ା ରେକାବରେ ଯେପରି ଢ଼ିଲା ପୋଷାକ ଲାଗି ଗୋଡ଼ତଳେ ମାଡ଼ି ହୋଇ ରହିଯାଇପାରେ, ସାଲୁଆରରେ ତାହା ହେବନାହିଁ । ଏବେ ଘୋଡ଼ାଚଢ଼ାଳିମାନେ ଯୋଧପୁରୀ ବା ବ୍ରିଚେସ୍ ପିନ୍ଧନ୍ତି । ଘୋଡ଼ା ସବାରମାନେ ଯେଉଁ କୋଟ ପିନ୍ଧନ୍ତି, ତାହା ପଛପଟେ କଟାଥାଏ, କାରଣ

ଏହାଦ୍ୱାରା ଅଣ୍ଟାପାଖରେ କୋଟ ଟାଣି ଧରେ ନାହିଁ । ଏବେ ଘୋଡ଼ା ନ ଚଢ଼ିଲେ ମଧ୍ୟ ଆମେ ସେହି ପ୍ରକାରର ପଛକଟା କୋଟ ପିନ୍ଧୁଛୁ ।

## ବୋତାମ

ପୋଷାକରେ ବୋତାମ ଲାଗିବା ଗୋଟିଏ ଫେସନ ଭାବରେ ୩୦୦ ବର୍ଷ ଧରି ଚାଲିଆସିଛି । ଆଗରୁ ଫିତା ବା ସୂତା ଦ୍ୱାରା ପୋଷାକ ବନ୍ଧା ହେଉଥିଲା । ଏବେ ବି ବନ୍ଧା ହେଉଛି । ପୋଷାକର ଗୋଟିଏ ଅଂଶକୁ ଆଉ ଗୋଟିଏ ଅଂଶ ସହିତ ବାନ୍ଧି ରଖିବା ପାଇଁ ବୋତାମ ଦରକାର । ଏହି ଦରକାର ନ ଥାଇ ମଧ୍ୟ ଆମେ କେତେକ ପୋଷାକରେ ଏବେ ବି ବୋତାମ ବ୍ୟବହାର କରୁ । ଏହା ଆମ ଅଭ୍ୟାସର ଫଳ । ପୂର୍ବ କାଳରେ ଖରାପ ପାଗ ବା ଜୋର ପବନରୁ ରକ୍ଷା କରିବା ପାଇଁ ପୁରା ସାର୍ଟରେ ହାତ କଡଟି ପାଖରେ ବୋତାମ ଦିଆଯାଉଥିଲା । ଏବେ କଫ୍‌ଲିଙ୍କ୍ ଲଗାଯାଉଥିଲେ ମଧ୍ୟ ପୂରା କାମିଜର ହାତରେ ବୋତାମ ଘର (କାଜଘର) ଥାଏ ଓ ତା ପାଖରେ ଖାଲି ବୋତାମଟିଏ ଲଗାଯାଇଥାଏ । ଏହା ନଥିଲେ ଭଲ ସାର୍ଟ ବୋଲି କୁହାଯାଏ ନାହିଁ । କୋଟର ହାତରେ ଏବେ ବୋତାମ ଲଗାଇବା ଦରକାର ନାହିଁ । ତଥାପି କୌଣସି କୋଟର ହାତରେ ୩ଟି ଲେଖାଏଁ ବୋତାମ ଆଡ଼ିହୋଇ ଲଗାହୋଇ ନ ଥିଲେ ତାହା ଭଲ ଡିଜାଇନ୍‌ର କୋଟ ବୋଲି କୁହାଯିବ ନାହିଁ । ସଜେଇବା ବ୍ୟତୀତ ଏହି ବୋତାମର କାମ କିଛି ଅଛି କି ?

ପୁରୁଷର କାମିଜ ଓ ସ୍ତ୍ରୀର ବ୍ଲାଉଜରେ କିପରି ବୋତାମ ଲଗାଯାଏ, ସେ ବିଷୟରେ ଆମେ କେବେ ଲକ୍ଷ୍ୟ କରୁନାହୁଁ । ପୁରୁଷର ସାର୍ଟ ବା କୋଟରେ ଡାହାଣ ପାଖ ଭାଙ୍ଗ ଉପରେ ବାମ ପାଖ ଭାଙ୍ଗ ପଡ଼େ, କିନ୍ତୁ ସ୍ତ୍ରୀର ବ୍ଲାଉଜରେ ବାମପାଖ ଭାଙ୍ଗ ଉପରେ ଡାହାଣପାଖ ଭାଙ୍ଗପଡ଼େ । ପୁରୁଷ ଯାହା କରେ ସ୍ତ୍ରୀ କ୍ଷେତ୍ରରେ ତାହା ଓଲଟା ହେବ କାହିଁକି ? ଏଠାରେ ବ୍ୟାବହାରିକତା ବୋତାମର ସ୍ଥାନ ନିର୍ଣ୍ଣୟ କରିଛି । ଆଗେ ଥିଲାବାଲା ଲୋକେ କାମିଜ ପିନ୍ଧୁଥିଲେ ଏବଂ ଏହିମାନେ ହିଁ ଖଣ୍ଡା ତରବାରୀ ବ୍ୟବହାର କରୁଥିଲେ । ବାମ ଅଣ୍ଟାରେ ଥିବା ଖୋଳରୁ ତରବାରୀକୁ ଡାହାଣ ହାତରେ ହଠାତ୍ କାଢ଼ିନେଲେ, ଏହା କାମିଜରେ ଘଷି ହୋଇଯାଇପାରେ । ଯଦି ସାର୍ଟର ବୋତାମ ବାମ ଭାଙ୍ଗରେ ରହନ୍ତା ଖଣ୍ଡାର ମୁଠା ଅଂଶ ଲାଗି ସାର୍ଟ ଟାଣିବାରେ ଚିରିହୋଇ ଯାଆନ୍ତା: ଅନତଃ ଖଣ୍ଡାଟିକୁ ହଠାତ୍ କାଢ଼ିବାରେ କିଛି ସମୟ ବାଧା

ପଡ଼ିଯାଆନ୍ତା । ସେହିଭଳି ସ୍ତ୍ରୀ ଲୋକମାନଙ୍କ ବ୍ଲାଉଜ । ମାଆମାନେ ଛୁଆକୁ ଦୁଧ ଖୋଇବା ସମୟରେ ଛୁଆର ମୁଣ୍ଡକୁ ଡାହାଣ ହାତରେ ଧରିବାକୁ ସୁବିଧା ମନେକରନ୍ତି କାରଣ ଡାହାଣ ହାତର ଜୋର ବେଶୀ । ଏଣୁ ପିଲା ଡାହାଣ ପାଖ ସ୍ତନ ପ୍ରଥମେ ଖାଇବ, ଅର୍ଥାତ୍ ବ୍ଲାଉଜର ଡାହାଣ ଭାଗ ପ୍ରଥମେ ଖୋଲିବା ଦରକାର । ଏହି କାରଣରୁ ସ୍ତ୍ରୀମାନଙ୍କର ବ୍ଲାଉଜରେ ବାମଭାଗ ଉପରେ ଡାହାଣ ଭାଗ ରହିଆସିଛି ।

## ବଡ଼ଲୋକଙ୍କ ଉଦାହରଣ

ପ୍ରଥମ ମହାଯୁଦ୍ଧ ପରେ ଯେତେବେଳେ ଡ୍ୟୁକ୍ ଅଫ୍ ଉଇଣ୍ଡସର ଟ୍ରାଉଜର ତଳ ଅଂଶକୁ ଉପରକୁ ଭାଙ୍ଗି କରି ପିନ୍ଧିଲେ; ଲୋକେ ମଧ ମୋଡ଼ି ହେଉଥିବା ବା ଭାଙ୍ଗଥିବା ଟ୍ରାଉଜର ତାଙ୍କୁ ଦେଖି ପିନ୍ଧିଲେ । ପରେ ନଳୀଗୋଡ଼ ଟ୍ରାଉଜର ସାଇକେଲ ଚଢ଼ାଳିଙ୍କର ଦରକାର ହେବାରୁ ଟ୍ରାଉଜରରୁ ମୋଡ଼ ଉଠିଗଲା ଓ ପାଦଅଂଶ ଚିପା ହୋଇଗଲା । ଷଷ୍ଠ ଜର୍ଜ ହିଁ ଗଳାବନ୍ଧରେ (ଟାଇ) ପ୍ରଥମେ ଯେଉଁ ପ୍ରକାର ଗଣ୍ଠି ଆରମ୍ଭ କଲେ, ତାହା ପରେ ଉଇଣ୍ଡସର ନଟ୍ ନାମରେ ପ୍ରଚଳିତ ହେଲା । ୧୪ଶ ଲୁଇଙ୍କ ଗୋଡ଼ରେ ଫୁଲାବାତ ଥିବାରୁ ତାକୁ ଲୁଚାଇବା ପାଇଁ ସେ ଲମ୍ୱ କୋଟ ପିନ୍ଧିଥିଲେ । ତାଙ୍କୁ ଦେଖି ଗୋଡ଼ ଭଲଥିବା ପାରିଷଦ ବର୍ଗମାନେ ଲମ୍ୱା କୋଟ ତିଆରି କଲେ । କ୍ରିମିଆ ଯୁଦ୍ଧକ୍ଷେତ୍ରରେ ଲାଇଟ୍‌ବ୍ରିଗେଡ୍ ନାମକ ବାହିନୀର ସେନାପତି ''କାର୍ଡ଼ିଗାନର ୭ମ ଆର୍ଲ''ଙ୍କ ନାମାନୁସାରେ କାର୍ଡ଼ିଗାନ୍ ପୋଷାକ ନିର୍ମିତ ହୋଇଛି । ୧୮୪୦ ଦଶକରେ HMS Blazer ନାମକ ନୌଜାହାଜର କାପ୍‌ଟେନ୍ ଯେଉଁ ପୋଷାକ ନାବିକମାନଙ୍କ ପାଇଁ ଦରାଇଥିଲେ, ତାହାର ନାମ ଅନୁଯାୟୀ ବ୍ଲେଜର ହେଲା, ଏହା'ର ମାନେ ଆଜିକାଲିର ଉଜ୍ଜ୍ୱଳରଙ୍ଗର ପୋଷାକ (ବ୍ଲେଜର) ନୁହେଁ । ଆମେ ପ୍ୟାଣ୍ଟ ବା ଟ୍ରାଉଜରକୁ ଇସ୍ତ୍ରୀ ଦେଲାବେଳେ ଆଡ଼ଭାଗ ନ ଦେଇ ଗୋଡ଼ର ସାମନା ଓ ପଛଭାଗ ଦେଉ । ସପ୍ତମ ଏଡ୍‌ୱାର୍ଡ଼ ପ୍ରଥମେ ଏଭଳି ଇସ୍ତ୍ରୀକରା ଟ୍ରାଉଜର ପିନ୍ଧୁଥଲେ । ତାଙ୍କୁ ଦେଖି ଇଂରାଜୀ ଭାଷୀ ଲୋକେ ଏପରି ଇସ୍ତ୍ରୀ କରା ଟ୍ରାଉଜର ପିନ୍ଧିବା ଆରମ୍ଭ କଲେ ।

## ପର୍ଯ୍ୟଟନ ଓ ପୋଷାକ

ପର୍ଯ୍ୟଟକମାନେ ବା ଉପନିବେଶ ସ୍ଥାପନକାରୀମାନେ ପୋଷାକ ପତ୍ର ପରିବର୍ତ୍ତନରେ ବିଶେଷ ଭୂମିକା ଗ୍ରହଣ କରିଥାଆନ୍ତି । ଆମ ଉତ୍ତର ଭାରତର

ପାଇଜାମା ଏହି କାରଣରୁ ପୃଥିବୀର ସର୍ବତ୍ର ଦୈନନ୍ଦିନ ପୋଷାକ ହୋଇଗଲା । (ପାଇଜାମା ପର୍ସିଆନ ଶବ୍ଦ, ପାରସ୍ୟ ରାଜାଙ୍କ ଉଆସରେ ରାଣୀମାନେ ଯେଉଁ ଢିଲା କୁର୍ତ୍ତା ପିନ୍ଧୁଥିଲେ ତାକୁ ପାଇଜାମା କୁହାଯାଉଥିଲା ) ୧୬୦୦ ଖ୍ରୀଷ୍ଟାବ୍ଦରେ ଜର୍ସିଦ୍ୱୀପର ଲାଟ ଥିଲାବେଳେ ସାର ୱାଲଟର ରାଲେ ଇଂଲଣ୍ଡର ରାଣୀଙ୍କୁ ହାତବୁଣା ମୌଜା ଭେଟି ଦେଇଥିଲେ । ଖୁସି ହୋଇ ରାଣୀ ଜର୍ସି ଦ୍ୱୀପବାସୀଙ୍କୁ ଏହି ପ୍ରକାର ବୁଣା ବସ୍ତ୍ର ପାଇଁ ଲାଇସେନ୍‌ସ ଦେଇଥିଲେ । ସେହିଦିନୁ ସେହି ପ୍ରକାରର ହାତବୁଣା ପୋଷାକକୁ ଜର୍ସି କୁହାଯାଏ ।

## ଉତ୍ତରକାଳ ପୋଷାକ

ରାଜାରାଜୁଡ଼ାଙ୍କ ପ୍ରଭାବରେ ଯେପରି ପୋଷାକ ବଦଳୁଥିଲା ଅନେକ ଲୋକଙ୍କ ଯୋଗୁଁ ମଧ୍ୟ କେତେକ ପୋଷାକ ଫେସନରୁ ଚାଲିଯାଉଥିଲା । ଆପାତତଃ ପୋଷାକ ପୁରୁଣା ହୋଇଗଲେ ରାଜାମାନେ ଚାକରକୁ ଦେଇଦେଉଥିଲେ । ସେ ପ୍ରକାର ପୋଷାକ ଆଉ ପିନ୍ଧୁନଥିଲେ । ବିଭିନ୍ନ ଅନୁଷ୍ଠାନରେ ପିନ୍ଧାହେଉଥିବା ନିର୍ଦ୍ଦିଷ୍ଟ ପୋଷାକ ବା ଫର୍ମାଲ ଡ୍ରେସ ଏହି କାରଣରୁ ସାଧାରଣରେ ପିନ୍ଧାଯାଏ ନାହିଁ । ଇଂରେଜମାନଙ୍କୁ ଅନୁକରଣ କରି ଅଗଷ୍ଟ ୧୫ ବା ଜାନୁଆରୀ ୨୬ ତାରିଖରେ ଉଚ୍ଚ ପଦାଧିକାରୀମାନେ ଯେଉଁ ଟେକ ଟିପା କୋଟ ପିନ୍ଧନ୍ତି; ସେମାନେ ତାହା ଅନ୍ୟଦିନରେ ପିନ୍ଧନ୍ତି ନାହିଁ; କାରଣ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଏହି ପ୍ରକାର ପୋଷାକ ସବୁଦିନେ ପିନ୍ଧୁଛନ୍ତି ।

ଆଜିକାଲି ପୋଷାକରେ ପରିବର୍ତ୍ତନ ଆଣିବାକୁ ରାଜାରାଜୁଡ଼ାମାନେ ନାହାନ୍ତି । ସିନେମା ଅଭିନେତା ଅଭିନେତ୍ରୀ ବା ଲୋକପ୍ରିୟ ଚିତ୍ରତାରକାମାନେ ସେହି ଭୂମିକା ନେଇଛନ୍ତି । ଯୁବସମାଜ ସେହିମାନଙ୍କ ଅନୁକରଣରେ ବେଶପୋଷାକ ବଦଳାଇ ଚାଲିଛନ୍ତି । ସଭ୍ୟତା ଉନ୍ନତ ହେବା ସଙ୍ଗେ ସଙ୍ଗେ ମଣିଷ ଅନୁଭବ କରୁଛି ଯେ ଆଦିବାସୀମାନଙ୍କ ଭଳି ସ୍ୱଳ୍ପ ପରିଧାନ ଦେହକୁ ଭଲ । ଫଳରେ ଲୋକେ ସ୍ୱଳ୍ପରୁ ସ୍ୱଳ୍ପତର ପରିଧାନ ପିନ୍ଧି ଶରୀରର ଅଧିକରୁ ଅଧିକତର ଅଂଶ ପ୍ରଦର୍ଶନ କରିବାର ମନୋବୃତ୍ତି ଦେଖାଉଛନ୍ତି ।

●

# ଜନସଂଖ୍ୟା ବୃଦ୍ଧି

## ପରିଣାମ ଓ ପ୍ରତିକାର

### ସମସ୍ୟାର ଆକାର

ପ୍ରଥମ ଶତାବ୍ଦୀରେ ପୃଥିବୀର ଲୋକସଂଖ୍ୟା ଥିଲା ପ୍ରାୟ ୨୫ କୋଟି । ଏହା ଦୁଇଗୁଣ ହେବାପାଇଁ ୧୬୦୦ ବର୍ଷ ଲାଗିଗଲା । କିନ୍ତୁ ଏବେ ପୃଥିବୀରେ ଯେଉଁ ୩୦୦ କୋଟିରୁ ଊର୍ଦ୍ଧ୍ୱଲୋକ ବାସ କରୁଛନ୍ତି; ସେମାନେ ଦୁଇ ଗୁଣ ହେବାକୁ ୩୫ ବର୍ଷ ଲାଗିବ । ପ୍ରତି ୮ ବର୍ଷରେ ପୃଥିବୀର ଜନସଂଖ୍ୟା ୧୦୦ କୋଟି ଲେଖାଏଁ ବୃଦ୍ଧି ପାଉଥିବ । ଆଜି ଜନ୍ମ ହୋଇଥିବା ଛୁଆକୁ ୭୦ ବର୍ଷ ହେଲାବେଳକୁ ସେ ଦେଖିବ ପୃଥିବୀର ଲୋକସଂଖ୍ୟା ୧୫୦୦ କୋଟି ହୋଇଛି, ତା'ର ନାତି ଦେଖିବ ୬୦୦୦ । ଆଜିଠୁଁ ଛ'ଶହ ବର୍ଷପରେ ଭୂପୃଷ୍ଠରେ ପ୍ରତିବର୍ଗଫୁଟରେ ଜଣେ ଲେଖାଏଁ ଲୋକ ଠିଆ ହେବାକୁ ଜାଗା ପାଇବେ ।

ଏଗୁଡ଼ା କ'ଣ ସତ ? ଗଣନାରେ ସତ ସିନା; କିନ୍ତୁ ଭବିଷ୍ୟତର ଘଟଣାବଳି ଏହା କରାଇଦେବ ନାହିଁ । ଜନସଂଖ୍ୟା ନିୟନ୍ତ୍ରିତ ହୋଇ ନ ପାରେ ବ୍ୟାପକ ପରିମାଣରେ ଅନାହାର ମୃତ୍ୟୁ, ରାଜନୈତିକ ଗଣ୍ଡଗୋଳ ବା ମନୁଷ୍ୟକୃତ ବିପର୍ଯ୍ୟୟ ଘଟିବ । ପୃଥିବୀରେ ଜନସଂଖ୍ୟା ବୃଦ୍ଧିର ହାର ଶତକଡ଼ା ୨ । କେତେକ ଅନୁନ୍ନତ ଦେଶରେ ଏହି ହାର ୩% । ୧% ହାରରେ ବୃଦ୍ଧି ପାଉଥିବା ଜନତା ୭୦ ବର୍ଷରେ, ୨% ହାରରେ ବୃଦ୍ଧି ପାଉଥିବା ଜାତି ୩୫ ବର୍ଷରେ ଓ ୩% ହାରରେ ବୃଦ୍ଧି ପାଉଥିବା ଜାତି ୨୦ ବର୍ଷରେ ଦୁଇଗୁଣ ହୋଇଯିବ ।

### ମାଲ୍ଥସଙ୍କ ତତ୍ତ୍ୱ

୧୮ଶ ଶତାବ୍ଦୀର ଇଂରେଜ ପାଦ୍ରୀ ରବର୍ଟ ମାଲଥସ୍ କହିଥିଲେ, ମଣିଷର ଯୌନସମ୍ଭୋଗସ୍ପୃହା ଏତେ ବେଶି ଯେ ସମସ୍ତଙ୍କୁ ଖାଇବାକୁ ମିଳିଥିବା ପର୍ଯ୍ୟନ୍ତ ଜନସଂଖ୍ୟା ବଢ଼ିଚାଲିଥିବ । ମାଲ୍ଥସ୍ ତାଙ୍କ ଜନସଂଖ୍ୟାରୀତି (Principle of

Population) ରେ କହିଥିଲେ, ''ପୃଥିବୀର ଖାଦ୍ୟଉତ୍ପାଦିକାଶକ୍ତିଠାରୁ ମଣିଷର ପ୍ରଜନନ କରିବା ଶକ୍ତି ବହୁ ପରିମାଣରେ ଅଧିକ । ତେଣୁ ଜୀବିକାନିର୍ବାହର କଠିନତା ଚିରକାଳପାଇଁ ଜନସଂଖ୍ୟା ବୃଦ୍ଧିର ଗୋଟିଏ ଶକ୍ତିଶାଳୀ ପ୍ରତିବନ୍ଧକ ହୋଇ ରହିବ ।'' ଜନସଂଖ୍ୟାବୃଦ୍ଧି ସାଙ୍ଗକୁ ଦୁର୍ଭିକ୍ଷ, ରୋଗ ଆଦି ପ୍ରାକୃତିକ ବ୍ୟବସ୍ଥା ଲାଗିରହିଥିବ । ମାଲ୍‌ଥସ୍ ତାଙ୍କର ଏପ୍ରକାର ଯୁକ୍ତିକୁ ପରେ ବଦଳାଇଥିଲେ । ଜନସଂଖ୍ୟା ବୃଦ୍ଧିରେ ମନୁଷ୍ୟର ପଶୁପ୍ରବୃତ୍ତି ଯେତେଦୂର କାମ କରେ, ଏହାକୁ ରୋକିବାରେ ମନୁଷ୍ୟର 'ନୈତିକ ବାଧା' (Principle of Moral Restraint) ତେତିକି କାମ କରେ । ମନୁଷ୍ୟର ଜନ୍ମଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତରଯୁଗରୁ ଆଜିପର୍ଯ୍ୟନ୍ତ ବିଭିନ୍ନ ସମାଜ ତଥା ବ୍ୟକ୍ତିବିଶେଷ ବିଭିନ୍ନ ପ୍ରକାର ପ୍ରଥା, ବିଶ୍ୱାସ, ରୀତି ବା ସଂସ୍କାର (କୁସଂସ୍କାର ବି) ପାଳିଆସିଛନ୍ତି । ତଥାପି ଖାଦ୍ୟ ସନ୍ଧାନର ସୁବିଧା ଉପରେ ନିର୍ଭର କରି ଲୋକସଂଖ୍ୟା ବୃଦ୍ଧି ପାଇଛି । ବଣଜଙ୍ଗଲରେ ପ୍ରତି ବର୍ଗ କିଲୋମିଟରରେ ଯେତେ ଲୋକ ବଞ୍ଚିପାରୁଥିଲେ, ୮୦୦୦ ବର୍ଷତଳେ କୃଷି ଉଦ୍ଭାବନ ପରେ ତେତିକି ଜମିରେ ଶହେ ଗୁଣ ଲୋକ ଚଳିପାରିଲେ । ୩୦୦ ବର୍ଷତଳେ ଶିଳ୍ପ ତଥା କୃଷି ବିପ୍ଳବ ଜନସଂଖ୍ୟାକୁ ଆହୁରି ବଢ଼ାଇଦେଲା । ମଣିଷ ପରିସ୍ଥିତିକୁ ବଦଳାଇ ଖାଦ୍ୟସମ୍ଭାବନାକୁ ବଢ଼ାଇବା ସଙ୍ଗେ ସଙ୍ଗେ ନିଜର ସଂଖ୍ୟା ମଧ୍ୟ ତଦନୁପାତରେ ବଢ଼ାଇଲା । ନୂଆପ୍ରକାରର ଖାଦ୍ୟ ଆବିଷ୍କାର ମଧ୍ୟ ଜନସଂଖ୍ୟା ବଢ଼ାଇଲା । ୧୭୫୦ରେ ଆୟରଲାଣ୍ଡ୍‌ରେ ଧଳା ଆଳୁ ଚାଷ ଆରମ୍ଭ ହେଲା । ଶହେ ବର୍ଷ ଭିତରେ ଆୟରଲାଣ୍ଡ୍‌ର ଲୋକସଂଖ୍ୟା ୩ ଗୁଣରୁ ବେଶି ହୋଇଗଲା । ମକା, ମିଠାଆଳୁ ଆଦି ବ୍ୟାପକ ଚାଷହେବାରୁ ୧୬ଶ ଶତାବ୍ଦୀରେ ଚୀନର ଲୋକସଂଖ୍ୟା ଖୁବ୍ ବଢ଼ିଗଲା । ଏବେ ମୃତ୍ୟୁହାର କମିଯିବାରୁ ଲୋକସଂଖ୍ୟାବୃଦ୍ଧି ବେଶି ବାଧୁଛି । ୧୯୨୦ରେ ଆମ ଦେଶରେ ନବଜାତ ଶିଶୁର ବଞ୍ଚିବାର ଆଶା ଯେତେ ଥିଲା ୨୦୦୦ ବର୍ଷତଳର ଅଗଷ୍ଟସଙ୍କ ରାଜତ୍ୱର ରୋମାନ ଶିଶୁର ବଞ୍ଚିବାର ଆଶା ତେତିକି ଥିଲା; କିନ୍ତୁ ୧୯୭୦ ବେଳକୁ ସାଧାରଣ ଜୀବନକାଳ ୫୦ ବର୍ଷକୁ ବଢ଼ିଆସିଲା । ଏହାର କାରଣ, ମୃତ୍ୟୁହାର କମିଯାଇଛି । ଗାଁରେ ନୂଆ କୂଅ ନିରାପଦ ପାନୀୟ ଜଳ ଯୋଗାଉଛି, ଅଧିକ ପରିମାଣରେ ସ୍ୱାସ୍ଥ୍ୟ-ରକ୍ଷା ସୁବିଧା ମିଳୁଛି, ଜୀବାଣୁନିରୋଧକ (Antibiotic) ଔଷଧ ମିଳୁଛି । ବିଷାଣୁଜନିତ (Viral) ରୋଗର ପ୍ରତିରୋଧକ ବ୍ୟବସ୍ଥା ହେଉଛି ।

## ପ୍ରତିକାର

ଲୋକସଂଖ୍ୟା ବଢ଼ିଚାଲିଛି; ମାତ୍ର ଖାଦ୍ୟଉତ୍ପାଦନ ତଦନୁପାତରେ ବଢୁନାହିଁ । ପୃଥିବୀର ସମ୍ପଦ ଅସୀମ ନୁହେଁ । ତେଣୁ ଜନସଂଖ୍ୟା ନିୟନ୍ତ୍ରିତ ନ ହେଲେ ଅନାହାରମୃତ୍ୟୁ ହେବ ବା ରାଜନୈତିକ ଅସ୍ଥିରତା ଦେଖାଦେବ । ଯଦି ଏଦୁଇଟି ନ ଘଟିବା ଆମେ ଚାହୁଁ; ତେବେ ରାଷ୍ଟ୍ରମାନେ ନିଜର ଜନସଂଖ୍ୟା ସୀମିତ କରିବା ଉଚିତ । ଜନ ସଂଖ୍ୟାର ନିୟନ୍ତ୍ରଣ ତିନୋଟି ଉପାୟରେ ହୋଇପାରେ - (୧) ମୃତ୍ୟୁହାର ବଢ଼ାଇବା, (୨) ଅନ୍ୟ ଦେଶକୁ ଲୋକ ପଠାଇଦେବା ବା (୩) ଜନ୍ମହାର କମାଇବା ।

ପ୍ରଥମ ପ୍ରସ୍ତାବ ସପକ୍ଷରେ କେହି ନାହିଁ । ଅପରପକ୍ଷରେ ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମ ଯୋଗୁ ମୃତ୍ୟୁହାର କମିବାରେ ଲାଗିଛି । ଦ୍ୱିତୀୟ ପ୍ରସ୍ତାବ ଯଥେଷ୍ଟ ସମାଧାନଯୋଗ୍ୟ ନୁହେଁ । ନିଜ ଦେଶରେ ଜନସଂଖ୍ୟା ଭବିଷ୍ୟତରେ ବଢ଼ିବ ଏହି ଚିନ୍ତାନେଇ କୌଣସି ସରକାର ପ୍ରବାସୀ ଲୋକଙ୍କୁ ଗ୍ରହଣ କରିବ ନାହିଁ । ପୁଣି ପୃଥିବୀଯାକ ତ ଏହି ସମସ୍ୟା । ଦେଶ ଦେଶ ଭିତରେ ସମାଧାନ ଆସିବ କେଉଁଠି ? କେତେକ ବୈଜ୍ଞାନିକ କହନ୍ତି ଯେ ସୌରଜଗତର ଅନ୍ୟଗ୍ରହରେ ବା ପୃଥିବୀର କୃତ୍ରିମ ଉପଗ୍ରହ ସୃଷ୍ଟି କରି ଜନବସତି ତିଆରି କରାଯାଉ । ସେଠାରେ ଉକ୍ତ ଗ୍ରହର ବା ଚନ୍ଦ୍ରପୃଷ୍ଠର ଖଣିଜପଦାର୍ଥ ଆଦି ବ୍ୟବହାର କରି ଲୋକେ ଖୁସିରେ ରହିପାରିବେ- ଖାଦ୍ୟଶସ୍ୟ କୃତ୍ରିମ ଉପାୟରେ ତିଆରିକରିନେବେ । ଏ ତ ସୁଦୂର ଭବିଷ୍ୟତର କଥା । ଏବେ କ'ଣ କରାଯିବ । ପୁଣି ମହାକାଶରେ ଜନବସତି ତିଆରି କଲାପରେ ବି ନିର୍ଦ୍ଦିଷ୍ଟ ସଂଖ୍ୟକ ଲୋକେ ସେଠାକୁ ଯାଇପାରିବେ । ଜନ୍ମସଂଖ୍ୟା ବୃଦ୍ଧିହାର ସହିତ ତାଳ ରଖି ନୂଆ ସ୍ଥାନ ନପାଇଲେ ଆମ ସମସ୍ୟାର ପୂର୍ଣ୍ଣ ସମାଧାନ କାହିଁ ? ଏଣୁ ଆମପାଖରେ ରହିଲା- ତୃତୀୟ ପ୍ରସ୍ତାବ- ଜନ୍ମହାର କମାଇବା । ଏହା ସହଜ ନୁହେଁ; କିନ୍ତୁ ସମ୍ଭବ । ପୁଣି ଏବକାର ଜନ୍ମହାର ଚାଲୁ ରହିଲେ ଯେଉଁ ପରିଣତି ହେବ, ତାହା ସ୍ପୃହଣୀୟ ନୁହେଁ ।

## ଖାଦ୍ୟାଭାବର ପ୍ରଭାବ

୩୦ ବର୍ଷତଳେ ମୁଣ୍ଡପିଛା ଯେତେ ଖାଇବାକୁ ମିଳୁଥିଲା, ଏବେ ମିଳୁନାହିଁ । ଯେତେ ପରିମାଣରେ ଉତ୍ପାଦନ ବଢୁଛି, ଲୋକସଂଖ୍ୟା ତାଠାରୁ ଅଧିକ ପରିମାଣରେ ବଢୁଛି; ଅନାହାରରେ ବହୁତ ଲୋକ ମରୁଛନ୍ତି । ପିଲାଙ୍କ ଭିତରେ ମରିବା ସଂଖ୍ୟା

ବେଶି । ଯେଉଁମାନେ ମଲେ, ବୋଧହୁଏ ଭଲ କଲେ, ଯେଉଁ ପିଲାମାନେ ପୁଷ୍ଟିକର ଖାଦ୍ୟ ପାଉନାହାନ୍ତି କି ଅନାହାରରେ ମରୁ ନାହାନ୍ତି, ସେମାନଙ୍କ ବଞ୍ଚିବା ମରଣଠାରୁ ଯନ୍ତ୍ରଣାଦାୟକ । ଜୀବନର ପ୍ରଥମ ୪ବର୍ଷରେ ମସ୍ତିଷ୍କର ୯୦% ସ୍ୱାଭାବିକ ବୃଦ୍ଧି ଘଟିଥାଏ । ପୁଷ୍ଟିକର ଖାଦ୍ୟ ଅଭାବ ହେଲେ ମସ୍ତିଷ୍କର ସ୍ୱାଭାବିକ କାର୍ଯ୍ୟ ୨୫% ପର୍ଯ୍ୟନ୍ତ କମିଯାଏ । ସାଧାରଣତଃ ମସ୍ତିଷ୍କଶକ୍ତିର ୧୦% କମ୍ କାମ କରୁଥିବା ଲୋକଙ୍କୁ ଆମେ ଅକ୍ଷମ (ବୁଦ୍ଧ- retarded) ଶ୍ରେଣୀର ଗଣୁ । ଏପ୍ରକାର ଅକ୍ଷମ ପିଲାଏ ବୟସ୍କ ହୋଇ ପରିବାର ଗଢ଼ିଲେ ବଂଶ ପରମ୍ପରାକ୍ରମେ ମାନସିକ ଅକ୍ଷମତା ଗଡ଼ିଚାଲିବ । ମାନ୍ଦାବୁଦ୍ଧି ଥିବା ପିତାମାତା ପିଲାର ଅଭାବ-ଅସୁବିଧା ବା ଖାଦ୍ୟ ଅଭାବ ବୁଝିପାରିବେ ନାହିଁ କି ଏହା ସୁଧାରିବା ଚିନ୍ତାକରି ପାରିବେ ନାହିଁ । ଅନାହାର ବା ଅପୁଷ୍ଟିକର ଖାଦ୍ୟ ଏପ୍ରକାର ଏକ ନିତିଦିନିଆ ପରିସ୍ଥିତି (chain reaction) ସୃଷ୍ଟି କରିବ- ସମଗ୍ର ସମାଜର କ୍ଷମତାକୁ ଅଧୋଗତି କରାଇବ ।

## ବେଶୀ ପିଲା, ଫଳ

ଦୁନିଆରେ ଜନ୍ମ ହେଉଥିବା ପ୍ରତି ପିଲାପାଇଁ ଖାଦ୍ୟ, ପୋଷାକ, ଡାକ୍ତରୀ ସେବା ଓ ନ୍ୟୂନତମ ଶିକ୍ଷାସୁଯୋଗ ଦରକାର । ଅଥଚ ୧୫ବର୍ଷ ପର୍ଯ୍ୟନ୍ତ ପିଲାମାନେ ଜାତୀୟ ଆୟ ବା ଅର୍ଥନୀତିକୁ କିଛି ଦାନ କରିପାରିବେ ନାହିଁ । ଅଧିକରୁ ଅଧିକ ସ୍କୁଲ, କଲେଜ, ଅଧିକତର ଶିକ୍ଷକ; ବୈଷୟିକ ଅନୁଷ୍ଠାନ ଆଦି ଯୋଗାଇବାକୁ ପଡ଼ିବ । ଯଦି ସେମାନେ ଶିକ୍ଷା ପାଇଲେ; ସେମାନଙ୍କ ସଂଖ୍ୟା ଏତେ ବେଶୀ ହେବ ଯେ ଶିକ୍ଷାର ଗୁଣାତ୍ମକ ମୂଲ୍ୟ ମିଳିବ ନାହିଁ । ଆଜି ଯେପରି ଘଟୁଛି, ତାଠାରୁ ବେଶି ବୟସ୍କ ଲୋକେ ବେକାର ହୋଇ ବସିବେ ବା କ୍ଷମତା ତୁଳନାରେ କମ୍ କାମ ପାଇବେ । ଜାତୀୟ ଆୟ ବଢ଼ିବା ପରିବର୍ତ୍ତେ କମି କମି ଚାଲିବ । ଗୋଦଡ଼ା ଯେତେ କୋଡ଼ିବ, ସେତେ ମାଡ଼ିବ ।

ଏ ତ ହେଲା ଜାତୀୟ ଜୀବନ । ପାରିବାରିକ କ୍ଷେତ୍ରରେ ମଧ୍ୟ ସେହି ଫଳ । ବେଶି ପିଲା ସମ୍ଭାଳି ନପାରି କେତେ ପରିବାର ଲୁଚାଇଛପାଇ ଗର୍ଭପାତ କରନ୍ତି । ସଙ୍ଗଠିତଭାବରେ ଡାକ୍ତରୀ ସେବା ମାଧ୍ୟମରେ ଗର୍ଭପାତ କରାଇବା ଅନୁଚିତ କାହିଁକି ହେବ ? ଅଧିକନ୍ତୁ ଯଦି ପ୍ରତିରୋଧକ ବ୍ୟବସ୍ଥା ନେଇହେବ, ତେବେ ପରିବାର ନିୟନ୍ତ୍ରଣପାଇଁ ଗର୍ଭପାତ କରାଇବା ଆବଶ୍ୟକ ହେବ ନାହିଁ ।

## ଲୋକଶକ୍ତି

ଆଗେ ଧାରଣା ଥିଲା ଯେ ବେଶି ଲୋକ ହେଲେ ଜାତିର ମର୍ଯ୍ୟାଦା ବଢ଼ିବ, ଭଲ ସାମରିକ ଶକ୍ତି ଗଢ଼ିଉଠିବ, ଘରୋଇ ବାଣିଜ୍ୟ ଫଳପ୍ରଦ ହେବ, ବେଶି ଶସ୍ତା ଶ୍ରମିକ ମିଳିବେ ଇତ୍ୟାଦି । ଅନୁନ୍ନତ ଦେଶମାନେ ବୁଝିଲେଣି ଏସବୁ ଆଶା ନିରର୍ଥକ । ଘରୋଇ ବାଣିଜ୍ୟ ଅସନ୍ତୁଷ୍ଟ ଉତ୍ପାଦନକାରୀମାନଙ୍କ ମେଳି ହେଉଛି, ଲୋକଙ୍କ କିଣିବା ଶକ୍ତି କମି ଯାଉଥିବାରୁ ଜୀବନଧାରଣର ମାନ କମିଯାଉଅଛି, ଶସ୍ତା ଶ୍ରମିକର ଦକ୍ଷତା ଆନ୍ତର୍ଜାତିକ ବଜାରରେ ପସନ୍ଦ ହେଉନାହିଁ, ଅପରନ୍ତୁ ଲୋକ ସଂଖ୍ୟା ବୃଦ୍ଧି ଦେଶରେ ଦାରିଦ୍ର୍ୟ ବଢ଼ାଉଛି । ଦେଶରେ ଆର୍ଥିକ ଉନ୍ନତିର ହାର ଅକ୍ଷୁଣ୍ଣ ରଖିବାକୁ ହେଲେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ପଡ଼ିବ ଅର୍ଥାତ୍ ବ୍ୟକ୍ତିର ପରିବାର ନିୟନ୍ତ୍ରଣ କରିବାକୁ ହେବ ।

ଏଥିପାଇଁ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ- ସେମାନେ ହିଁ କହିବେ ତାଙ୍କ ପରିବାରର ଆକାର କେତେ ବଡ଼ ହେବା ଉଚିତ । ଏପରି ନିଷ୍ପତ୍ତି ନେବାପାଇଁ ସେମାନଙ୍କୁ ତଥ୍ୟ ଯୋଗାଇବା ସରକାରଙ୍କ କର୍ତ୍ତବ୍ୟ । ନିଜର ଆୟ ଅନୁଯାୟୀ କେତୋଟି ପିଲା ଭଲଭାବେ ସମ୍ଭାଳିହେବ, ସ୍ତ୍ରୀର ସ୍ୱାସ୍ଥ୍ୟକୁ ଲକ୍ଷ୍ୟ ରଖି କେତୋଟିରୁ ବେଶି ପିଲା ହେବା ଉଚିତ ନୁହେଁ, ଜାତିର ତଥା ରାଷ୍ଟ୍ରର ସ୍ୱାର୍ଥ ବା ଆର୍ଥିକ ଉନ୍ନତିପ୍ରତି ଲକ୍ଷ୍ୟ ରଖି ପ୍ରତି ପରିବାରରେ ହାରାହାରି କେତେ ଜନ୍ମହାର ହେବା ଉଚିତ- ଏସବୁ ବିଷୟରେ ପ୍ରତି ପିତାମାତାଙ୍କୁ ତଥ୍ୟ ଯୋଗାଇବାକୁ ପଡ଼ିବ ଏବଂ ପରିବାର ନିୟନ୍ତ୍ରଣକୁ ସଫଳ କରିବାକୁ ସଙ୍ଗଠିତ ବ୍ୟବସ୍ଥା ଲୋକଙ୍କ ହାତପାଆନ୍ତାରେ ଯୋଗାଇବାକୁ ପଡ଼ିବ । ଆଜିକାଲି ପ୍ରତି ଅନୁନ୍ନତ ତଥା ଉନ୍ନତିଶୀଳ ରାଷ୍ଟ୍ର ଏପ୍ରକାର ବ୍ୟବସ୍ଥା ଗ୍ରହଣ କଲେଣି । ପିତାମାତାଙ୍କୁ ବୁଝାଇବାରେ ଅଧିକ ଯତ୍ନଶୀଳ ହେବା ପ୍ରତି ରାଷ୍ଟ୍ର ପକ୍ଷରେ କର୍ତ୍ତବ୍ୟ ।

ଏହା ଛଡ଼ା ରାଷ୍ଟ୍ର ବା ସରକାରଙ୍କ ତରଫରୁ କେତେଗୁଡ଼ିଏ କାର୍ଯ୍ୟକ୍ରମ ନେବାକୁ ପଡ଼ିବ– ଯାହାର ପ୍ରଭାବ ପରିବାର ନିୟନ୍ତ୍ରଣ ଯୋଜନାକୁ ଆଗେଇନେବ ।

## ଆଧୁନିକ ସୁବିଧା ସୁଯୋଗ (୧) ଶିକ୍ଷା

ଆଧୁନିକ ସାମାଜିକ ତଥା ଅର୍ଥନୈତିକ ସେବା- ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କର୍ମଯୋଗାଣ, ପୁଞ୍ଜିଯୋଗାଣ ଆଦି ମିଳିଲେ ଅନୁନ୍ନତ ଦେଶମାନଙ୍କରେ ମଧ୍ୟ

ଜନ୍ମହାର କମିପାରିବ । ଶ୍ରୀଲଙ୍କା, ଉରୁଗୁଏ, କ୍ୟୁବା ଆଦି ଦେଶକୁ ଛାଡ଼ିଦେଲେ ଆମ ଦେଶର ପଞ୍ଜାବ ରାଜ୍ୟରେ ଏହାର ପ୍ରମାଣ ଦେଖାଦେଇଛି । ଖୁବ୍ ଧନୀ ହେଲେ ପରିବାର ଆପେ ଆପେ ଛୋଟ ହୋଇଯିବ- ଏ ଧାରଣା ଯେମିତି ସତ, ଗରିବ ଲୋକ ଆଧୁନିକ ସୁବିଧାସୁଯୋଗ ପାଇଲେ ଯେ ନିଜର ପରିବାରକୁ ସୀମିତ କରିବ ଏ ଧାରଣା ସେମିତି ପ୍ରମାଣିତ ହେଲାଣି । ଶିକ୍ଷାର ପ୍ରସାର ଘଟିଲେ ପରିବାର ନିୟନ୍ତ୍ରଣର ପ୍ରଚାର ଆପେ ଆପେ ହୋଇଯିବ । ଶିକ୍ଷାଯୋଗୁ ଆଶାଆକାଙ୍‌କ୍ଷା ବଢ଼ିବ । ଏହି ଆକାଙ୍‌କ୍ଷା ପୂରଣ କରିବାକୁ ରୋଜଗାର ବେଶୀ ଅର୍ଥାତ୍ ଖର୍ଚ୍ଚ କମ୍ ଦରକାର । ତେଣୁ ପରିବାର ନିୟନ୍ତ୍ରଣ ଆପେ ଆପେ ହୋଇଯାଏ । ପାଶ୍ଚାତ୍ୟ ଦେଶରେ ଏଥିପାଇଁ ନବଦମ୍ପତିମାନେ ପ୍ରଥମେ ପଚାରନ୍ତି, ଏବେ ଗାଡ଼ିଟିଏ ଚାହିଁବି ନା ଛୁଆଟିଏ ଚାହିଁବି ? ଗାଡ଼ିଟି ଆଗେ ଦରକାର ବୋଲି ପିଲାଜନ୍ମ ପଛକୁ ଘୁଞ୍ଚିଯାଏ * । ଏପ୍ରକାରର ଅବସ୍ଥା ଆମ ଦେଶରେ ଆସିବାକୁ ଶିକ୍ଷା ଦରକାର, କୁସଂସ୍କାର ଦୂର ହେବା ଦରକାର । ପୁଅଟିଏ ନ ହେଲେ ନରକକୁ ଯିବି, ତେଣୁ ଛଅଟି ଝିଅ ପରେ କାଳେ ପୁଅ ହେବ ବୋଲି ଆଉ ଗୋଟିଏ ଛୁଆ ଦରକାର, ଏ କଥା ଭାବିବା କେବଳ ଆମ ଦେଶରେ ସମ୍ଭବ । ଏ କୁସଂସ୍କାରକୁ ଦୂରେଇବାକୁ ପଡ଼ିବ । ପ୍ରତିପରିବାରରେ ଏପରି ଯେଉଁ ଚିନ୍ତାଧାରା ବା ସଂସ୍କାର ବଦ୍ଧମୂଳ ହୋଇ ପରିବାରର ଆକାର ନିୟନ୍ତ୍ରଣ କରୁଛି, ସେସବୁକୁ ବଦଳାଇବାକୁ ଶିକ୍ଷା ଦରକାର ।

## (୨) ସ୍ୱାସ୍ଥ୍ୟସେବା

ଶିକ୍ଷା ସାଙ୍ଗକୁ ସ୍ୱାସ୍ଥ୍ୟସେବା ଦରକାର । ଏଥିପାଇଁ ବେଶିଗୁଡ଼ିଏ ନଗରାଞ୍ଚଳରେ ବଡ଼ ବଡ଼ ଡାକ୍ତରଖାନା ହେଲେ ଚଳିବ ନାହିଁ । ପ୍ରତି ଗ୍ରାମରେ ଯଦି ତାଲିମପ୍ରାପ୍ତ ଡାକ୍ତର ମିଳନ୍ତି ବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ସ୍ୱାସ୍ଥ୍ୟସେବା ମିଳେ, ଲୋକଙ୍କ ବଞ୍ଚିବାର ଆଶା ବଢ଼ିଯିବ, ତେଣୁ ଜନ୍ମହାର କମିଯିବ । ତୁରସ୍କ ଦେଶରେ ବଡ଼ ବଡ଼ ହସପିଟାଲରେ ଯେତେ ଖର୍ଚ୍ଚ ହେଉଛି ଶ୍ରୀଲଙ୍କାରେ ଗାଁଗହଳର ଡାକ୍ତରଖାନାରେ ତଦନୁପାତରେ ଖର୍ଚ୍ଚ ହେଉଛି । କିନ୍ତୁ ପାଶ୍ଚାତ୍ୟ ଆଦର୍ଶରେ ଚାଲୁଥିବା ତୁରସ୍କରେ ଜନ୍ମହାର ଶ୍ରୀଲଙ୍କାର ଜନ୍ମହାରଠାରୁ ଖୁବ୍ ବେଶି । ଶିଶୁମୃତ୍ୟୁ ହେବ ନାହିଁ ବୋଲି

* ସମ୍ପ୍ରତି ଗୋଟିଏ ଆମେରିକୀୟ ଦମ୍ପତି ସେମାନଙ୍କର ୧୦ ମାସର ପୁଅକୁ ଗୋଟିଏ ୮୦୦ ଡଲାର ମୂଲ୍ୟର ବ୍ୟବହାର ହୋଇଥିବା ଗାଡ଼ି ବଦଳରେ ବିକି ଦେଇଛନ୍ତି ।

ଲୋକଙ୍କର ଧାରଣା ଜନ୍ମିଲେ ଜନ୍ମ-ହାର ଆପେ ଆପେ କମିଯିବ । ଏଥିପାଇଁ ଦରକାର ଗାଁଗହଳିରେ ସର୍ବନ୍ୟୂନ ସ୍ୱାସ୍ଥ୍ୟରକ୍ଷା ପୂରଣ କରିବାକୁ ଡାକ୍ତରଖାନା ଓ ଡାକ୍ତର ।

## (୩) ସାମାଜିକ ନ୍ୟାୟ

ଦାରିଦ୍ର୍ୟ ସହିତ ବଡ଼ ପରିବାରର ସମ୍ପର୍କ ଖୁବ୍ ବେଶୀ । ଗରିବଘରେ ଶିଶୁ ମୃତ୍ୟୁହାର ବେଶୀ, ତେଣୁ ଅଳ୍ପ କେତେ ଜଣ ବଞ୍ଚିରହିବେ ଆଶା କରି ପିତାମାତା ବେଶୀ ପିଲା ଜନ୍ମ କରନ୍ତି । ଏହାର ପ୍ରତିକାର ହେଉଛି ସାମାଜିକ ନ୍ୟାୟ । ଉନ୍ନୟନ ଯୋଜନା ଏହି ଦିଗରେ ଆଗେଇବା ଉଚିତ । ତାଇୱାନ (ଫର୍ମୋଜା) ଉଦାହରଣ ଏବିଷୟରେ ବୁଝିବାକୁ ସହଜ ହେବ । ଭୂସଂସ୍କାର ଫଳରେ ବ୍ୟକ୍ତିଗତ ଜମିମାଲିକାନାର ସର୍ବୋଚ୍ଚ ସୀମା ୭.୫ ଏକର; ହାରାହାରି ବ୍ୟକ୍ତିଗତ କୃଷିଜମିର ପରିମାଣ ୨.୨ ଏକର । ଚାଷପାଇଁ ଋଣ, କୃଷିଜ ଦ୍ରବ୍ୟ ବିକ୍ରି ପାଇଁ ବଜାର ଓ ଉନ୍ନତ ଧରଣର କୃଷି ପ୍ରଣାଳୀ- ଏସବୁ ତାଇୱାନ୍‌ରେ ମିଳୁଛି । ଫଳରେ ଛୋଟ ଚାଷୀ ନୂଆ ଫସଲ କରି ଜାତୀୟ ଉତ୍ପାଦନକୁ ଗତ ୨୦ ବର୍ଷ ଭିତରେ ଦୁଇ ଗୁଣ କରିପାରିଛନ୍ତି, ବେଶୀ ଲୋକଙ୍କୁ କାମ ଯୋଗାଇଛନ୍ତି । ଗାଁ ଗହଳିରେ ହାରାହାରି ଆୟ ପ୍ରାୟ ସମାନଭାବରେ ବଣ୍ଟାଯାଇଛି; ସ୍ୱାସ୍ଥ୍ୟସେବା ଗାଁଗହଳିରେ ମିଳୁଛି, ପ୍ରତି ଗାଁରେ ପ୍ରାଥମିକ ଶିକ୍ଷା ମିଳୁଛି । ତାଇୱାନରେ ୧୯୫୨ ମସିହାରେ ଜନ୍ମହାର ଥିଲା ୧୦୦୦ ଲୋକରେ ୪୯, ତାହା ୧୯୬୩ରେ ୩୧କୁ କମିଗଲା । ୧୯୭୦ରେ ୧୦୦୦ରେ ୨୬କୁ କମି ଆସିଅଛି । ଏପରି ବହୁମୁଖୀ ଯୋଜନାଫଳରେ ସାମାଜିକ ନ୍ୟାୟ ଯେଉଁ ଦେଶରେ ଅଣାଯାଇ ନାହିଁ, ସେଠାରେ ଜନ୍ମହାର ବି କମି ନାହିଁ । ଏହା ନ ହେଲେ ସବୁଜ ବିପ୍ଳବ ବଡ଼ ଧନୀ ଚାଷୀଙ୍କୁ ଆହୁରି ଧନୀ କରିଦେବ, କିନ୍ତୁ ଭୂମିହୀନ ଶ୍ରମିକଙ୍କ ସଂଖ୍ୟା ବଢ଼ିଚାଲିବ । ତେଣୁ ଜନ୍ମହାର ମଧ୍ୟ ବଢ଼ିଚାଲିବ । ଜମିର ସୁଷମ ବଣ୍ଟନ ଦ୍ୱାରା ଯଦି ଆମ ଦେଶରେ ମଫସଲ ଅଞ୍ଚଳରେ ଶତକଡ଼ା ୨୦ ଭାଗ ବେକାର ରହୁଥିବା ଶ୍ରମିକମାନଙ୍କୁ ଶ୍ରମଭିତ୍ତିକ କୃଷି କାର୍ଯ୍ୟରେ ଲଗାଯାଇପାରନ୍ତା, ଜାତୀୟ ଉତ୍ପାଦନ ବଢ଼ନ୍ତା । ମୌଳିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଲେ ସେମାନେ ଜାତୀୟ ଉତ୍ପାଦନକୁ ଆହୁରି ବଢ଼ାଇଦିଅନ୍ତେ । ଗାଁ- ଗହଳିରେ ଛୋଟ ପରିବାର ଗଢ଼ିବାରେ ଆପେ ଆପେ ଆବହାୱା ସୃଷ୍ଟି ହୁଅନ୍ତା ।

## (୪) ପରିବାର ନିୟନ୍ତ୍ରଣ

ପରିବାର ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କଲାବେଳେ ଦେଖିବାକୁ ହେବ ଯେ ଆମେ ଯେପରି ପାଶ୍ଚାତ୍ୟ ପଦ୍ଧତିକୁ ଅନ୍ଧଭାବରେ ଅନୁକରଣ ନ କରୁ । ଶ୍ରୀଲଙ୍କା, ଫର୍ମୋଜା (ତାଇୱାନ୍) ଓ ଚୀନଭଳି ବିଭିନ୍ନ ଆଦର୍ଶ ଦେଶରେ ଏହି ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ କିପରି ସଫଳ ହୋଇଛି, ଅନୁଧ୍ୟାନ କଲେ ଜଣାଯିବ ଯେ ସ୍ଥାନୀୟ ପରିସ୍ଥିତିକୁ ସୁହାଇଲାଭଳି ଯୋଜନା ଗଢ଼ିଲେ ଏହା ସଫଳ ହେବ । ସମ୍ପଦର ଭଣ୍ଡା ଅଧିକେ ସମବଣ୍ଟନ ନଥିଲେ, ସାମାଜିକ ସେବା ସମସ୍ତଙ୍କୁ ସମାନ ଭାବରେ ମିଳୁ ନଥିଲେ, ଧର୍ମଗତ ଅନ୍ଧବିଶ୍ୱାସ ଚାଲୁ ରହିଲେ ସର୍ବୋପରି ପରିବାର ନିୟନ୍ତ୍ରଣ ଯୋଜନା ପ୍ରତି ସରକାରୀ ସମର୍ଥନ ନ ଥିଲେ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଥିବ !

ଯଦି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଭିତରେ ଜନସଂଖ୍ୟାବୃଦ୍ଧି ଜନିତ ବିପଦରୁ ରକ୍ଷା ପାଇବାକୁ ବିକାଶଶୀଳ ରାଷ୍ଟ୍ରମାନେ ଚାହାନ୍ତି, ତେବେ ବହୁସଂଖ୍ୟାରେ ପରିବାରଗୁଡ଼ିକ ଜନ୍ମହାର କମାଇବାରେ ଆଗ୍ରହ ପ୍ରକାଶ କରିବା ଉଚିତ । ଲୁପ୍ ହେବା, ନିରୋଧ ବ୍ୟବହାର କରିବା, ଅସ୍ତ୍ରୋପଚାର ଦ୍ୱାରା ବନ୍ଧ୍ୟାକରଣ ବା ନପୁଂସକକରଣର ଉନ୍ନତ ପ୍ରଣାଳୀ ପ୍ରୟୋଗ କଲେ ପରିବାର ନିୟନ୍ତ୍ରଣ ଯୋଜନା ସଫଳ ହେବା ଅସମ୍ଭବ । କିଛି ଟଙ୍କା ପୁରସ୍କାର ଦେଇ ଗରିବ ଲୋକଙ୍କୁ ଏଥିପାଇଁ ଆକୃଷ୍ଟ କଲେ ସେମାନଙ୍କ ଭବିଷ୍ୟତରେ ମାନସିକ ଅଶାନ୍ତି ଭରିଦେବା ହିଁ ସାର ହେବ । ଏଥିପାଇଁ ଦରକାର ଏକ ବହୁମୁଖୀ ନୀତି ସ୍ୱଳ୍ପ ଆୟକାରୀ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଅର୍ଥକରୀ କର୍ମ ଯୋଗାଇଲେ ଦେଶର ଉତ୍ପାଦନ ବଢ଼ିବା ସଙ୍ଗେ ସଙ୍ଗେ ଜନସଂଖ୍ୟା ହ୍ରାସ ପାଇବା ଦିଗରେ ଆଗ୍ରହ ସୃଷ୍ଟି ହେବ । ଏପ୍ରକାର ମୂଳଦୁଆ ଉପରେ ପରିବାର ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କଲେ ସରକାର ଦେଶର ଜନସଂଖ୍ୟାକୁ ସମସ୍ତରରେ ରଖିବାରେ ସଫଳ ହେବେ ।

●

# ସମାଜବାଦ

## ସ୍ଥିତି ଓ ଭ୍ରାନ୍ତି

ବିଂଶ ଶତାବ୍ଦୀର ସର୍ବବ୍ୟାପୀ ରାଜନୈତିକ ବିଚାରଧାରା ହେଉଛି ସାମ୍ୟବାଦ । ଦ୍ୱିତୀୟ ବିଶ୍ୱଯୁଦ୍ଧର ତିନି ଦଶନ୍ଧି ମଧ୍ୟରେ ସାମ୍ୟବାଦ ପୃଥିବୀ ବ୍ୟାପୀ ହୋଇ ଯାଇଛି । ଏକାଧିକ ପ୍ରକାରରେ ତଥାକଥିତ ସାମ୍ୟବାଦୀମାନେ ପୃଥିବୀର ୫୩ଟି ସାର୍ବଭୌମ ରାଷ୍ଟ୍ରରେ ଶାସନ କରୁଛନ୍ତି । ପୃଥିବୀର ୩୯% ଭୂଭାଗ ଓ ୪୨% ଜନସଂଖ୍ୟା ଏମାନଙ୍କ ଅଧୀନରେ ରହିଛି । ଏହି ସାମ୍ୟବାଦୀ ଛତା ତଳେ ପାଶ୍ଚାତ୍ୟ ଧରଣର ଗଣତନ୍ତ୍ରଠାରୁ ଆରମ୍ଭ କରି ... କମ୍ୟୁନିଷ୍ଟ ''ଏକଛତ୍ରବାଦ'' ପର୍ଯ୍ୟନ୍ତ ସାମ୍ବିଧାନିକ ପ୍ରଜାତନ୍ତ୍ରଠାରୁ ବଂଶାନୁକ୍ରମିକ ରାଜତନ୍ତ୍ର ପର୍ଯ୍ୟନ୍ତ ସବୁପ୍ରକାର ଶାସନ ରହିଛି । ସାମ୍ୟବାଦ ଗୋଟିଏ ସୁବିଧାଜନକ ପତାକା । ଏହା ତଳେ ବୈଷୟିକ ତଥା ବାଣିଜ୍ୟପ୍ରଧାନ ଅର୍ଥନୀତିଜ୍ଞମାନେ, ଫାସିଷ୍ଟ ଧରଣର ଏକଛତ୍ରବାଦ ବା କ୍ଷଣସ୍ଥାୟୀ, ''ବୋନାପାର୍ଟ''ମାନେ ନିଜର ଗାଦି ବଜାୟ ରଖିବାର ପ୍ରୟତ୍ନ କରନ୍ତି । ଫରାସୀ ରାଜନୀତିଜ୍ଞ ରେମଣ୍ଡ ଆରଁ (Aron) କହନ୍ତି, ''ଅଧିକାଂଶ ଦେଶରେ ସାମ୍ୟବାଦର ଅର୍ଥ ହେଉଛି ଯେ, ଯାହା କିଛି ଉତ୍ତମ ତାହା ସାମ୍ୟବାଦୀ, ଯାହା କିଛି ଖରାପ ତାହା ପୁଞ୍ଜିବାଦରୁ ହିଁ ଜନ୍ମ ।''

୧୯୭୦ ଦଶକର ବିଶ୍ୱଅର୍ଥନୀତି ସାମ୍ୟବାଦ ବୃଦ୍ଧିପାଇଁ ଖୋରାକ ଯୋଗାଇଛି । ଅପାତତଃ ଅଣାରୋଗ୍ୟ ମୁଦ୍ରାସ୍ଫୀତି, ବେକାରୀ ବୃଦ୍ଧି, ଶିଳ୍ପରେ ନିଶ୍ଚଳତା, ମୁଦ୍ରାମୂଲ୍ୟହ୍ରାସ- ଏ ସମସ୍ତ ଅବସ୍ଥା ସାମ୍ୟବାଦ ବା ସମାଜବାଦ ଜନ୍ମ ହେବାର ଅନୁକୂଳ । ସମାଜବାଦୀ ତଥା ସାମ୍ୟବାଦୀ ରାଷ୍ଟ୍ରମାନେ ଏସବୁ ଅବସ୍ଥାର ସମାଧାନ କରିପାରି ନାହାନ୍ତି- ଯାହା କରିଛନ୍ତି ତାହା ଅପାତତଃ ସମସ୍ୟାଗୁଡ଼ିକୁ ଲୁଚାଇ ରଖିଛି ବା ସମସ୍ୟାର ସାମାନ୍ୟ ସମାଧାନ କରିଛି ।

ସମାଜବାଦ ଏତେ ସାଧାରଣ ହୋଇଯାଇଛି ଯେ ପ୍ରତ୍ୟେକ ଲୋକ ଏହି ମତବାଦର ଅର୍ଥ ନିଜର ସ୍ୱାର୍ଥକୁ ସୁହାଇଲା ଭଳି କରୁଛି । ଜାମାଇକାର ଗୋଟିଏ ଜନପ୍ରିୟ ଗୀତରେ କୁହାଯାଏ-

''ସମାଜବାଦ ତୁମର ଭାଇ ପ୍ରତି ପ୍ରେମ
ସମାଜବାଦ ହୃଦୟ ସହିତ ହାତର ସମ୍ପର୍କ
ପ୍ରେମ ଓ ମେଳାପ ଏହାର ହିଁ ଅର୍ଥ ।''

ସେନେଗାଲର ରାଷ୍ଟ୍ରପତି ଲିଓପୋଲ୍ଡ ସେନ୍‌ଘର କହନ୍ତି, ଅତ୍ୟାଧୁନିକ, ଅତି ବୈଜ୍ଞାନିକ ଓ ଅତି ଦକ୍ଷ ଉପାୟରେ ମାନବସମାଜର ଯୁକ୍ତିଯୁକ୍ତ ସଙ୍ଗଠନ ହିଁ ସମାଜବାଦ । ବ୍ରିଟେନ୍‌ର ଶ୍ରମିକଦଳ ନେତା ତଥା ପ୍ରଧାନମନ୍ତ୍ରୀଙ୍କ ମତରେ, ପ୍ରତିଯୋଗିତା ବଦଳରେ ସହଯୋଗିତା ଉପରେ ପର୍ଯ୍ୟବସିତ ସମାଜ ହିଁ ସମାଜବାଦ । ଫ୍ରାନ୍‌ସର ମିତେରାଣ୍ଡ କହନ୍ତି, ନ୍ୟାୟ ଅନ୍ୱେଷଣରେ ବ୍ୟାପୃତ ଲୋକମାନଙ୍କର ଯୋଗାଯୋଗର ଏହା ଏକ ପନ୍ଥା ବା ଏକ ସାମୂହିକ ଆନ୍ଦୋଳନ । ବିଭିନ୍ନ ମୁନିଙ୍କ ବିଭିନ୍ନ ମତ । ସମାଜବାଦର କୌଣସି ଏକ ସର୍ବସମ୍ମତ ସଂଜ୍ଞା ବା ସଂଗଠନ ନାହିଁ । ତଥାପି ପ୍ରାୟ ତିନିପ୍ରକାରର ସମାଜବାଦ ଆଜିର ପୃଥିବୀରେ ଦେଖାଯାଏ ।

**ମାର୍କସ ଓ ଲେନିନବାଦ-** ମାର୍କସ ଓ ଲେନିନବାଦର ଅନ୍ୟନାମ କମ୍ୟୁନିଜ୍‌ମ ବା ସାମ୍ୟବାଦ । ସୋଭିଏଟ୍ ରୁଷିଆ, ତା'ର ପୂର୍ବାଞ୍ଚଳ ଗୋଷ୍ଠୀର ସବୁ ଉପଗ୍ରହ ଦେଶ, ଚୀନ, ମଙ୍ଗୋଲିଆ, ଉତ୍ତର କୋରିଆ, ଭିଏଟ୍‌ନାମ, ଲାଓସ୍, କାମ୍ବୋଡ଼ିଆ, କ୍ୟୁବା, ଆଲବାନିଆ ଓ ଯୁଗୋସ୍ଲାଭିଆରେ ମାର୍କସ-ଲେନିନବାଦ ରାଷ୍ଟ୍ରଶାସନରେ ମୂଳ ଶକ୍ତି ରୂପେ କାମ କରୁଛି । ସମାଜବାଦର ଏହା ହେଉଛି ସବୁଠାରୁ ବେଶୀ ଦମନମୂଳକ ରୂପ । ମାର୍କସ ଲେନିନବାଦ ଏକ ପ୍ରକାରର ରାଜନୈତିକ ଧର୍ମ । ଶ୍ରେଣୀ ସଂଘର୍ଷ ନିଶ୍ଚୟ ଘଟିବ, ଶ୍ରମିକଗୋଷ୍ଠୀ ବା ପ୍ରୋଲିଟାରିଏଟର ଏକଛତ୍ରବାଦ ଆସିବ ଏବଂ ଏକ ସୁସଂଗଠିତ ଦଳ ହାତରେ ସବୁ କ୍ଷମତା ରହିବ- ଏହି ତିନୋଟି ନୀତିବାକ୍ୟ ସାମ୍ୟବାଦର ମାଳିକାରେ ରହିଛି । ଶ୍ରେଣୀହୀନ ସମାଜ ଗଠନ ଦିଗରେ ପ୍ରଥମ ପଦକ୍ଷେପ ହେଉଛି ବ୍ୟକ୍ତିଗତ ମାଲିକାନା ଉଠାଇ ଦିଆହେବ ଏବଂ ଉତ୍ପାଦନର ସମସ୍ତ ଉପାୟକୁ ରାଷ୍ଟ୍ରୀୟକରଣ କରାଯିବ । ସାମ୍ୟବାଦ ଏହି ଦୁଇଟି ନୀତିରେ ବିଶ୍ୱାସ କରେ ।

**ସାମାଜିକ ଗଣତନ୍ତ୍ର-** ସମାଜବାଦର ସବୁଠାରୁ ଉଦାର ପନ୍ଥା ହେଉଛି Social Democracy ବା ସାମାଜିକ ଗଣତନ୍ତ୍ର । ସାମ୍ୟବାଦ ବା ମାର୍କ୍‌ସ-

ଲେନିନବାଦର ରାଜନୈତିକ ନେତାମାନେ ଭାବନ୍ତି ଯେ ସାମାଜିକ ଗଣତନ୍ତ୍ର ପରିବର୍ତ୍ତନଶୀଳ ଧନୀକ ଗୋଷ୍ଠୀ (bourgeis rivisionist) ମାନଙ୍କୁ ସୁହାଉଛି, ତେଣୁ କମ୍ୟୁନିଷ୍ଟ ବିଦ୍ରୋହର ପ୍ରଥମ ବଳି ହୁଅନ୍ତି ଏହିମାନେ । ସାମାଜିକ ଗଣତନ୍ତ୍ର ମତବାଦୀମାନେ କହନ୍ତି ଯେ ମସ୍କୋପନ୍ଥୀ ସାମ୍ୟବାଦୀମାନେ ମାର୍କ୍ସଙ୍କ ମାନବିକ ଚିନ୍ତାଧାରା ଭୁଲି ଯାଇଛନ୍ତି ଏବଂ ଏକଛତ୍ରବାଦରେ ବିଶ୍ୱାସ କରୁଛନ୍ତି । ସାମାଜିକ ଗଣତନ୍ତ୍ରର ନେତାମାନେ ଏକାକୀ କିମ୍ବା ଅନ୍ୟଦଳ ସହିତ ମିଶି ପଶ୍ଚିମ ଜର୍ମାନୀ, ଅଷ୍ଟ୍ରିଆ, ବେଲଜିଅମ୍, ଡେନମାର୍କ, ଫିନ୍‌ଲାଣ୍ଡ, ଲକ୍ସମବର୍ଗ, ନରୱେ, ହଲାଣ୍ଡ, ପର୍ତ୍ତୁଗାଲ ଆଦି ଦେଶରେ ଶାସନ କରୁଛନ୍ତି । (୪୪ ବର୍ଷର ଶାସନପରେ ୧୯୭୬ରେ ସୁଇଡେନ୍‌ର ସୋସାଲ ଡିମୋକ୍ରାଟ୍‌ମାନେ ଅଳ୍ପ ଭୋଟରେ ହାରିଗଲେ । ବ୍ରିଟେନରେ ଶ୍ରମିକଦଳ ବର୍ତ୍ତମାନ ଶାସନରେ ନାହାନ୍ତି ।) ସାମାଜିକ ଗଣତନ୍ତ୍ର ବହୁଦଳୀୟ ବ୍ୟବସ୍ଥା ଗ୍ରହଣ କରେ ଓ ସାମାଜବାଦୀ ଲକ୍ଷ୍ୟ ହାସଲ କରିବା ପାଇଁ ଧୀର ଗତି ଓ ଶାନ୍ତିପୂର୍ଣ୍ଣ ଉପାୟରେ ବିଶ୍ୱାସ କରେ । କାର୍ଯ୍ୟକ୍ଷେତ୍ରରେ ଏହାର ଅର୍ଥ ହେଉଛି ସାମ୍ୟବାଦୀଢ଼ାଞ୍ଚାରେ ସମାଜର ପୁନର୍ଗଠନ ନ କରି ପୁଞ୍ଜିବାଦୀ ଅର୍ଥନୀତିଦ୍ୱାରା ସୃଷ୍ଟି ହୋଇଥିବା ଦୁଃଖ କଷ୍ଟକୁ (ଯଥା- ବେକାରୀ ବୃଦ୍ଧି, ବେତନ ତଥା ମଜୁରି ଅସମାନତା) ଲାଘବ କରିବାରେ ସମାଜବାଦୀ ଗଣତନ୍ତ୍ରପନ୍ଥୀମାନେ ଲାଗିଛନ୍ତି ।

**ମିଶ୍ରିତ ଅର୍ଥନୀତି-** ସାମାଜିକ ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ରାଷ୍ଟ୍ରମାନେ ମଧ୍ୟ ମିଶ୍ରିତ ଅର୍ଥନୀତିରେ ବିଶ୍ୱାସ କରନ୍ତି । ମିଶ୍ରିତ ଅର୍ଥ ନୀତିରେ ବ୍ୟକ୍ତିଗତ ମାଲିକାନା ସହିତ ରାଷ୍ଟ୍ରାୟତ୍ତ ଅଧିକାର ବା ନିର୍ଦ୍ଦେଶ ନିହିତ ଥାଏ । ପଶ୍ଚିମଜର୍ମାନୀଭଳି କେତେକ ରାଷ୍ଟ୍ର ମୁଖ୍ୟତଃ ପୁଞ୍ଜିବାଦୀ କିନ୍ତୁ ନରୱେ ଓ ପଶ୍ଚିମଜର୍ମାନୀ ଭଳି ରାଷ୍ଟ୍ରମାନେ ବରଂ ଯୁକ୍ତରାଷ୍ଟ୍ରର ଯେତେ ନିକଟତର, ଇକ୍ୱେଡ଼ର ବା ଆଇଭୋରିକୋଷ୍ଟ ଭଳି ପୁଞ୍ଜିବାଦୀ ରାଷ୍ଟ୍ରମାନେ ଯୁକ୍ତରାଷ୍ଟ୍ରର ତେତେ ନିକଟତର ନୁହନ୍ତି ।

**ତୃତୀୟ ବିଶ୍ୱ ସମାଜବାଦ -** ପୃଥିବୀର ଅନ୍ୟ ଯେଉଁ ରାଷ୍ଟ୍ରମାନେ ସମାଜବାଦ ପନ୍ଥା ଗ୍ରହଣ କରିଛନ୍ତି ବୋଲି କହନ୍ତି ମାତ୍ର ଉପର ଦୁଇ ପ୍ରକାରର ସମାଜବାଦ ଗୋଷ୍ଠୀରେ ଗଣାଯାଇ ନାହାନ୍ତି, ସେମାନେ ତୃତୀୟ ବିଶ୍ୱ ସମାଜବାଦ ଗୋଷ୍ଠୀର ଅନ୍ତର୍ଭୁକ୍ତ । ଆଲ୍‌ଜେରିଆ ଓ ଲିବ୍ୟାର ଇସ୍‌ଲାମିକ୍ ସମାଜବାଦ, ସିରିଆ ଓ

ଇରାକ୍‌ର ବାଥ୍ (ବା ରିନା'ସାଁ) ସମାଜବାଦ, ଟାଞ୍ଜାନିଆ ରାଷ୍ଟ୍ରପତି ଜୁଲିଅସ୍ ନିରେରେଙ୍କ ଉଜାମା' (ପାରିବାରିକତା) ସମାଜବାଦ, ଜାମାଇକାର ପ୍ରଧାନମନ୍ତ୍ରୀ ମାଇକେଲ୍ ମାନ୍‌ଲି ଗୁୟାନାର ଫର୍‌ବେଶ ବର୍ଣ୍ଣହାମ୍‌ଙ୍କ ସମବାୟ ସମିତି ମାଧ୍ୟମରେ ସମାଜବାଦ- ଏ ସମସ୍ତ ବିଭିନ୍ନ ଢାଞ୍ଚାର ରାଷ୍ଟ୍ର ଶାସନ 'ତୃତୀୟ ବିଶ୍ୱ ସମାଜବାଦ' ମଧ୍ୟରେ ଅନ୍ତର୍ଭୁକ୍ତ । ଏ ପ୍ରକାର ବିଭିନ୍ନତା ମଧ୍ୟରେ କେତେଗୁଡ଼ିଏ ସାଧାରଣ ଲକ୍ଷଣ ରହିଛି । ପ୍ରଥମତଃ ଏମାନେ ଯେତେ ଜାତୀୟବାଦୀ ହୁଅନ୍ତୁ ବା ମାର୍କସବାଦରେ ଯେତେ ଅବିଶ୍ୱାସ କରନ୍ତୁ ପଛେ, ଏମାନେ ନିଜକୁ ସମାଜବାଦୀ କହନ୍ତି । ଦ୍ୱିତୀୟତଃ ଉପନିବେଶ ଶାସନର ଅଭିଜ୍ଞତାରୁ ଏହିସବୁ ରାଷ୍ଟ୍ରମାନେ ପୁଞ୍ଜିବାଦୀ ଶାସନର କୁଫଳ ଭୋଗିଛନ୍ତି, ତେଣୁ ସାମ୍ରାଜ୍ୟବାଦ ଓ ଶୋଷଣ ସହିତ ଚିହ୍ନଟ ହୋଇଥିବା ପୁଞ୍ଜିବାଦକୁ ଏମାନେ ଅଗ୍ରାହ୍ୟ କରନ୍ତି । ତୃତୀୟତଃ ଏହି ରାଷ୍ଟ୍ରମାନେ ଘରୋଇ ବ୍ୟକ୍ତିଗତ ସମ୍ପତ୍ତି ଓ ମାଲିକାନାର ଭୂମିକାକୁ କମାଇବାରେ ଓ ବିଦେଶୀ ଘରୋଇ କମ୍ପାନିମାନଙ୍କ ପ୍ରଭାବକୁ କମାଇବା ପାଇଁ ସବୁ ପ୍ରକାର ନୀତି ଗ୍ରହଣ କରନ୍ତି ।

ସମାଜବାଦ ବା ସାମ୍ୟବାଦ ଯେଉଁ ରଙ୍ଗର ହେଉ ନା କାହିଁକି, ଏହା କାର୍ଲମାର୍କ୍‌ସଙ୍କ ମୂଳତତ୍ତ୍ୱକୁ ମନେ ରଖିଛି- ଯଥା ପୁଞ୍ଜିବାଦ ଶ୍ରମିକକୁ ଏକପ୍ରକାର ବସ୍ତୁ ବା କଞ୍ଚାମାଲ ଭାବରେ ବ୍ୟବହାର କରେ, ତେଣୁ ଶ୍ରମିକମାନଙ୍କୁ ନିର୍ଜୀବ ବସ୍ତୁ ଭଳି ବ୍ୟବହାର କରି ଧନୀକ ଶ୍ରେଣୀର ଲୋକେ ବଡ଼ଲୋକ ହୁଅନ୍ତି । ମାର୍କ୍‌ସଙ୍କ ଯୁକ୍ତି ହେଲା, ପୁଞ୍ଜିବାଦ କ୍ରମବର୍ଦ୍ଧମାନ ସଂଖ୍ୟାରେ ଗରିବରୁ ଗରିବତର ଶ୍ରମିକ ଶ୍ରେଣୀସୃଷ୍ଟିକରି ନିଜର ଧ୍ୱଂସକାରୀ ଶକ୍ତି ତିଆରି କରେ । ଏହି ତଥାକଥିତ 'ବୈଜ୍ଞାନିକ'' ତତ୍ତ୍ୱକୁ ପ୍ରାୟ ଶତାଧିକ ବର୍ଷ ଧରି ବିଶ୍ୱାସ କରି ଆସୁଥିବା ସମାଜବାଦୀମାନେ ଭାବନ୍ତି ଯେ ସେମାନଙ୍କ ଲକ୍ଷ୍ୟ ନ୍ୟାୟସଙ୍ଗତ ଓ ଜୟ ଅବଶ୍ୟମ୍ଭାବୀ ।

ସମାଜବାଦର ପ୍ରତ୍ୟକ୍ଷ ସଂଗ୍ରାମ ଫଳରେ ପାଶ୍ଚାତ୍ୟ ଗଣତନ୍ତ୍ର ଶାସନରେ ପୁଞ୍ଜିବାଦ ବ୍ୟବସ୍ଥାରେ ଯେଉଁସବୁ ଅଭାବ ଦେଖାଯାଇଛି ତାହାର ପରୀକ୍ଷା ନିରୀକ୍ଷା କରାଯାଇଛି । କେତେକ ଆବଶ୍ୟକ ସଂଶୋଧନ କରାଯାଇଛି । କିନ୍ତୁ ସମାଜବାଦ ତଥା ସାମ୍ୟବାଦର ଉପସ୍ଥିତ ଇତିହାସ ଏହି ଦୁଇବାଦର ଆଦର୍ଶ ଠାରୁ ବହୁତ ଦୂରକୁ ଚାଲିଯାଇଛି ।

ଷ୍ଟାଲିନ୍‌ଙ୍କ ଗୁଲାଗୋ * ଓ ମାଓଙ୍କ ହିଂସାତ୍ମକ ମହାନ୍ ଶ୍ରମିକ ସାଂସ୍କୃତିକ ବିପ୍ଳବ ସାମ୍ୟବାଦର ଚରମରୂପ ଏବଂ ଏଥିରେ ମଣିଷ ଜୀବନକୁ ଯେପରି ନିର୍ଜୀବ ବସ୍ତୁଭଳି ବ୍ୟବହାର କରାଯାଇଛି, ସେପରି ଉଦାହରଣ ପୁଞ୍ଜିବାଦ ପ୍ରଥାରେ ବୋଧହୁଏ ବିରଳ । ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ସମାଜବାଦୀ ରାଷ୍ଟ୍ରମାନେ ବେଶ୍ ସଫଳତା ଦେଖାଇଛନ୍ତି, କିନ୍ତୁ ପଡ଼ୋଶୀ ରାଜ୍ୟମାନଙ୍କ ପୁଞ୍ଜିବାଦର ସଫଳତା ତୁଳନାରେ ତାହା ଉଲ୍ଲେଖନୀୟ ନୁହେଁ । ଉତ୍ତର ଓ ଦକ୍ଷିଣ କୋରିଆ ଏବଂ ତାଞ୍ଜାନିଆ ଓ କେନିଆ ମଧ୍ୟରେ ତୁଳନା ଏହା ହିଁ ପ୍ରକାଶ କରେ । ଚାରୋଟି ଦିଗରୁ ସମାଜବାଦର ତତ୍ତ୍ୱ ଓ କାର୍ଯ୍ୟ ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନା କରାଯାଇ ପାରେ ।

**ଅର୍ଥନୈତିକ ପ୍ରଗତି-** ପୁଞ୍ଜିବାଦୀ ବଜାରରେ ଅରାଜକତା ଥାଏ । ସମାଜବାଦୀ ଢ଼ାଞ୍ଚାରେ କେନ୍ଦ୍ରିଭୂତ ନିୟନ୍ତ୍ରଣ ଓ ଯୋଜନା ହିଁ ଅଧିକ ଉତ୍ପାଦନ, ଅଧିକ ନ୍ୟାୟସଙ୍ଗତ ବିତରଣ ଏବଂ ସମାଜର ହିତଲାଗି ଉତ୍ପାଦନରେ ଅଧିକ ପୁଞ୍ଜି ଲଗାଣର ଅନୁକୂଳ ହୋଇଥାଏ । ଏହି କାରଣରୁ ମାତ୍ର ୬୪ ବର୍ଷରେ ରୁଷିଆ ଏକ ଧୂଳିସାତ୍ ଆର୍ଥିକ ଅବସ୍ଥାରୁ ଉଠି ଆଜିର ବୃହତ୍ତମ ସାମରିକ ଶକ୍ତି ହୋଇ ପାରିଛି । ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଅଧିକ ଇସ୍ପାତ, ଅଶୋଧିତ ତୈଳ, ମାଙ୍ଗାନିଜ, ଏପରିକି ମହୁ ଉତ୍ପାଦନ କରୁଛି । ପୂର୍ବଜର୍ମାନୀ ଭଳି ରାଷ୍ଟ୍ର ବର୍ତ୍ତମାନ ପୃଥିବୀରେ ୧୭ଶ ଶିଳ୍ପ ଶକ୍ତି ରୂପେ ଦେଖା ଦେଇଛି । ଅଫିସ ଓ କାରଖାନାରେ ଅତ୍ୟଧିକ କର୍ମସଂସ୍ଥାନ କରି ସାମ୍ୟବାଦୀ ରାଷ୍ଟ୍ରମାନେ ବେକାରୀ ଦୂର କରିଛନ୍ତି ।

ଏତା ସତ୍ତ୍ୱେ ସାମ୍ୟବାଦୀ ଅର୍ଥନୀତିରେ ନୂତନତ୍ୱର ଅଭାବ ରହିଛି । ଖାଉଟିଦ୍ରବ୍ୟ ଉତ୍ପାଦନରେ ପ୍ରାଚୁର୍ଯ୍ୟ ବା ଉତ୍କର୍ଷ ଦେଖାଯାଉ ନାହିଁ । ଜୋତା, ତାଜା ମାଛ ବା ଫଳ ଆସି ପହଞ୍ଚିଛି ବୋଲି ଶୁଣିଗଲେ ଲୋକେ ଏବେ ବି ଉଆରସ, ପ୍ରାଗ, ହାଭାନା, ମସ୍କୋ ଭଳି ସାମ୍ୟବାଦୀ ସହରର ଦୋକାନରେ ଧାଡ଼ି ଲଗାଉଛନ୍ତି । ସରକାରୀ ଭାବରେ ମୂଲ୍ୟର ପରିବର୍ତ୍ତନ ହୁଏ ନାହିଁ, ତେଣୁ ମୁଦ୍ରାସ୍ଫୀତି ନାହିଁ । କିନ୍ତୁ କାର୍ଯ୍ୟତଃ ମହାସ୍ଫୀତି ଅଛି । ଶାସକ ଗୋଷ୍ଠୀର ପ୍ରଭାବଶାଳୀ ସଭ୍ୟ ହୋଇଥିଲେ ବା କଳାବଜାର

* ନୋବେଲ୍ ପୁରସ୍କାର ପ୍ରାପ୍ତ ଆଲବର୍ଟ ସୋଲଝେନିଟ୍‌ସିନ୍‌ଙ୍କ ଲିଖିତ ବହି The Gulag Archipelago ରେ 'ଗୁଲାଗ'କୁ ଷ୍ଟାଲିନ୍‌ଙ୍କ ଚରମ ଅତ୍ୟାଚାରର ଏକ ସ୍ଥାନ ବୋଲି ଚିତ୍ରଣ କରାଯାଇଛି ।

ପଇସା ଦେଇପାରିଲେ ସବୁ ପ୍ରକାର ଖାଉଟି ଦ୍ରବ୍ୟ ମିଳିପାରେ । କୋଠଚାଷ ବା ସାମୂହିକ କୃଷିକ୍ଷେତ୍ର ଜରିଆରେ ଚାଷୀର ପ୍ରେରଣା ବା ନେତୃତ୍ୱ ନଷ୍ଟ ହୋଇଯାଏ, ତେଣୁ କୃଷି ଉତ୍ପାଦନ ବଢ଼େ ନାହିଁ । ଅନ୍ୟଥା କୃଷିଜାତ ଦ୍ରବ୍ୟର ସୁଲଭମୂଲ୍ୟ ଯୋଗୁ ମଧ୍ୟ ଉତ୍ପାଦନ ବଢୁନାହିଁ ।

ସମାଜବାଦୀ ଗଣତନ୍ତ୍ର ରାଷ୍ଟ୍ରମାନଙ୍କରେ ସମ୍ପତ୍ତିର ମାଲିକାନା ଉପରେ ଏତେ ଜୋର ଦିଆଯାଏ ନାହିଁ । ସୁଇଡେନ୍‌ର ଜଣେ ବ୍ୟାଙ୍କ ମାଲିକ କହନ୍ତି, 'ଆମର ସୋସାଲିଷ୍ଟମାନେ ଗାଈର ମାଲିକାନା ଉପରେ ଏତେ ଜୋର ଦିଅନ୍ତି ନାହିଁ, କିନ୍ତୁ ସରକାରଙ୍କୁ ଅଧିକାଂଶ ଦୁଧ ମିଳିଲେ ହେଲା ।' ଏଥିପାଇଁ ସମାଜବାଦୀ ଗଣତନ୍ତ୍ର ରାଷ୍ଟ୍ରମାନେ ଲୋକ ତଥା କମ୍ପାନୀ ଉପରେ ରୋଜଗାର ବଢ଼ିବା ସଙ୍ଗେ ସଙ୍ଗେ ଅଧିକ କଡ଼ାକଡ଼ି ଟିକସ ଆଦାୟ କରନ୍ତି । ମାଲିକାନା ସ୍ୱତ୍ୱର ସୀମାଧାର୍ଯ୍ୟ କରି ଏହି ରାଷ୍ଟ୍ରମାନେ ଆଇନ କରିଛନ୍ତି ଯେ କୌଣସି କର୍ମଚାରୀକୁ ଏମାନେ ସହଜରେ କାର୍ଯ୍ୟରୁ ଅନ୍ତର କରିପାରିବେ ନାହିଁ । ପରିଚାଳନା କ୍ଷେତ୍ରରେ ଶ୍ରମିକ ଓ କର୍ମଚାରୀମାନଙ୍କ ପ୍ରତିନିଧିତ୍ୱ ଅଧିକରୁ ଅଧିକତର ହେଉଛି, ତେଣୁ ସ୍ୱତ୍ୱାଧିକାରୀମାନଙ୍କ ଅଧିକାର କ୍ଷୁଣ୍ଣ ହେବାରେ ଲାଗିଛି । ଜମିବାଡ଼ି କ୍ଷେତ୍ରରେ ପ୍ରତି ବର୍ଷ ଜୋତର ସୀମା କମିବାରେ ଲାଗିଛି । ନିଜର ସମ୍ପତ୍ତି ଉପରେ ମାଲିକାନାର ନିଶ୍ଚିତତା ନାହିଁ । ଅଥଚ ବେଶୀ ରୋଜଗାର ହେଲେ ବେଶୀ ଟିକସ ଦେବାକୁ ପଡ଼ିବ- ଏହିସବୁ କାରଣରୁ ବିଭିନ୍ନ କର୍ମକ୍ଷେତ୍ରରେ ଅନୁପସ୍ଥିତି ବଢ଼ିଚାଲିଛି କଳାବଜାରୀ ଚାଲିଛି । ବେଶୀ ଉତ୍ପାଦନ କରିବାର ବା ଅର୍ଜନ କରିବାର ସ୍ପୃହା ନାହିଁ ।

**ସ୍ୱାଧୀନତା ଓ ବ୍ୟକ୍ତିତ୍ୱ-** ଶ୍ରମିକର ଶୋଷଣ, ମଜୁରିରେ ଭେଦଭାବ ଓ ମଣିଷକୁ ବଜାରର ସାମଗ୍ରୀ ରୂପରେ ଗ୍ରହଣ କରିବା- ଏସବୁ ପୁଞ୍ଜିବାଦୀ ଅପକାରର ସଂଶୋଧନ ପାଇଁ ସମାଜବାଦ ତିଆରି । ଅର୍ଥାତ ସାମ୍ୟବାଦ ହିଁ ପ୍ରକୃତ ବ୍ୟକ୍ତି ସ୍ୱାଧୀନତା ଆଣିଦିଏ ସମାଜବାଦୀ ଗଣତନ୍ତ୍ର କେତୋଟି ଛାଡ଼ିଦେଲେ, ଚାରିଆଡ଼େ ଏକଦଳୀୟ ବ୍ୟକ୍ତିକୈନ୍ଦ୍ରିକ ଏକଛତ୍ରବାଦ ଶାସନ ହିଁ ସମାଜବାଦର ପ୍ରକୃତ ରୂପ ହୋଇଛି ।

ଯେଉଁମାନେ ଶାସକଗୋଷ୍ଠୀର ସମାଲୋଚନା କରନ୍ତି, ସେମାନଙ୍କ ନିର୍ବାସନ ଶିବିରକୁ ବା ଜେଲଖାନାକୁ ଯିବାକୁ ପଡ଼େ ବା ତଦନୁରୂପ ଦଣ୍ଡ ଭୋଗିବାକୁ ପଡ଼େ ।

ଅଶୋକ ମେହେଟ୍ଟାଙ୍କ ଭାଷାରେ- 'ସମାଜବାଦୀ ଏକ ଆକର୍ଷକ ଲକ୍ଷ୍ୟ, କିନ୍ତୁ ପୁଞ୍ଜି କେନ୍ଦ୍ରୀଭୂତ ହେବା ଯେପରି ବିପଜ୍ଜନକ, ଶାସନଶକ୍ତି କେନ୍ଦ୍ରୀଭୂତ ହେବା ସେପରି ବିପଜ୍ଜନକ ।'

**ଜୀବନର ଉତ୍କର୍ଷତା-** ପ୍ରତ୍ୟେକ ସୋସାଲିଷ୍ଟ ଶାସନର ବହୁବିଧ ଯୋଜନା ଭିତରେ ସ୍ୱାସ୍ଥ୍ୟରକ୍ଷା ଓ ଶିକ୍ଷା ବ୍ୟବସ୍ଥା ଅଗ୍ରାଧିକାର ପାଇଥାଏ । ବାସ୍ତବରେ ସମାଜବାଦୀ ରାଷ୍ଟ୍ରମାନଙ୍କରେ ଶିଶୁ ଅପମୃତ୍ୟୁ ଖୁବ୍ କମିଯାଇଛି, ଆୟୁଷ ବଢ଼ିଯାଇଛି ଏବଂ ନିରକ୍ଷରତାକୁ କ୍ରମଶଃ ଦୂର କରାଯାଇଛି । ଅର୍ଥାତ୍ ସମାଜବାଦର ଆଦର୍ଶ ଅନୁସାରେ ରାଷ୍ଟ୍ର ସାମାଜିକ ସେବା ଯୋଗାଇ ପାରିଛି ।

୧୯୫୯ ରେ କ୍ୟୁବାରେ ଫିଡେଲ କାଷ୍ଟ୍ରୋ ଶାସନକୁ ଆସିବା ବେଳେ ଶତକଡ଼ା ୨୫ ଭାଗ ଲୋକ ନିରକ୍ଷର ଥିଲେ । ବର୍ତ୍ତମାନ ନିରକ୍ଷର ସଂଖ୍ୟା ମାତ୍ର ୪ ଭାଗ । ଶିଶୁମୃତ୍ୟୁ ହଜାରରେ ୨୯ ଓ ସାଧାରଣ ଆୟୁଷ ୭୦ ବର୍ଷ । ଅଥଚ ପ୍ରତିବେଶୀ ଡୋମିନିକାନ ରିପବ୍ଲିକ୍ (ପୁଞ୍ଜିବାଦୀ)ରେ ଶତକଡ଼ା ୩୨ ଭାଗ ନିରକ୍ଷର, ଶିଶୁମୃତ୍ୟୁ ୧୦୦ ରେ ୯ ଓ ସାଧାରଣ ଆୟୁଷ ୫୮ ବର୍ଷ । ଚୀନରେ ଡାକ୍ତର, ନର୍ସ ଓ ଅର୍ଦ୍ଧଡାକ୍ତରୀ ଲୋକଙ୍କ ଦ୍ରୁତ ତାଲିମ (crash training) ଫଳରେ ବର୍ତ୍ତମାନ ଚୀନରେ କଲେରା, ପ୍ଲେଗ୍ କିମ୍ବା ଅନ୍ୟାନ୍ୟ ସାଧାରଣ ରୋଗ ପ୍ରାୟ ନିର୍ମୂଳ ହୋଇଯାଇଛି ।

ଉଚ୍ଚତର ଶିକ୍ଷାରେ ବାଛବିଚାର ଥାଇପାରେ; ମାତ୍ର ସାଧାରଣ ଶିକ୍ଷା ବିସ୍ତାରରେ ପ୍ରତ୍ୟେକ ସମାଜବାଦୀ ରାଷ୍ଟ୍ର ଯେକୌଣସି ପୁଞ୍ଜିବାଦୀ ରାଷ୍ଟ୍ରଠାରୁ ଖୁବ୍ ଆଗରେ । ରୋଗବୈରାଗ ହେଲେ ପୁଞ୍ଜିବାଦୀ ରାଷ୍ଟ୍ରରେ ଟଙ୍କାପଇସା ଅଭାବରେ କେହି ମରିଯାଇପାରେ, କିନ୍ତୁ ସାମ୍ୟବାଦୀ ରାଷ୍ଟ୍ରରେ ଏ ପ୍ରକାର ଅର୍ଥଦଣ୍ଡ ପଡ଼େ ନାହିଁ ।

ସମାଜବାଦୀ ଗଣତନ୍ତ୍ର (ଇଂଲଣ୍ଡ ଭଳି) ରାଷ୍ଟ୍ରରେ ମାଗଣାରେ ସ୍ୱାସ୍ଥ୍ୟସେବା ମିଳୁଛି । ଚିର ବିଦ୍ୟମାନ ପୋଲିସ ଯୋଗୁ ସାମ୍ୟବାଦୀ ରାଷ୍ଟ୍ରମାନଙ୍କରେ ଅପରାଧ, ନିଶାପାନ ଆଦି ଖୁବ୍ କମିଯାଇଛି । କିନ୍ତୁ ବିଭିନ୍ନ ସାମ୍ୟବାଦୀ ରାଷ୍ଟ୍ରରେ ଦଳୀୟ ଲଢ଼େଇ ରହିଛି, ଶାସନକୁ ନିୟନ୍ତ୍ରଣ କରୁଥିବା ଦଳ ଅନ୍ୟପକ୍ଷକୁ ନିଶ୍ଚିହ୍ନ କରିବାକୁ ଚେଷ୍ଟା କରେ । ଅର୍ଥନୀତିର ସମ୍ପୂର୍ଣ୍ଣ ଉନ୍ନତ ଅବସ୍ଥା ଆସି ନ ଥିବାରୁ, ଖାଉଟି ଦ୍ରବ୍ୟର

ଅଭାବ ଥିବାରୁ, ଲାଞ୍ଚ, କଳାବଜାରୀ ଚୋରି ଆଦି ପ୍ରବୃତ୍ତି ଦ୍ୱାରା ଲୋକେ ଆବଶ୍ୟକ ପରିମାଣର ରସଦ ସଂଗ୍ରହ କରିଥାନ୍ତି । ପୂର୍ବ ଜର୍ମାନୀରେ କାରଟିଏ ପାଇବାକୁ ଆଠ ବର୍ଷ ଅପେକ୍ଷା କରିବାକୁ କିଏ ବା ଚାହିଁବ ? କିଛି ଲାଞ୍ଚ ଦେଲେ ସହଜ ହୋଇଯିବ । ରୁମାନିଆରେ ଡ୍ରାଇଭର ଲାଇସେନ୍‌ସଟିଏ ପାଇବା ପାଇଁ କେତେ ପ୍ରକାରର ଲାଞ୍ଚ ଦେବାକୁ ହୋଇଥାଏ । ଭିଏତ୍‌ନାମ, କାମ୍ବୋଡ଼ିଆ ଭଳି ସାମ୍ୟବାଦୀ ରାଷ୍ଟ୍ରରେ ନଗର ଜୀବନକୁ ବିଚ୍ଛିନ୍ନ କରିଦିଆଯାଉଛି । ଲୋକଙ୍କୁ ଗାଁ ଗହଳକୁ ପଠାଇ ଦିଆଯାଉଛି । ସୋଭିଏତ୍ ରୁଷିଆରେ ସହରୀ ଜୀବନରେ ପାରିବାରିକ ଗୋପନୀୟତା ରହିପାରୁ ନାହିଁ— ବାସଗୃହ ସମସ୍ୟା ଏତେବଡ଼ ଯେ ପାରିବାରିକ ଜୀବନରେ ସ୍ଥିରତା ରହୁନାହିଁ— ମସ୍କୋ ଓ କିଏଭ ଭଳି ସହରରେ ଶତକଡ଼ା ୫୭ ଭାଗ ବିବାହ ତ୍ୟାଗପତ୍ରରେ ପରିଣତ ହେଉଛି ।

**ସାମ୍ୟ ଓ ନୂତନ ଆଭିଜାତ୍ୟ** — ସାମାଜବାଦର ମୂଳ ଉତ୍ସ ହେଲା ସାମ୍ୟ ବା ସମାନତା । ଅଭାବ ଓ ପ୍ରାଚୁର୍ଯ୍ୟ, ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନ ରହିବନାହିଁ । ସାମ୍ୟବାଦୀ ସମାଜ ହାସଲ ହୋଇଗଲେ, ‘‘ନିଜର କ୍ଷମତା ଅନୁଯାୟୀ ପ୍ରତ୍ୟେକଙ୍କଠାରୁ ନିଜର ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକଙ୍କୁ’’ ଅର୍ଥାତ୍ ପୁରାଦମ୍‌ରେ କାମ ଆଦାୟ କରାଯିବ ଓ ଶ୍ରମିକର ସମସ୍ତ ଶାରୀରିକ ଚାହିଦା ପୂରଣ କରାଯିବ । ଏହା ତ ବର୍ତ୍ତମାନ ଖୁବ୍ ଦୂରରେ । ଆପାତତଃ ବେଶୀ ପାଇବାବାଲାଙ୍କଠାରୁ କିଛି କାଢ଼ି ନିଆଯାଉଛି ଓ କମ୍ ପାଇବା ବାଲାଙ୍କୁ ରାଷ୍ଟ୍ରତରଫରୁ କିଛି ସାହାଯ୍ୟ ଦିଆଯାଉଛି । ଦକ୍ଷିଣ ୟେମେନ୍‌ରେ ସରକାରୀ କର୍ମଚାରୀଙ୍କ ଦରମା କମାଇ ଦିଆଯାଇଛି ଓ ସୌଖୀନ ଦ୍ରବ୍ୟର ବ୍ୟବହାର ବନ୍ଦ କରିଦିଆଯାଇଛି । ଅନ୍ୟାନ୍ୟ ସମାଜବାଦୀ ରାଷ୍ଟ୍ରମାନଙ୍କରେ କ୍ରମବର୍ଦ୍ଧମାନ ଟିକସହାର କରାଯାଇ ବେଶୀ ରୋଜଗାରୀଙ୍କଠାରୁ ସମ୍ପତ୍ତି କାଢ଼ି ନିଆଯାଉଛି । ଏହାସବୁ ସତ୍ତ୍ୱେ ପ୍ରତ୍ୟେକ ସାମ୍ୟବାଦୀ ରାଷ୍ଟ୍ରରେ ଦଳର ନେତାମାନଙ୍କୁ ବଡ଼ ବଡ଼ ସରକାରୀ କର୍ମଚାରୀମାନଙ୍କୁ, ସରକାରୀ ଉଦ୍ୟୋଗର ମ୍ୟାନେଜରମାନଙ୍କୁ କ୍ରୀଡ଼ା ଓ କଳା ଜଗତର ନାମଜାଦା ଖେଳାଳି ବା କଳାକାରଙ୍କୁ ନେଇ ଏକ ନୂଆ ଅଭିଜାତ ଶ୍ରେଣୀ ସୃଷ୍ଟି ହୋଇଛି । ଯୁକ୍ତରାଷ୍ଟ୍ର ଜିମି କାର୍ଟରଙ୍କ ବାର୍ଷିକ ଅଢ଼େଇଲକ୍ଷ ଡଲାର ତୁଳନାରେ ରୁଷିଆର ଲିଓନିଡ୍ ବ୍ରେଜ୍‌ନେଭ୍‌ଙ୍କ ୩୪୮[illegible] ରୁବଲ୍ (ପ୍ରା. ୪[illegible]୦୦ ଡଲାର) ଖୁବ କମ୍ ସତ । କମ୍ ଖାଉଟି ଦ୍ରବ୍ୟ ମିଳୁଥିବା ସାମ୍ୟବାଦୀ

ରାଷ୍ଟ୍ରରେ ଆମୋଦ ପ୍ରମୋଦର ଜୀବନପାଇଁ ଟଙ୍କା ପଇସା ଅପେକ୍ଷା ନିଜର ଉଚ୍ଚପଦବୀ ବେଶୀ ଆଦରକରେ ।

ଆଦର୍ଶ ଓ ବାସ୍ତବ ମଧ୍ୟରେ ଏ ପ୍ରକାର ପ୍ରଭେଦ କେତେକ କ୍ଷେତ୍ରରେ ରାଷ୍ଟ୍ରନାୟକମାନଙ୍କୁ ହତାଶ କରିଦେଇଛି । ତୃତୀୟ ବିଶ୍ୱର କେତେକ ରାଷ୍ଟ୍ର ଏହାର ପୁନର୍ବିଚାର କରୁଛନ୍ତି । ୧୯୭୫ରେ ଜେନେରାଲ୍ ଜୁଆନ୍ ଭେଲାସ୍କୋ ଆଲଭାରାଡୋଙ୍କୁ ଗାଦିଚ୍ୟୁତ କରି ପେରୁ ତାଙ୍କର ୭ ବର୍ଷର ସମାଜବାଦ ତଥା ଦେବାଳିଆ ଅର୍ଥନୀତିରୁ ଓହରି ଯାଇଛି । ଇଜିପଟର ଅନଓ୍ୱାର ସାଦତ୍ ଆଉ ଗାମାଲ ଆବ୍‌ଦେଲ ନାସେର୍‌ଙ୍କ ଆରବ ସମାଜବାଦକୁ କାର୍ଯ୍ୟକାରୀ କରୁନାହାନ୍ତି । ବିଲାତରେ ଶ୍ରମିକ ଦଳ ସରକାର ଥିଲାବେଳେ ବ୍ୟକ୍ତିଗତ ମାଲିକାନା ଓ ପ୍ରେରଣା ବଢ଼ାଇବାପାଇଁ ଆଇନରେ ପରିବର୍ତ୍ତନ କରୁଥିଲେ । ପଶ୍ଚିମ ଜର୍ମାନୀର ଚାନ୍‌ସେଲର ସ୍ମିଡ୍‌ଟ ପେନ୍‌ସନ୍ ହାର କମାଇ ଓ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଖର୍ଚ୍ଚ କମାଇ ତାଙ୍କ ଦଳରେ ଅପ୍ରିୟ ହୋଇ ପଡ଼ିଛନ୍ତି ।

ଏସମସ୍ତ ଆଲୋଚନାରୁ ଜଣାଯାଏ, ସତେ ଯେପରି ପୁଞ୍ଜିବାଦୀ ବ୍ୟବସ୍ଥାରେ ଯେଉଁସବୁ କଠୋରତା ଓ ନିର୍ଦ୍ଦୟତା ଅଛି ତାକୁ ହ୍ରାସ କରାଇ ପାରିଲେ ଆମେ ସାମ୍ୟବାଦୀ ସ୍ୱପ୍ନର ନିକଟବର୍ତ୍ତୀ ହୋଇପାରିବା । କିନ୍ତୁ ଏହା କ'ଣ ସମ୍ଭବ ?

ପୁଞ୍ଜିବାଦୀ ବ୍ୟବସ୍ଥା ମଣିଷ ଜୀବନର ବାସ୍ତବତାର ଏକ ଛବି । ଏଥିରେ ବ୍ୟକ୍ତିର ସ୍ୱାର୍ଥ ଓ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅସମାନତା ଗ୍ରହଣ କରାଯାଏ । କିନ୍ତୁ ସମାଜବାଦ ଏକ ସ୍ୱର୍ଗୀୟ ସ୍ୱପ୍ନ । ଏକ ନ୍ୟାୟ ଓ ସତ୍ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକ ଗୋଟିଏ ଗୋଟିଏ ଋଷିପ୍ରାଣ ବ୍ୟକ୍ତି ହୋଇ ପାରିବ, ସମାଜର ସାଧାରଣ ଲକ୍ଷ୍ୟ ହାସଲରେ ସମନ୍ୱୟ ରକ୍ଷା କରି ନିଜ ନିଜର କାମ କରିଯିବ । ପୁଞ୍ଜିବାଦ ସପକ୍ଷରେ ଥିବା ଲୋକେ କହନ୍ତି, ଯଦି ଲୋକେ ଋଷି ପ୍ରତିମ ହୋଇ ଉଠିବେ, ତେବେ ସମାଜବାଦ ପ୍ରସାର ନ କରି ମଧ୍ୟ ସମାଜରେ ସ୍ୱର୍ଗୀୟ ସୁଖ କ'ଣ ମିଳିପାରିବ ନାହିଁ ?

●

# କାରିଗରୀ ବିଦ୍ୟା ଏବଂ ମାନବିକ ମୂଲ୍ୟବୋଧ

## ଆପାତ ବିରୋଧୀ-

ସାଧାରଣତଃ କଥାବାର୍ତ୍ତାରେ ଆମେ 'ବୈଜ୍ଞାନିକ' ଓ 'ମାନବିକ' ଶବ୍ଦ ଦୁଇଟିକୁ ପରସ୍ପର ବିରୋଧୀ ଅର୍ଥରେ ଧରିଥାଉଁ । ବୈଜ୍ଞାନିକ, ବୈଷୟିକ ବା କାରିଗରୀ ମୂଲ୍ୟବୋଧ ଯେତେ ସେମିତି ମାନବିକ ମୂଲ୍ୟବୋଧକୁ ପୂରାପୂରି ଭୁଲିଯାଇଛେ । ଏହାର ଏକ ସମାନ୍ତରାଳ ଉଦାହରଣ ହେଉଛି - ମାନବିକ ବନାମ ପାଶବିକ । ଅଭଦ୍ର, ଅସୌଜନ୍ୟମୂଳକ, ବାଛବିଚାର ହୀନ, ସ୍ଥୂଳ ବ୍ୟବହାରକୁ ପାଶବିକ କୁହାଯାଏ । ଭଦ୍ରୋଚିତ ବ୍ୟବହାର, ଅନ୍ୟର ଚିନ୍ତାଧାରା ପ୍ରତି ସମ୍ମାନ ପ୍ରଦର୍ଶନ, ପରସ୍ପର ସମ୍ପର୍କରେ ହିଂସାର ବର୍ଜନ ଆଦିକୁ ମାନବିକ ଧରାଯାଏ । ମଣିଷର ବିଚାର, ବିବେକ ବା ଚିନ୍ତାଶକ୍ତି ମାନବିକ ଗୁଣର ଆଧାର । ତେଣୁ ପଶୁର ବିଚାରହୀନ, ପ୍ରବୃତ୍ତିମୂଳକ, ବ୍ୟବହାରକୁ ମଣିଷ ଭାଷାରେ ହୁଣ୍ଡାମି କହୁ । କିନ୍ତୁ ବିଜ୍ଞାନ ବା କାରିଗରୀ ବିଦ୍ୟା ସହିତ ମାନବିକତାକୁ ତୁଳନା କଲାବେଳେ ଆମେ ଠିକ୍ ଓଲଟା ଭାବୁ । ଯଦି ମାନବିକତା ଓ ପ୍ରୟୋଗାତ୍ମକ ବିଜ୍ଞାନ ପରସ୍ପର ବିରୋଧୀ ବୋଲି ଧରୁ, ତେବେ ମନେ କରିବାକୁ ହେବ ଯେ ଯାହା କିଛି ବିଜ୍ଞାନସମ୍ମତ ନୁହେଁ, ବିବେକ ବା ଗବେଷଣା ସମ୍ମତ ନୁହେଁ, ତାହା ମାନବିକ । ଇତିହାସରେ ମାନବିକତା ଓ ପାଶବିକତା ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି, ତାହାକୁ ଆଜିକାଲି କଥାବାର୍ତ୍ତାରେ କାରିଗରୀ ବିଜ୍ଞାନ ଓ ମାନବିକ ମୂଲ୍ୟବୋଧ ମଧ୍ୟରେ ପ୍ରୟୋଗ କରାଯାଉଛି । ଅଥଚ ମଣିଷର ଉତ୍ତମ ଜୀବନଯାପନ ପାଇଁ ପାଥେୟ ଯୋଗାଇବାକୁ କେବଳ କାରିଗରୀ ବିଦ୍ୟାହିଁ ସକ୍ଷମ । ସମାଲୋଚକମାନେ ଯେତେବେଳେ କହନ୍ତି ଯେ କାରିଗରୀ ବିଦ୍ୟା (technology) ମାନବିକ ମୂଲ୍ୟବୋଧର ବିରୋଧୀ, ସେମାନେ କାରିଗରୀ ବିଦ୍ୟା ଓ ମାନବିକ ମୂଲ୍ୟବୋଧ ମଧ୍ୟରେ ଥିବା ଏହି ପରସ୍ପରର ପରିପୂରକ ଗୁଣକୁ ଭୁଲିଯାଆନ୍ତି ।

**ତିଷ୍ଠିବାର ଉପାୟ** - ମଣିଷର ବିବେକ ବା ବୁଦ୍ଧି ଅଛି ବୋଲି ତାକୁ ପଶୁଠାରୁ ପୃଥକ୍ ଧରାଯାଏ । ଏହି ବିବେକର ପରିପ୍ରକାଶ ଘଟିଥାଏ ଯନ୍ତ୍ରପାତି

ବ୍ୟବହାର କରିଆରେ । ଯନ୍ତ୍ରପାତି ବ୍ୟବହାର କରିବା ଶିଖି ନ ଥିଲେ ବା ବ୍ୟବହାର କରିବାରେ ଅକ୍ଷମ ହୋଇଥିଲେ ଗୋଟିଏ ଶ୍ରେଣୀର ପ୍ରାଣୀ ହିସାବରେ ମଣିଷ ଭୂପୃଷ୍ଠରେ ଆଜି ତିଷ୍ଠି ନ ଥାନ୍ତା । ଯନ୍ତ୍ରପାତି ହିଁ ମଣିଷର ହାତର କ୍ଷମତା ଏବଂ ମାଂସପେଶୀର ଶକ୍ତିକୁ ଏପରି ଅସାଧାରଣ ଭାବରେ ବଢ଼ାଇଛି ଯେ ମଣିଷ ଯେକୌଣସି ପରିସ୍ଥିତିର ମୁକାବିଲା କରିପାରୁଛି । ଏହି କାରଣରୁ କେତେକ ନୃତତ୍ତ୍ୱବିଦମାନେ ମଣିଷକୁ ଯନ୍ତ୍ର ତିଆରି ଓ ଯନ୍ତ୍ର ବ୍ୟବହାରକାରୀ ପ୍ରାଣୀ ରୂପେ ବର୍ଣ୍ଣନା କରିଥାନ୍ତି । ଲାଟିନ୍ ଭାଷାରେ ଚିନ୍ତାଶୀଳ ମଣିଷକୁ homo sapiens ଓ ଯନ୍ତ୍ରପାତି ତିଆରି କରିପାରୁଥିବା ମଣିଷକୁ Homo faber କହନ୍ତି- ମଣିଷର ଏହି ଦୁଇଟି ବିବର୍ତ୍ତନସ୍ତର ବର୍ତ୍ତମାନ ଏକତ୍ର ହୋଇଯାଇଛି । ମଣିଷ ଯନ୍ତ୍ର କଲା ଏବଂ ଯନ୍ତ୍ର ମଣିଷକୁ ପରିସ୍ଥିତି ( ବା ଅବସ୍ଥା) ସମ୍ଭାଳିବାକୁ ସାହାଯ୍ୟ କଲା । ଯନ୍ତ୍ର ତିଆରି କରି ବସିଯିବା, ମଣିଷର ଲକ୍ଷ୍ୟ ନଥିଲା । ଯନ୍ତ୍ର ହେଲା ଏକ ଉପାୟ ମାତ୍ର; ବିଭିନ୍ନ ଉଦ୍ଦେଶ୍ୟ ସାଧନର ଅସ୍ତ୍ର । ଏହି ଯନ୍ତ୍ରର ଉନ୍ନତି ଉପରେ ମଣିଷ ସଭ୍ୟତାର ସ୍ତର ମାପହେବାରେ ଲାଗିଲା । ବସ୍ତୁ ଅର୍ଥରେ ପ୍ରସ୍ତରରୁ ବ୍ରୋଞ୍ଜ, ବ୍ରୋଞ୍ଜରୁ ଲୌହ, ଲୌହରୁ ଇସ୍ପାତ କିମ୍ବା ଶକ୍ତି ଅର୍ଥରେ ନର ମାଂସପେଶୀରୁ ପ୍ରାଣୀବଳ, ବାୟୁ ଓ ଜଳ, ବାଷ୍ପ ଓ ତୈଳ, ରକେଟ୍ ଓ ଆଣବିକ ଶକ୍ତି କିମ୍ବା ଯନ୍ତ୍ର ଅର୍ଥରେ ହାତ ହତିଆରଠାରୁ ଶକ୍ତିଚାଳିତ ଯନ୍ତ୍ର, ଅସଂଖ୍ୟ ଉତ୍ପାଦନକ୍ଷମ କାରଖାନା, ତଥା କମ୍ପ୍ୟୁଟର ନିୟନ୍ତ୍ରିତ କଳକାରଖାନା ପର୍ଯ୍ୟନ୍ତ- ମଣିଷ ସଭ୍ୟତାର ମାଇଲ ଖୁଣ୍ଟ ଭାବେ ଧରାଗଲା ।

କିନ୍ତୁ ଏସବୁ ବସ୍ତୁବାଦୀ ସଭ୍ୟତା, ପାଶ୍ଚାତ୍ୟ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କ ଦ୍ୱାରା ଉତ୍ସାହିତ । ଏଥିରେ ପ୍ରାଚ୍ୟ ସଂସ୍କୃତିର 'ଆଧାତ୍ମିକ' ମୂଲ୍ୟବୋଧ ନାହିଁ ବୋଲି ବହୁତ ସମାଲୋଚକ କହିଥାନ୍ତି । କାରିଗରୀ ବା ବିଜ୍ଞାନକୌଶଳ କେବଳ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଉଦ୍ଭାବନ କରିନାହାନ୍ତି, ପ୍ରାଚ୍ୟ ରାଷ୍ଟ୍ରମାନେ ମଧ୍ୟ ଏଥିରେ ଭାଗ ନେଇଛନ୍ତି । ଇତିହାସ କହେ ଯେ ମଧ୍ୟଯୁଗ ପର୍ଯ୍ୟନ୍ତ ଭାରତ ଓ ଚୀନରେ ଏପ୍ରକାର ବୈଜ୍ଞାନିକ ତଥା କାରିଗରୀ ସଭ୍ୟତା ପାଶ୍ଚାତ୍ୟ ଦେଶମାନଙ୍କଠାରୁ ବହୁତ ଉଚ୍ଚସ୍ତରରେ ଥିଲା । ତେତେବେଳେ ଯେପରି ପାଶ୍ଚାତ୍ୟ ଦେଶମାନେ ଭାରତ, ଚୀନ ବା ମିଶର ଆଦି ଦେଶରୁ ଶିକ୍ଷା ପାଉଥିଲେ, ଏବେ ପ୍ରାଚ୍ୟର ଦେଶମାନେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କଠାରୁ ସେହିଭଳି ଶିକ୍ଷା ନେଉଛନ୍ତି ।

**ମାନବିକ ଆବଶ୍ୟକତା ପୂରଣ ଚେଷ୍ଟା** - ପ୍ରକୃତ ପ୍ରଶ୍ନ ହେଉଛି— କାରିଗରୀ ବିଦ୍ୟା ମୌଳିକ ମାନବିକ ମୂଲ୍ୟବୋଧକୁ ନଷ୍ଟ କରି ଦେଉଛି କି ? ଏହାର ଉତ୍ତର ଦେବାପାଇଁ ଆମକୁ ମାନବିକତାର ସଂଜ୍ଞା ଓ ତତ୍‌ସମ୍ପର୍କୀୟ ତଥ୍ୟ ଜାଣିବାକୁ ପଡ଼ିବ ।

୧୯୭୬ ମାର୍ଚ୍ଚ ୨୬ରେ ବିଶ୍ୱର ଲୋକସଂଖ୍ୟା ୪୦୦ କୋଟି ହୋଇଗଲା । ଏହି ଶତାବ୍ଦୀର ଶେଷବେଳକୁ (୨୦୦୦ ଖ୍ରୀଷ୍ଟାବ୍ଦକୁ) ପୃଥିବୀର ଲୋକସଂଖ୍ୟା ୬୦୦ କୋଟି ହୋଇଥିବ ବୋଲି ଗଣନାକାରୀମାନେ ମତ ଦେଉଛନ୍ତି । ଏମାନେ ବଞ୍ଚିବା ପାଇଁ ଖାଦ୍ୟ, ଖରାବର୍ଷା ଓ ଶୀତରୁ ରକ୍ଷା ପାଇଁ ବସ୍ତ୍ର ଓ ଗୃହ ଦରକାର କରନ୍ତି । ଆଦିମକାଳରୁ ଆଜିପର୍ଯ୍ୟନ୍ତ କାରିଗରୀ ବିଦ୍ୟାହିଁ ଏହିସବୁ ନ୍ୟୂନତମ ଆବଶ୍ୟକତା ମେଣ୍ଟାଇଛି । ଆମେ ବଞ୍ଚିଲେ ତ ମାନବିକତା ଦେଖିବା । ୬୦୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ନୂତନରୁ ନୂତନତର ବୈଜ୍ଞାନିକ ତଥା କାରିଗରୀ କୌଶଳ ଦରକାର । ଯଦି ତାହା ଆମେ ନ କରୁ, ତେବେ ବିଶ୍ୱଜନସଂଖ୍ୟାର ଶତକଡ଼ା ୭୦ ଭାଗକୁ ଅନାହାର ମୃତ୍ୟୁକୁ କିମ୍ବା ପୁଷ୍ଟିହୀନଖାଦ୍ୟଜନିତ ଧୀର ମୃତ୍ୟୁର ମୁହଁକୁ ଠେଲିଦେବା ।

ସମାଲୋଚକମାନେ କହିବେ ଯେ ବଞ୍ଚିରହିବାର ଆବଶ୍ୟକତା ମୂଳ ହୋଇପାରେ, କିନ୍ତୁ ମାନବିକ ମୂଲ୍ୟବୋଧ ଏହାଠାରୁ ଖୁବ୍ ଉଚ୍ଚରେ । ସଭ୍ୟମାନବର ମୂଲ୍ୟବୋଧ କ'ଣ ଏହାର ବିଚାର କରିବା ପାଇଁ ମଣିଷର ଶୃଙ୍ଖଳାଜ୍ଞାନ ବିଚାର କରାଯାଇଥାଏ । ନୈତିକ, ରାଜନୈତିକ ଓ ସାମାଜିକ ଶୃଙ୍ଖଳା ସହିତ ଏହା ଜଡ଼ିତ । ନୈତିକ ଶୃଙ୍ଖଳା ମଧ୍ୟରେ ମୌଳିକ ମାନବିକ ଅଧିକାର ଅନ୍ତର୍ଭୁକ୍ତ । ରାଜନୈତିକ ଶୃଙ୍ଖଳା ଲୋକକୁ ଔପନିବେଶିକ ଅତ୍ୟାଚାରରୁ ମୁକ୍ତ କରେ ଓ ଆଇନର ଶାସନ ଜାହିର କରେ । ସାମାଜିକ ଶୃଙ୍ଖଳାରେ ସମସ୍ତଙ୍କ ପାଇଁ ସାମାଜିକ ନ୍ୟାୟ ମିଳିଥାଏ । ଏହି ତିନି ପ୍ରକାରର ଶୃଙ୍ଖଳା କାରିଗରୀ ବିଦ୍ୟାଦ୍ୱାରା କିପରି ପ୍ରଭାବିତ ହୋଇଛି ତାହା ବିଚାର କରାଯାଉ ।

**ବ୍ୟକ୍ତି ମର୍ଯ୍ୟାଦା**— ପ୍ରାଚୀନକାଳରେ ଜନସଂଖ୍ୟାର ଏକ ଚତୁର୍ଥାଂଶ ଚାକର ବା କ୍ରୀତଦାସ ଶ୍ରେଣୀର ଥିଲେ । ସେମାନଙ୍କୁ ସମ୍ପତ୍ତି ତାଲିକାରେ ଗଣାଯାଉଥିଲା, ବ୍ୟକ୍ତି ଭାବରେ ସେମାନଙ୍କର କିଛି ଅଧିକାର ନଥିଲା । ମଧ୍ୟଯୁଗରେ ଦାସପ୍ରଥା ହ୍ରାସ

ପାଇଲା ସିନା, ବାରମାସିଆ ବା ଦାଦନ ଶ୍ରମିକ ସଂଖ୍ୟା ଜନସଂଖ୍ୟାର ଅର୍ଦ୍ଧାଂଶକ ହେଲା । ବ୍ୟକ୍ତି ହିସାବରେ ଜୀବନ ଧାରଣର ମର୍ଯ୍ୟାଦା ସେମାନଙ୍କର ନ ଥିଲା କେବଳ ଗୋଟିଏ ଦୁଇଟା କିଆରିରେ ଚାଷ କରୁଥିବା ହେତୁ ଅଭ୍ୟାସବଶତଃ ସେମାନଙ୍କୁ କିଛି କିଛି ଅଧିକାର ଦିଆ ହୋଇଥିଲା । ଜମିଦାର ହାତରେ ସବୁ ଅଧିକାର ଠୁଳ ହୋଇ ରହିଥିଲା । ଶିଳ୍ପ ବିପ୍ଳବ ଆସିବା ସଙ୍ଗେ ସଙ୍ଗେ ଏହି ପ୍ରକାର ଦାସପ୍ରଥା ବା ଜମିଦାରୀ ସଂସ୍ଥା ଭୁଷୁଡ଼ି ପଡ଼ିଲା । ଜମି ଆଉ ଘର– ଏ ଦୁଇଟି ଉତ୍ପାଦନର କେନ୍ଦ୍ରଥିଲା, ତାହା ବଦଳି ଗଲା । ଘରେ ନ ରହି ଜମି ଉପରେ ନିର୍ଭର ନ କରି ଯେଉଁଠି ଶିଳ୍ପ ପ୍ରତିଷ୍ଠା ହେଲା, ସେଠାରେ କାମ କରି ଜୀବିକା ନିର୍ବାହ କରିବା ସମୟ ଆସିଗଲା । କଳକାରଖାନାରେ ଜୀବିକାର୍ଜନ ପାଇଁ ଶ୍ରମିକ ହିସାବରେ ଗୋଟିଏ ଜାଗାରେ ବହୁତ ଲୋକ ଠୁଳ ହେଲେ, ପରସ୍ପର ଦୁଃଖ ସୁଖ ହେଉ ହେଉ ନିଜର ଭାଗ୍ୟ ସୁଧାରିବା ପାଇଁ ଶ୍ରମିକ ସଂଗଠନ ବା ଟ୍ରେଡ୍‌ୟୁନିଅନ ଗଢିଲେ । ସାମାଜିକ ନ୍ୟାୟ ଓ ବ୍ୟକ୍ତିଗତ ମର୍ଯ୍ୟାଦା ହାସଲ କରିବା ପାଇଁ ସାଧାରଣ ଶ୍ରମିକ ନିଜର ସ୍ୱର ଉତ୍ତୋଳନ କରିବାକୁ ସୁବିଧା ପାଇଲା । ବ୍ୟକ୍ତି ସ୍ୱାଧୀନତାକୁ ସେ ନୂଆ ରୂପ ଦେଲା ।

ଶିଳ୍ପ ସଭ୍ୟତା ଯେ ବ୍ୟକ୍ତି ମର୍ଯ୍ୟାଦାର ଆଦୌ ହାନି କରିନାହିଁ, ତାହା କହିହେବ ନାହିଁ । ପ୍ରକାଣ୍ଡକାୟ କାରଖାନାରେ ଶ୍ରମ ବା କୌଶଳର ବିଭାଗୀକରଣ ଯୋଗୁଁ ଶ୍ରମିକର ବ୍ୟକ୍ତିଗତ ମର୍ଯ୍ୟାଦା କ୍ଷୁଣ୍ଣ ହେଲା । ଗୋଟିଏ ଗୋଟିଏ ବିଭାଗରେ ଥିବା ସବୁ ଶ୍ରମିକ ଗୋଟିଏ ପ୍ରକାର ଜିନିଷ ସମାନ ଭାବରେ ତିଆରି କଲେ । ଶ୍ରମିକର ବିଚାର ବୁଦ୍ଧିର ପ୍ରୟୋଗ ହେଲାନାହିଁ । ଶ୍ରମିକର ବ୍ୟକ୍ତିତ୍ୱର ପରିପ୍ରକାଶ ହେଲା ନାହିଁ ତେଣୁ ମର୍ଯ୍ୟାଦା ରହିବ କିପରି ? କିନ୍ତୁ ଆଜିକାଲି ଶିଳ୍ପ-ମନୋବିଜ୍ଞାନ ଓ ମାନବିକ କାରିଗରୀ (ଇଞ୍ଜିନିୟରିଂ) ବିଦ୍ୟା ଦ୍ୱାରା ବିଭିନ୍ନ କାର୍ଯ୍ୟକୁ ଉନ୍ନତ କରାଯାଉଛି; ପରିବର୍ତ୍ତନଶୀଳ ରୂପରେ ପକାଯାଉଛି । କଳକୁ ବେଶୀ ବେଶୀ କଠିନ କାମ ଦିଆଯାଉଛି ଏବଂ ଶ୍ରମିକକୁ ଅଧିକ ଅବସର ମିଳିବାର ସୁବିଧା କରାଯାଉଛି । ଶ୍ରମିକର ପିଠିରୁ ବୋଝଟା ଖଲାସ ହୋଇ ସାରିଛି, ଏବେ ତା'ର ମୁଣ୍ଡରୁ ନୀରସ, ପୁନରାବୃତ୍ତିମୂଳକ କାଗଜ ଚାଷ ଭଳି, କାମ କାଢ଼ି ନିଆଯାଉଛି । ଏହାର ଅର୍ଥ ନୁହେଁ ଯେ ଶ୍ରମିକକୁ ସ୍ୱେଚ୍ଛାଚାରିତା ମିଳିଯାଉ । ବହୁତ ଲୋକ ମିଳିମିଶି କାମ କରିବାକୁ ହେଲେ ଶୃଙ୍ଖଳା ଦରକାର, ପରସ୍ପର ମଧ୍ୟରେ ସହଯୋଗ ଦରକାର, ସମୟାନୁବର୍ତ୍ତିତା ଦରକାର । ଭାରତ, ଚୀନ୍, ମିଶର ଓ ମେସୋପୋଟାମିଆର କୃଷିଭିତ୍ତିକ ପ୍ରାଚୀନ ସଭ୍ୟତାରେ ଯେଉଁସବୁ ବଡ଼ ବଡ଼

ଜଳସେଚନ କେନାଲ ତିଆରି ହୋଇଥିବାର ପ୍ରମାଣ ଆଜିକାଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ଖୋଳି ବାହାର କରୁଛନ୍ତି, ସେ ସବୁରେ ବନ୍ଧବାଡ଼ ବସାଇବା ପାଇଁ ବହୁତ ଲୋକ ମିଳିମିଶି କାମ କରିଥିବେ । ରାଜାରାଜୁଡ଼ାଙ୍କ ଚାବୁକ ମାଡ଼ରେ କିମ୍ବା ରାଜାଙ୍କ ପ୍ରତି ଆନୁଗତ୍ୟ ଦେଖାଇ ବେଠି ଖଟି ଏମାନେ ଏଡ଼େ ବଡ଼ ବଡ଼ ଯୋଜନା ସମ୍ପୂର୍ଣ୍ଣ କରିଥିବେ । କିନ୍ତୁ ଆଜିକାଲିର ଶିଳ୍ପ-ସଭ୍ୟତା ଗୁଡ଼ାଏ ଲୋକଙ୍କୁ ଜୋରଜବରଦସ୍ତ ଖଟାଇବାର ପକ୍ଷପାତି ନୁହେଁ । କାରିଗରୀ କୌଶଳ ଉନ୍ନତ ହେବା ସଙ୍ଗେ ସଙ୍ଗେ ଶ୍ରମିକର ମତାମତ ପ୍ରତି ନଜର ଦିଆଯାଉଛି । ଶ୍ରମିକ ନିଜ ଇଚ୍ଛା ଉପରେ ନିର୍ଭର କରି କେଉଁ ପ୍ରକାର କାମ କରିବ ତାହା ଠିକ୍ କରୁଛି ବା କେଉଁ କାମ ଛାଡ଼ିଦେବ ତାହାର ନିଷ୍ପତ୍ତି ନେଉଛି । ଯେଉଁଠାରେ କାମ କରୁଛି ସେଠାରେ ନିଜର ଅବସ୍ଥା ଓ ଦୁଃଖ ଦୁର୍ଦ୍ଦଶାର ମୋଚନ ପାଇଁ ଶ୍ରମିକ ଆଜିକାଲି ୟୁନିଅନ ବା ସଂଘ ଜରିଆରେ ମତବ୍ୟକ୍ତ କରୁଛି ।

**କାରିଗରୀ ବିଦ୍ୟା ଓ ବ୍ୟକ୍ତି ସ୍ୱାଧୀନତା—** ଶିଳ୍ପୋନ୍ନତ ଦେଶମାନଙ୍କରେ ତଥା ଅନୁନ୍ନତ ଦେଶମାନଙ୍କର ଆଧୁନିକ ଶିଳ୍ପକାରଖାନାରେ ଶ୍ରମିକମାନେ ସେମାନଙ୍କ ୟୁନିଅନ୍ ଜରିଆରେ ବା ସଂଘର ରାଜିନାମା ବଳରେ ଅଧିକାରଗୁଡ଼ିକୁ ସାବ୍ୟସ୍ତ କରୁଛନ୍ତି ଯଥା- କି ପ୍ରକାର ପୋଷାକ ସେମାନେ ପାଇବେ, କେତେ ସମୟ ଚା' ବା କଫି ଖାଇବେ, କିପରି କାରଖାନା ତରଫରୁ ଉଚିତ ମୂଲ୍ୟରେ ଖାଦ୍ୟ ଯୋଗାଯିବ, କେତେ ଦରମା ଦିଆ ଛୁଟି, ଦୁର୍ଘଟଣାଜନିତ ବୀମା ବା ଚାକିରିରେ ଉତ୍ତରୋତ୍ତର ଉନ୍ନତି ପାଇଁ କି ପ୍ରକାର ସର୍ତ୍ତାବଳୀ, ଏ ସମସ୍ତ ଟିକିନିଖି କରି ଲେଖାଯାଉଛି । ଗଣତାନ୍ତ୍ରିକ ଚିନ୍ତାଧାରା ବିଭିନ୍ନ ଶିଳ୍ପ ବା କାରିଗରୀ ସଂସ୍ଥାକୁ ବେଶ୍ ବ୍ୟାପିଛି । ମାର୍କସପନ୍ଥୀମାନେ ଯେତେ ପାଟି କରି କହିଲେ ବି, ମଣିଷର ଶ୍ରମକୁ ଆଜିକାଲି ଗୋଟିଏ ବିକ୍ରୟଯୋଗ୍ୟ ବସ୍ତୁ ବୋଲି ଧରାଯାଉ ନାହିଁ ।

ଶିଳ୍ପ ପ୍ରସାର ଯେତେ ବଢ଼ୁଛି, ଜାତିବର୍ଣ୍ଣ ଭେଦଭାବ ତେତେ ଦୂର ହୋଇଯାଉଛି, ମଣିଷ ମଣିଷ ଭିତରେ ଥିବା ଅସମାନତା, ଉଚ୍ଚନୀଚଭାବ ମଧ୍ୟ ଉଭେଇଯାଉଛି । ଆଇନଦ୍ୱାରା ଦାସତ୍ୱପ୍ରଥା, ବେଠି ବା ଅସ୍ପୃଶ୍ୟତାକୁ ଉଠାଇଦେବା ସହଜ ନୁହେଁ; ସମାଜରେ ଏଗୁଡ଼ିକ ଯେପରି ରହି ନ ପାରେ ତାହାର ବ୍ୟବସ୍ଥା ନ ହେଲା ପର୍ଯ୍ୟନ୍ତ ଆଇନ କିଛି କରିପାରିବନାହିଁ ଏବଂ ଏହି ପ୍ରକାର ବ୍ୟବସ୍ଥା କେବଳ କାରିଗରୀ କୌଶଳର ତଥା ଶିଳ୍ପର ପ୍ରସାର ଯୋଗୁ ଘଟିପାରିଛି । ଆମ ଦେଶରେ ଜାତିପ୍ରଥା ତଥା

ଅସ୍ପୃଶ୍ୟତା ନିବାରଣ ଯେତେଦୂର ଘଟିଛି, ତାହା କେବଳ ଆଧୁନିକ ଶିଳ୍ପ ସମାଜଦ୍ୱାରା ହିଁ ସମ୍ଭବ ହୋଇଛି । ଜାତିଧର୍ମ ନିର୍ବିଶେଷରେ ପରସ୍ପରକୁ ସହକର୍ମୀ ଭାବରେ ନ ଦେଖିଲେ, ପରସ୍ପର ସହିତ ବ୍ୟକ୍ତିଗତ ସମ୍ପର୍କ ନ ରହିଲେ କୌଣସି ଶିଳ୍ପରେ ଉତ୍ପାଦନ ଅବ୍ୟାହତ ରହିପାରିବ ନାହିଁ ବା ବୃଦ୍ଧି ପାଇପାରିବ ନାହିଁ । ତେଣୁ ଜାତିପ୍ରଥା, ଅସ୍ପୃଶ୍ୟତା ଆଦି ଶିଳ୍ପ-ଉତ୍ପାଦନର ପରିପନ୍ଥୀ । ଆମ ଦେଶ ଯେତେ ଶିଳ୍ପୋନ୍ନତ ହେବ, ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କ ମଧ୍ୟରେ ତେତେଦୂର ସାମ୍ୟ, ଭ୍ରାତୃଭାବର ଉଦ୍ରେକ ହେବ । ଏହି କାରଣରୁ ଯେଉଁ ଦେଶ ଯେତେ ଶିଳ୍ପୋନ୍ନତ, ସେ ଦେଶରେ ଗଣତାନ୍ତ୍ରିକ ସ୍ୱାଧୀନତା, ଧର୍ମନିରପେକ୍ଷତା, ସମାନତା ତଥା ବିଭିନ୍ନ ମୌଳିକ ଅଧିକାର ତେତେ ବେଶୀ ପରିମାଣରେ ଦେଖାଯାଏ । ଉନ୍ନତ ଦେଶରେ ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ମର୍ଯ୍ୟାଦା ବେଶୀଥିବାର କାରଣ 'କାକତାଳୀୟ ନ୍ୟାୟ' ବୋଲି ବା ଦୈବକ୍ରମେ ଏପରି ହୋଇଛି ବୋଲି ଯେଉଁମାନେ କହନ୍ତି, ସେମାନେ ମସ୍ତବଡ଼ ଭୁଲ କରିଛନ୍ତି ।

**ଉତ୍ପାଦିକତା ଓ ସାମାଜିକ ନ୍ୟାୟ-** ଆଗକାଳର ଚିନ୍ତାଧାରା ହେଲା ଧନୀ ବା ଗରିବ ହେବା କର୍ମର ଫଳ । ଧନୀ ଗରିବକୁ ଦାନ କରିବା ଧର୍ମ । ନିଜ କର୍ମ ବା ଭାଗ୍ୟ ଆଦରି ଗରିବ ଧନୀ ହେବାକୁ ଚେଷ୍ଟା କରୁ ନଥିଲା । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦାନଧର୍ମ ଯଥାନୁରୂପ ହେଉ ନଥିଲା । ଧନୀମାନେ ଯାହା ପାଉଥିଲେ ମୌଜମଜଲିସ୍‌ରେ ଖର୍ଚ୍ଚ କରୁଥିଲେ; କିଛି ବଳକା ହେଲେ ଦାନ ଖଇରାତ କରୁଥିଲେ । କାରିଗରୀ ବିଦ୍ୟା ଓ ଶିଳ୍ପ ବିଜ୍ଞାନର ଉନ୍ନତି ଫଳରେ ଏସବୁ ବଦଳି ଯାଇଛି । ଉତ୍ପାଦନ ବଢ଼ିଯିବା ଯୋଗୁ ଜିନିଷସବୁ ବଳକା ହୋଇପଡ଼ିଛି ଓ ସମସ୍ତଙ୍କ ବ୍ୟବହାର ପାଇଁ ମିଳିଯାଉଛି । ରାଷ୍ଟ୍ର ରାଷ୍ଟ୍ର ସ୍ତରରେ ଜନମଙ୍ଗଳ କାର୍ଯ୍ୟକ୍ରମ କରିଥାରେ ଏବଂ ଆନ୍ତର୍ଜାତିକ ସ୍ତରରେ ଉନ୍ନତ ରାଷ୍ଟ୍ରମାନଙ୍କଠାରୁ ଅନୁନ୍ନତ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ଆକାରରେ ଉଦ୍‌ବୃତ୍ତ ସମ୍ପଦ ବଣ୍ଟାଯାଉଛି ।

ଶିକ୍ଷାକ୍ଷେତ୍ରରେ ମଧ୍ୟ ସେହିକଥା । ଶିଳ୍ପର ଉନ୍ନତି ଶ୍ରମିକମାନଙ୍କ ଶିକ୍ଷା ତଥା ଯୋଗ୍ୟତା ଉପରେ ନିର୍ଭର କରେ, ତେଣୁ ଶିଳ୍ପ କର୍ତ୍ତୃପକ୍ଷମାନେ ଶ୍ରମିକ ତଥା କର୍ମଚାରୀମାନଙ୍କ ଶିକ୍ଷାର ମାନ ବଢ଼ାଇବାରେ; ଶିକ୍ଷା ସୁବିଧା ଯୋଗାଇବାରେ ସଦାସର୍ବଦା ଚେଷ୍ଟିତ । ଅଧିକନ୍ତୁ କାରିଗରୀ ତଥା ବୈଜ୍ଞାନିକ ବୁଦ୍ଧିର ପ୍ରୟୋଗ ଫଳରେ ଆଜିକାଲି ଶସ୍ତା ଓ ସୁବିଧାରେ ଶିକ୍ଷାପ୍ରସାରର ଉପକରଣ ତିଆରି କରାଯାଇପାରୁଛି ।

ବହିପତ୍ର ଶସ୍ତାରେ ମିଳୁଛି । ବେଶୀ ଲୋକେ ପଢ଼ାପଢ଼ି କରି ପାରୁଛନ୍ତି । ବେଶ୍ ଦୁଇ ପଇସା ଆସିପାରୁଥିବା ହେତୁ କର୍ମଚାରୀମାନେ ପିଲାମାନଙ୍କୁ ଅଳ୍ପ ବୟସରୁ ରୋଜଗାର ପାଇଁ ଖଟାଉନାହାନ୍ତି, ପୂରା ଶିକ୍ଷା ପାଇବା ପର୍ଯ୍ୟନ୍ତ ଯତ୍ନ ନିଆଯାଇ ପାରୁଛି ।

ଏପ୍ରକାର ଶିକ୍ଷାପ୍ରସାରର ଗୋଟିଏ ସୁଫଳ ଯେ ଧନୀ ଗରିବ ମଧ୍ୟରେ ଥିବା ପାର୍ଥକ୍ୟ କ୍ରମେ କ୍ରମେ ଲୋପ ପାଉଛି । ସେହିପରି ସହର ଓ ମଫସଲ ବାସିନ୍ଦାମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ସଂକୀର୍ଣ୍ଣତର ହୋଇଆସୁଛି । ଉପଭୋଗର ସାମଗ୍ରୀ ଏତେ ପରିମାଣରେ ଉତ୍ପାଦିତ ହେଉଛି ଯେ ସାଧାରଣ ଲୋକ ମଧ୍ୟ ରେଡ଼ିଓ, ଟେଲିଭିଜନ ବା 'ମୋପେଡ୍'ଟିଏ କିଣି ପାରୁଛି । ଧନୀଲୋକ ତା'ର କାର୍‌ରେ ଯେପରି ବାହାରିଯାଉଛି, ଗରିବ ମୂଲିଆ ମିନିବସରେ ସେହିପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରୁଛି । ଗାଁ ଗହଳରେ ବି ସିନେମା, ଟେଲିଭିଜନ୍ ଦେଖାହୋଇ ପାରୁଛି; ଟିଣ ଡବାଭିତରେ ଥିବା ଖାଦ୍ୟ ବି ମିଳିପାରୁଛି । ସହର ମଫସଲ ଓ ଧନୀ ଗରିବ ମଧ୍ୟରେ ଏ ପ୍ରକାର ସମାନତା ଆସିବାର ମୂଳ କାରଣ କାରିଗରୀ ବିଦ୍ୟାର ପ୍ରସାର ।

**କାରିଗରୀବିଦ୍ୟା କଳା ବିରୋଧୀ କି ? -** କେବଳ ନୈତିକ ଓ ସାମାଜିକ ନ୍ୟାୟ ମାନବିକ ମୂଲ୍ୟବୋଧର ଅନ୍ତର୍ଭୁକ୍ତ ନୁହେଁ । ସୌନ୍ଦର୍ଯ୍ୟ ଓ ସହଯୋଗମୂଳକ କାମ ଯଥା ସଙ୍ଗୀତ, ସାହିତ୍ୟ, କଳାଆଦିର ସୃଷ୍ଟି ଓ ଉପଭୋଗ ମଧ୍ୟ ମାନବ ଧର୍ମ । ସାଧାରଣ ଭାବେ କଥାବାର୍ତ୍ତା ହେବାବେଳେ ଆମେ କହୁଁ ଯେ ବିଜ୍ଞାନ ଓ ଶିଳ୍ପର ପ୍ରସାର ଫଳରେ କଳା ଓ ସଂସ୍କୃତି ଲୋପ ପାଇଗଲା । ଆଧ୍ୟାତ୍ମିକ ଭାବଧାରା ତଥା ମାନସିକ ଖୋରାକ ଶୁଖିଗଲା । ଅର୍ଥାତ୍ ଏ ପ୍ରକାର ମାନବିକ କର୍ମଧାରାକୁ ବିଜ୍ଞାନ ଓ ଶିଳ୍ପ ବିରୋଧ କଲା । ଇତିହାସ ଅନୁଧ୍ୟାନ କଲେ ଦେଖାଯିବ, ପ୍ରକୃତରେ ତାହା ନୁହେଁ ।

ଆଗକାଳରେ ରାଜା ମହାରାଜାମାନେ ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଥିଲେ । ଅଧୁନା ଶିଳ୍ପପତି ଓ ମାଲିକମାନେ ସେହି ଭୂମିକା ନେଇଛନ୍ତି । ଅଧିକନ୍ତୁ ଶିଳ୍ପର ପ୍ରସାର ହିଁ କଳାବୃଦ୍ଧିର କାରଣ ହୋଇଛି । ବିଶ୍ୱରେ ଶିଳ୍ପବିପ୍ଳବ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଏକ ପ୍ରକାର ନୂଆ ସାହିତ୍ୟିକ କୃତି ସୃଷ୍ଟିହେଲା, ତାହା ହେଉଛି ଉପନ୍ୟାସ । ପ୍ରାଚୀନକାଳରେ ମଣିଷର ଭାବଧାରାକୁ

କବିତା ଆକାରରେ ପ୍ରକାଶ କରାଯାଉଥିଲା । ପରେ ପରେ ଗଦ୍ୟ ଆକାରରେ ପ୍ରକାଶ କରାହେଲା । କାରଣ ଏହାଦ୍ୱାରା ଯାହା କହିବା କଥା ଖୋଲାଖୋଲି ଭାବରେ କହିହେଲା ! କିନ୍ତୁ ସାଧାରଣ ଲୋକର ଜୀବନଯାତ୍ରାକୁ ନେଇ ସାହିତ୍ୟିକ କୃତି ଗଢ଼ିବା ପାଇଁ ସୃଷ୍ଟି ହେଲା ଉପନ୍ୟାସ- କବିତା ଓ ଗଦ୍ୟ ରଚନାର ଏକ ସମ୍ମେଳନ ।

ଯେଉଁ ସମାଜରେ ଅନ୍ନଚିନ୍ତା ଚମତ୍କାର ! ସେଠାରେ କବିତାର ସ୍ରୋତ ଶୁଖିଯାଏ । ଶରୀର ସମ୍ଭାଳିବାକୁ ଯଥେଷ୍ଟ ସମ୍ବଳ ନଥିଲେ କଳାପ୍ରତି ଆଗ୍ରହ ଆସିବ କିପରି ? ଉନ୍ନତତର ଶିଳ୍ପ ଓ କାରିଗରୀ ବିଦ୍ୟାର ପ୍ରୟୋଗ ଫଳରେ ଅଧିକରୁ ଅଧିକ ଲୋକଙ୍କର ମୌଳିକ ଆବଶ୍ୟକତା ମେଣ୍ଟିଯାଉଛି । ସେମାନଙ୍କୁ ଅବସର ମିଳୁଛି । ମାନସିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ଦେଖାଇବାକୁ ସମୟ ମିଳୁଛି । ସପ୍ତାହରେ ସାତଦିନଯାକ ଦିନରାତି ଖଟି ବା କାହାରି ଘରେ ବାରମାସିଆ ରହି ପେଟ ସମ୍ଭାଳିବାକୁ ପଡୁନାହିଁ ଅବଶ୍ୟ ସବୁଲୋକେ ସେମାନଙ୍କ ଅବସରକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟାଉ ନାହାନ୍ତି । କେହି କେହି ଯାଦୁଘର ଯାଆନ୍ତି ତ କେହି ଉଦ୍ୟାନ ବା ସମୁଦ୍ରକୂଳକୁ ଯାଆନ୍ତି- କେହି ଅବା ବଣଭୋଜିରେ ଦିନ କଟାନ୍ତି । କେହି କେହି ଜୁଆଆଡ୍ଡାରେ ବିତାନ୍ତି । ଏହା ସତ୍ତ୍ୱେ ଯଥେଷ୍ଟ ଲୋକ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅବସର ଲଗାନ୍ତି । ଲଳିତ କଳାର ଉପଭୋଗ ଆଗକାଳଭଳି କେବଳ ରାଜାମହାରାଜା ବା ତାଙ୍କ ପାରିଷଦବର୍ଗଙ୍କ ପାଇଁ ସଂରକ୍ଷିତ ରହିନାହିଁ । ଏହା ସର୍ବସାଧାରଣରେ ପ୍ରାପ୍ୟ ହେଉଛି । ଅର୍ଥାତ୍ ସାଂସ୍କୃତିକ ତଥା କଳାଚର୍ଚ୍ଚା ପାଇଁ ବିଜ୍ଞାନ, ଶିଳ୍ପ ଓ କାରିଗରୀ କୌଶଳହିଁ ଦାୟୀ ହୋଇଛି । କଳା ଓ ସଂସ୍କୃତି ଅଭିଜାତ ଶ୍ରେଣୀର ଆଭିଜାତ୍ୟ ରୂପେ ନ ରହି ମଳି ମୁଣ୍ଡିଆର ଉପଭୋଗ୍ୟ ହୋଇ ପାରିଛି ।

ପରିସଂଖ୍ୟାନ ଦୃଷ୍ଟିରୁ ଏହା ମଧ ପ୍ରମାଣ କରିହେବ । ଆଗକାଳରେ ଏପରିକି ୧୦ବର୍ଷ ତଳେ ଯେତେ ପରିମାଣରେ ଯାତ୍ରା, ଥିଏଟର ବା ସାଂସ୍କୃତିକ ସଙ୍ଗଠନ ଥିଲା, ବର୍ତ୍ତମାନ ତାହା ବହୁତ ବଢ଼ିଯାଇଛି । ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ବହୁତ ବଢ଼ିଯାଇଛି । ପତ୍ରପତ୍ରିକା ସଂଖ୍ୟା, ବହିପତ୍ର ପ୍ରକାଶନ ପରିମାଣ ଏବଂ ସେମାନଙ୍କ ପାଠକସଂଖ୍ୟା ବହୁ ଗୁଣ ବଢ଼ି ଯାଇଛି । ପେଷାଦାର ଥିଏଟର, ଅର୍କେଷ୍ଟ୍ରା, ନୃତ୍ୟଦଳ ଆଜି ବେଶ୍ ବଢ଼ିଯାଇଛି । ରାଉରକେଲା ଇସ୍ପାତ୍ କାରଖାନା ଅଞ୍ଚଳ କଥା ଧରାଯାଉ । ଯେଉଁଠି ୨୫ ବର୍ଷତଳେ ବଣ ଜଙ୍ଗଲ ଥିଲା ସେଠାରେ ବର୍ତ୍ତମାନ ଦେଢ଼ଶହ ସୌଖିନ୍ କଳା ଓ

ସାଂସ୍କୃତିକ ଅନୁଷ୍ଠାନ ଚାଲୁରହିଛି, ଶହ ଶହ ନୂଆ ପତ୍ରପତ୍ରିକା ପ୍ରକାଶ ପାଉଛି । ପ୍ରାୟ ଏପରି ଦିନ ନାହିଁ ଯେଉଁଦିନ କୌଣସି ନା କୌଣସି ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନ ବା ସାହିତ୍ୟ ଚର୍ଚ୍ଚା ନ ହେଉଛି ।

କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ବୃଦ୍ଧି ମଧ୍ୟ ଘଟିଛି । କଳାର ସୃଷ୍ଟି ତଥା ଉପଭୋଗ ଉଭୟ ସହିତ କାରିଗରୀ ଓ ବୈଜ୍ଞାନିକ କୌଶଳ ସମ୍ପୃକ୍ତ । କଳାକାରର ସରଞ୍ଜାମ ଓ ମାଧ୍ୟମ କାରିଗରୀ ବିଦ୍ୟା ହିଁ ଯୋଗାଇଆସିଛି । ଗୁମ୍ଫାବାସୀ କଳାକାର ଯେଉଁ ରଙ୍ଗ ଓ ତୂଳି ବ୍ୟବହାର କରୁଥିଲା, ତାହା ସେ ସମୟର କାରିଗରୀ ବିଦ୍ୟାର ଫଳ । ମୂର୍ତ୍ତିଖୋଦକ ପଥରଖଣିରୁ ପଥର ଆଣି ତାର ଯନ୍ତ୍ରରେ ଖୋଦାଇ କରୁଥିଲା । ସ୍ୱର୍ଣ୍ଣକାର ତା'ର ଚୁଲାରେ ସୁନା ତରଳାଉ ଥିଲା । ମନ୍ଦିର, ଗୀର୍ଜା ଓ ମସ୍‌ଜିଦ୍ ସମସାମୟିକ କଳାକାରମାନଙ୍କ କାରିଗରୀ କୌଶଳର ଛାପ ବହନ କରିଥାଏ । ଇତିହାସରେ ପ୍ରଭୂତ ପ୍ରମାଣ ମିଳେ ଯେ ବଡ଼ ବଡ଼ କଳାକର ବା ସ୍ଥାପତିମାନେ ବି ଏହିପରି ଇଞ୍ଜିନିଅର ଥିଲେ । ଲିଓନାର୍ଡ୍ରୋ ଡା ଭିନ୍‌ସି ଭଳି ଚିତ୍ରକାରମାନେ କୁଶଳୀ କାରିଗର ଥିଲେ । ସବୁ ସମୟରେ ସମସାମୟିକ କାରିଗରୀ ବିଦ୍ୟା ହିଁ ସୂକ୍ଷ୍ମକଳା, ଲଳିତକଳା ଆଦିର ଅଭିବୃଦ୍ଧିରେ ସାହାଯ୍ୟ କରି ଆସିଛି । ସମ୍ପ୍ରତି ଟେଲିଭିଜନ ଓ ସିନେମା ନୂଆ ପ୍ରକାରର କଳା ପ୍ରକାଶର ମାଧ୍ୟମ ହୋଇଛି । ଏହା କେବଳ କାରିଗରୀ ବିଦ୍ୟା ପ୍ରୟୋଗର ଫଳ ବୋଲି କୁହାଯିବ ।

ଶାରୀରିକ କୃତି ବା କ୍ରୀଡ଼ାକୌଶଳ କଥା ଦେଖାଯାଉ । ଖେଳ କୁଦରେ ଆଗକାଳରେ ଯେତେ ଲୋକ ଭାଗ ନେଉଥିଲେ ତାହା ଏବେ ବଢ଼ିଯାଇଛି । ଯେଉଁ ଲୋକମାନଙ୍କୁ ଦି'ଓଳି ଖାଇବାକୁ ନ ମିଳେ ସେ ବା କିପରି ଖେଳକୁଦରେ ଲାଗନ୍ତା ? ଆଜିକାଲି ଦିନକୁ ଦି'ଓଳି ଭଲ କରି ଖୋରାକ ଯୋଗାଇବାକୁ ଶିଳ୍ପକାରଖାନାମାନ ସକ୍ଷମ ହୋଇଛନ୍ତି, ତେଣୁ ବିଭିନ୍ନ ଶିଳ୍ପୋନ୍ନତ ଦେଶମାନଙ୍କର ଖେଳାଳିମାନେ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେ ଦେଶକୁ ଆଗେଇ ନେଉଛନ୍ତି । ଅଲିମ୍ପିକ ଖେଳରେ ଦେଖାଯାଏ ଯେ ଯେଉଁ ଦେଶ ଯେତେ ବେଶୀ ଶିଳ୍ପୋନ୍ନତ ସେ ଦେଶର ଖେଳାଳିମାନେ ତେତେ ବେଶୀ ପଦକ ଅର୍ଜନ କରନ୍ତି । ଜାପାନ, ପଶ୍ଚିମ ବା ପୂର୍ବ ଜର୍ମାନୀ ଭଳି ଛୋଟ ଛୋଟ ଦେଶ ଯେତେ ପଦକ ପାଆନ୍ତି ତାହାର ଦଶଭାଗରୁ ଭାଗେ ମଧ୍ୟ ଭାରତ ପାଏ ନାହିଁ । ଏସବୁ ଉତ୍କର୍ଷ କେବଳ କାରିଗରୀ ବା ଶିଳ୍ପ ସଭ୍ୟତା

ଯୋଗୁ ସମ୍ଭବ । ବିଭିନ୍ନ ଶିଳ୍ପମାନେ ନିଜର ନାମ ବାହାରେ ପ୍ରସାର କରିବା ପାଇଁ ବିଶିଷ୍ଟ ଖେଳାଳିମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ଚମତ୍କାର ଅନ୍ନଚିନ୍ତା ଲିଭିଗଲା ପରେ ଦକ୍ଷ ଖେଳାଳି ଦକ୍ଷତର ହୁଏ । ଏଥିପାଇଁ ଆମ ଦେଶରେ ଇଣ୍ଡିଆନ୍ ଏଆର୍ ଲାଇନ୍ସ, ରେଳୱେଜ୍ ଆଦିର ଖେଳାଳିମାନେ କ୍ରିକେଟ, ହକି ଆଦିରେ ବେଶ୍ ସୁନାମ ଅର୍ଜନ କରୁଛନ୍ତି । ଓଡ଼ିଶାର ରାଉରକେଲା ଇସ୍ପାତ କାରଖାନାର ଖେଳାଳି କର୍ମଚାରୀମାନେ ଫୁଟବଲ, ହକି ଆଦିରେ ସୁନାମ ଅର୍ଜନ କରୁଛନ୍ତି । ଏସବୁ ଦେଖି ଆମେ କିପରି କହିବା ଯେ ଶିଳ୍ପ ବା କାରିଗରୀ-ସଭ୍ୟତାର ଉନ୍ନତି ଉତ୍କୃଷ୍ଟ ମାନବିକତାର ବିରୋଧୀ ?

**ଯନ୍ତ୍ରର ସୌନ୍ଦର୍ଯ୍ୟବୋଧ-** ଉନ୍ନତ ବୈଷୟିକ ଓ କାରିଗରୀ ବିଦ୍ୟାର ପ୍ରୟୋଗ ଫଳରେ ଜୀବନ ଧାରଣର ଓ ଉପଭୋଗର ଯେଉଁ ନୂଆ ବ୍ୟବସ୍ଥା ଦେଖାଯାଉଛି ସେଥିରେ ଯନ୍ତ୍ରର ସ୍ଥାନ ଖୁବ୍ ଉଚ୍ଚରେ । କେତେକେତେ କଳାକାର ଯନ୍ତ୍ରରୁ ହିଁ ପ୍ରେରଣା ନେଇ କଳା ସୃଷ୍ଟି କରିଥାନ୍ତି । ଆଗକାଳରେ କେବଳ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ହିଁ କଳା ସୃଷ୍ଟି ହେଉଥିଲା । ଏବେ ଉପାଦେୟତାକୁ ସୌନ୍ଦର୍ଯ୍ୟ ସହିତ ସମାନ ଆସନ ଦିଆଯାଉଛି । କେବଳ ଆଖିକୁ ଭଲ ଦିଶିଲେ ଚଳିବ ନାହିଁ । ଆଜିକାଲି ସ୍ଥାନାଭାବ ସହିତ ଜନବୃଦ୍ଧି ସମୟରେ ସୁନ୍ଦର ଦିଶିବା ଜିନିଷ କାମରେ ବି ଆସିବା ଉଚିତ । ନଚେତ୍ ଜିନିଷ ରଖିବା ପାଇଁ ସ୍ଥାନର ଅଭାବ ହେଉଛି । ଆଧୁନିକ ଜୀବନଯାପନ ପ୍ରଣାଳୀରେ କଳାସୃଷ୍ଟି କାର୍ଯ୍ୟୋପଯୋଗୀ (functional) ହୋଇପଡ଼ିଛି । ଅର୍ଦ୍ଧଶତାବ୍ଦୀ ତଳେ ଜର୍ମାନୀରେ Bauhans ଆନ୍ଦୋଳନର ଲକ୍ଷ୍ୟ ଏହା ହିଁ ଥିଲା ।

ଶୃଙ୍ଖଳାଜ୍ଞାନ ସହିତ ବିଭିନ୍ନତା, ଚଳପ୍ରଚଳନ ଆଲୋକ ଓ ରଙ୍ଗ ଏସବୁର ସମାବେଶରେ ଅଧିକାଂଶ ବୈଷୟିକ ବା କାରିଗରୀ ଜିନିଷ ତିଆରି । ପ୍ରାଚୀନ ଗ୍ରୀକ୍ ରାଜ୍ୟରେ ପାର୍ଥେନନ୍ (Parthenon) ଭାସ୍କର୍ଯ୍ୟ ଯେପରି ପ୍ରଶଂସାର ପାତ୍ର ହୋଇଥିଲା, ଆଜିକାଲିର ବହୁତ ଯନ୍ତ୍ର ସେହିପରି ଆକାରହୀନ (abstract) କଳାର ଉଦାହରଣ ରୂପେ ଗ୍ରହଣୀୟ । ପାଶ୍ଚାତ୍ୟ ଦେଶମାନଙ୍କରେ ଭେନସର ସୌନ୍ଦର୍ଯ୍ୟଠାରୁ ରେସିଙ୍ଗ୍‌କାର୍ (ପ୍ରବଳ ବେଗରେ ଯାଇପାରିବା ଗାଡ଼ି)ର ପତଳା ଦେହର ମସୃଣ ରେଖାଗୁଡ଼ିକ ବେଶୀ ମନୋହର ବୋଲି ଧରାଯାଏ ।

ସବୁଠାରୁ ବଡ଼କଥା ହେଉଛି ଯେ କଳା ଯେପରି କଳାକାରର ସୃଷ୍ଟି, ବୈଷୟିକ ବା କାରିଗରୀ କୌଶଳ ମଣିଷର ସେହିଭଳି ଏକ ସୃଜନୀଶକ୍ତିର ପ୍ରକାଶ । ବୈଜ୍ଞାନିକ

ବା ଯନ୍ତ୍ରୀର ସ୍ଥାନ ଯନ୍ତ୍ରପାଖରେ ଯେପରି, କଳାକାର, ସଙ୍ଗୀତକାର ବା ସାହିତ୍ୟିକର ସ୍ଥାନ ତାର ସୃଷ୍ଟି ପାଖରେ ସେହିପରି । ଏହିପରି ପ୍ରତ୍ୟେକ ସୃଷ୍ଟି ସମସ୍ତ ଦର୍ଶକ ବା ଶ୍ରୋତାଙ୍କୁ ଭଲ ଲାଗି ନପାରେ; ତଥାପି ଆଧୁନିକ କାଳର ଇନ୍ଦ୍ରିୟଜ୍ଞାନ, ସୃଜନଶକ୍ତି ତଥା ସୌନ୍ଦର୍ଯ୍ୟବୋଧର ଏହାସବୁ ଗୋଟିଏ ଗୋଟିଏ ନିଦର୍ଶନ । ଚିତ୍ର, ସ୍ଥାପତ୍ୟ, ସାହିତ୍ୟ ଆଦି ମଣିଷର ସୃଜନୀଶକ୍ତିକୁ ଯେତେ ପରିମାଣରେ ଦୋହଲାଇ ଦିଏ, ଇସ୍ପାତ୍, କାଚ, କଙ୍କ୍ରିଟ, ବିଜୁଳିତାର ଆଦିରେ ତିଆରି ବିଭିନ୍ନ ପଦାର୍ଥ ମାଧ୍ୟମରେ କାରିଗର ବା ବୈଜ୍ଞାନିକମାନେ ନିଜର ସୃଜନଶକ୍ତିକୁ ତାହାଠାରୁ କୌଣସି କମ୍‌ଗୁଣରେ ବ୍ୟବହାର କରି ନଥାନ୍ତି । ଶବ୍ଦ, ଗୀତ ଓ ଚିତ୍ର ଜରିଆରେ ଭାବପ୍ରକାଶଠାରୁ ଧାତୁ, କଙ୍କ୍ରିଟ, କାଚ ଓ ତାର ଆଦି ଜରିଆରେ ଭାବପ୍ରକାଶକୁ କୌଣସି ଗୁଣରେ କମ୍ କହିବା ଉଚିତ ହେବ କି ?

**ମାରଣାସ୍ତ୍ର ନିୟନ୍ତ୍ରିତ ହେବ କି ?**– ଆଉ ଗୋଟିଏ ପ୍ରଶ୍ନ ରହିଯାଏ । ମଣିଷର ସୃଜନଶକ୍ତି ସୌନ୍ଦର୍ଯ୍ୟବୋଧ, ସାମାଜିକ ନ୍ୟାୟ ଓ ଶୃଙ୍ଖଳା– ଏସବୁ ଶାନ୍ତିପୂର୍ଣ୍ଣ ସମୟରେ ବୃଦ୍ଧି ପାଇଥାଏ । କିନ୍ତୁ କାରିଗରୀ ବିଦ୍ୟା ଶାନ୍ତିର ସହାବସ୍ଥାନରେ ବିଶ୍ୱାସ କରେ କି ? ଏ ପ୍ରଶ୍ନ ଯେଉଁମାନେ ଉଠାନ୍ତି ସେମାନେ ଆଧୁନିକ କାରିଗରୀ ବିଦ୍ୟା ବା ବିଜ୍ଞାନକୁ ରକେଟ; କ୍ଷେପଣାସ୍ତ୍ର; ଆଣବିକ ଅସ୍ତ୍ର, ନ୍ୟୁଟ୍ରନ ବୋମା ଆଦି ସହିତ ସମାନ କରନ୍ତି । ଆଦିମକାଳରୁ ଯୁଦ୍ଧର ଘନଘଟା ସମସାମୟିକ ଅସ୍ତ୍ରଶସ୍ତ୍ର ଉପରେ ନିର୍ଭର କରି ଆସିଛି । ଯେଉଁ ଜାତି ବା ଦେଶ ବିଜ୍ଞାନରେ ଯେତେ ଉନ୍ନତ ତା'ର ପଡ଼ୋଶୀକୁ ସେ ତେତେ ସହଜରେ କରାୟତ୍ତ କରେ । ରାଷ୍ଟ୍ରର ଶାସକବର୍ଗଙ୍କ ଧ୍ୱଂସକାରୀ ଶକ୍ତିକୁ କାରିଗରୀ ବିଦ୍ୟା ବଢ଼ାଇ ଦିଏ । ଅପରପକ୍ଷରେ ଉତ୍ପାଦନ ଉପଯୋଗୀ ଅବସ୍ଥା ପାଇଁ ଶାନ୍ତି ଓ ସ୍ଥିରତା ଦରକାର । ମାରାତ୍ମକ ମାରଣାସ୍ତ୍ର ତିଆରି କରାଯାଉଥିବା ବିଜ୍ଞାନ ମଧ୍ୟ କ୍ଷୁଧା, ଅଭାବ ଭଳି ଯୁଦ୍ଧ ଅବସ୍ଥା ସୃଷ୍ଟିକାରୀ ପ୍ରାଚୀନ କାରଣଗୁଡ଼ିକୁ ଅଧିକ ଉତ୍ପାଦନ ଦ୍ୱାରା ଦୂର କରି ଦେଇଛି । ସ୍ୱେଚ୍ଛାଚାରୀମାନେ ମାରଣାସ୍ତ୍ର ବ୍ୟବହାର କରି ଲୋକମାନଙ୍କୁ ଦାସ ଭଳି ରଖିପାରନ୍ତି । ଅନ୍ୟଦିଗରେ ରାଷ୍ଟ୍ର ପରେ ରାଷ୍ଟ୍ର ଗଣତାନ୍ତ୍ରିକ ଶାସନକୁ ଗ୍ରହଣ କରୁଥିବାର କାରଣ ହେଉଛି ଆଧୁନିକ ବିଜ୍ଞାନ ଓ କାରିଗରୀ ବିଦ୍ୟା ।

ଏସବୁ ବିରୋଧାତ୍ମକ ପ୍ରକାଶର କାରଣ ହେଉଛି– ବିଜ୍ଞାନ ଓ କାରିଗରୀ ବିଦ୍ୟା ଏକପ୍ରକାର ଜ୍ଞାନ । ଫ୍ରାନ୍‌ସିସ୍ ବେକନ୍‌ଙ୍କ ଭାଷାରେ 'ଜ୍ଞାନହିଁ ଶକ୍ତି' । ଏହି ଜ୍ଞାନ

ଫଳରେ ମଣିଷ ପ୍ରକୃତି ଉପରେ ନିଜର ଜୀବନ ଉପରେ ପ୍ରଭୁତ୍ୱ ଜାହିର କରୁଛି । ଜ୍ଞାନ ବିଭିନ୍ନ ସାଧନ ବା ଉପାୟ ଯୋଗାଏ, ମଣିଷ ଏହାକୁ ବ୍ୟବହାର କରେ । କୌଣସି ବସ୍ତୁ ଉଦ୍‌ଭାବନ କଲାବେଳେ, ବୈଜ୍ଞାନିକ ଭାବେ, ଏହା କାମ କରିବ ତ ? କିନ୍ତୁ ବ୍ୟବସାୟୀ ଭାବେ, ଏଥିରୁ ଯଥେଷ୍ଟ ଲାଭ ହେବ ତ ? ରାଜନୈତିକ ନେତା ଓ ସାମରିକ ନେତା ଭାବନ୍ତି— କ୍ଷମତା ବଳବତ୍ତର ରଖିବାରେ ଏହା କେତେଦୂର ସହାୟକ ହେବ ? ଯେତେ ଭଲ ଉଦ୍ଦେଶ୍ୟ ଥିଲେ ବି, ବୈଜ୍ଞାନିକମାନେ ତ ରାଷ୍ଟ୍ର ପରିଚାଳନା କରିବେ ନାହିଁ କିମ୍ବା ମଣିଷକୁ ଉତ୍ତମ ଜୀବନ ଚଳାଇବାରେ ନୀତି ନିୟମ ପ୍ରତିଷ୍ଠା କରିପାରିବେ ନାହିଁ ! ରାଜନୈତିକ ନେତାମାନେ ତ ମାନବିକ ମୂଲ୍ୟବୋଧ ଦ୍ୱାରା ବେଶୀ ପରିମାଣରେ ପରିଚାଳିତ ହେବା କଥା । ବୈଜ୍ଞାନିକ ଓ କାରିଗରୀ ପ୍ରୟୋଗର ନିୟନ୍ତ୍ରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ସର୍ବସାଧାରଣରେ ଆଲୋଚିତ ହୋଇ ଗୃହୀତ ହେବା ଉଚିତ । ସମାଜରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ଭାବରେ ଏ ବିଷୟରେ ଶିକ୍ଷା ନ ପାଇଲେ, ସମାଜ ଉପରେ ବୈଜ୍ଞାନିକ ପ୍ରୟୋଗର ପ୍ରଭାବ କ'ଣ ତାହା କଳନା କରି ନ ପାରିଲେ ଏହି ସର୍ବସାଧାରଣ ନିଷ୍ପତ୍ତି ସମ୍ପୂର୍ଣ୍ଣ ହେବନାହିଁ । ଜ୍ଞାନଟି ସାଧନା ବା ଉପାୟ ନ ହୋଇ ସ୍ରଷ୍ଟାର ଧ୍ୱଂସ ସାଧନ କରିବ । ମଣିଷ ସମାଜର ଅଭିବୃଦ୍ଧିର ଏକ ଅଙ୍ଗ ରୂପେ ଯେ ପର୍ଯ୍ୟନ୍ତ ବୈଷୟିକ ଓ ବୈଜ୍ଞାନିକ ବିଦ୍ୟାକୁ ଧରା ନ ଯାଇଛି, ସେ ପର୍ଯ୍ୟନ୍ତ ଧ୍ୱଂସର ଆଶଙ୍କା ଦୂରେଇବ ନାହିଁ । ଅର୍ଥାତ୍ ଚରମ ପ୍ରଶ୍ନ ହେଉଛି ମଣିଷ ଯେ ପର୍ଯ୍ୟନ୍ତ ନିଜକୁ ନିୟନ୍ତ୍ରଣ କରି ନ ପାରିଛି, ମାନବିକ ମୂଲ୍ୟବୋଧ ତାହାର ଆସିଲାଣି ବୋଲି କହିବା କିପରି ?

●

ନୂଆ ଅର୍ଥନୀତି—

# ଋଣଂ କୃତା ଘୃତଂ ପିବେତ

ପୂରା କାଳରେ ଚାର୍ବାକ ଋଷି ସିନା ଭାରତୀୟମାନଙ୍କୁ ଏ କଥା କହିଥିଲେ, ଏବେ ୟୁରୋପ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଉପଦେଶ ମାନି ବହୁତ ଲୋକ ଚଳୁଛନ୍ତି ।

ଋଣ କରି ବଡ଼ ଲୋକ ହେବା ଖୁବ୍ ସହଜ ଓ ସହଳ । ଆମେରିକାର ଗୋଟିଏ ଉଦାହରଣ ଦେଖନ୍ତୁ । ଉଇସ୍କନ୍‌ସିନ୍‌ର ଟେଡ୍ ଗ୍ରିଷଓ୍ୱାଲ୍‌ଡ ୧୯୬୦ରେ ଚାହିଁଲେ, ବାପ ଅଜାଙ୍କ ସମ୍ପତ୍ତି ଯଥେଷ୍ଟ ନୁହେଁ, ତାକୁ ବଢ଼ାଇବାକୁ ପଡ଼ିବ । ସେ ଋଣ କରିବା ଆରମ୍ଭ କଲେ । ଯେତେ ବେଶୀ ଋଣ କଲେ, ସେ ତେତେ ବେଶୀ ଜମି ଓ ଗୋରୁଗାଈ କିଣିପାରିଲେ । ବେଶୀ ଜମି ଓ ଗୋରୁଗାଈ ହେବାରୁ ତାଙ୍କ ବନ୍ଧକୀ ଦେବା କ୍ଷମତା ବଢ଼ିଗଲା ଓ ବେଶୀ ଋଣ ପାଇବାର ହକ୍‌ଦାର ହେଲେ । ଏମିତି କରି ୫୮ ବର୍ଷ ବୟସର ଗ୍ରୀଷଓ୍ୱାଲ୍‌ଡ୍ ଖୁବ୍ ଋଣଗ୍ରସ୍ତ ହୋଇଛନ୍ତି ସତ, କୋଟିପତି ମଧ୍ୟ ହୋଇଛନ୍ତି । ୧୯୬୩ରେ ୧୨୦୦ ଡଲାରରେ ସେ ଯେଉଁ ୨୦୦ ଏକର ଜମି କିଣିଥିଲେ ଏବେ ତାହାର ମୂଲ୍ୟ ୨ଲକ୍ଷ ଡଲାର ହେଲାଣି । ତେତିକିରେ ସନ୍ତୁଷ୍ଟ ନ ହୋଇ ସେ ଏବେ ୧୫୦୦ ଏକର ଜମି କରିଛନ୍ତି । ନୂଆଘର ଓ ୫୫୦୦୦ ଡଲାର ମୂଲ୍ୟର ସମ୍ପତ୍ତିର ମାଲିକ ଶ୍ରୀ ଗ୍ରିଷଓ୍ୱାଲ୍‌ଡ ଏବେ ନଅଲକ୍ଷ ପଚାଶ ହଜାର ଡଲାର ଋଣ ପାଇ ପାରିଛନ୍ତି । ଏହି ଋଣଧନରୁ ସେ ବର୍ଷକୁ ୫ ଲକ୍ଷ ୩୦ ହଜାର ଡଲାର ଆୟ ପାଉଛନ୍ତି । ତାଙ୍କ ପୁଅ ଯେଉଁ କମ୍ପାନୀ ଗଢ଼ିଛନ୍ତି, ତାକୁ ମିଶାଇଲେ ବ୍ୟାଙ୍କରୁ କୋଡ଼ିଏ ଲକ୍ଷ ଡଲାର ପରିମାଣର ଋଣ ପାଇବା ଭଳି ସମ୍ପତ୍ତି ଶ୍ରୀ ଗ୍ରିଷଓ୍ୱାଲ୍‌ଡ କରି ସାରିଲେଣି । ସଂକ୍ଷେପରେ କହିଲେ, ଟେଡ୍ ଗ୍ରିଷଓ୍ୱାଲ୍‌ଡ଼ ଋଣକରି ଘିଅ ଭାତ ଖାଉଛନ୍ତି— ତଥାପି ଚିନ୍ତା ନାହିଁ ।

ଆମ ଦେଶରେ ବି ଏମିତି ବହୁତ ଉଦାହରଣ ଅଛି । ଆଜିକାଲିର କ୍ଷୁଦ୍ର ଶିଳ୍ପ ଓ ମଧ୍ୟମ ଶିଳ୍ପର କଥା ଦେଖନ୍ତୁ । ନିଜ ତରଫରୁ ଶତକଡ଼ା ୫ରୁ ୧୫ ଭାଗଯାଏ ଟଙ୍କା ଯୋଗାଡ଼ କଲେ ବାକିତକ ଋଣ ଆକାରରେ ମିଳେ । ଏଥିପାଇଁ ରାଜ୍ୟ କ୍ଷୁଦ୍ର ଶିଳ୍ପ ସଂସ୍ଥା, ରାଜ୍ୟ ଅର୍ଥ କର୍ପୋରେସନ ଓ ଅନ୍ୟାନ୍ୟ ବ୍ୟାଙ୍କମାନେ ଋଣ ଦିଅନ୍ତି । ଆପଣ ଯଦି ବ ନାଙ୍କ ଅଛନ୍ତି, ହାତରୁ କିଛି ଦେବା ବି ଦରକାର ନାହିଁ । ଯେଉଁ କମ୍ପାନୀମାନେ

ଆପଣଙ୍କୁ ଯନ୍ତ୍ରପାତି ଯୋଗାଇଦେବେ ବା କଳକାରଖାନା ବସାଇଦେବେ ସେମାନେ ସେମାନଙ୍କର ବିଲ୍‌କୁ ଏମିତି ବଢ଼ାଇ ବ୍ୟାଙ୍କ୍‌କୁ ଦେଇଥିବେ ଯେ ଉଦ୍‌ବୃତ୍ତ ଧନରୁ ଆପଣଙ୍କ ଅଣ୍ଟିଧନ ବନାମ ଅଂଶଧନ (margin money) ବାହାରି ପଡ଼ିବ । ଅର୍ଥାତ୍ ଶୂନ୍ୟ ହାତରେ ବି ଶିଳ୍ପ ଗଢ଼ି ଉଠିବ । ଲୋକେ କହନ୍ତି, ଏତକ ଯିଏ କରି ନ ପାରିଲା, ତାହାର ଶିଳ୍ପ ବସାଇବା ଦକ୍ଷତା (entrepreneurial skill) ନାହିଁ ବୋଲି ଭାବିବାକୁ ପଡ଼ିବ । ଏହା ଏକ ପ୍ରକାର ଠକାମି ବୋଲି ଆପଣ କହିପାରନ୍ତି, କିନ୍ତୁ ଅସଲ କଥାହେଲା, ଋଣକରି ବଡ଼ଲୋକ ହେବା ପାଇଁ ଯାହା କିଛି କରିବା ଦରକାର ସେଥିରେ ନୈତିକତାର ପ୍ରଶ୍ନ ଆପଣ ଉଠାନ୍ତୁ ନାହିଁ । ଆମ ରାଜ୍ୟରେ ମାଛଧରା ଡଙ୍ଗା (trawler) ବ୍ୟବସାୟ କରିଥିବା କୌଣସି ଉତ୍ପାଦନକାରୀ କ୍ଷୁଦ୍ରଶିଳ୍ପ ସ୍ଥାପନ କରି ଯେଉଁମାନେ ବଡ଼ଲୋକ ହେଉଛନ୍ତି ସେମାନେ କେବଳ ଋଣଧନ ଉପରେ ହିଁ ଧନୀ ହୋଇପାରିଛନ୍ତି ।

ଏସବୁ ମୂଳରେ ଗୋଟିଏ କଥା– ମୁଦ୍ରାସ୍ଫୀତି । ଜିନିଷପତ୍ରର ଦର ହୁ ହୁ ବଢ଼ି ଚାଲିଛି । ଅର୍ଥାତ୍ ଟଙ୍କା ପଇସାର ଦର କମି କମି ଯାଉଛି । ଆଜିର ଟଙ୍କାଟିରେ ଯେତେ କିଣିପାରୁଛ, ଆସନ୍ତା ବର୍ଷକୁ ତା'ଠାରୁ କମ୍ ପରିମାଣର ଜିନିଷ କିଣି ପାରିବ । ଅନ୍ୟ ଅର୍ଥରେ, ଏବେ ଜିନିଷପତ୍ର ବା ସମ୍ପତ୍ତି କିଣି ରଖିଲେ ଆସନ୍ତା ବର୍ଷକୁ ତା'ର ଦାମ ବଢ଼ିଯାଇଥିବ । ଏ ବର୍ଷର ୫୦ ହଜାର ଟଙ୍କାର ସମ୍ପତ୍ତି ଆସନ୍ତା ବର୍ଷକୁ ଲକ୍ଷେ ହୋଇଯାଇପାରେ ଅର୍ଥାତ୍ ଆର ବର୍ଷକୁ ଲକ୍ଷପତି । ଋଣ ପାଇବା ପାଇଁ ବ୍ୟାଙ୍କ୍‌କୁ ଯେଉଁ ବନ୍ଧକ ତମସୁକ ଦେବାକୁ ପଡ଼େ, ସମ୍ପତ୍ତିର ଦର ଏମିତି ବଢୁଥିବାରୁ ଆମେ ଅଧିକ ଋଣ ପାଇବା ପାଇଁ ଯଥେଷ୍ଟ ବନ୍ଧକୀ ପାଉ । ଏହି ଭାବରେ ଋଣ ଜରିଆରେ ସମ୍ପତ୍ତି ବଢ଼ିଚାଲେ ।

ଏହାର ଆଉ ଗୋଟିଏ ଦିଗ ଅଛି । ଯେଉଁମାନେ ବେଶୀ ଆୟ କରନ୍ତି, ସେମାନଙ୍କୁ ଆୟ କର ଦେବାକୁ ପଡ଼େ । କିନ୍ତୁ ଋଣ ଉପରେ ଯେଉଁ ସୁଧ ଦେବାକୁ ପଡ଼େ, ସେହି ପରିମାଣର ରିହାତି ଆୟକର ହିସାବରୁ କଟିଯାଏ । ତେଣୁ ଧନୀମାନେ ବା ବେଶୀ ଆୟକାରୀମାନେ ଦୁଇ କାରଣରୁ ଋଣ କରନ୍ତି । (୧) ଋଣ କରି କିଣାକିଣି କଲେ ହଠାତ୍ ବଡ଼ଲୋକ ହେବାର ସାର୍ଥକତା ଆସିବ । ପୁଣି (୨) ଅଧିକ ଆୟ ଯୋଗୁ ବା ସମ୍ପତ୍ତି ଯୋଗୁ ଯେତେ ଆୟକର ଦେବାକୁ ପଡ଼ନ୍ତା, ସୁଧ ବାବଦ ଦେୟ କାରଣରୁ ଖୁବ୍ କମ ଆୟକର ଦେବାକୁ ବା କିଛି ଆୟକର ନଦେବାକୁ ପଡ଼ିପାରେ । ଦ୍ୱିତୀୟ କଥାଟି ଆଉଟିକେ ବୁଝାଇବା ଦରକାର । ଧରନ୍ତୁ ଆପଣ ଜଣେ ଦରମା

ପାଇବା ଲୋକ, ଅର୍ଥାତ୍ ଆୟକର ଅଧିକାରୀ ମାନଙ୍କଠାରୁ ଦରମା କେତେ ପାଉଛନ୍ତି ଲୁଚାଇ ରଖିପାରିବେ ନାହିଁ । ବାର୍ଷିକ ଆୟ ୨୦୦୦୦ରୁ ୨୫୦୦୦ ଟଙ୍କା ଭିତରେ ହୋଇଥିଲେ ଆପଣ କରଯୋଗ୍ୟ ଟଙ୍କାପ୍ରତି ଶତକଡ଼ା ୨୫ ଭାଗ ଆୟକର ଓ ପ୍ରତି ଆୟକର ଟଙ୍କା ପ୍ରତି ଶତକଡ଼ା ୧୫ ଭାଗ ହାରରେ ଅତିରିକ୍ତ କର ଦେବେ । ଅନ୍ୟ ଅର୍ଥରେ ନିଜ କରଯୋଗ୍ୟ ଆୟର ପ୍ରତିଟଙ୍କାରେ ପ୍ରାୟ ୨୯ ପଇସା କର ଦେବେ । ଏହାପରେ ଯଦି ଆପଣ ଗୋଟିଏ ବ୍ୟବସାୟ ବା ଘର କରିବାକୁ ଋଣ ନିଅନ୍ତି, ସେଥିରୁ ଯେଉଁ ଆୟ ବା ଲାଭ ହେବ, ସେ ସବୁ ଟଙ୍କା ଆପଣଙ୍କ ବାର୍ଷିକ ଆୟ ସହିତ ମିଶି କରଯୋଗ୍ୟ ଟଙ୍କାର ପରିମାଣ ସ୍ଥିର ହେବ । ଯଦି ଗୋଟିଏ ବି ଟଙ୍କା ଏହି ହିସାବ ଫଳରେ ୨୫୦୦୦ ରୁ ଉପରକୁ ଉଠିଗଲା, ତେବେ ଆପଣଙ୍କୁ ଟଙ୍କାରେ ୩୦ ପଇସା ଆୟକର ଏବଂ ଏହି ଆୟକରର ପ୍ରତି ଟଙ୍କାରେ ୧୫ ପଇସା ଅତିରିକ୍ତ କର– ମୋଟରେ ଟଙ୍କା କରଧାର୍ଯ୍ୟ ପ୍ରତି ଟଙ୍କାରେ ସାଢ଼େ ୩୪ ପଇସା କର ଦେବେ । ଅଥଚ ଆପଣ ଯେଉଁ ଋଣ ନେଇଥିବେ ତାହାପ୍ରତି ଶତକଡ଼ା ୧୫ ହାରରେ ସୁଧ ଦେଇପାରନ୍ତି –ଅତିବେଶୀ ଦେଲେ ୧୮ ହାରରେ ଦେବେ । ଯେତେ ଟଙ୍କା ସୁଧ ଆକାରରେ ବ୍ୟାଙ୍କ୍‌କୁ ଫେରାଇବେ, ସେତେ ଟଙ୍କା ଆପଣଙ୍କ ଆୟରୁ କଟିଯିବ । ଆପଣଙ୍କ ଆୟ ଅନୁଯାୟୀ ଟଙ୍କାରେ ୨୯ ପଇସା ବା ସାଢ଼େ ୩୪ ପଇସା ନ ଦେଇ ଆପଣ ମାତ୍ର ୧୫ରୁ ୧୮ ପଇସା ଭିତରେ ଦେବେ । ଅନ୍ୟ ଅର୍ଥରେ ଏହି ଋଣ ଭାଗର କିଛି ଅଂଶ ସରକାର ବହନ କରିବେ ।

ଏହାକୁ ଗୋଟିଏ ପାପଚକ୍ର ବୋଲି କେତେକ କହିପାରନ୍ତି । ଦର ବଢୁଛି ବୋଲି ଆମେ ଆଜି ହିଁ ଜିନିଷ କିଣିବାକୁ ଇଚ୍ଛା କରୁଛୁ– କାଲିକୁ ଅପେକ୍ଷା କରୁନାହୁଁ । ପଇସା ନଥିବାରୁ ଋଣ କରି କିଣୁଛୁ । ଆଜି ଦରକାର ନ ଥିଲେ ବି ଭବିଷ୍ୟତ ପାଇଁ କିଣି ରଖୁଛୁ । ଆମର ଏହିସବୁ ଚାହିଦା ଫଳରେ ଦୋକାନ ବଜାରରେ ଜିନିଷପତ୍ରର ଦର ବଢୁଛି । ଅଥଚ ଏହି ଦରବଢ଼ିବା କାରଣରୁ ହିଁ ଆମେ ଆଜି ହିଁ କିଣି ପକାଉଛୁ ।

**ଉଧାର କିଣା କିପରି ଚାଲିଛି ?–** ବେଶୀଦାମରେ ଜିନିଷ କିଣିବାକୁ କମ ଲୋକ ଥା'ନ୍ତି । ଏକାଥରେ ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠା ବି ଥାଏ । ଅନ୍ୟଦିଗରେ ବିକ୍ରି କମ୍ ହେଲେ, ଉତ୍ପାଦନ କମାଇବାକୁ ବାଧ୍ୟ । ଶ୍ରମିକମାନଙ୍କ ମଜୁରି ଆଦି ଦେବା କଷ୍ଟ ହେବ । ଉତ୍ପାଦନ ହ୍ରାସଯୋଗୁ ମଜୁରି ଦେଇ ହେଉ ନାହିଁ ବୋଲି କଳକାରଖାନାମାନେ ଶ୍ରମିକ ଛଟେଇ କରିବାକୁ ଚାହିଁବେ; କିନ୍ତୁ ଆଜିକାଲି ଜନମଙ୍ଗଳ ରାଷ୍ଟ୍ରରେ ଶ୍ରମିକ ଛଟେଇ କରିବା ଖୁବ୍ କଷ୍ଟ । ଶ୍ରମିକ ଅଶାନ୍ତି ବଢ଼ିଲେ କାରଖାନା

ବନ୍ଦହେବ, କାରଖାନାରେ ଲାଗିଥିବା ପୁଞ୍ଜି ଅଚଳ ଟଙ୍କା ହୋଇଯିବ । ଏହିସବୁ କାରଣରୁ ଉତ୍ପାଦନ ଚାଲୁ ରଖିବାକୁ ହେବ ଏବଂ ଉତ୍ପାଦନ ଚାଲୁରଖିବାକୁ ହେଲେ ବିକ୍ରିବଟା ବଢ଼ାଇବା ପଡ଼ିବ । ଯେଉଁମାନେ ଉପସ୍ଥିତ ଅବସ୍ଥାରେ କିଣାକିଣି କରିବାକୁ ସମର୍ଥ ନୁହନ୍ତି, ସେମାନଙ୍କୁ ସମର୍ଥ କରାଇଲେ ବିକ୍ରି ବଢ଼ିବ । କିପରି ସମର୍ଥ କରାଯିବ ? ଗୋଟିଏ ଉପାୟ ହେଉଛି– ଗ୍ରାହକମାନେ ଏବେ ଜିନିଷ ନେଇଯାଆନ୍ତୁ, ପରେ ପଇସା ଦେବେ, ମାସକୁ ମାସ କ୍ଷମତା ଅନୁଯାୟୀ କିସ୍ତିରେ ପଇସା ଦେବେ । ଏହାଦ୍ୱାରା ବହୁତ ଲୋକ ଗ୍ରାହକ ହୋଇପାରିବେ, ଅଳ୍ପ ଧନରେ ବେଶୀ ସମ୍ପତ୍ତି ବା ଜିନିଷପତ୍ର କରିବାର ସୁବିଧା ପାଇବେ ।

ବେଶୀ ଦାମ ହୋଇଥିବାରୁ ବା ଅନ୍ୟକାରଣରୁ ଯଦି କେହି ନିଜ ରୋଜଗାରରୁ ମାସିକ କିସ୍ତି ସୁଝାଇବାରେ ଅସମର୍ଥ ହୁଅନ୍ତି, ତେବେ ବିଭିନ୍ନ ବ୍ୟାଙ୍କରୁ ଋଣ ସାହାଯ୍ୟ ନିଆଯାଇପାରେ । ବ୍ୟାଙ୍କର ମାସିକ କିସ୍ତି ଦୋକାନୀର ମାସିକ କିସ୍ତିଠାରୁ କମ୍ ପଡ଼ିପାରେ; ତେଣୁ ଦୋକାନୀକୁ ପୂରା ଦାମଦେଇ ଜିନିଷ କିଣି ଗ୍ରାହକ ସନ୍ତୋଷଲାଭ କରେ । ବ୍ୟାଙ୍କର ଋଣ ସୁବିଧା ଅନୁସାରେ ଫେରାଏ । ଏଥିପାଇଁ କାରଖାନା କର୍ତ୍ତୃପକ୍ଷ ବା ଜିନିଷର ମୁଖ୍ୟ ପରିବେଷକ (ହୋଲ୍‌ସେଲର୍) ସମ୍ପୃକ୍ତ ବ୍ୟାଙ୍କ ସହିତ ରାଜିନାମା କରାଇ ନେଇଥା'ନ୍ତି । ଜିନିଷଟିକୁ ବନ୍ଧକ ରଖି ଋଣ ନିଆଯାଏ । ବେଳେ ବେଳେ ଜିନିଷର ଆୟୁଷ ଋଣଦେୟର କାଳଠାରୁ ବେଶୀ ଲମ୍ବ ନ ହୋଇପାରେ; ସେଥିପାଇଁ ଚିନ୍ତା ନାହିଁ । ବ୍ୟକ୍ତିଗତ ମୁଚାଲିକା ଏଥିପାଇଁ ଯଥେଷ୍ଟ ବୋଲି ବ୍ୟାଙ୍କ ଧରିନିଏ । ଏ ପ୍ରକାର ଖରିଦ୍ କିସ୍ତିସୂତ୍ରରେ ଖରିଦ୍ ହେଲେ ହେଁ ଏହାକୁ ଭଡ଼ାଟିଆ ଖରିଦ୍ (hire purchase) କୁହାଯାଏ ।

କୌଣସି ଗ୍ରାହକ ଟଙ୍କା ସଞ୍ଚୟ କରି ଜିନିଷ କିଣିବାକୁ ଚାହିଁଲେ, ଆଜି ଉପଭୋଗ କରିପାରିବ ନାହିଁ । ଆଜି ଯାହାକୁ ହଜାରରେ ଟଙ୍କାରେ କିଣିଥାନ୍ତା, କାଲି ୧୧୦୦ରେ ଏବଂ ବର୍ଷକ ପରେ ଦେଢ଼ ହଜାରରେ କିଣିବାକୁ ବାଧ ହୋଇପାରେ । ସଞ୍ଚିଲେ ହଜାରେ ଟଙ୍କା ଅତି ବେଶୀରେ ଏଗାରଶହ ହେବ; ପୁଣି ବର୍ଷକ ପରେ । ଜିନିଷପତ୍ରର ମୂଲ୍ୟକୁ ଚାହିଁଲେ ଆଜିର ସଞ୍ଚିତ ଟଙ୍କାଟା ବର୍ଷକପରେ ୬୬ ପଇସାରୁ କମ୍ ବି ହୋଇ ପାରେ । ତେଣୁ ସଞ୍ଚୟ କରି ଲାଭ ନାହିଁ । ବରଂ ଋଣ କଲେ ଆଜି ଶତକଡ଼ା ୧୫ ହାରରେ ଯେଉଁ ଋଣ ଆଣିବା, ବର୍ଷକ ପରେ ଦରବୃଦ୍ଧି ଶତକଡ଼ା ୫୦ ବା ବେଶୀ ହେଉଥିବାରୁ; ସୁଧ ବାବଦ ଟଙ୍କାଟା ଫେରାଇ ମଧ ଆମେ ଲାଭ କରିପାରିବା । ଆଜିର ମହରଗ ଟଙ୍କାଟା ଋଣ ଆଣି ଆସନ୍ତା ବର୍ଷର ଶସ୍ତା ଟଙ୍କାରେ ସୁଝାଇବା । ପାଶ୍ଚାତ୍ୟ ଦେଶରେ ଏଥିପାଇଁ

credit card ଓ ଆମ ଦେଶରେ hire purchase ବ୍ୟବସ୍ଥା ଆଜିକାଲି ପ୍ରସାର ଲାଭ କରିଛି । ଏହି କାରଣରୁ ବ୍ୟବସାୟ ବାଣିଜ୍ୟ ବଢ଼ିଚାଲିଛି, ରେଡ଼ିଓ ରେଫ୍ରିଜେଟର୍, କାର୍ ଆଦି ଖାଉଟି ଦ୍ରବ୍ୟ କିଣିବା ପାଇଁ ଏହି ବ୍ୟବସ୍ଥା ବେଶୀ ବ୍ୟବହାର କରାଯାଉଛି । ଟ୍ୟାକ୍ସି ଚାଳକର ବ୍ୟବସାୟ ପାଇଁ କାର୍, ଟ୍ରକ ବ୍ୟବସାୟୀର ବ୍ୟବହାର ପାଇଁ ଟ୍ରକ ବା ଟ୍ରକ୍ କଙ୍କାଳ (chassis), ଏପରିକି ଶିଳ୍ପପତି ପାଇଁ କଳକାରଖାନାର ଅଂଶ ମଧ୍ୟ ଭଡ଼ାଟିଆଖରିଦ ସୂତ୍ରରେ ସହଜରେ ମିଳୁଛି ।

କେତେକ ଲୋକ ମୁଦ୍ରାସ୍ଫୀତି କାରଣରୁ ଜୀବନବୀମା ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉଠାଇଲେଣି । ନିଉଜ୍ ଉଇକ୍‌ରେ ପ୍ରକାଶିତ ଟେଡ୍ ଗ୍ରିଷ୍‌ଓ୍ୱଲ୍‌ଡଙ୍କ ଭାଷାରେ "ଗୋଟିଏ ଡଲାର ସଞ୍ଚୟ କଲେ, ମୋ ବ୍ୟବସାୟରେ ଅଧ ଡଲାର ନଷ୍ଟ ହେଲା । ବ୍ୟବସାୟରେ ଧନ ଲଗାଇଥିଲେ କେଡ଼େ ଭଲ ହୋଇଥାନ୍ତା, ଏକଥା ଚିନ୍ତାକଲାବେଳେ ମୁଁ ଯେ କେଡ଼େ କଷ୍ଟକରି ଜୀବନବୀମା ପଲିସି ପାଇଁ ପାଉଣା ଦେଇ ଆସିଛି, ସେ ଚିନ୍ତା ମୋ ଛାତିରେ ଛୁରୀ ଭୁଷିଲାଭଳି ଲାଗେ ।" ସଞ୍ଚିତ ପଇସାର ମୂଲ୍ୟ କାଳକ୍ରମେ କମିଯାଉଛି; ଅଥଚ ବ୍ୟବସାୟରେ ଲଗାଇଲେ ପଇସାଟା ଦି' ପଇସା ହେଉଛି ।

**ସତର୍କତା ଆବଶ୍ୟକ–** ଚାର୍ବାକ୍ କହିଲେ, ଉଧାର କରି ଭଲ ଖାଅ ଓ ଜୀବନଧାରଣ ପାଇଁ ଯେତେ ଆମୋଦପ୍ରମୋଦ ଦରକାର ତାହା କର, କିନ୍ତୁ ଏହା ଏକ ଆତ୍ମଘାତୀ କାର୍ଯ୍ୟ । ଖାଇବା ପାଇଁ ଋଣ କଲେ, ଋଣ ଫେରାଇବା ପାଇଁ ଧନ ଆସିବ କେଉଁଠୁ ? ଖାଉଟି ଦ୍ରବ୍ୟ ପାଇଁ ଋଣ ନକରି, ସମ୍ପଦ ବଢ଼ାଇବା ପାଇଁ, ଆବଶ୍ୟକତା (necessities) ପୂରଣ କରିବାପାଇଁ, ବ୍ୟବସାୟ ବାଣିଜ୍ୟ ବଢ଼ାଇବା ପାଇଁ-ସଂକ୍ଷେପରେ ଯେଉଁଠାରେ ଆଜି ଟଙ୍କାଟିଏ ଖଟାଇଲେ କାଲିକୁ ଟଙ୍କାକରୁ ବେଶୀ ହେବ, ବର୍ଷକ ପରେ ଦେଢ଼ ବା ଦୁଇଟଙ୍କା ହେବ, ସେଇଥିରେ ହିଁ ଋଣ କରି ପୁଞ୍ଜି ଖଟାଅ । ସେଥିରୁ ଯେଉଁ ଲାଭ ହେବ, ଜୀବନ ଧାରଣର ମାନ ବଢ଼ାଇବାକୁ, ସମ୍ଭୋଗ ବଢ଼ାଇବାକୁ ଆପେ ଆପେ ପଇସା ମିଳିଯିବ । ତାହା ନ କଲେ, କେବଳ ଘର ଚଳାଇବା ପାଇଁ ଭଲ ଖିଆପିଆ କରିବା ପାଇଁ ଋଣ କଲେ, ପୁଅଝିଅ ତଥା ୩ପୁରୁଷ ପର୍ଯ୍ୟନ୍ତ ଉତ୍ତରାଧିକାରୀମାନଙ୍କୁ ଋଣୀ କରିଦେବା । ବଡ଼ଲୋକ ହେବା ପରିବର୍ତ୍ତେ ସେମାନେ ଋଣ ସୁଝି ସୁଝି ଗରିବରୁ ଗରିବତର ହୋଇଯିବେ । ଋଣ କରି ଆଜି ରାଜା ଭଳି ଖିଆପିଆ କଲେ, କାଲିକୁ ପିଲାମାନେ ଦାଣ୍ଡର ଭିକାରୀ ହେବେ ।

●

# ସତେ କଣ ପ୍ରଳୟ ହେବ ?

ଭବିଷ୍ୟତ୍‌ବାଣୀ କରିବାବାଲା ଲୋକେ ବା ମାଳିକା ଲେଖକମାନେ କହନ୍ତି ଯେ ପୃଥିବୀର ପ୍ରଳୟ ବେଳ ଆସିଗଲାଣି । ପ୍ରତିଦେଶରେ, ପ୍ରତି ଯୁଗରେ ଜ୍ୟୋତିଷମାନେ ଏଭଳି ଆଶଙ୍କା ଶୁଣାଇ ଥାଆନ୍ତି । Isaae Asimov ଙ୍କ ମତରେ ପୃଥିବୀ ପ୍ରଳୟ ହେବା ସମୟ ଏତେ ନିକଟ ନୁହେଁ । ପ୍ରାକୃତିକ ବିଲୟ ଘଟିବାର ଗୋଟିଏ ନିଶ୍ଚିତ କାରଣ ହେଉଛି ସୂର୍ଯ୍ୟର ମୃତ୍ୟୁ । ଉଦଯାନ ଜାଳେଣି ସବୁ ଜଳିଗଲେ ସୂର୍ଯ୍ୟ ପ୍ରାୟ ୮୦୦ରୁ ୧୫୦୦କୋଟି ବର୍ଷ ଭିତରେ ପୃଥିବୀକୁ ପୋଡ଼ିଜାଳି ଦେବ । ଉଦ୍‌ଜାନ ସବୁ ଜଳିଗଲେ, ବଳିପଡ଼ିଥିବା ହେଲିଅମ୍ ମଧ୍ୟ ଜଳିପୋଡ଼ି ଅଙ୍ଗାରରେ ପରିଣତ ହେବ । ଏ ଅବସ୍ଥାରେ ସୂର୍ଯ୍ୟର ଆୟତନ ଖୁବ୍ ବଢ଼ିଯିବ, ରଡ଼ନିଆଁ ଭଳି ଧାସ ଦେଉଥିବ । ଆୟତନ ବଢ଼ଇଥିବାରୁ ଏହାର ପୃଷ୍ଠଭାଗ ଖୁବ୍ ବଢ଼ିଯିବ; ତେଣୁ ସୂର୍ଯ୍ୟରୁ ବାହାରୁଥିବା ସବୁ ଉତ୍ତାପର ପରିମାଣ ବର୍ତ୍ତମାନର ପରିମାଣଠାରୁ ବେଶୀ ହେବ । ତାହା ପୃଥିବୀକୁ ପୋଡ଼ିଦେବ ।

**ସୂର୍ଯ୍ୟର ମୃତ୍ୟୁରେ ପ୍ରଳୟ–** ତାହାହେଲେ କ'ଣ ମଣିଷ ଶେଷ ହୋଇଯିବ ? ଏବେ ବିଜ୍ଞାନ ଯେପରି ଭାବରେ ଉନ୍ନତି କରୁଛି ୮୦୦ ରୁ ୧୫୦୦ କୋଟି ବର୍ଷ ଭିତରେ ମଣିଷର କରାମତି କ'ଣ ହୋଇଥିବ, ଭାବି ଦେଖନ୍ତୁ । ସେତେବେଳକୁ ମଣିଷ ଏ ତାରକାମଣ୍ଡଳରୁ ସେ ତାରକାମଣ୍ଡଳକୁ ଯାଇପାରୁଥିବ । ଅନ୍ତତଃ ଛୋଟ ଛୋଟ ପୃଥିବୀ ଭଳି ଜଳବାୟୁ ଓ ପରିବେଶ ଥାଇ ଖୁବ୍ ବଡ଼ ବଡ଼ ମହାକାଶଯାନରେ ମଣିଷ ମହାଶୂନ୍ୟରେ ବୁଲୁଥିବ । କେତେବେଳେ କେମିତି କୌଣସି ନା କୌଣସି ତାରକା ଜଗତରେ ଗୋଟିଏ ପୃଥିବୀ ପାଇଯିବ, ସେଠାରେ ବସତି ଗଢ଼ିପାରିବ ।

ମହାକାଶରେ ଘୂରୁଥିବା ଗ୍ରହାଣୁକୁ ଧରି, ତହିଁରେ ଖୋଳି ସେଥିରେ ଅଭାବ ଥିବା ଜିନିଷ ଭର୍ତ୍ତିକରି ପ୍ରାକୃତିକ ମହାକାଶଯାନ ଭଳି ବ୍ୟବହାର କରିବା ସବୁଠାରୁ ଯୁକ୍ତିଯୁକ୍ତ ମନେହୁଏ । ସୂର୍ଯ୍ୟର ମୃତ୍ୟୁର ବହୁ ପୂର୍ବରୁ ମଣିଷ ବିଭିନ୍ନ ଜଗତରେ

ବସ୍ତିସ୍ଥାପନ କରିସାରିଥିବ । କିନ୍ତୁ ସୌରଜଗତର କୌଣସି ଗ୍ରହରେ ଏହା କରିବାକୁ ଚାହିଁବ ନାହିଁ । ଚନ୍ଦ୍ର ଓ ମଙ୍ଗଳରେ ଗୁଡ଼ାଏ ଖର୍ଚ୍ଚ କରି ବୈଷୟିକ ଓ ବୈଜ୍ଞାନିକ ଜ୍ଞାନ ଲଗାଇ ବାସଯୋଗ୍ୟ କରାଯାଇପାରେ । କିନ୍ତୁ ସୂର୍ଯ୍ୟର ମୃତ୍ୟୁ ବେଳକୁ ପୃଥିବୀ ଯେପରି ଭାଜି ହୋଇଯିବ, ଏମାନେ ମଧ୍ୟ ସେପରି ପୋଡ଼ି ହୋଇଯିବେ ।

**ଅନ୍ୟ ପୃଥିବୀ** – ବ୍ରହ୍ମାଣ୍ଡରେ ଅସଂଖ୍ୟ ତାରକାଜଗତ ରହିଛି । ଆମେ ଯେଉଁ ତାରକାଜଗତରେ ଅଛୁ, ତାହାର ନାମ ଛାୟାପଥ ବା ଆକାଶଗଙ୍ଗା (milkyway) ଏଥିରେ ସୌର ଜଗତ ଗୋଟିଏ କ୍ଷୁଦ୍ର ଅଂଶ ମାତ୍ର । ଆମ ଛାୟାପଥରେ ୧୩୫୦୦ କୋଟି ତାରକା ଅଛନ୍ତି, ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ତାରକାର ଗ୍ରହଜଗତ ଥିବ । ଆମର ଛାୟାପଥରେ ହିଁ ପ୍ରାୟ ୬୪ କୋଟି ଗ୍ରହ ଆମର ପୃଥିବୀ ଭଳି ଆବାସଯୋଗ୍ୟ ହୋଇଥିବ । ତେଣୁ ଆମ ଛାୟାପଥ ତାରକାମଣ୍ଡଳ ଭିତରେ ହିଁ ଯଦି ମଣିଷ ବୁଲେ ପ୍ରତି ୨୦୦ ଗ୍ରହ ଭିତରେ ପୃଥିବୀ ଭଳି ଗୋଟିଏ ଗ୍ରହ ପାଇପାରେ । ସାରା ବ୍ରହ୍ମାଣ୍ଡ କଥା ଭାବିଲେ ଏମିତି କେତେ ପୃଥିବୀ ମିଳିବ ତାହା ଗଣିହେବ ନାହିଁ ।

**ଆଲୋକ ବେଗ ଏକ ପ୍ରତିବନ୍ଧକ**– ଏପରି ଉପଯୁକ୍ତ ଗ୍ରହ ମହାଶୂନ୍ୟରେ ପାଇବା ପାଇଁ ଆମକୁ ଆଲୋକ ଗତିଠାରୁ ଅଧିକ ବେଗରେ ଯିବାକୁ ପଡ଼ିବ । ପ୍ରତି ସେକେଣ୍ଡରେ ୩ଲକ୍ଷ କିଲୋମିଟର ଦୂରତା ଅତିକ୍ରମ କରିବା ସମ୍ଭବ ହେବ କି ? ଯଦି ଥାଏ ଶବ୍ଦବେଗଠାରୁ ଅଧିକ ବେଗରେ ଯାଉଥିବା ବ୍ୟୋମଯାନ ଯେପରି ଶବ୍ଦ ପ୍ରତିବନ୍ଧକ (sound barrier) ବିପଦର ସମ୍ମୁଖୀନ ହୁଏ, ସେହିପରି ଆଲୋକ ପ୍ରତିବନ୍ଧକ ଭଳି କିଛି ବିପଦ ଥିବ । ଏ ପରିସ୍ଥିତିରେ ମଣିଷ କିପରି ଆଗେଇବ ? ମଣିଷ ଯେ ପର୍ଯ୍ୟନ୍ତ ଆଲୋକ ଗତିସୀମା ପାର ନ ହୋଇଛି, ତା'ର ଜୀବଦ୍ଦଶାରେ ସେ ଅନ୍ୟ କୌଣସି ତାରକା ମଣ୍ଡଳକୁ ଯାଇପାରିବ ନାହିଁ । ଏବେ ବୈଜ୍ଞାନିକମାନେ କହନ୍ତି ଯେ ଟାକିଅନ୍ (tachyons) ନାମକ ଏକ ଅଣୁ ଆଲୋକ ବେଗରୁ କ୍ଷିପ୍ରତର ଯାଇପାରେ । ଯଦି ଏପରି ଅଣୁ ଥାଏ, ତେବେ ସେଗୁଡ଼ିକୁ ଖୋଜି ପାଇବା କଷ୍ଟ ହେବ । ଯଦି ଏହା ମିଳେ ଓ ବୈଜ୍ଞାନିକମାନେ ସାଧାରଣ ଅଣୁକୁ ଟାକିଅନରେ ପରିଣତ କରିବାର ଉପାୟ ପାଆନ୍ତି, ତେବେ ମହାକାଶଯାନ ଓ ଯାତ୍ରୀମାନଙ୍କୁ ଏକାଥରକେ ଟାକିଅନ ଅଣୁରେ ପରିଣତ କରି ଆଲୋକର ବହୁ ଗୁଣ ବେଗରେ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ନିର୍ଦ୍ଦିଷ୍ଟ ଦୂରତ୍ୱ ପର୍ଯ୍ୟନ୍ତ ଯାଇ ସେଠାରୁ ହଠାତ୍ ପୁଣି

ସାଧାରଣର ଅଣୁକୁ ବଦଳି କରାଇ ହୁଅନ୍ତା । କିଛି ସମୟ ନଷ୍ଟ ନ ହୋଇ ମଣିଷ ଛାୟାପଥ (୨୦ ହଜାର କୋଟି କିଲୋମିଟର) ଅତିକ୍ରମ କରିପାରନ୍ତା । ସାଧାରଣ ଅଣୁକୁ ଟାକିଅନ୍ କରିବା ଓ ପୁଣି ଓଲଟାଇବା ପାଇଁ ଯେଉଁ ବୈଷୟିକ ଜ୍ଞାନ ଦରକାର ତାହା ଏବେ କଳ୍ପନା କରିହେଉ ନାହିଁ ।

**ପ୍ରଳୟର ଆଶଙ୍କା–** ସୂର୍ଯ୍ୟ ୮୦୦୦ କୋଟି ବର୍ଷରେ ମରିଯିବେ । ସେତେଦିନ ପର୍ଯ୍ୟନ୍ତ ଜାତି ବଞ୍ଚିଥିବ ତ ? ପରସ୍ପର ଯୁଦ୍ଧରେ ଲିପ୍ତ ହୋଇ ମଣିଷ ଜାତି ଲୋପ ପାଇବା ଅସମ୍ଭବ ନୁହେଁ । କିନ୍ତୁ ଏହା ଘଟି ନ ପାରେ । ଏପର୍ଯ୍ୟନ୍ତ ମଣିଷ ପରମାଣୁ ଯୁଦ୍ଧକୁ ଏଡ଼ାଇ ଆସିଛି ତ ! କେତେକ କହନ୍ତି ମହାକାଶରେ ଭ୍ରାମ୍ୟମାଣ କୌଣସି ଗ୍ରହ, ତାରକା ବା ପ୍ରକାଣ୍ଡ ଉଲ୍‌କା ସହିତ ଧକ୍‌କା ଖାଇ ପୃଥିବୀ ନଷ୍ଟ ହୋଇପାରେ । ତାହା ମଧ୍ୟ ଅସମ୍ଭବ ଲାଗେ । କାରଣ ମହାଶୂନ୍ୟରେ ପ୍ରକୃତରେ ଏତେ ପାଖାପାଖି ଗ୍ରହ, ତାରକା ଆଦି ନାହାନ୍ତି । ପାଖାପାଖି ଦୁଇଟି ତାରକା ମଧ୍ୟରେ, କେବଳ ଆମର ଛାୟାପଥ ତାରକାମଣ୍ଡଳ କଥା ପରୀକ୍ଷାକଲେ ବି, ପ୍ରାୟ ୯ ଆଲୋକବର୍ଷ ଦୂରତ୍ୱ ଅର୍ଥାତ୍ ପ୍ରାୟ ୮ ନିୟୁତ କୋଟି କିଲୋମିଟର ଦୂରତ୍ୱ ଅଛି । ଭୁବନେଶ୍ୱର ନିକଟରେ ଥିବା ନନ୍ଦନକାନନକୁ ଯଦି ଛାୟାପଥ ଧରାଯାଏ, ସେ ଅଞ୍ଚଳରେ ଆକାଶମାର୍ଗରୁ ମୁଠାଏ ବାଲି ବିଞ୍ଚିଦେଲେ ଯେପରି ଦୂର ଦୂର ହୋଇ ପଡ଼ିବ, ସେହି ଅନୁପାତରେ ତାରକାମାନଙ୍କ ମଧ୍ୟରେ ଦୂରତା ଅଛି ।

ଆଉ କେତେକ କହନ୍ତି ଯେ ଅନ୍ୟ କୌଣସି ଏକ ଗ୍ରହମଣ୍ଡଳରୁ ଅଧିକ ଜ୍ଞାନସମ୍ପନ୍ନ ଜୀବ ଆସି ମଣିଷଜାତିକୁ ଧ୍ୱଂସ କରିଦେଇ ପାରନ୍ତି । ବୈଜ୍ଞାନିକ ଉପନ୍ୟାସମାନଙ୍କରେ ଏହାହିଁ ଲେଖା ହୋଇଥାଏ । ଏହା ମଣିଷର ଅବଚେତନ ଈର୍ଷାର ପ୍ରକାଶ ମାତ୍ର, କିନ୍ତୁ ଏପରି ପରିସ୍ଥିତି ଅସମ୍ଭବ ମନେହୁଏ । ଆମଠାରୁ ଅତି ନିକଟରେ ଯଦି କୌଣସି ଗ୍ରହରେ ଜ୍ଞାନୀ ଜୀବ ବସବାସ କରୁଥାଏ ସେ ଗ୍ରହର ଦୂରତ୍ୱ ଅତି କମ୍‌ରେ ୫୦ ଆଲୋକବର୍ଷ ହେବ । ଏତକ ଅତିକ୍ରମ କରି ଆମ ପୃଥିବୀକୁ ଆସିବା ଏତେ ସହଜ କଥା ନୁହେଁ । ଯଦି କୌଣସି ଜ୍ଞାନୀ ଜୀବ ଏହା ପାର ହୋଇ ପୃଥିବୀକୁ ଆସିପାରେ ସେ ଏତେ ଉନ୍ନତ ହୋଇଥିବ ଯେ ଆମଭଳି ବର୍ବର ମନୋବୃତ୍ତି ତା'ର ନ ଥିବ । ତା'ର ଚିନ୍ତା ଏତେ ଉଚ୍ଚ ହୋଇଥିବ ଯେ ଆମ୍ଭେ ସେ ବିଷୟରେ ଏପର୍ଯ୍ୟନ୍ତ ଚିନ୍ତା କରି ଶିଖିନାହୁଁ । ମଣିଷ ଜାତିର ପ୍ରକୃତ ବିପଦ କେବଳ ମଣିଷଠାରୁ

ଆସିପାରେ । ଆଉ ୩୦ ରୁ ୪୦ ବର୍ଷ ଭିତରେ ଆମେ ଆମ ସଭ୍ୟତାକୁ ଧ୍ୱଂସ କରିଦେଇପାରୁ– ଏଭଳି ଏକ ଅବସ୍ଥା ଆଡ଼କୁ ପୃଥିବୀର ବିଭିନ୍ନ ଲୋକେ ଆଗଉଥିବାର ମନେହୁଏ ।

**ଆମେ ନିଜକୁ ଧ୍ୱଂସ କରିବା–** ଏବେ ପୃଥିବୀର ଲୋକସଂଖ୍ୟା ୪୫୦ କୋଟି ମାତ୍ର ୫୦ ବର୍ଷ ତଳେ ଏହା ୨୦୦ କୋଟି ଥିଲା । ଆସନ୍ତା ୩୦ ବର୍ଷ ଭିତରେ ଜନସଂଖ୍ୟା ଦୁଇଗୁଣ ହୋଇଯିବ । ଏତେ ମୁହଁକୁ ଖୋଇବା ସମସ୍ୟା ହେଲାଣି, ଅର୍ଦ୍ଧାଧିକ ଲୋକେ ସବୁବେଳେ ଅନାହାରର ସମ୍ମୁଖୀନ ହେଉଛନ୍ତି । ଲୋକସଂଖ୍ୟା ଦୁଇଗୁଣ ହେବା ବେଳକୁ ଖାଦ୍ୟଶସ୍ୟ ଉତ୍ପାଦନ ଦୁଇଗୁଣ ହେବା ଭଳି ଜଣାଯାଉ ନାହିଁ । ଦୁର୍ଭିକ୍ଷ ସାଧାରଣ ଘଟଣା ହୋଇଯିବ ବୋଲି ମନେ ହୁଏ । ଅନାହାର ବା ପୁଷ୍ଟିକର ଖାଦ୍ୟ ଅଭାବ ଏ ଦୁଇଟି କାରଣରୁ ରୋଗ ବଢ଼ିବ । ପ୍ରତି ଦେଶରେ ଅଶାନ୍ତି, ଏପରିକି ଅନ୍ତର୍ଦ୍ୱନ୍ଦ୍ୱ ଦେଖାଯିବ । ଆଜିକାଲି ସ୍ୱଚ୍ଛଳ ଦେଖାଯାଉଥିବା ରାଷ୍ଟ୍ରମାନେ ମଧ୍ୟ ଦୁର୍ଭିକ୍ଷର ସମ୍ମୁଖୀନ ହେବେ ।

**ଏ ଗୋଟିଏ ଅନ୍ଧକାର ଯୁଗ–** ଏ ଅବସ୍ଥାରୁ ଆମେ ରକ୍ଷା ପାଇବୁ ତ ? ଆମ ସଭ୍ୟତାର ବୈଷୟିକ ଓ ପ୍ରଯୁକ୍ତ ବିଦ୍ୟା ଏଭଳି ଅବସ୍ଥା ସମ୍ଭାଳି ପାରିବା ଭଳି ମନେ ହେଉନାହିଁ । ମଣିଷର ଇତିହାସ ହେଉଛି ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଉନ୍ନତିର ଇତିହାସ । ଯେଉଁ ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବନତି ଘଟେ ମଣିଷ ଇତିହାସରେ ଅନ୍ଧକାର ଯୁଗ (dark age) ଦେଖାଗଲା ବୋଲି ଆମେ କହୁ । ଅତୀତରେ ମଣିଷ ଇତିହାସରେ ବହୁତଥର ଅନ୍ଧକାରଯୁଗ ଆସିଛି– କିନ୍ତୁ ଏଗୁଡ଼ିକ ସାଧାରଣତଃ ଗୋଟିଏ ଗୋଟିଏ ଅଞ୍ଚଳ ବା ଦେଶରେ ଦେଖାଦେଇଛି । ଉଦାହରଣ ସ୍ୱରୂପ ୟୁରୋପରେ ୫ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଅନ୍ଧକାର ଯୁଗଥିଲା, କିନ୍ତୁ ସେତେବେଳେ ଆରବ ବା ବାଇଜାଣ୍ଟାଇନ୍ ସାମ୍ରାଜ୍ୟ ଖୁବ୍ ଉନ୍ନତ ସଭ୍ୟତା ଦେଖିଥିଲା, ଏପରିକି ୟୁରୋପର ସ୍ପେନ୍ ଦେଶରେ ଖୁବ୍ ଉନ୍ନତ ସଭ୍ୟତା ଥିଲା । ପରିଧିରେ ଥିବା ସଭ୍ୟତାର ଆଲୋକ ପାଇ ୟୁରୋପ ଅନ୍ଧକାର ଯୁଗରୁ ଆଲୋକ ଯୁଗକୁ ଆସିଲା । କିନ୍ତୁ ବର୍ତ୍ତମାନ ଅବସ୍ଥାରେ ଯଦି ବିଜ୍ଞାନ ଓ ବୈଷୟିକ ବିଦ୍ୟା ଶେଷ ହୁଏ, ତେବେ ପୃଥିବୀସାରା ଅନ୍ଧକାର ଯୁଗ ଦେଖାଯିବ । ଅନ୍ୟ କେଉଁଠାରୁ ଆଲୋକ ପାଇବାର ସୁଯୋଗ ମିଳିବ ନାହିଁ । ଖଣିଜତୈଳ ସରିଯାଇଥିବ, ସହଜରେ ମିଳୁଥିବା

କୋଇଲା ଶେଷ ହୋଇଥିବ, ଦରକାରୀ ଖଣିଜ ପଦାର୍ଥର ଭଲ ଭଲ ଖଣିଗୁଡ଼ିକ ନିଃଶେଷ ହୋଇଯାଇଥିବ ପରିପାର୍ଶ୍ୱ ତେଜସ୍କ୍ରିୟ ହୋଇଥିବ ଏବଂ ଉତ୍ପାଦନ ବଢ଼ାଇବା ଚେଷ୍ଟାରେ ଅବିଶ୍ରାନ୍ତ କୃଷିଯୋଗ୍ୟ ଭୂପୃଷ୍ଠର ଅଧିକାଂଶ ଜମି ନଷ୍ଟ ହୋଇଯାଇଥିବ ।

**ଆଲୋକ ଦିଶୁଛି–** ଅବଶ୍ୟ ଅବସ୍ଥା ଏତେ ସାଙ୍ଘାତିକ ହୋଇନପାରେ ବୋଲି ଆପଣମାନେ କହିପାରନ୍ତି । ସମୁଦ୍ର ଗର୍ଭରୁ, ବିଭିନ୍ନ ଗଛପତ୍ରରୁ ମଣିଷ ଖାଦ୍ୟ ସଂଗ୍ରହ କରିବ । ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଗଲାଣି । ସୌରଶକ୍ତିରୁ ମଣିଷ ଶକ୍ତି ଆହରଣ କରି କଳକାରଖାନା ଚଳାଇବ । କିନ୍ତୁ ଏ ଦଗରେ ଖୁବ୍ ବେଶୀ ଉଦ୍ୟମ ଦରକାର ବର୍ତ୍ତମାନ ଯେଉଁ ଗତିରେ ଏହି ଉଦ୍ୟମ ହେଉଛି ତାହା ସମସ୍ୟାର ସମାଧାନ କଲାଭଳି ଜଣାଯାଉନାହିଁ । ବର୍ତ୍ତମାନ ଯେଉଁମାନେ ୧୫ରୁ ୨୦ ବର୍ଷ ବୟସ ଭିତରେ ଅଛନ୍ତି ସେହିମାନେ ହିଁ ସଙ୍କଟର ସମ୍ମୁଖୀନ ହୋଇଯିବେ ।

ଯଦି ବ୍ରହ୍ମାଣ୍ଡର କୌଣସି ଅଂଶରୁ ଆମଠାରୁ ଅଧିକ ଜ୍ଞାନୀ ଜୀବ ଆସି ଆମକୁ ଏ ବିପଦରୁ ରକ୍ଷା କରନ୍ତି, ସେମିତି ରକ୍ଷା ପାଇ ବଞ୍ଚିବା ଅପେକ୍ଷା ମରିଯିବା ଶ୍ରେୟସ୍କର ହେବ । ଆମେ ସେମାନଙ୍କର ଗୃହପାଳିତ ପଶୁ ହୋଇ ରହିଯିବା । ପୃଥିବୀର ଶ୍ରେଷ୍ଠଜୀବ ମଣିଷ ଜାତିର ଗୋଟିଏ ସଭ୍ୟ ନ ହୋଇ ଗୋଟିଏ ବୁଦ୍ଧି ସମ୍ପନ୍ନ ପାଳିତଜୀବ ହୋଇଯିବା ।

ତାହାହେଲେ ଉପାୟ କ'ଣ ? କେବଳ ଖାଦ୍ୟଉତ୍ପାଦନ ବଢ଼ାଇଲେ ଚଳିବ ନାହିଁ । ଧରନ୍ତୁ ୨୦୦୦ ଖ୍ରୀଷ୍ଟାବ୍ଦ ବେଳକୁ ୭୦୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ବନ୍ଦୋବସ୍ତ କରିଦେଲା; ତାପରେ ପ୍ରତି ପରିବାର ପିଲାଛୁଆ କରିବାରେ ଲାଗିଲେ, ତେବେ ୩୫ ବର୍ଷ ଭିତରେ ଲୋକସଂଖ୍ୟା ୧୪୦୦ କୋଟି ହେବ ପୁଣି ଖାଦ୍ୟ ? ଏହି ବୃଦ୍ଧି କେଉଁଠି ତ ଅଟକିଯିବା ଦରକାର । ଏହାର ଦୁଇଟି ଉପାୟ ଅଛି । ଜନ୍ମହାର ସହିତ ସମାନ ହେବା ପର୍ଯ୍ୟନ୍ତ ମୃତ୍ୟୁହାର ବଢ଼ିବା ଦରକାର କିମ୍ବା ମୃତ୍ୟୁହାର ସହିତ ସମାନ ହେବା ପର୍ଯ୍ୟନ୍ତ ଜନ୍ମହାର କମିବା ଦରକାର । ସୁଖର କଥା, ବହୁତ ରାଷ୍ଟ୍ର ଏବେ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା କରୁଛନ୍ତି । ପୂର୍ବର ଅନ୍ଧବିଶ୍ୱାସ ଯେ ପିଲାମାନେ ବାପା-ମା'ଙ୍କୁ ସ୍ୱର୍ଗକୁ ନେଇଯିବେ, ଆସ୍ତେ ଆସ୍ତେ ଚାଲିଯାଉଛି । ମଣିଷଜାତି ରହିଲେ ତ ପିଲାମାନେ ଭାବିବେ ବାପା ସ୍ୱର୍ଗକୁ ଯାଇଛନ୍ତି !

ସାରା ପୃଥିବୀର ସମସ୍ୟା ଏକପ୍ରକାର ହୋଇଥିବାରୁ ରାଷ୍ଟ୍ର ରାଷ୍ଟ୍ର ଭିତରେ ପ୍ରଭେଦ କମିଆସୁଛି । କୌଣସି ରାଷ୍ଟ୍ର ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ହୋଇ ତିଷ୍ଠି ପାରିବ ନାହିଁ । ରୁଷିଆ ଓ ଆମେରିକା ଜାଣିଲେଣି ଯେ ଯୁଦ୍ଧ ଅସମ୍ଭବ, ଆଞ୍ଚଳିକ ଝଗଡା ହୋଇପାରେ । ସଙ୍କଟକାଳ ଯେତେ ପାଖେଇ ଆସୁଛି, ସମଗ୍ର ମାନବ ଜାତି ବାଧ୍ୟ ହେଉଛି ବର୍ତ୍ତମାନ ଯାହା ଅସମ୍ଭବ ତାକୁ ସମ୍ଭବ କରିବାକୁ ।

ମଣିଷର ଆଉ ଗୋଟିଏ ଶକ୍ତି ତାକୁ ରକ୍ଷା କରିପାରେ । ଯେ କୌଣସି ସଙ୍କଟକୁ ମୁଲାକାତ କରିବାରେ ମଣିଷ ଓସ୍ତାଦ । ୧୪ଶ ଶତାବ୍ଦୀର କଳା ମୃତ୍ୟୁ (Black death) ଯୋଗୁ ପୃଥିବୀର ଏକତୃତୀୟାଂଶ ଲୋକ ମରିଗଲେ । ସ୍ୱାସ୍ଥ୍ୟ ରକ୍ଷାର ନିୟମ ନ ଜାଣି ମଧ୍ୟ ସେତେବେଳର ଅଜ୍ଞ ମଣିଷ ବିପଦରୁ ବର୍ତ୍ତି ଆସିଲା । କିନ୍ତୁ ଜନସଂଖ୍ୟା ବୃଦ୍ଧି ସଙ୍କଟରୁ ରକ୍ଷା ପାଇ ୨୧ଶ ଶତାବ୍ଦୀରେ ନୂଆ ସଭ୍ୟତା ଗଢ଼ିବାକୁ ପଡ଼ିବ । ସଂଖ୍ୟା ଭୁଲି ଗୁଣରେ ଜନବୃଦ୍ଧି, ଜଟିଳତର ଓ ନୂତନତର ବୈଷୟିକ ଜ୍ଞାନ ଉଦ୍‌ଭାବନ– ଏ ପ୍ରକାରର ଦର୍ଶନ ଉପରେ ଆଧାରିତ ଜୀବନ ଗଢ଼ିବାକୁ ପଡ଼ିବ । ତା'ହେଲେ ଅମର ଜୀବ ହିସାବରେ ମଣିଷଜାତି ନିଶ୍ଚୟ ତିଷ୍ଠିବ । ଅନାବଶ୍ୟକ ଅହେତୁକ କାରଣରେ ଆତ୍ମହତ୍ୟା କରିବାର ଅବସ୍ଥା ଯଦି ଆମେ ନ ଆଣୁ' ମଣିଷ ଜାତିର ସଙ୍କଟ ବୋଲି କିଛି ରହିବ ନାହିଁ । କେବଳ ସୃଷ୍ଟିର ବା ବିଶ୍ୱ ବ୍ରହ୍ମାଣ୍ଡର ସଙ୍କଟ ହିଁ ମଣିଷର ସଙ୍କଟ ହେବ ।

●

# ଭବିଷ୍ୟତ ସମାଜର ରୂପରେଖ

## ଏକ ଜ୍ଞାନ ଯୁଗ–

ବର୍ତ୍ତମାନ ଯୁଗକୁ ଶିଳ୍ପଯୁଗ କୁହାଯାଏ । ଭବିଷ୍ୟତ ଯୁଗ ଶିଳ୍ପୋତ୍ତର ସମାଜ ହେବ । ଆମେରିକୀୟ ଲେଖକ ଡାନିଏଲ ବେଲ୍ ତାଙ୍କ ପୁସ୍ତକ The Coming of Post- Industrial Society ରେ ଏ ବିଷୟରେ କେତେକ ଧାରଣା ଦେଇଛନ୍ତି । ପ୍ରକୃତିର ପରିବେଶରୁ ଆଦାୟ କରୁଥିବା (extracting) ସମାଜରେ ଶିଳ୍ପର ସଂଜ୍ଞା ଲାଗୁହୁଏ ନାହିଁ । ଶିଳ୍ପସମାଜରେ ଲୋକେ ବିଶେଷ ଭାବରେ କୃତ୍ରିମ ଉତ୍ପାଦନ ଉପରେ, ଅର୍ଥାତ୍ ମଣିଷର ଶକ୍ତି ଉପରେ ନିର୍ଭର କରି କେତେଗୁଡ଼ିଏ ନୂଆ ନୂଆ ଜିନିଷ ତିଆରି (fabricating) ଉପରେ ଜୋର ଦିଅନ୍ତି । ତେଣୁ ବୈଷୟିକ ଜ୍ଞାନ, କାରିଗରୀ ବିଦ୍ୟା ଓ ବୈଜ୍ଞାନିକ କୌଶଳ ହିଁ ଶିଳ୍ପସମାଜର ମୂଳମନ୍ତ୍ର । ଏହି ବିଦ୍ୟା ବା କୌଶଳରେ ପରିବର୍ତ୍ତନ ଘଟିପାରେ, ମଣିଷର ତିଆରି କରିବା କ୍ଷମତା ଖୁବ୍ ବଢ଼ିପାରେ, କିନ୍ତୁ ସେ ଅବସ୍ଥାରେ ବି ଶିଳ୍ପ ସମାଜ ଚାଲୁ ରହିଥିବ, ଶିଳ୍ପୋତ୍ତର ସମାଜ ହୋଇଯିବ ନାହିଁ ।

ସମାଜ ବିଜ୍ଞାନୀମାନେ କେତେଗୁଡ଼ିଏ ଧାରଣା ଅନୁଯାୟୀ ସମାଜକୁ ଶ୍ରେଣୀଭୁକ୍ତ କରନ୍ତି; ସମାଜର ଉନ୍ନତିର ସ୍ତରର ପରିମାପ କରନ୍ତି । କେତେକ ସମାଜବିଜ୍ଞାନୀଙ୍କ ମତରେ ଶିଳ୍ପୋତ୍ତର (Post-Industrial) ସମାଜରେ କୌଶଳ ବା ଉତ୍ପାଦନ ବିଦ୍ୟା ପ୍ରାଧାନ୍ୟ ହରାଇବ ଏବଂ ସେବା ବା ଉପଭୋଗର ପ୍ରାଧାନ୍ୟ ଆସିଯିବ । ଆଉ କେତେକ କହନ୍ତି, ଶିଳ୍ପୋତ୍ତର ସମାଜ ଜ୍ଞାନପ୍ରଧାନ ସମାଜ ହେବ । ପୁଣି କେତେକ କହନ୍ତି ଶିଳ୍ପ ସମାଜରେ ଯନ୍ତ୍ର ଯେଉଁ କାମ କରୁଛି, ଶିଳ୍ପୋତ୍ତର ସମାଜରେ ମସ୍ତିଷ୍କ ସେହି କାମ କରିବ । ପୁଞ୍ଜି ଆଉ ଶ୍ରମିକ ଏ ଦୁଇଟି ବଦଳରେ ତଥ୍ୟ ଓ ଜ୍ଞାନ ସମାଜକୁ ଆଗେଇ ନେବ ।

**ଜ୍ଞାନ ସାର୍ବଜନୀନ–** ତଥ୍ୟ ବୋଇଲେ ଆମେ ବୁଝୁ ଦରମାପତ୍ରର ହିସାବ, ବ୍ୟାଙ୍କ ନେଣଦେଣର ହିସାବ, ଉତ୍ପାଦନ ସମ୍ପର୍କୀୟ ପରିସଂଖ୍ୟାନ, ଗୋଦାମରେ ଥିବା ଜିନିଷପତ୍ରର ତାଲିକା, ବଜାରର ପରିସ୍ଥିତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଖବର । ଜ୍ଞାନ ବୋଇଲେ ଆମେ ବୁଝୁ ଯୁକ୍ତିସମ୍ମତ ବିଚାର ବା ପରୀକ୍ଷିତ ଫଳ । ଏହି ଜ୍ଞାନ ସବୁ ଶୃଙ୍ଖଳିତ ରୂପରେ ଗୋଟିଏ ଗୋଟିଏ ବିଦ୍ୟା ଆକାରରେ ମଣିଷଠାରୁ ଅନ୍ୟ ମଣିଷକୁ

ଯାଇଥାଏ । ଶିଳ୍ପ ଜଗତର ଯେତେ ସାମଗ୍ରୀ ସେ ସବୁ ଗୋଟି ଗୋଟି ଗଣିହେବ, ବଦଳ କରିହେବ, କିଣିହେବ, ବ୍ୟବହାର କରି ସାରିଦେଇହେବ ବା ନଷ୍ଟକରିଦେଇ ହେବ । ମଟରଗାଡ଼ି ବା ବିସ୍କୁଟ ହେଉ– ସେଇୟା ଫଳ । ମୁଁ କିଣିଲି, ଜିନିଷଟିକୁ ଅଧିକାରକୁ ନେଲି । ବିକାଳିର ଅଧିକାର ସରିଗଲା । ପାରସ୍ପରିକ ଚୁକ୍ତି (contract) ର ବିଭିନ୍ନ ନିୟମ ଏଠାରେ ଲାଗୁ ହେଲା । କିନ୍ତୁ ତଥ୍ୟ ବା ଜ୍ଞାନ ବ୍ୟବହାର ହୋଇ ହୋଇ ଏପରି ନଷ୍ଟ ହୋଇଯାଏ କି ? ଜ୍ଞାନ ହେଉଛି ସମଗ୍ର ସମାଜର ଏକ ଉତ୍ପାଦନ– ଏହାର ମୂଲ୍ୟ ବା ଦର ଶିଳ୍ପ ସାମଗ୍ରୀ ଭଳି ମପାଯାଇ ପାରେ ନାହିଁ । ସେହିପରି ଜ୍ଞାନ ଉତ୍ପାଦନରେ କେତେ ପୁଞ୍ଜି ଖଟା ହୋଇଛି, ଆଉ କେତେ ଶ୍ରମ ବ୍ୟବହାର ହୋଇଛି ତାହାର ଆପେକ୍ଷିକ ମୂଲ୍ୟ ସାଧାରଣ ଅର୍ଥନୀତିର ଶ୍ରମତତ୍ତ୍ୱ (labour-theory of value) ଦ୍ୱାରା ମପାଯିବ ନାହିଁ । ବୋଧହୁଏ ଏକପ୍ରକାର ଜ୍ଞାନତତ୍ତ୍ୱ (knowledge theory of value) ଦ୍ୱାରା ମପାହେବ । ସର୍ବସ୍ୱତ୍ୱ ସଂରକ୍ଷିତ କରି (patent ବା copyright ଦ୍ୱାରା) କିଛିଦିନ ପାଇଁ ଜ୍ଞାନକୁ ବ୍ୟକ୍ତିଗତ ସମ୍ପତ୍ତି କରାଯାଇପାରେ; କିନ୍ତୁ ଖୁବ୍ ଶୀଘ୍ର ଅନ୍ୟ କେହି ଗବେଷକ ତଦ୍ରୂପ ବା ତାହାଠାରୁ ଉନ୍ନତ ଆଉ ଏକ ପ୍ରକାର ଜ୍ଞାନ ବାହାର କରିପାରେ । ପତ୍ର ପତ୍ରିକାରୁ ଯଦି ଲୋକେ ଦରକାରୀ ପ୍ରବନ୍ଧଟିର ନକଲ ନେଇପାରନ୍ତି (ଫଟୋ ହେଉ ବା xerox ହେଉ,) ଆକାଶବାଣୀ ବା ଦୂରଦର୍ଶନର ସଙ୍ଗୀତ ବା ଆଲୋଚନାକୁ ଯଦି ଲୋକେ ଟେପ୍ କରି ନେଇପାରନ୍ତି, ସର୍ବସ୍ୱତ୍ୱ ସଂରକ୍ଷଣ କରିବାର ଅର୍ଥ କ'ଣ ରହିଲା ? କିନ୍ତୁ ଏକଥା ସତ ଯେ ଜ୍ଞାନ ଥରେ ଲିଖିତ ହୋଇଗଲେ ତାହା ଅଧିକ ନୂତନ ଜ୍ଞାନ ବା ତଥ୍ୟ ଆବିଷ୍କାର ବା ଉଦ୍‌ଭାବନ କରିବାରେ ସାହାଯ୍ୟ କରେ– ବେଳେବେଳେ ସେଆଡ଼କୁ ଟାଣିନିଏ । ଏହା ହେଉଛି ଗୋଟିଏ ସାମୂହିକ କଲ୍ୟାଣ; ଥରେ ସୃଷ୍ଟି ହୋଇଗଲେ ସମାଜର ପ୍ରତ୍ୟେକ ଲୋକକୁ ମିଳିଯାଏ । ବ୍ୟକ୍ତିଗତ ମାଲିକାନା ବା ଉଦ୍ୟମରେ ଏ ପ୍ରକାର ଜ୍ଞାନ ଉତ୍ପାଦନ କରିବାରେ କିଛି ଅଧିକ ପ୍ରେରଣା ନ ଥାଏ । ଏହି କାରଣରୁ ବିଶ୍ୱବିଦ୍ୟାଳୟ ବା ସରକାରୀ ଅନୁଷ୍ଠାନ ଭଳି ସାମାଜିକ ସଂସ୍ଥା ଉପରେ ଜ୍ଞାନ ଉତ୍ପାଦନର ଆବଶ୍ୟକତା ଲଦି ଦିଆଯାଉଛି । ଏଥିରେ ବଜାର ଦର ନ ଥିବାରୁ କେଉଁ କ୍ଷେତ୍ରରେ ଗବେଷଣା କଲେ ବେଶୀ ଲାଭ ହେବ, ସେ ପ୍ରଶ୍ନ ଉଠିବ ନାହିଁ । ମୌଳିକ ଗବେଷଣାର ମୂଲ୍ୟାୟନ ହୋଇପାରେ ନାହିଁ ।

**ତଥ୍ୟର ସମାବେଶ–** ପ୍ରତ୍ୟେକ ଉନ୍ନତିସ୍ତର ପାଇଁ କେତେଗୁଡ଼ିଏ ପ୍ରାରମ୍ଭିକ ବା ସମର୍ଥନକାରୀ ଜିନିଷ ଦରକାର- ଏଗୁଡ଼ିକୁ ମୂଳଦୁଆ ବା infrastructure କୁହାଯାଏ । ଶିଳ୍ପୋତ୍ତର ସମାଜର ମୂଳଦୁଆ ହେବ ଏକ ପ୍ରକାର

ଯୋଗାଯୋଗରକ୍ଷାକାରୀ ବ୍ୟବସ୍ଥା ବା ସଂକ୍ଷେପରେ ସଂଖ୍ୟାଭିତ୍ତିକ ତଥ୍ୟ କୌଶଳ (digital information technology ଯେପରି ଗୁଡ଼ାଏ କମ୍ପ୍ୟୁଟର ମଧ୍ୟରେ ଏକପ୍ରକାର ଜାଲବିଛାସମ୍ପର୍କ) । ସାଧାରଣ ସାମାଜିକ ବ୍ୟବସ୍ଥାରେ ଯେଉଁ ସବୁ ଜିନିଷକୁ ମୂଳଦୁଆ କରାଯାଏ ସେଥିରେ ପ୍ରଥମ ହେଉଛି ପରିବହନ– ରାସ୍ତା, ରେଳ, କେନାଲ, ବ୍ୟୋମପଥ, ଯେଉଁ ଗୁଡ଼ିକ ମଣିଷ ଓ ମାଲମତା ବହନ କରିନେବାରେ ସାହାଯ୍ୟ କରେ । ଦ୍ୱିତୀୟ ହେଉଛି ଉପଯୋଗକାରୀ ଜିନିଷ– ତୈଳବାହୀ ପାଇପ୍, ଗ୍ୟାସ, ବିଦ୍ୟୁତ୍ ଆଦି ସରବରାହକାରୀ ବ୍ୟବସ୍ଥା । ତୃତୀୟ ମୂଳଦୁଆ ହେଉଛି ସୁଦୂର ଯୋଗାଯୋଗ (telecommunication), ବିଶେଷତଃ ଟେଲିଫୋନ୍, ରେଡ଼ିଓ ଏବଂ ଟେଲିଭିଜନ । ବର୍ତ୍ତମାନ ବିଭିନ୍ନ ଦେଶରେ, ବିଶେଷତଃ ଆମେରିକା ଯୁକ୍ତରାଷ୍ଟ୍ର ଭଳି ଶିଳ୍ପୋନ୍ନତ ଦେଶମାନଙ୍କରେ କମ୍ପ୍ୟୁଟର ଓ ଟର୍ମିନାଲମାନଙ୍କର ସଂଖ୍ୟା ଏତେ ବଢ଼ିଯାଇଛି ଓ ସେଗୁଡ଼ିକର ଦାମ ଏତେ କମି ଆସିଛି ଯେ, ପରିସଂଖ୍ୟାନ ତଥା ସମ୍ବାଦ ସଂରକ୍ଷଣ (storge) ଖୁବ୍ ସହଜ ହୋଇଗଲାଣି । କିନ୍ତୁ ବିଭିନ୍ନ ସ୍ଥାନରେ ବିଭିନ୍ନ କମ୍ପ୍ୟୁଟର ବା ଟର୍ମିନାଲରେ ବିଭିନ୍ନ ପ୍ରକାର ସମ୍ବାଦ ମହଜୁଦ୍ କରି ରଖି, ଅନ୍ୟ ଅଞ୍ଚଳର କାମରେ ନ ଆସିଲେ ତାହା ଏକ ସାମାଜିକ ତଥା ଅର୍ଥନୈତିକ କ୍ଷତି ହେବ । ଏଥିପାଇଁ ଦରକାର ଜାଲବିଛାଇଲା ଭଳି ବିଭିନ୍ନ ସମ୍ବାଦ ମହଜୁଦ କେନ୍ଦ୍ରମାନଙ୍କର ପରସ୍ପର ସମ୍ପର୍କ । ମାଲମତାର ଅର୍ଥନୀତି (economics of goods) ରୁ ଆମେ ସମ୍ବାଦର ଅର୍ଥନୀତି (economics of information) ଆଡ଼କୁ ଆଗଉଛେ ।

**ଶିଳ୍ପୋତ୍ତର ସମାଜର ଲକ୍ଷଣ–** ଶିଳ୍ପସଭ୍ୟତା ଯେପରି କୃଷିସଭ୍ୟତାର ମୂଳପୋଛ କରି ନାହିଁ, ଶିଳ୍ପୋତ୍ତର ସଭ୍ୟତା ଆସିଗଲେ ଶିଳ୍ପସମାଜର ବିଭିନ୍ନ ବିଭାବ ମଧ୍ୟ ଉଭେଇ ଯିବନାହିଁ । ଗୋଟିଏ ସ୍ତର ଉପରେ ଆଉ ଗୋଟିଏ ସ୍ତର ପ୍ରଲେପ ଭଳି ଲଦି ହୋଇଯିବ । ପୁରୁଣା ସ୍ତରର କେତେକ ଅଂଶ ଏହି ପ୍ରକ୍ରିୟାରେ ଲିଭି ଯାଇପାରେ ଶିଳ୍ପୋତ୍ତର ସମାଜର ଲକ୍ଷଣ କ'ଣ ହେବ ତାହା ଆଲୋଚନା କଲେ ଏହା ସ୍ପଷ୍ଟ ହୋଇଯିବ ।

୧। କେନ୍ଦ୍ରୀଭୂତ ତାତ୍ତ୍ୱିକ ଜ୍ଞାନ – ତାତ୍ତ୍ୱିକ (theoretical) ଜ୍ଞାନ ଓ ବସ୍ତୁ ବିଜ୍ଞାନ ଲିଖିତ ଆକାରରେ ରହି ଯାଉଥିବାରୁ ତାହା ନୂଆ ନୂଆ ଜ୍ଞାନ ଓ ବିଜ୍ଞାନ ବାହାର କରିବାରେ ସାହାଯ୍ୟ କରୁଛି । କମ୍ପ୍ୟୁଟର, ଇଲେକ୍‌ଟ୍ରୋନିକ୍ସ, ଅପ୍‌ଟିକସ, ପଲିମର୍ ଆଦି ନୂଆ ନୂଆ ଜ୍ଞାନ ଉପରେ ଆଧାରିତ ଶିଳ୍ପ ସ୍ଥାପିତ ହେଉଥିବାର ଆମେ ଦେଖିବାକୁ ପାଉଛୁ ।

୨ । ବିଦ୍ୱାନମାନଙ୍କ କାରିଗରୀ– ଆଗାମୀ ଯୁଗରେ ସାଧାରଣ ବୁଦ୍ଧିସମ୍ପନ୍ନ ଲୋକଙ୍କ ଭୂମିକା କମିଯିବ । କମ୍ପ୍ୟୁଟର ପ୍ରୋଗ୍ରାମ ଓ ଅନ୍ୟାନ୍ୟ ବ୍ୟବସ୍ଥା ଦ୍ୱାରା ଛାଞ୍ଚ କରାଯାଇପାରେ, ସମ୍ଭାବ୍ୟ ଜିନିଷର କଳ୍ପନା କରି ପରୀକ୍ଷା କରାଯାଇପାରେ, ବିଭିନ୍ନ ସିଦ୍ଧାନ୍ତକୁ କାମରେ ଲଗାଇବା ପୂର୍ବରୁ ପରୀକ୍ଷା କରାଯାଇପାରେ । ନୂଆ ଗାଣିତିକ ଓ ଅର୍ଥନୈତିକ କୌଶଳ କେବଳ ବିଦ୍ୱାନମାନଙ୍କ ଦ୍ୱାରା ସମ୍ଭବ ହେବ । (A new intellectual technology ନୂଆ ଶିଳ୍ପୋତ୍ତର ସମାଜର ଲକ୍ଷଣ ହେବ) ।

୩ । ଜ୍ଞାନଶ୍ରେଣୀର ବିସ୍ତାର– ବର୍ତ୍ତମାନ ସମାଜରେ ଇଞ୍ଜିନିୟର, ଡାକ୍ତର ମ୍ୟାନେଜର ଆଦି ଶ୍ରେଣୀର ବୈଷୟିକ ତାଲିମପ୍ରାପ୍ତ ଲୋକମାନଙ୍କ ସଂଖ୍ୟା ଖୁବ୍ ବୃଦ୍ଧିପାଉଛି । ୧୯୭୫ର ଗୋଟିଏ ହିସାବରୁ ଜଣାଯାଏ ଯେ ଯୁକ୍ତରାଷ୍ଟ୍ର ନିଯୁକ୍ତ ୮ କୋଟି କର୍ମୀଙ୍କ ମଧ୍ୟରୁ ପ୍ରାୟ ୨୫% ଲୋକ ବୈଷୟିକଜ୍ଞାନସମ୍ପନ୍ନ ବ୍ୟକ୍ତି । ଆଶା କରାଯାଉଛି ୨୦୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏହି ଶ୍ରେଣୀର ଲୋକଙ୍କ ସଂଖ୍ୟା ସମାଜରେ ଅନ୍ୟ ଶ୍ରେଣୀମାନଙ୍କଠାରୁ ଅଧିକ ହୋଇପଡ଼ିବ ।

୪ । ସାମଗ୍ରୀରୁ ସେବାକୁ ପ୍ରାଧାନ୍ୟ– ପ୍ରତ୍ୟେକ ସମାଜରେ ସେବାର ସ୍ଥାନ ଅଛି । କୃଷି ସମାଜରେ ଗୃହସ୍ଥର କାମ ପ୍ରଧାନ ଥିଲା । ଶିଳ୍ପ ସମାଜରେ ପରିବହନ ଓ ବ୍ୟାଙ୍କ ଆଦି ବିଭିନ୍ନ ସେବା ଯୋଗାନ୍ତି । ଏପ୍ରକାର ମାନବିକ ସେବାରେ ନିଯୁକ୍ତ ଲୋକମାନଙ୍କ ସଂଖ୍ୟା ଏବଂ ଶତକଡ଼ା ଭାଗ ବଢ଼ି ବଢ଼ି ଚାଲିଛି । ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଭିନ୍ନ ସାମାଜିକ ସେବା ସାଙ୍ଗକୁ ବ୍ୟାବସାୟିକ ତଥା କାରିଗରୀ ସେବା (ଯଥା– ଗବେଷଣା, ମୂଲ୍ୟାୟନ, କମ୍ପ୍ୟୁଟର, ବ୍ୟବସ୍ଥା ଅନୁଶୀଳନ ବା (systems analysis) ବଢୁଛି ଏବଂ ଭବିଷ୍ୟତରେ ଆଶାତୀତ ଭାବରେ ବଢ଼ିବ । ସାମଗ୍ରୀ ଉତ୍ପାଦନ କରୁଥିବା ବା କଳକାରଖାନରେ କାମ କରୁଥିବା ଲୋକଙ୍କ ଶତକଡ଼ା ଅନୁପାତ କମି କମି ଆସିବ । ଅର୍ଥନୈତିକ ଉନ୍ନତି ଉପରେ ଏହା ଗୋଟିଏ ଭାର ହୋଇ ରହିବ ଏବଂ କ୍ରମବର୍ଦ୍ଧମାନ ମୁଦ୍ରାସ୍ଫୀତିକୁ ଉତ୍ସାହ ଦେବ ।

୫ । କର୍ମର ପ୍ରକୃତି ବଦଳିବ– ପ୍ରାକ୍‌ଶିଳ୍ପ ସମାଜରେ ମଣିଷର ଜୀବନ ପ୍ରକୃତି ସଙ୍ଗରେ ଗୋଟିଏ ଖେଳ ଭଳି ଥିଲା । ପ୍ରକୃତିର ବିପର୍ଯ୍ୟୟ ସତ୍ତ୍ୱେ ଛୋଟ ଛୋଟ ଦଳରେ କାମକରି ମଣିଷ ମୃତ୍ତିକା, ଜଳ ଓ ଜଙ୍ଗଲରୁ ନିଜର ଜୀବିକା ଆହରଣ କରୁଥିଲା । ସେହିଭଳି ଶିଳ୍ପସମାଜରେ ମଣିଷର ଜୀବନ ବି ଗୋଟିଏ ଖେଳ – ଏହା ସୃଜନଶୀଳ ବା କୃତ୍ରିମ ପରିବେଶ ବିରୁଦ୍ଧରେ ଗୋଟିଏ ଖେଳ । ସାମଗ୍ରୀ ଓ ମାଲମତା

ତିଆରି କରିବାରେ ଯନ୍ତ୍ର ଆଗରେ ମଣିଷ ନିଜକୁ ଖୁବ୍ ଛୋଟ ଭାବିନେଉଛି । କିନ୍ତୁ ଶିଳ୍ପୋତ୍ତର ସମାଜରେ ଏହି ଖେଳ ମଣିଷ ମଣିଷ ଭିତରେ ହେବ— ଅମଲା ଓ ପ୍ରାର୍ଥୀ, ଡାକ୍ତର ଓ ରୋଗୀ, ଶିକ୍ଷକ ଓ ଛାତ୍ର, ଓକିଲ ଓ ମହକିଲ, ମାନେଜର ଓ ଶ୍ରମିକ କିମ୍ବା ଗବେଷଣା ପ୍ରତିଷ୍ଠାନ, ଅଫିସ, ସେବାସଂସ୍ଥାର ବିଭିନ୍ନ କର୍ମୀଙ୍କ ମଧ୍ୟରେ ଏହି ବ୍ୟକ୍ତି ସହିତ ବ୍ୟକ୍ତିର ଖେଳ ଲାଗି ରହିବ । ଦୈନନ୍ଦିନ ଜୀବନରେ ମଣିଷ ପ୍ରକୃତିକୁ ଭୁଲିଯିବ, କୃତ୍ରିମ ଉତ୍ପାଦକ ବା ଯନ୍ତ୍ରପାତିକୁ ଭୁଲିଯିବ । ଜଣେ ସହିତ ଆଉ ଜଣେ କିପରି ଚଳିବା ଉଚିତ, ତାହାହିଁ ମଣିଷ ଶିଖିବ । ମଣିଷ ପାଇଁ ଏହା ହେବ ଏକ ଅଭିନବ ଭୂମିକା ।

୬ । ମହିଳାମାନଙ୍କ ଭୂମିକା— ଶ୍ରମିକ ବା କର୍ମୀ ଶ୍ରେଣୀରେ ଅଧିକରୁ ଅଧିକ ସଂଖ୍ୟାରେ ମହିଳାମାନେ ଯୋଗ ଦେଉଥିବାର ଆମେ ଦେଖୁଛୁ । ଏକାଧିକ ରୋଜଗାରୀ ଥିବା ପରିବାର ସଂଖ୍ୟା ବଢ଼ିଚାଲିଛି । ଶିଳ୍ପ-ସମାଜରେ କଳକାରଖାନାରେ ପୁରୁଷମାନଙ୍କ ପ୍ରାଧାନ୍ୟ ଯେପରି ରହିଛି, ତାହା ଶିଳ୍ପୋତ୍ତର ସମାଜରେ ଭାଙ୍ଗିଯିବ । ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଭରଶୀଳ ହେବା ଅଭ୍ୟାସ ଛାଡ଼ିଦେବେ । ଛାଡ଼ପତ୍ର ସଂଖ୍ୟା ବଢ଼ିଯାଇପାରେ କିନ୍ତୁ ଏସବୁ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇଦେବ ।

୭ । ବିଜ୍ଞାନର ପ୍ରକୃତି ବଦଳିବ - ୧୭ଶ ଓ ୧୮ଶ ଶତାବ୍ଦୀରେ ବିଜ୍ଞାନକୁ କୁହୁକ ବା ଯାଦୁବିଦ୍ୟା କୁହାଯାଉଥିଲା । ପରେ ଲୋକ ଦେଖିଲେ ଯେ ଯାଦୁକରର କଳାପରଦା ପଛରେ ବା ଟେବୁଲ ତଳେ ନ ରହି ବିଜ୍ଞାନ ସମସ୍ତଙ୍କ ପରୀକ୍ଷା ପାଇଁ ଖୋଲା ରହୁଛି, ସତ୍ୟ ଆହରଣ ଏହାର ବ୍ରତ ହୋଇଛି । ପ୍ରଥମେ ପ୍ରଥମେ ଗବେଷଣାରେ ବ୍ୟକ୍ତିଗତ ପ୍ରଚେଷ୍ଟା ଥିଲା ବର୍ତ୍ତମାନ ତାହା ବି ବଦଳିଯାଇଛି । ଏବେ ରାଷ୍ଟ୍ରର ଲକ୍ଷ୍ୟ ସାଧନା ପାଇଁ, ବୃହତ୍ ସଂଗଠନ ସହିତ ଥିବା ଅମଲାତନ୍ତ୍ରୀ ବ୍ୟବସ୍ଥା ମଧ୍ୟରେ ବିଜ୍ଞାନ ଓ ଗବେଷଣା ଚାଲୁରହିବ । ସରକାର ଓ ସରକାରୀ କଳ, ବିଶ୍ୱବିଦ୍ୟାଳୟ ଓ ତା'ର ନିୟମାବଳି- ଏହିଭଳି ପରିସ୍ଥିତି ମଧ୍ୟରେ ସ୍ୱାଧୀନ ଗବେଷଣା ଓ ଜ୍ଞାନ ଚର୍ଚ୍ଚାର ପ୍ରକୃତି ବଦଳିଯିବ ।

୮ । ପେଶାଗତ ରାଜନୀତି- ଆଜିକାଲିର ସାମାଜିକ ବିଜ୍ଞାନୀମାନେ ଯେଉଁ ସମାଜର ଚିତ୍ର କରନ୍ତି, ସେଥିରେ ଉପରିସ୍ଥ ଓ ଅଧସ୍ତନ ସମ୍ପର୍କ ରହିଆସିଛି । ଶ୍ରେଣୀ ସଂଘର୍ଷ ତଥା ଦଳୀୟ ରାଜନୀତି ସାରା ଦେଶକୁ ବ୍ୟାପିଛି । କିନ୍ତୁ ଶିଳ୍ପୋତ୍ତର ସମାଜରେ ଅବସ୍ଥିତି ଅନୁଯାୟୀ ପେଶାଦାରୀ ଲୋକମାନଙ୍କ ବଳ ବଢ଼ିଯିବ । ବୈଜ୍ଞାନିକ. କାରିଗରୀ ( ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥନୀତି ଇତ୍ୟାଦି ), ପ୍ରଶାସନିକ ଓ ସାଂସ୍କୃତିକ-

ଏହିଭଳି ଚାରୋଟି ପେଶା ରହିବ ଏବଂ ଅର୍ଥନୈତିକ ସଂସ୍ଥା, ସରକାରୀ ବିଭାଗ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ (ହସ୍ପିଟାଲ, ସେବାକେନ୍ଦ୍ର ଆଦି) ଏବଂ ସାମରିକ ବାହିନୀ ଏହିଭଳି ୫ଟି ସାଙ୍ଗଠନିକ ବ୍ୟବସ୍ଥା ରହିବ । ଏହି ୯ଟି ଦଳମଧ୍ୟରେ ଝଗଡ଼ା ଲାଗିରହିବ ଏବଂ ଏମାନେ ଆଉ କୌଣସି ନୂଆ ସ୍ୱାର୍ଥ ଯେପରି ମୁଣ୍ଡ ନ ଟେକେ ତାହାର ଚେଷ୍ଟା କରିବେ ।

୯ । ଧୀଶକ୍ତି ହିଁ ପୁରସ୍କୃତ ହେବ । ଆଗଭଳି ନିଜର ସମ୍ପତ୍ତି ବା ବାପଅଜାଙ୍କର ନାଁ ଉପରେ ନିର୍ଭର ନ କରି ସମାଜରେ ଆଗେଇ ହେବ ନାହିଁ । ସାଂସ୍କୃତିକ ଆଭିଜାତ୍ୟ ବା ଧନ ଉପରେ ନିର୍ଭର ନକରି ଶିକ୍ଷା ଓ ଦକ୍ଷତା ଉପରେ ସମାଜରେ ବ୍ୟକ୍ତିର ପ୍ରତିପତ୍ତି ନିର୍ଭର କରିବ । ସାଙ୍ଗମାନଙ୍କଠାରୁ ଉପରକୁ ଉଠିବାକୁ ହେଲେ ନିଜର ବ୍ୟକ୍ତିଗତ ପରାକାଷ୍ଠା ଦେଖାଇବାକୁ ପଡ଼ିବ । ଆଦିବାସୀ ହରିଜନମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ହେଉଥିବା ଭାରତବର୍ଷରେ ଏ ଲକ୍ଷଣ ନିକଟ ଭବିଷ୍ୟତରେ ଦେଖାଯିବ ନାହିଁ ।

୧୦ । ଅଭାବ ଅନାଟନ ତୁଟିଯିବ । ଅର୍ଥନୀତି ହେଲା ଦୁଷ୍ପ୍ରାପ୍ୟ ସାମଗ୍ରୀକୁ ବିଭିନ୍ନ ପ୍ରତିଯୋଗୀମୂଳକ ଲକ୍ଷ୍ୟ ମଧ୍ୟରେ ବଣ୍ଟନ କରିବାର କଳା । ମାର୍କସ୍ ଭଳି ବିଜ୍ଞ ବ୍ୟକ୍ତିମାନେ ଏହାର ଓଲଟା କଥା କହିଲେ । ସାମଗ୍ରୀଗୁଡ଼ିକ ବହୁଳ ପରିମାଣରେ ନ ମିଳିଲେ ସାମ୍ୟବାଦ ହୋଇପାରିବ ନାହିଁ- ପ୍ରତ୍ୟେକଙ୍କ ଗୁଜରାଣ ମେଣ୍ଟାଇବାକୁ ଯଥେଷ୍ଟ ମିଳିବ ବୋଲି ତ ସାମ୍ୟବାଦ ପ୍ରଚାର କରି ଆସିଛି । ନୀତିନିୟମ, ବଡ଼ଲୋକ ଶ୍ରେଣୀ ଓ ସରକାର- ଏ ତିନୋଟି ଜିନିଷ ନ ରହିଲେ ଲୋକେ ନିଜ ପାରୁପର୍ଯ୍ୟନ୍ତ କାମ କରିବେ, ଯେତିକି ଦରକାର ସେତିକି ଖାଇବେ ବା ଖର୍ଚ୍ଚ କରିବେ, ବଳକାତକ ଅନ୍ୟ ଲୋକମାନଙ୍କ ପାଇଁ ଛାଡ଼ିଦେବେ । କିନ୍ତୁ ଏହା କ'ଣ ସମ୍ଭବ ? ଦୁନିଆରେ ସବୁ ଜିନିଷର ତ ସୀମା ଅଛି, ପରିମାଣ ନିର୍ଦ୍ଦିଷ୍ଟ ଅଛି । ଶିଳ୍ପୋତ୍ତର ସମାଜରେ ସାମଗ୍ରୀ ବିଷୟ ଚିନ୍ତା କରିବା ଦରକାର ନାହିଁ, ସେଥିରେ ତଥ୍ୟ ଓ ସମୟର ଅଭାବ ପଡ଼ିବ । ବିଭିନ୍ନ ପ୍ରତିଯୋଗୀମୂଳକ ଲକ୍ଷ୍ୟ ମଧ୍ୟରେ ଏହି ସୀମିତ ବା ଦୁଷ୍ପ୍ରାପ୍ୟ ତଥ୍ୟ ଓ ସମୟକୁ କିପରି ବଣ୍ଟାଯିବ ତାହା ଚିନ୍ତା କରିବାକୁ ପଡ଼ିବ . ଅବସର ସମୟ କିପରି କଟାଇବା ତାହାହିଁ ଅର୍ଥନୀତି ଶାସ୍ତ୍ରର ବକ୍ତବ୍ୟ ହେବ । ଜ୍ଞାନ ପାଇଁ ଯେଉଁ ସାମାଜିକ ପୁଞ୍ଜି (ତଥ୍ୟ ଓ ସମୟ ଆକାରରେ) ଖଟାହେବ, ସେଥିରୁ ଉପଯୁକ୍ତ ଫଳ ପାଇବାକୁ ହେଲେ ଆମକୁ ସହଯୋଗମୂଳକ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ । ପରସ୍ପର ରାଷ୍ଟ୍ର ରାଷ୍ଟ୍ର ସହଯୋଗ ନ ବଢ଼ିଲେ ଜ୍ଞାନର ବ୍ୟାବହାରିକତା ସୀମିତ ହୋଇପଡ଼ିବ ।

●

# ବିଶ୍ୱର ଖାଦ୍ୟ ସମସ୍ୟା

## ସମସ୍ୟାର ରୂପରେଖ—

୧୯୭୦ ଖାଦ୍ୟ ସୁଲଭତା ପାଞ୍ଚବର୍ଷ ଭିତରେ ଉଭେଇ ଗଲା । ଲୋକସଂଖ୍ୟା ବୃଦ୍ଧି ଏବଂ ସ୍ୱଚ୍ଛଳ ଜୀବନଧାରଣର ଚାହିଦା- ଏ ଦୁଇଟି କାରଣ ଖାଦ୍ୟ ଅଭାବ ବଢ଼ାଇ ଦେଲା । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ବିଶ୍ୱର ଉଦ୍‌ବୃତ୍ତ ଖାଦ୍ୟ ପରିମାଣକୁ କ୍ରୟ କରି ନେବାର ପ୍ରଚେଷ୍ଟା ଖାଦ୍ୟ ଦର ଏତେ ବଢ଼ାଇ ଦେଲା ଯେ ଲୋକେ ଅପ୍ରସ୍ତୁତ ହୋଇ ପଡ଼ିଲେ ଓ ଗରିବଙ୍କ ପାଇଁ ଆସନ୍ନ ଦୁର୍ଭିକ୍ଷ ଅବସ୍ଥା ଆସିଗଲା ।

୧୯୬୧ରେ ବିଶ୍ୱରେ ମହଜୁଦ ଖାଦ୍ୟ ପରିମାଣ ୨୨ କୋଟି ୨୦ ଲକ୍ଷଟନ୍ ଅର୍ଥାତ୍ ବିଶ୍ୱର ୯୫ ଦିନର ଖାଦ୍ୟ ଥିଲା । କିନ୍ତୁ ୧୯୭୪ ବେଳକୁ ଏହା କମି ଆସିଲା- ବିଶ୍ୱର ମାତ୍ର ୨୬ ଦିନର ଖୋରାକ ହେବା ଭଳି । ଦ୍ୱିତୀୟ ମହାଯୁଦ୍ଧ ପରେ ପରେ ବିଭିନ୍ନ ଖାଦ୍ୟଶସ୍ୟ ରପ୍ତାନିକାରୀ ରାଷ୍ଟ୍ରରେ ବଳକା ଖାଦ୍ୟ ଥିଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ସରକାରୀ କୃଷି ଯୋଜନା ଅଧୀନରେ ଗୁଡ଼ାଏ ବଳକା ଚାଷଯୋଗ୍ୟ ଜମି ଥିଲା । ଏ ଦୁଇଟିଯାକ କାରଣ ଆଉ ନାହିଁ । ଯୁକ୍ତରାଷ୍ଟ୍ର, ରୁଷିଆ, ଭାରତ ଓ ଚୀନ- କୌଣସି ଗୋଟିଏ ବଡ଼ ଉତ୍ପାଦନକାରୀ ରାଷ୍ଟ୍ରରେ ଫସଲ ଖରାପ ହେଲେ ବିଶ୍ୱ ଖାଦ୍ୟ ନୀତିରେ ଗୋଟିଏ ଆର୍ଥିକ ଆଘାତ-ତରଙ୍ଗ ସୃଷ୍ଟି ହୋଇ ଯାଉଛି । ଯୋଗାଣ ଚାହିଦାର ଭାରସାମ୍ୟ ଜଳବାୟୁ ଉପରେ ଏତେ ନିର୍ଭର କରୁଛି ଯେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ତୀବ୍ର ପ୍ରତିଯୋଗିତା ଲାଗିଛି- କେଉଁ ରାଷ୍ଟ୍ର ତା'ର ନିଜ ଲୋକଙ୍କ ପାଇଁ କେତେ ବେଶି ଖାଦ୍ୟଶସ୍ୟ ସଂଗ୍ରହ କରିପାରିବ । ଖାଦ୍ୟ ଅଭାବର ବିଶ୍ୱରାଜନୀତି ଉକ୍ରଟ ହୋଇ ପଡ଼ିଛି ।

## ଖାଦ୍ୟ ରାଜନୀତି-

୧୯୭୨ ଗ୍ରୀଷ୍ମଋତୁରେ ରୁଷିଆ ଗୋପନରେ ଯୁକ୍ତରାଷ୍ଟ୍ର ତଥା ବିଶ୍ୱର ଉଦ୍‌ବୃତ୍ତ ଗହମ ବଜାରରୁ ଯଥାସମ୍ଭବ ବେଶୀ ପରିମାଣର ଗହମ କିଣିନେଲା । ପରବର୍ଷ ଗ୍ରୀଷ୍ମ ଋତୁରେ ବିଶ୍ୱ ବଜାରର ୮୫% ସୋୟାବିନ୍ ଯୋଗାଉଥିବା ଯୁକ୍ତରାଷ୍ଟ୍ର ହଠାତ୍

ସୋୟାବିନ୍ ରପ୍ତାନୀ ଉପରେ କଟକଣା ଜାରିକଲା । ପୂର୍ବ ଏସିଆର ଲୋକଙ୍କ ପାଇଁ ଏ ହେଲା ଏକ ଦୁର୍ଭାଗ୍ୟଜନକ ଧମକ । ବିଶ୍ୱର ମୁଖ୍ୟ ଚାଉଳ ରପ୍ତାନୀକାରୀ ଶ୍ୟାମ ଦେଶ ବହୁ ମାସ ଧରି ଘରୋଇ ବଜାରରେ ଦର ଠିକ୍ ରଖିବା ପାଇଁ ଚାଉଳ ରପ୍ତାନୀ ବନ୍ଦ କରିଦେବା ଫଳରେ ମଧ୍ୟ ଏ ପ୍ରକାର ଅବସ୍ଥା ଉପୁଜିଥିଲା । ଏହି କାରଣରୁ ବ୍ରାଜିଲ୍ ମଧ୍ୟ ସୋୟାବିନ୍ ଓ ଗୋ-ମାଂସ ରପ୍ତାନୀ ଉପରେ କଟକଣା ଜାରି କରିଥିଲା । କିଣାଳି ବଜାରରୁ ବିକାଳି ବଜାରକୁ ଖାଦ୍ୟ ପରିସ୍ଥିତି ଚାଲିଯିବ ବୋଲି କେହି ଭାବି ନଥିଲେ । ବର୍ଷେ ଦୁଇବର୍ଷ ଭିତରେ ଗହମର ଦର ୩ ଗୁଣ, ଚାଉଳ ଦର ତଦ୍ରୂପ ଓ ସୋୟାବିନ୍ ଦର ଦୁଇଗୁଣ ହୋଇପଡ଼ିଲା ।

ଗହମ ଚାଉଳର ଦର ବୃଦ୍ଧି ପରେ ପରେ ପେଟ୍ରୋଲିୟମ୍ ଦର ବଢ଼ିଲା । ଆମେରିକାନମାନଙ୍କ ଭାଷାରେ ୧୯୭୨ ପର୍ଯ୍ୟନ୍ତ ୧୨ ବର୍ଷ ଧରି ଦୁଇ ଡଲାର ଦେଲେ ଏକ ବୁସେଲ ଗହମ ବା ଏକ ବାରେଲ୍ ତେଲ ମିଳୁଥିଲା । ୧୯୭୩ରେ ବୁସେଲ ଗହମ ୫ ଡଲାର ହେବାରୁ ଏହା ବଦଳରେ ଦୁଇ ବାରେଲ ତେଲ ମିଳୁଥିଲା । ୧୯୭୩ ଶେଷ ସପ୍ତାହରୁ ତେଲ ବାରେଲ ୮ ଡଲାର ଏବଂ ଏବେ ୧୯୭୫ ସେପ୍‌ଟେମ୍ବରରୁ ୧୦ ଡଲାରରୁ ବେଶି ହେଲା । ଗୋଟିଏ ବାରେଲ ବଦଳରେ ଦୁଇ ବୁସେଲ ମିଳିଲା । ଗହମ ବୁସେଲ ବଢ଼ି ବଢ଼ି ସାତ ଡଲାର ହେଲା । ମାତ୍ର ପ୍ରତି ବାରେଲ ଅଶୋଧିତ ତେଲର ମୂଲ୍ୟ ୧୯୭୬ରେ ୧୩, ୧୯୭୯ରେ ସାଢ଼େ ୧୮, ୧୯୮୦ରେ ୩୫ ଡଲାର ହୋଇଯିବାରୁ ବର୍ତ୍ତମାନ ପ୍ରତି ବାରେଲ ତେଲ ବଦଳରେ ୫ ବୁସେଲ ଗହମ କିଣି ହେବ ।

ଖାଦ୍ୟ ଓ ଜାଳେଣି (ଶକ୍ତି)ର ଅଭାବ ସାଙ୍ଗକୁ ସାଧାରଣ ଦରବୃଦ୍ଧି ବିଶ୍ୱର ଆନ୍ତଃନିର୍ଭରତା ଦେଖାଇଲା । ୧୯୭୩ରେ ଆମେରିକାନ୍‌ମାନେ ଦେଖିଲେ ଯେ ସେମାନେ ମଧ୍ୟ ଖାଦ୍ୟ ସଂକଟରେ ପଡ଼ିଲେଣି । ଖାଦ୍ୟଶସ୍ୟ ରପ୍ତାନୀ କମିଯାଉଛି- ତେଣୁ ତେଲ ଆମଦାନୀର ମୂଲ୍ୟ ଆମେରିକାଙ୍କୁ ମଧ୍ୟ ବାଧୁଛି ।

ଏ ଦଶକର ପ୍ରାରମ୍ଭରେ ଉଦ୍‌ବୃତ୍ତରୁ ଅଭାବ ଆଡ଼କୁ ବିଶ୍ୱ ଖାଦ୍ୟ ନୀତିରେ ଯେଉଁ ଦୁର୍ଭାଗ୍ୟଜନକ ପରିବର୍ତ୍ତନ ଦେଖାଦେଲା- ତାହା ଏକ ନୂଆ କଥା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ପୃଥିବୀରେ ଲୋକସଂଖ୍ୟାକୁ ବାହିଁ ଖାଦ୍ୟଶସ୍ୟ ବଳକା ହୋଇ ପଡ଼ିଲା, ଶସ୍ତା ଦରେ ମିଳିଲା । କିନ୍ତୁ ଏବେ ସେ ଯୁଗ ଗଲାଣି । କେବଳ ଜନସଂଖ୍ୟା ବଢ଼ିଲେ ଯେ

ଖାଦ୍ୟଶସ୍ୟ ବେଶି ସରେ ତାହା ନୁହେଁ । ଲୋକଙ୍କ ସ୍ୱଚ୍ଛଳତା ବଢ଼ିବାରୁ ଖାଦ୍ୟ ପରିମାଣ ବଢ଼ି ଚାଲିଛି- କ୍ରୟ ଶକ୍ତି ବଢ଼ିଲେ ବେଶି ପରିମାଣ ଖାଦ୍ୟଶସ୍ୟ କିଣି ହେବ ଏବଂ ପୂର୍ଣ୍ଣ ଆବଶ୍ୟକତା ମେଣ୍ଟାଇ ହେବ ।

## ସ୍ୱଚ୍ଛଳତା ଓ ଖାଦ୍ୟାଭାବ-

ଜନସଂଖ୍ୟା ଶତକଡ଼ା ୫ ବଢ଼ିଲେ ଖାଦ୍ୟ ଚାହିଦା ଶତକଡ଼ା ୫ ବଢ଼ିବ । ଏକଥା ବୁଝି ହେଉଛି । ସ୍ୱଚ୍ଛଳତା ଯୋଗୁ ଖାଦ୍ୟ ଚାହିଦା ବଢ଼ିବା କଥାଟା ସହଜେ ବୁଝି ହୁଏ ନାହିଁ । ଶସ୍ୟ ଚାହିଦା କଥା ବିଚାରକୁ ନିଆଯାଉ । ଅନୁନ୍ନତ ଦେଶମାନଙ୍କରେ ଜଣେ ସାଧାରଣ ଲୋକ ହାରାହାରି ୧୮୦ କିଲୋଗ୍ରାମ ଖାଦ୍ୟଶସ୍ୟ ବର୍ଷକୁ ପାଏ ଏବଂ ପ୍ରତ୍ୟକ୍ଷ ଭାବରେ ଖାଇଦିଏ । ନିଜର ଦୈହିକ ଶକ୍ତି ପାଇଁ ଏହା ଦରକାର ଗୃହପାଳିତ ପଶୁମାନଙ୍କ ପାଇଁ ଏହା ମିଳେ ନାହିଁ । ଅପର ପକ୍ଷରେ, ଯୁକ୍ତରାଷ୍ଟ୍ର ଆମେରିକା ବା କାନାଡ଼ାରେ ସାଧାରଣ ଲୋକ ବର୍ଷକୁ ହାରାହାରି ଗୋଟିଏ ଟନ୍ ଖାଦ୍ୟଶସ୍ୟ ବ୍ୟବହାର କରେ- ଏଥିରୁ ଖାଦ୍ୟ ଆକାରରେ ପ୍ରାୟ ୯୦ କିଲୋଗ୍ରାମ ଖାଏ (ଯଥା- ପାଉରୁଟି, କେକ୍, କର୍ଣ୍ଣଫ୍ଲେକ୍ସ ଆଦି) ଏବଂ ଅବଶିଷ୍ଟତକ ପରୋକ୍ଷ ଭାବରେ ଦୁଧ, ଅଣ୍ଡା, ମାଂସ ଆଦି ଆକାରରେ ଖାଏ- ଅର୍ଥାତ୍ ଗୋରୁ, କୁକୁଡ଼ା, ଘୁଷୁରି ଆଦି ଏ ଶସ୍ୟ ଖୁଆଯା'ନ୍ତି । ଜଣେ ସାଧାରଣ ଭାରତୀୟ ଯେତେ ଖାଦ୍ୟଶସ୍ୟ ବ୍ୟବହାର କରେ ଜଣେ ସାଧାରଣ ଆମେରିକାନ୍ ତା'ର ୫ଗୁଣ ଖର୍ଚ୍ଚ କରେ । ତେଣୁ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସ୍ୱଚ୍ଛଳ ଜୀବନଧାରଣର ମାନ ମଧ୍ୟ ଖାଦ୍ୟଶସ୍ୟ ଯୋଗାଣ ଉପରେ ଚାପ ପକାଇଛି । ଏହି ଶତାବ୍ଦୀର ଆରମ୍ଭରେ ପୃଥିବୀର ବାର୍ଷିକ ଖାଦ୍ୟ ଚାହିଦା ଥିଲା ୪୦ ଲକ୍ଷ ଟନ୍; ୧୯୫୦କୁ ୧୨୦ ଲକ୍ଷଟନ୍ ଖାଦ୍ୟଶସ୍ୟ ଦରକାର ହେଲା । ମାତ୍ର ୨୦ ବର୍ଷ ପରେ ୧୯୭୦ରେ ୩୦୦ ଲକ୍ଷଟନ୍ ଖାଦ୍ୟଶସ୍ୟ ଦରକାର ହେଲା ।

## ଖାଦ୍ୟ ଉତ୍ପାଦନ କାହିଁକି ବଢୁନାହିଁ ?-

ଅନ୍ୟ ଦିଗରେ ଖାଦ୍ୟ ଯୋଗାଣ ଯଥେଷ୍ଟ କାହିଁକି ନ ବଢ଼ିବ ତାହାର ତିନୋଟି କାରଣ ଅଛି । ପ୍ରଥମତଃ ବୈଷୟିକ ଜ୍ଞାନ ଏତେ ଉନ୍ନତ ହୋଇ ନାହିଁ ଯେ ଆମେ ମନଇଚ୍ଛା ସବୁ ପ୍ରକାର ଖାଦ୍ୟ (ଉଦାହରଣ ସ୍ୱରୂପ ମାଂସ ବା ସୋୟାବିନ୍) ଉତ୍ପାଦନ ବଢ଼ାଇ ଦେଇ ପାରିବୁ । ଦ୍ୱିତୀୟତଃ ଖାଦ୍ୟ ଉତ୍ପାଦନ ପାଇଁ ଯେଉଁ ଚାରୋଟି ଉପାଦାନ- ଜମି, ଜଳ, ଜାଳେଣି ଓ ସାର- ଦରକାର, ସେ ଗୁଡ଼ିକର ପୂର୍ଣ୍ଣମାତ୍ରାରେ

ବ୍ୟବହାର ହୋଇ ଗଲାଣି । ଅଧିକ ଉତ୍ପାଦନ ପାଇଁ ପରିସର ନାହିଁ କହିଲେ ଚଳେ । ତୃତୀୟତଃ ଅଧିକ ଖାଦ୍ୟ ଉତ୍ପାଦନ ନାମରେ ଆମେ ପ୍ରାକୃତିକ ପରିବେଶକୁ ବଦଳାଇ ଦେବାରେ ଲାଗିଛୁ- ଏହା ପ୍ରକାରାନ୍ତରେ ଖାଦ୍ୟ ଉତ୍ପାଦନ କମାଇ ଦେଉଛି ।

## ବୈଷୟିକ ଜ୍ଞାନର ପରିସର-

ୟୁରୋପ ଓ ଆମେରିକାରେ ଗୋ-ମାଂସ ପ୍ରିୟ ଖାଦ୍ୟ । କିନ୍ତୁ ଏପରି କୌଣସି ଉପାୟ ନାହିଁ ଯାହା ଫଳରେ ପ୍ରତ୍ୟେକ ଗାଈ ଏକାଧିକ ଛୁଆ ଜନ୍ମ କରିବ ବା ବୟସ୍କ ଗୋରୁକୁ ପୁରା ବର୍ଷେ ଖୋଇ ପେଇ ନ ବଢ଼ାଇଲେ ବି ଯଥେଷ୍ଟ ମାଂସ ମିଳିବ । ଗୋଚର ଜମିର ପରିମାଣ କ୍ରମଶଃ ସଙ୍କୁଚିତ ହେଉଛି । ଯେଉଁ ସବୁ ଗୋଚର ଅଛି, ସେଥିରେ ଏତେ ଗୋରୁ ଖାଉଛନ୍ତି ଯେ ଘାସ ଉଠିବାକୁ ତର ପାଉ ନାହିଁ । ନିରାମିଷାଶୀଙ୍କ ପାଇଁ ସୋୟାବିନ୍ ବା ତତ୍‌ଜାତୀୟ ଛେନାଜାତୀୟ ଖାଦ୍ୟ ଦରକାର ୧୯୫୦ ରୁ ଆଜି ଭିତରେ ସୋୟାବିନ୍‌ର ଉତ୍ପାଦନ ଏକର ପ୍ରତି ମାତ୍ର ୩୦% ବଢ଼ିଛି । ମକା ବା ଗହମର ଉତ୍ପାଦନ ଏହି ୨୫ ବର୍ଷ ମଧ୍ୟରେ ୧୪% ବଢ଼ିଛି ସତ, କିନ୍ତୁ ଲୋକଙ୍କ ଚାହିଦା ବଢ଼ିବା ସଙ୍ଗେ ସଙ୍ଗେ ଏହି ଉତ୍ପାଦନ ବୃଦ୍ଧି ତାଳ ଦେଇ ପାରୁନାହିଁ । ତେଣୁ ଉପାୟ ହେଉଛି ଅଧିକରୁ ଅଧିକ ଏକର ଜମିରେ ଏହି ଫସଲ କରିବା ଦରକାର । କିନ୍ତୁ ଚାଷ ଜମିର ତ ପୁଣି ସୀମା ଅଛି ।

## କୃଷି ଉପାଦାନର ଅଭାବ-

**(ଜମି)**- କୃଷି ଉଦ୍ଭାବନ ପରଠାରୁ ଦ୍ୱିତୀୟ ମହାଯୁଦ୍ଧ ପର ପର୍ଯ୍ୟନ୍ତ ବର୍ଷକୁ ବର୍ଷ ଫସଲ ପରିମାଣ ଯେଉଁପରି ଭାବରେ ବଢ଼ିଥିଲା, ତା'ର କାରଣ ହେଉଛି ଯେ ପ୍ରତିବର୍ଷ ବେଶି ବେଶି ଜମି ଚାଷ ହେଉଥିଲା । ୧୯୫୦ ପରଠାରୁ କୃଷି ଉତ୍ପାଦନ ବଢ଼ିଛି କେବଳ ସଘନ ଚାଷ ଓ ଅଧିକ ଅମଳକ୍ଷମ ଶସ୍ୟ ଫସଲ ପାଇଁ । ପୃଥିବୀରେ ଦକ୍ଷିଣ-ଆମେରିକାର ଆଭ୍ୟନ୍ତରୀଣ ଅଞ୍ଚଳ ବା ସାହାରା ମରୁଭୂମିର ତଳ ଅଞ୍ଚଳ ଭଳି କେତୋଟି ଜାଗାରେ ଅଧିକ ଜମି ଆବାଦ କରାଯାଇ ପାରେ । କିନ୍ତୁ ସେଠାରେ ଅଧିକ ଖର୍ଚ୍ଚରେ ଅଳ୍ପ ଉତ୍ପାଦନ ହେବ । ତଥାପି ସେ ଅଞ୍ଚଳ ସବୁ-ଯଥେଷ୍ଟ ନୁହେଁ ।

**(ଜଳ)**- ଜମି ଉର୍ବର ଥିଲେ ବି ଜଳ ଅଭାବରେ ଚାଷ ହୋଇ ପାରିବ ନାହିଁ । ଯେଉଁସବୁ ନଦୀରେ ବନ୍ଧ ହୋଇ ପାରିବ ସେସବୁ ପ୍ରାୟ ହୋଇ ସାରିଲାଣି । ଏଣିକି

ଜଳସେଚନ ଯୋଜନା କରିବା ପାଇଁ ଉପଯୁକ୍ତ ନଦୀ ବା ନଦୀରେ ଉପଯୁକ୍ତ ସ୍ଥାନ ପାଇବା କଷ୍ଟକର ହେବ । ଭବିଷ୍ୟତରେ ବୋଧହୁଏ ନଦୀର ଗତିପଥ ବଦଳାଇ ବା ସମୁଦ୍ରର ଲୁଣି ପାଣିରୁ ଭଲ ପାଣି ବାହାର କରିବାକୁ ବା ମେଘ ତିଆରି କରି ଜଳସେଚନ ଯୋଗାଇବାକୁ ପଡ଼ିବ- ନଚେତ୍ ବର୍ତ୍ତମାନର ଶୁଷ୍କ ଅଞ୍ଚଳରେ ଚାଷ ହୋଇ ପାରିବ ନାହିଁ ।

**(ଜାଳେଣି)**– ଚାଷ ପାଇଁ କଳଲଙ୍ଗଳ ବା ଅନ୍ୟ ଯନ୍ତ୍ରପାତି ଚଳାଇବାକୁ ଏବଂ ଜଳସେଚନ ପାଇଁ ଯନ୍ତ୍ରପାତି ଚଳାଇବାକୁ ଜାଳେଣି ଦରକାର । ପେଟ୍ରୋଲିଅମ୍ ଦ୍ରବ୍ୟର ମୂଲ୍ୟ ଯେପରି ବଢ଼ି ଚାଲିଛି, ତାହା ଅଭାବର ପରିଚୟ ଦେଉଛି । ତା 'ଛଡ଼ା ଉତ୍ପାଦିତ ଦ୍ରବ୍ୟ ତ ଯାନବାହନରେ ଅଣାଯିବ, ଖାଦ୍ୟୋପଯୋଗୀ କରାଯିବାକୁ ଯନ୍ତ୍ର ବ୍ୟବହାର ହେବ, ସଂରକ୍ଷଣ ପାଇଁ ବିଜ୍ଞାନସମ୍ମତ ଗୋଦାମ ଚଳା ହେବ ଏବଂ ଶେଷରେ ସେସବୁ ବିଭିନ୍ନ ଅଞ୍ଚଳରେ ଯୋଗାଇବାର ବ୍ୟବସ୍ଥା କରାଯିବ । ଏସବୁ ପାଇଁ ଜାଳେଣି ଦରକାର । ଇନ୍ଧନର ଅଭାବ ଖାଦ୍ୟ ଉତ୍ପାଦନ କମାଇଦେବ ଏବଂ ଉତ୍ପାଦିତ ଖାଦ୍ୟ ବିଭିନ୍ନ ଅଞ୍ଚଳରେ ପହଞ୍ଚିବାରେ ବାଧା ଆସିବ । କିମ୍ବା ବେଶୀ ଦିନ ଗୋଦାମରେ ରଖି ହେବ ନାହିଁ ।

**(ସାର)**– ସେହିଭଳି ସାରର କଥା । ଏବେ ଦର ବଢ଼ିଛି । ଭବିଷ୍ୟତରେ ଆହୁରି ବଢ଼ିବ । ଅଧିକ କାରଖାନା ବସିଲେ ବି ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ଦର ବୃଦ୍ଧି ହେତୁ ସାରର ଦର ବୃଦ୍ଧି ହେବାକୁ ବାଧ୍ୟ । ଯେତେ ସାର ତିଆରି ହୁଏ, ତାହା ଅଧା ଯବକ୍ଷାରଜାନରୁ ତିଆରି । ପ୍ରାକୃତିକ ବାଷ୍ପ ବା ନାଫ୍‌ଥା (ଗନ୍ଧକର୍ପୂର)ରୁ ଯବକ୍ଷାରଜାନ ଆଧାରିତ ସାର ତିଆରି ହୁଏ ଏବଂ ଏ ପ୍ରକ୍ରିୟାରେ ବହୁତ ବିଦ୍ୟୁତ ଶକ୍ତି ଖର୍ଚ୍ଚ ହୁଏ । ଏସବୁ ଘଟଣା ମିଶି ସାରର ଦାମକୁ ବଢ଼ାଇଦେବେ ଓ ଯୋଗାଣ କମାଇଦେବେ, ଫଳରେ ସାରର ଅଭାବ ବଢ଼ି ଚାଲିବ, ଜମିର ଉତ୍ପାଦିକତା ସମାନ ରହି ପାରିବ ନାହିଁ ।

## ପ୍ରାକୃତିକ ପରିବେଶରେ ପରିବର୍ତ୍ତନ–

ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ପ୍ରାକୃତିକ ପରିବେଶ ଖୁବ୍ ସାହାଯ୍ୟ କରେ । ଅତି ବେଶି ମାତ୍ରାରେ ମାଛଧରା ହେଉଥିବାରୁ ଏବେ ଆଟ୍‌ଲାଣ୍ଟିକ୍ ମହାସାଗରରୁ ବେଶି ପରିମାଣରେ ଖାଦ୍ୟୋପଯୋଗୀ ମାଛ ମିଳୁ ନାହିଁ ! ପେରୁ ଉପକୂଳରେ ୧୯୬୦ରେ

୧୨୦ ଲକ୍ଷ ଟନ୍ ମାଛ ଧରା ହେଉଥିଲା ବେଳେ ୧୯୭୩ରେ ମାତ୍ର ୨୦ ଲକ୍ଷ ଟନ୍ ମାଛ ଧରା ହୋଇ ପାରିଲା । ଇତିହାସ କହେ, ବର୍ତ୍ତମାନର ସାହାରା ମରୁଭୂମି ଦିନେ ଶସ୍ୟଶ୍ୟାମଳ ଥିଲା । ଘନ ଜଙ୍ଗଲ ମଧ୍ୟରେ ଥିଲା । ରୋମାନ ସଭ୍ୟତାର ଶିକାର ହୋଇ ଜଙ୍ଗଲ ନଷ୍ଟ ହେଲା, କ୍ରମେ ମରୁଭୂମି ବ୍ୟାପିଲା । ଆମ ଦେଶରେ ମଧ୍ୟ ପ୍ରାକୃତିକ ପରିବେଶର ଅପବ୍ୟବହାର ଦେଖାଦେଇଛି । ଜନସଂଖ୍ୟା ବୃଦ୍ଧି ଯୋଗୁ ଗୃହପାଳିତ ପଶୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଛି । ତେଣୁ ଜଙ୍ଗଲ ନଷ୍ଟ ହୋଇଛି । ଫଳରେ ବନ୍ୟାର ପ୍ରକୋପ ବଢ଼ି ଚାଲିଛି । ଖାଦ୍ୟ ଉତ୍ପାଦନର ନିଶ୍ଚିତତା ନାହିଁ । ଜଙ୍ଗଲ ନଥିବା ଅଞ୍ଚଳରେ ବର୍ଷାର ପରିମାଣ କମୁଛି- ଜଳ ଅଭାବରେ କୃଷି ଉତ୍ପାଦନ ହ୍ରାସ ପାଉଛି । ଏବେ ସମୟ ଆସିଛି, ପ୍ରାକୃତିକ ପରିବେଶକୁ ସଂରକ୍ଷିତ କରି ଉତ୍ପାଦନ ବୃଦ୍ଧି ହାସଲ କରିବାକୁ ପଡ଼ିବ ।

## ସମାଧାନ-

ଏ ସବୁର ଗୋଟିଏ ସରଳ ସମାଧାନ ହେଉଛି ବୈଷୟିକ ଜ୍ଞାନର ପରିସର ବଢ଼ାଇବା । ଉନ୍ନତତର ବୈଷୟିକ ଜ୍ଞାନ ପ୍ରୟୋଗ କରି ଜଳ, ଜାଳେଣି ବା ସାର ପରିମାଣ ବଢ଼ାଇ ଉପାନ୍ତରେ ଥିବା ଆବାଦ ଅଯୋଗ୍ୟ ଜମିରୁ ମଧ୍ୟ ଚାଷ ଆବାଦ କରିବା ସମ୍ଭବ ହେବ । କିନ୍ତୁ ଏସବୁ ଖାଦ୍ୟଶସ୍ୟର ଦାମ୍ କେତେ ହେବ ? ଦୁର୍ଭିକ୍ଷ ଖାଦ୍ୟ ଯୋଗାଣ ଯୋଗୁ ଯେତେ ନ ହୁଏ, କ୍ରୟ ଶକ୍ତି ଅଭାବରୁ ତତୋଽଧିକ ହୁଏ । ଆଖିକୁ ଦେଖା ନ ଗଲେ ମଧ୍ୟ ଉଚ୍ଚ ଦର ଦେଇପାରୁ ନ ଥିବା ଗରିବ ଲୋକେ ଅଳ୍ପ ଖାଦ୍ୟ ବା ବିନା ଖାଦ୍ୟରେ ପ୍ରାୟ ଦୁର୍ଭିକ୍ଷ ଭଳି ଦିନ କାଟୁଛନ୍ତି । ବଢ଼ି ବଢ଼ି ଚାଲିଥିବା ଖାଦ୍ୟ ଦର ବହୁତ ଲୋକଙ୍କ କ୍ରୟ ଶକ୍ତିର ବାହାରକୁ ଚାଲିଯିବ । ଫଳରେ ଆସନ୍ନ ଦୁର୍ଭିକ୍ଷ ଅବସ୍ଥା ଆସିଯିବ ।

**(କ) ପରିବାର ନିୟନ୍ତ୍ରଣ–** ତେଣୁ ପ୍ରଥମ ଉପାୟ ହେଉଛି ଲୋକ ସଂଖ୍ୟା ବୃଦ୍ଧିରେ ବାଡ଼ା ପକାଇ ଦେବା । ଲୋକସଂଖ୍ୟାତ କମାଇ ହେବନାହିଁ; କିନ୍ତୁ ଭବିଷ୍ୟତ ଜନ୍ମକୁ ରୋକିଦେଇ ହେବ । ତେଣୁ ପରିବାର ନିୟନ୍ତ୍ରଣ ବା ଜନ୍ମହାର ହ୍ରାସର ଉପାୟ କରିବାକୁ ହେବ । ଏତ ହେଲା ବର୍ତ୍ତମାନର ବ୍ୟବସ୍ଥା । ଦୀର୍ଘ ମିଆଦୀ ଭିତ୍ତିରେ ମନୁଷ୍ୟର ପ୍ରଜନନ ଶକ୍ତି ଯେପରି ହ୍ରାସ ପାଏ ତା'ର ବ୍ୟବସ୍ଥା କରିବାକୁ ହେବ । ଏହାର ଦୁଇଟି ଉପାୟ ଅଛି । ଗରିବ ଲୋକଙ୍କର ବେଶି ପିଲା । ଏମାନଙ୍କର ମୌଳିକ

ଆବଶ୍ୟକତା, ବିଶେଷତଃ ସ୍ୱଚ୍ଛଳତା ପୂରଣ କଲେ ଏମାନେ ଆପେ ଆପେ ଛୋଟ ପରିବାର ଚାହିଁବେ । ଦ୍ୱିତୀୟ ଉପାୟ ହେଉଛି– ମହିଳାମାନଙ୍କୁ ନୂତନ ଭୂମିକା ଦେବାକୁ ପଡ଼ିବ । ଘର କୋଣରୁ ବାହାରକୁ ଆଣି ସାମାଜିକ ଦାୟିତ୍ୱରେ ନିବେଶ କରାଇବାକୁ ହେବ । ବାହାର ବୋଝ ବଢ଼ିଲେ ଏମାନେ ବଳେ ବଳେ କମ୍ ପିଲା ଚାହିଁବେ ।

**(ଖ) ଖାଦ୍ୟାଭ୍ୟାସ ବଦଳ–** ଏହା ସାଙ୍ଗେ ସାଙ୍ଗେ ଥିଲାବାଲା ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ସେମାନେ ଖାଇବାରେ ପୁଷ୍ଟି ରକ୍ଷା କରନ୍ତୁ; କିନ୍ତୁ ଖାଦ୍ୟ ନଷ୍ଟ କରନ୍ତୁ ନାହିଁ । ନିଅଣ୍ଟ ଜିନିଷକୁ ସମସ୍ତଙ୍କ ଭିତରେ ବାଣ୍ଟିବାକୁ ପଡ଼ିବ, ତେଣୁ ଖାଦ୍ୟାଭ୍ୟାସ ସରଳ ହେବା ଦରକାର । ପ୍ରାଣୀର ମାଂସ ନ ଖାଇ ଛେନା ଜାତୀୟ ଖାଦ୍ୟ (ପ୍ରୋଟିନ୍ ଥିବା ଖାଦ୍ୟ ଶସ୍ୟ), ଚର୍ବି ଜାତୀୟ ଜିନିଷ ନ ଖାଇ ବନସ୍ପତି ଘିଅ, ଲହୁଣି ବଦଳରେ ମାର୍ଗାରିନ୍– ଏଭଳି ଜିନିଷ ଅଭ୍ୟାସରେ ପକାଇବା ଉଚିତ । ତା'ହେଲେ ପ୍ରାଣୀମାନଙ୍କୁ ଖାଦ୍ୟଶସ୍ୟ ଖୋଇ ମାଂସ ବା ଚର୍ବି ଯୋଗାଇବା ପାଇଁ ଉପଯୁକ୍ତ କରିବା ଦରକାର ପଡ଼ନ୍ତା ନାହିଁ କିମ୍ବା ମଣିଷ ସହିତ ପ୍ରାଣୀମାନେ ମଧ୍ୟ ଖାଦ୍ୟଶସ୍ୟରେ ଭାଗୀଦାର ହେବାକୁ ପ୍ରତିଯୋଗିତା କରନ୍ତେ ନାହିଁ ।

**(ଗ) ଉତ୍ପାଦନ ବୃଦ୍ଧି–** ଖାଦ୍ୟ ଉତ୍ପାଦନ ବଢ଼ାଇବା ଦିଗରେ ବିକାଶୋନ୍ମୁଖୀ ରାଷ୍ଟ୍ରମାନେ ଯତ୍ନଶୀଳ ହେବା ଉଚିତ । ଆମେରିକା ଯୁକ୍ତରାଷ୍ଟ୍ରରେ ଯେତେ ଚାଷ ଜମି, ଭାରତରେ ପ୍ରାୟ ତେତିକି; କିନ୍ତୁ ଭାରତରେ ୧୦ କୋଟି ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିବା ସ୍ଥଳରେ ଯୁକ୍ତରାଷ୍ଟ୍ରରେ ୨୫ କୋଟି ଟନ୍ ହେଉଛି । ବ୍ରାଜିଲ, ଶ୍ୟାମଦେଶ ଆଦିରେ ଏହିଭଳି ସ୍ୱଳ୍ପ ଉତ୍ପାଦିକତା ଦେଖାଯାଉଛି । ବାଙ୍ଗଲା ଦେଶରେ ଏକର ପ୍ରତି ଯେତେ ଧାନ ହୁଏ ଜାପାନରେ ତାର' ୩ଗୁଣ ଫଳ ହୁଏ । ଏସବୁ ଅଞ୍ଚଳରେ ବା ରାଷ୍ଟ୍ରରେ ଜମି, ଜଳ, ଜାଳେଣି ତଥା ସାରର ଉପଯୁକ୍ତ ବିନିଯୋଗ କରି ଉତ୍ପାଦନ ବଢ଼ାଇବାକୁ ପଡ଼ିବ ।

**(ଘ) କ୍ଷୁଦ୍ରଚାଷୀ ସମସ୍ୟା–** ଉପର୍ଯ୍ୟୁକ୍ତ ରାଷ୍ଟ୍ରଗୁଡ଼ିକ ଜନବହୁଳ ରାଷ୍ଟ୍ର, ଅଥଚ ଏସବୁ ରାଷ୍ଟ୍ର କୃଷି ପ୍ରଧାନ ଅଞ୍ଚଳ । ଚାଷଜମି ଉପରେ ସମସ୍ତଙ୍କ ଦୃଷ୍ଟି । ତେଣୁ ସଂଖ୍ୟାଧିକ ଚାଷୀ ନିଜର ଖୁବ୍ ଅଳ୍ପ ଜମିରେ ଚାଷ କରନ୍ତି ବା ଭାଗ ନେଇ ଚାଷ କରନ୍ତି । ଏଭଳି କ୍ଷୁଦ୍ର ବା ନାମମାତ୍ର ଚାଷୀମାନଙ୍କ ହାତରେ ଦେଶର ବହୁତ ଜମି

ଥିବାରୁ, ଏମାନେ ଯଦି ଉତ୍ପାଦନ ନ ବଢ଼ାଇବେ, ଖାଦ୍ୟଶସ୍ୟ ପରିମାଣ ବଢ଼ିବ ନାହିଁ । ସରକାରୀ ସାହାଯ୍ୟରେ ଗରିବ ତଥା କ୍ଷୁଦ୍ର ଚାଷୀମାନଙ୍କ ଅବସ୍ଥା ଉନ୍ନତ କରିବାକୁ ପଡ଼ିବ ଏବଂ ସେମାନେ ଯେପରି ସଘନ ଚାଷ ତଥା ଅଧିକ ଅମଳକ୍ଷମ ଫସଲ କରନ୍ତି; ସେଥିପ୍ରତି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଉଚିତ । କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ଅବସ୍ଥା ସୁଧୁରିଲେ ଯେ କେବଳ ଉତ୍ପାଦନ ବଢ଼ିବ ତାହା ନୁହେଁ, ଆଜିକାଲି ଜନମଙ୍ଗଳ ରାଷ୍ଟ୍ରର କେତେଗୁଡ଼ିଏ ମହତ ଉଦ୍ଦେଶ୍ୟ, ଯଥା– ଜାତୀୟ ଆୟର ସୁଷମ ବଣ୍ଟନ, ବେକାରୀ ଦୂରୀକରଣ, ମଫସଲରୁ ସହରାଭିମୁଖୀ ଜନପ୍ରବାହର ପ୍ରତିକାର, ଆଦି– ସାଧନ ହୋଇ ପାରିବ । ଗାଁ ଗହଳିରେ ଗରିବ ଚାଷୀ ତଥା ଚାଷ ଉପରେ ନିର୍ଭରଶୀଳ ଗରିବ ପରିବାର ଗୁଡ଼ିକର ସ୍ୱଚ୍ଛଳତା ଆସିଲେ ପରିବାରର ଆକାର ମଧ୍ୟ ସୀମିତ ହୋଇ ଆସିବ । ଏଭଳି ଅବସ୍ଥା ଏକ ସୁସ୍ଥ ସାମାଜିକ ଚକ୍ର ସୃଷ୍ଟି କରିବ– ଲୋକର ସ୍ୱଚ୍ଛଳତା ତା'ର ପରିବାରକୁ ସୀମିତ କରିବ ଓ ସୀମିତ କ୍ଷୁଦ୍ର ପରିବାର ସ୍ୱଚ୍ଛଳତା ବଢ଼ାଇବାର ସହାୟକ ହେବ ।

**ନୈତିକ ପ୍ରଶ୍ନ–** ଏ ସମସ୍ତ ପରିପ୍ରେକ୍ଷୀରେ ସ୍ୱଳ୍ପତାରୁ ଯେତେ ବେଶି ସମ୍ଭବ ଲାଭ ଉଠାଇବାକୁ ପଡ଼ିବ । ସଂଖ୍ୟାନ୍ୟୂନ ସ୍ୱଚ୍ଛଳ ସମ୍ପ୍ରଦାୟ, ଗୋଷ୍ଠୀ ବା ଜାତି ପୃଥିବୀର ଖାଦ୍ୟ ଭଣ୍ଡାରର ଭୀମ ଭାଗ ଯେପରି ନ ନିଅନ୍ତି, ଲୋକଦେଖାଣିଆ ଖାଦ୍ୟାଭ୍ୟାସ ବଦଳାଇ ଯେପରି ସର୍ବନିମ୍ନ ପୁଷ୍ଟି ଆବଶ୍ୟକତା ମେଣ୍ଟାନ୍ତି– ଏ ପ୍ରକାର ନୈତିକ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ମଣିଷ ମଣିଷ ଭାଇ ଭାଇ ହୋଇ ବଞ୍ଚିବାକୁ ହେଲେ ଥିଲାବାଲା ଲୋକ ସଂଯତ ହୋଇ ନ ଥିଲାବାଲାର ଅଭାବ ମେଣ୍ଟାଇବା ପାଇଁ ନିଜର ସ୍ୱଭାବ ବଦଳାଇବା ଉଚିତ । ଜନ୍ମ ନିୟନ୍ତ୍ରଣ ବା ବୈଷୟିକ ଜ୍ଞାନ ଜନିତ ଉତ୍ପାଦନ ବୃଦ୍ଧି ଏ ଦୁଇଟି ସମାଧାନ ଯେତେ ସହଜ; ସ୍ୱଚ୍ଛଳ ମୁଷ୍ଟିମେୟ ରାଷ୍ଟ୍ରମାନଙ୍କ ଖାଦ୍ୟାଭ୍ୟାସ ବଦଳାଇବା ଭଳି ନୈତିକ ପ୍ରଶ୍ନର ସମାଧାନ ତେତେ ସହଜ ନୁହେଁ । କିନ୍ତୁ ଏହି ନୈତିକ ପ୍ରଶ୍ନର ସମାଧାନରେ ହିଁ ଖାଦ୍ୟ ସମସ୍ୟାର ସମାଧାନ ।

●

# ପୃଥିବୀ ବାହାରେ ଜୀବନ ଅଛି କି ?

କୋରାପୁଟ ଜିଲ୍ଲାର ଜୟପୁରରୁ ଚିତ୍ରକୋଣ୍ଡା (ବାଲିମେଳା ଯୋଜନା) ରାସ୍ତା କଡ଼ରେ ଅତି ଅନୁନ୍ନତ ବଣ୍ଡାଜାତିର ଆଦିବାସୀ ଅଞ୍ଚଳ ଅଛି । ସେଠାକାର ବଣ୍ଡା ଆଦିବାସୀମାନେ ନିଜ ନିଜ ଗାଁ ବା ବସ୍ତି ମଧ୍ୟରେ ଖବର ଅନ୍ତର ଦେବାନେବା ପାଇଁ ଲୋକଟିଏ ଦଉଡ଼ାଇଦିଅନ୍ତି କିମ୍ବା ବାଜା ବଜାଇ ଜଣାଇଦିଅନ୍ତି । ସେମାନେ ଜାଣନ୍ତି ନାହିଁ ଯେ ତାଙ୍କରି ଅଞ୍ଚଳର ଆକାଶ ମାର୍ଗରେ କେତେ ବେତାର ତରଙ୍ଗ ଓ କେତେ ତାର ଅସଂଖ୍ୟ ବାର୍ତ୍ତା ନେଇ ବିଭିନ୍ନ ଅଞ୍ଚଳ ସହିତ ଯୋଗାଯୋଗ ରକ୍ଷା କରୁଛି ।

ବିଶ୍ୱର କୋଟି କୋଟି ନକ୍ଷତ୍ରମାଳା ମଧ୍ୟରେ ପୃଥିବୀର ଅବସ୍ଥା ସେହିପରି ହୋଇ ନଥିବ ବୋଲି କିଏ କହିବ ? ଆମଠାରୁ ବହୁ ଉନ୍ନତ, ଅତିଜ୍ଞାନୀ ସଭ୍ୟତା ନିଜ ନିଜ ମଧ୍ୟରେ ଯୋଗାଯୋଗ ରଖିବାର ବିଭିନ୍ନ ଉପାୟ ବାହାର କରିଥିବେ ଏବଂ ସେଗୁଡ଼ିକୁ ବୁଝିବା ଆମ ପକ୍ଷରେ ବର୍ତ୍ତମାନ ଅସମ୍ଭବ ହୋଇଛି– ଏହା ଏକ ଅବାସ୍ତବ ଯୁକ୍ତି ହୋଇପାରେ କି ?

ବିଶ୍ୱରେ ପୃଥିବୀ ବାହାରେ ଯେ ମନୁଷ୍ୟଭଳି ବା ମନୁଷ୍ୟଠାରୁ ବେଶି ସଭ୍ୟ ଜୀବନ ଥାଇପାରେ, ଏହି କଳ୍ପନାରେ ବହୁତ କବି ଓ ଦାର୍ଶନିକ ସେମାନଙ୍କ ରଚନାକୁ ସମୃଦ୍ଧ କରିଛନ୍ତି । ଆଜିକାଲିର ବୈଜ୍ଞାନିକ ଉପନ୍ୟାସ ମଧ୍ୟରୁ ଅଧିକାଂଶରେ ଏହି କଳ୍ପନା ହିଁ ମୂଳବସ୍ତୁ । କପୋଳକଳ୍ପନା ବ୍ୟତୀତ କୌଣସି ବୈଜ୍ଞାନିକ ଗବେଷଣା ବା ମାପକାଠି ଉପରେ ଏହି ଧାରଣା ଗଢ଼ାଯାଇ ନ ଥିଲା । ସମ୍ପ୍ରତି ଏହି ସମସ୍ୟାର ଏକ ବୈଜ୍ଞାନିକ ଅନୁଧ୍ୟାନ ସମ୍ଭବ ହୋଇପାରିଛି । ଅନୁକୂଳ ଅବସ୍ଥା ଥିଲେ ଜୀବନ ସୃଷ୍ଟି ସମ୍ଭବ । ସମଗ୍ର ବିଶ୍ୱରେ ଜୀବନ ଥିବା ଗ୍ରହର ସଂଖ୍ୟା ଅଗଣନୀୟ ଏବଂ ଅନ୍ୟାନ୍ୟ ବୈଷୟିକ ସଭ୍ୟତା ସହିତ ଦିନେ ମଣିଷ ଯୋଗାଯୋଗ ରକ୍ଷା କରିପାରେ– ଏହି ପ୍ରକାରର ସିଦ୍ଧାନ୍ତ ଗତ ଦୁଇ ଦଶନ୍ଧି ମଧ୍ୟରେ ବୈଜ୍ଞାନିକମାନେ ଉପନୀତ ହୋଇଛନ୍ତି । କେଉଁ କାରଣ ଯୋଗୁ ଏ ପ୍ରକାର ସିଦ୍ଧାନ୍ତ କରାଗଲା, ତାହା ଆଲୋଚନା କରାଯାଉ ।

ପୃଥିବୀ ବାହାରେ ଜ୍ଞାନୀଜୀବ (Extra-terrestrial intelligence ବା ETI) ନିଶ୍ଚୟ ଅଛନ୍ତି ବୋଲି ଯେଉଁ ବୈଜ୍ଞାନିକମାନେ କହନ୍ତି, ସେମାନଙ୍କ ମଧ୍ୟରେ କର୍ଣ୍ଣେଲ୍

ବିଶ୍ୱବିଦ୍ୟାଳୟର କାର୍ଲ ସାଗାନ (Carl Sagan) ଅନ୍ୟତମ । ତାଙ୍କ ମତରେ ଆମ ନକ୍ଷତ୍ରମଣ୍ଡଳରେ ଏବେ ୧୦ ଲକ୍ଷ ବୈଷୟିକ ସଭ୍ୟତା ରହିଥିବ– ଅର୍ଥାତ୍ ପ୍ରତି ଲକ୍ଷେ ତାରା ମଧ୍ୟରେ ଗୋଟିଏ ଲେଖାଏଁ ସଭ୍ୟତା ରହିଥିବ । ଆମେରିକାର ଜାତୀୟ ରେଡ଼ିଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାରର ହୋଓର୍ଣ୍ଣର (Sebastian von Hoerner) କହନ୍ତି ଯେ ଏତେ ବହୁଳ ପରିମାଣରେ ନ ହୋଇ ପ୍ରତି ୩୦ ଲକ୍ଷ ତାରା ଭିତରେ ଗୋଟିଏ ଲେଖାଏଁ ଉନ୍ନତ ସଭ୍ୟତା ଥାଇ ପାରେ । ଜୈବିକ ବସ୍ତୁର ଆଣବିକ ଗଠନ ଓ ଜୈବରାସାୟନିକ ପ୍ରକିୟା ତଥା ଏହି ଗଠନ ଓ ପ୍ରକ୍ରିୟା କିପରି ଘଟିଥାଏ– ବୈଜ୍ଞାନିକମାନେ ଏବେ ଜାଣିପାରିଛନ୍ତି ଏବଂ ଏହି ଜ୍ଞାନ ଯୋଗୁ ସେମାନେ ଭାବନ୍ତି ଯେ ଜୈବିକ ବସ୍ତୁ ବିଶ୍ୱସାରା ବ୍ୟାପ୍ତ ରହିଛି ।

**ଜୀବସତ୍ତାର ଗଠନ –** ୧୯୨୪ ରୁଷୀୟ ଜୈବରସାୟନବିତ୍ A.I. Oparin ଧାରଣା ଦେଲେ ଯେ ଅତି ସରଳ ଜୈବିକ ପଦାର୍ଥର ଦ୍ରବଣ କାଳକ୍ରମେ ଜଟିଳତର ହୋଇ ଶର୍କରା, ପ୍ରୋଟିନ୍ ତଥା ଜୀବନର ଅନ୍ୟ ଉପାଦାନରେ ପରିଣତ ହେଲା । ତହିଁରୁ ପୁଣି କାଳକ୍ରମେ ଅତି ଆଣବିକ ଜୀବନ– ଯଥା ୟିଷ୍ଟ ବା ଛତ୍ରିଭଳି ଏକକୋଷୀ ଜୀବ ଜନ୍ମ ନେଲା । ୧୯୫୩ରେ ଚିକାଗୋ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ର ଷ୍ଟାନ୍ଲି ମିଲର୍ ପ୍ରକୃତିର ରାସାୟନିକ ପ୍ରକ୍ରିୟା ପରୀକ୍ଷା କରିବା ପାଇଁ ଏକ ଉପାୟ ଠିକ୍ କଲେ । ପୃଥିବୀର ବାୟୁମଣ୍ଡଳରେ ୪୦୦ କୋଟି ବର୍ଷତଳେ କେବଳ ଉଦ୍‌ଜାନ, ଜଳୀୟବାଷ୍ପ ($H_2O$), ଆମୋନିଆ ($NH_3$) ଓ ମିଥେନ୍ ($CH_4$) ରହିଥିଲା, ଆଜିଭଳି ଉଦ୍‌ଯାନ ଅମ୍ଳଜାନ ମିଶ୍ରଣ ନଥିଲା । ତେତେବେଳେ ବାୟୁମଣ୍ଡଳରେ ଘନ ଘନ ବଜ୍ରପାତ ହେଉଥିଲା– ଅର୍ଥାତ୍ ବାୟୁମଣ୍ଡଳ ଭିତର ଦେଇ ଉଚ୍ଚ ଶକ୍ତିର ବୈଦ୍ୟୁତିକ ତରଙ୍ଗ ପ୍ରବାହିତ ହେଉଥିଲା । ମିଲର୍ ତାଙ୍କ ପରୀକ୍ଷାରେ ୪୦୦ କୋଟି ବର୍ଷ ତଳର ବାୟୁମଣ୍ଡଳର ମିଶ୍ରଣକୁ ଏକ ବୈଦ୍ୟୁତିକ ତରଙ୍ଗ ଭିତର ଦେଇ କିଛିଦିନ ପର୍ଯ୍ୟନ୍ତ ପ୍ରବାହିତ କରାଇଲେ । ବିଦ୍ୟୁତ୍ ତରଙ୍ଗର ଶକ୍ତି (discharge) ରାସାୟନିକ ପ୍ରକିୟାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କଲା । ମିଲର ଦେଖିଲେ ଯେ, ବିଭିନ୍ନ ପ୍ରକାରର amino acids, protein, aldehydes ତିଆରି ହେଲା । ଏଗୁଡ଼ିକରୁ ବିଭିନ୍ନ Sugar ଓ hydrogen cynide (HCN) ତିଆରି ହୁଏ । ପୃଥିବୀରେ ଜୀବନ ତିଆରି ପାଇଁ ଯେଉଁ ଛାଞ୍ଚ (genetic blue prints) ଦରକାର ତାହାର ଆରମ୍ଭ କେନ୍ଦ୍ରୀୟ

ଅମ୍ଳ (nucleic acids) ଦ୍ୱାରା ହୁଏ । ଏହି ନିଉକ୍ଲିକ୍ ଏସିଡ୍ ତିଆରି ପାଇଁ ବିଭିନ୍ନ ଶର୍କରା ଓ ଉଦ୍‌ଜାନ ସିଆନାଇଡ୍ (HCN) ଦରକାର । ମିଲର ପ୍ରଥମେ ଯେଉଁ ସବୁ ଆମିନୋ ଅମ୍ଳ, ପ୍ରୋଟିନ୍ ଓ ଆଲଡେହାଇଡ୍ ତିଆରି କଲେ ତହିଁରୁ ଏହି ସବୁ ଶର୍କରା ଓ ଉଦ୍‌ଜାନ ସିଆନାଇଡ୍ ତିଆରି ହୋଇପାରିବ । ମିଲର୍ ମଧ୍ୟ ତାଙ୍କର ଗବେଷଣାଗାରରେ ଏହା ପରୀକ୍ଷା କରି ଦେଖାଇ ଦେଲେ ।

ଜୀବନର ପ୍ରୋଟିନ୍ ପାଇଁ ଯେଉଁ କୋଡ଼ିଏଟି ବିଭିନ୍ନ ଆମିନୋ ଏସିଡ୍ ଦରକାର ତାହା ମିଲର କୃତ୍ରିମ ଉପାୟରେ ତିଆରି କରିପାରିଛନ୍ତି । ପୃଥିବୀରେ ଥିବା ସବୁ ପ୍ରକାର ଜୀବନ ପାଇଁ ଛାଞ୍ଚ (genetic code) ତିଆରି କରୁଥିବା ପାଞ୍ଚଟି ବିଭିନ୍ନ ନିଉକ୍ଲିକ୍ ଏସିଡ୍ ତିଆରିର ଉପାଦାନ ତିଆରି କରିପାରିଛନ୍ତି । ବିଭିନ୍ନ ଜୀବକୋଷ ମଧ୍ୟରେ ଶକ୍ତି ସଞ୍ଚାରଣରେ ସାହାଯ୍ୟ କରୁଥିବା ମୁଖ୍ୟ ରାସାୟନିକ ପଦାର୍ଥ ଆଡ଼େନୋସିନ୍ ଟ୍ରାଇଫସ୍‌ଫେଟ୍ (ATP) ମଧ୍ୟ ତିଆରିକରି ପାରିଛନ୍ତି । ମିଲର ଏ ପର୍ଯ୍ୟନ୍ତ କୌଣସି ସମ୍ପୂର୍ଣ୍ଣ ଜୀବକୋଷ ତିଆରି କରି ପାରି ନାହାନ୍ତି, ଏପରିକି ଜୀବଛାଞ୍ଚର ନିଉକ୍ଲିକ୍ ଏସିଡ୍‌ର ଗୋଟିଏ ସମ୍ପୂର୍ଣ୍ଣ ଅଣୁ (molecule) ମଧ୍ୟ ତିଆରି କରି ପାରିନାହାନ୍ତି । ତଥାପି ତାଙ୍କ ପରୀକ୍ଷା ରୁଷ ବୈଜ୍ଞାନିକ ଓପାରିନ୍‌ଙ୍କ ତଥ୍ୟକୁ ପ୍ରମାଣ କରିଛି ।

ଧୂମକେତୁ ଓ ଉଲ୍‌କାମାନଙ୍କୁ ଅନୁଧ୍ୟାନ କରି ସେହିପରି ସିଦ୍ଧାନ୍ତ ମିଳିଛି । ୧୯୬୮ ପରଠାରୁ ରେଡ଼ିଓ ଜ୍ୟୋତିର୍ବିଦମାନେ ଆବିଷ୍କାର କରିଛନ୍ତି ଯେ ନକ୍ଷତ୍ରମଣ୍ଡଳ (galaxy)ର Orion Nebula ଓ Sagittarius (ଧନୁ) ତାରା ଅଞ୍ଚଳରେ ନିର୍ଗତ ହେଉଥିବା ଆଲୋକରୁ ଜଳ, ହାଇଡ୍ରୋଜେନ୍ ସିଆନାଇଡ୍ (HCN), ଫର୍ମାଲ ଡିହାଇଡ୍ ($H_2CO$) ଓ ସ୍ୟାନୋଆସିଟିଲିନ୍ ($HC_3N$) ଥିବାର ପ୍ରମାଣ ମିଳୁଛି । ବିଭିନ୍ନ ତାରକା ଅଞ୍ଚଳରୁ ଏ ପର୍ଯ୍ୟନ୍ତ ଜଣାପଡ଼ିଥିବା ୨୬ଟି ବିଭିନ୍ନ ଅଣୁ ମଧ୍ୟରୁ ଏହି ଚାରୋଟି ପଦାର୍ଥ ଖୁବ୍ ଗୁରୁତ୍ୱପୂର୍ଣ୍ଣ– କାରଣ ଜୀବସତ୍ତା ତିଆରିରେ ଦରକାର ହେଉଥିବା ଆମିନୋ ଏସିଡ୍ ଏହି ଚାରୋଟି ଅଣୁରୁ ତିଆରି ହୋଇଥାଏ ।

**ଅସାଧାରଣ ବ୍ୟାପାର** – ଏଠାରେ ଗୋଟିଏ କଥା ବିଶେଷ ଭାବରେ ମନେ ରଖିବାକୁ ହେବ, ପୃଥିବୀରେ ଆମେ ଯେଉଁ ଜୀବସତ୍ତା ପାଉଁ ତାହା କେବଳ ଉଦଙ୍ଗାରୀୟ (hydrocarbon) ଧରଣର । ଉଦ୍‌ଜାନ, ଅଙ୍ଗାର ଓ ଅମ୍ଳଜାନ ଛଡ଼ା

ଆଉ କୌଣସି ଉପାୟରେ ଜୀବନ ତିଷ୍ଠିପାରେ ନାହିଁ ବୋଲି ଆମର ଧାରଣା । ଉଦାକାଙ୍ଗାର ପ୍ରକାରର ଜୀବ ବଞ୍ଚିବା ପାଇଁ ତରଳ ଜଳ ଦରକାର । ଯେଉଁମାନେ ପୃଥିବୀ ବାହାରେ ଅନ୍ୟ ତାରକାର ଗ୍ରହରେ ଜୀବନ ଅଛି ବୋଲି କହନ୍ତି ସେମାନେ ଯୁକ୍ତି କରନ୍ତି ଯେ ପୃଥିବୀ ବାତାବରଣର ସମ୍ପୂର୍ଣ୍ଣ ବିପରୀତ ପରିସ୍ଥିତିରେ ମଧ୍ୟ ଜୀବସତ୍ତା ଆସିପାରେ ଓ୍ୱମଣିଷ ଭଳି ବା ଉନ୍ନତତର ସଭ୍ୟ ଜୀବ ଥାଇପାରେ । ବାହାରେ ଥିବା ଶକ୍ତିଶାଳୀ ମସ୍ତିଷ୍କ ସହିତ ଯୋଗାଯୋଗ ରଖିପାରୁଥିବା ପୋକ ଥାଇପାରନ୍ତି । ବାସସ୍ଥାନର ଉତ୍ତାପରେ ଖୁବ୍ ଶକ୍ତିଶାଳୀ ହୋଇ କାମ କରି ପାରୁଥିବା ବୈଦ୍ୟୁତିକ ପ୍ରାଣୀ ଥାଇ ପାରନ୍ତି । ଏପରିକି ପରମାଣୁର କେନ୍ଦ୍ରାଣୁ (nuclear particle) ଭଳି କ୍ଷୁଦ୍ରାତିକ୍ଷୁଦ୍ର ଜୀବ ଥାଇ ପାରନ୍ତି ଏବଂ ଏମାନେ ନିଜ ଅଧିକାରରେ ସ୍ୱୟଂସମ୍ପୂର୍ଣ୍ଣ ଜୀବନ ଭୋଗ କରୁଥାଇପାରନ୍ତି ।

ପ୍ରାକ୍‌କାଳରେ ଆଦି ସୂର୍ଯ୍ୟ ଯେତେବେଳେ ନେବୁଲା (ବାଷ୍ପ ପୂର୍ଣ୍ଣ ତାରକା) ଥିଲା, ତେତେବେଳେ ପ୍ରାକ୍‌ସୂର୍ଯ୍ୟ ଓ ଗ୍ରହଗଣ ତିଆରି ହୋଇଥିଲେ । ସେହି ସମୟରେ ମଧ୍ୟ ଉଲ୍‌କା ଖଣ୍ଡମାନ ତିଆରି ହୋଇ ଏପର୍ଯ୍ୟନ୍ତ ଭାସି ବୁଲୁଛନ୍ତି । ଅର୍ଥାତ୍ ସେମାନେ ୪୫୦ କୋଟି ବର୍ଷ ତଳର ପୁରୁଣା । ୧୯୬୯ରେ ଅଷ୍ଟ୍ରେଲିଆର ମର୍ଚିସନ୍ ନିକଟରେ ଗୋଟିଏ ଉଲ୍‌କାପାତ ହୋଇଥିଲା । ଆମେରିକା NASA ର Ames Research Labortory ରେ ୧୯୭୦ରେ ପରୀକ୍ଷା କରାଯାଇ ଏହି ଉଲ୍‌କା ଖଣ୍ଡରେ ୧୬ ପ୍ରକାରର ଆମିନୋଅମ୍ଳ ଥିବାର ଦେଖାଗଲା । ସେଗୁଡ଼ିକ ମଧ୍ୟରୁ ୫ଟି ଅମ୍ଳ ପୃଥିବୀର ଜୀବମାନଙ୍କ କୋଷରେ ମିଳେ, ମାତ୍ର ଅନ୍ୟ ୧୧ଟି ପ୍ରକାର ଅମ୍ଳର ପାର୍ଥିବ ଜୀବପ୍ରତି କୌଣସି ଗୁରୁତ୍ୱ ଥିବାର ଜଣାଗଲା ନାହିଁ । ଆଉ ଗୋଟିଏ କଥା ଦେଖାଗଲା ଯେ, ସାଧାରଣ ପ୍ରୋଟିନ୍ ଜୀବକୋଷରେ ଆମିନୋଅମ୍ଳର ଅଣୁଗୁଡ଼ିକ କେବଳ ବାମ ବା କେବଳ ଡାହାଣ ଦିଗରେ ସଜାଇ ଥାଆନ୍ତି ଯେପରି ପେଚ ବା ସ୍କ୍ରୁ ଦେଖାଯାଏ । ପାର୍ଥିବ ଜୀବକୋଷରେ ସବୁ ଆମେନୋ ଅମ୍ଳ ବାମ ଆଡ଼କୁ ମୁହାଁଇଥାଏ । ଏହି ଯେଉଁ ୧୧ଟି ଅପାର୍ଥିବ ଆମିନୋ ଅମ୍ଳ ମିଳିଲା ସେଥିରେ ସମାନ ପରିମାଣରେ ବାମମୁହାଁ ଓ ଡାହାଣ ମୁହାଁ ଥିଲା । ପୃଥିବୀ ସମ୍ପର୍କରେ ଆସି ଏହି ଉଲ୍‌କାଖଣ୍ଡରେ ଯଦି ଆମିନୋ ଅମ୍ଳ ଜନ୍ମିଥାନ୍ତା, ତେବେ ୧୬ଟି ଯାକ ଅମ୍ଳ ବାଉଁଆ ହୋଇଥାନ୍ତେ । ଏଥିରୁ ଧାରଣା ହେଲା ଯେ ମହାକାଶରେ ଜୈବିକ ବସ୍ତୁ ପ୍ରାଣୀଜାତ ନ ହୋଇ ରାସାୟନିକ

ହୋଇଥିବ । ଅର୍ଥାତ୍ ସରଳ ରାସାୟନିକ ରୂପରୁ କ୍ରମଶଃ ଜଟିଳ ରାସାୟନିକ ରୂପ, ଜଟିଳରୁ ଜଟିଳତର ଅଣୁ, ଶେଷରେ ନିଜକୁ କ୍ଷୟ କରିପାରୁଥିବା, ନିଜଭଳି ଆଉ ଗୋଟିଏ ଅଣୁ ତିଆରି କରି ପାରୁଥିବା ଅଣୁର ବିବର୍ତ୍ତନ ହୋଇଛି– ଅର୍ଥାତ୍ ଜୀବସତ୍ତାର ଆଦିମରୂପ ଜନ୍ମ ନେଇଛି ।

**ବିବର୍ତ୍ତନର ଗତି –** ପୃଥିବୀରେ ସାମାନ୍ୟ କେତେ ନିୟୁତ ବର୍ଷ ମଧ୍ୟରେ ରାସାୟନିକ ବିବର୍ତ୍ତନ ଘଟି ଆଦିମ ଜୀବସତ୍ତା ଦେଖାଦେଲା । କିନ୍ତୁ କାଳକ୍ରମେ ଆଣବିକ୍ଷଣିକ ଏକକୋଷୀ ଜୀବଠାରୁ ବିବର୍ତ୍ତନ ହୋଇ ବହୁକୋଷୀ ଜୀବ, ମେରୁଦଣ୍ଡୀ ପ୍ରାଣୀ, ସ୍ତନ୍ୟପାୟୀ ଜୀବ ଏବଂ ଶେଷରେ ଆଫ୍ରିକାର ତୃଣାଞ୍ଚଳରେ ପ୍ରଥମ ଚିନ୍ତାଶୀଳ ମାନବ ଜନ୍ମ ନେବା ପାଇଁ ୪୦୦ କୋଟି ବର୍ଷ ଲାଗିଲା । ପୃଥିବୀର ଏହି ଇତିହାସକୁ ମାପକାଠି ଧରିଲେ ମହାକାଶରେ ବହୁତ ତାରକା ଜଗତରେ ଜୀବସତ୍ତାର ବିବର୍ତ୍ତନ ହୋଇ ସାରିଥିବ, ହେଉଛି ଓ ହେଉଥିବ ।

ଆମର ସୂର୍ଯ୍ୟ ଗୋଟିଏ ସାଧାରଣ 'G' ଶ୍ରେଣୀୟ ତାରକା, ଏହାର ଆୟୁଷ ୧୦୦୦ କୋଟି ବର୍ଷ । ଅଧାଅଧି ଆୟୁଷ ସରିଗଲାଣି । ଆଉ ୫୦୦ କୋଟି ବର୍ଷ ପରେ ସୂର୍ଯ୍ୟ ଉଜ୍ଜ୍ୱଳ ତାରକା ଜୀବନ ହରାଇ ବୃଦ୍ଧ ହୋଇଯିବ– ଲାଲ ଅତିକାୟ ତାରକାରେ ପ୍ରସାରିତ ହେବ, ଥଣ୍ଡା ହେବା ଫଳରେ ପୃଥିବୀର ସବୁ ଜୀବସତ୍ତାକୁ ନଷ୍ଟ କରିଦେବ । କିନ୍ତୁ ତାରକା ଉପରେ ବେଶୀ ଦୀର୍ଘକାଳ ଆୟୁଷ ଥିବା ତାରକା ସଂଖ୍ୟା ଖୁବ୍ ବେଶୀ । ଶୀତଳ କ୍ଷୀଣାଲୋକ 'M' ଶ୍ରେଣୀୟ ତାରକାର ଯୌବନାୟୁ ପ୍ରାୟ ୮୦୦ କୋଟି ବର୍ଷ । କ୍ଷୀଣାଲୋକ ଫଳରେ ଯଥେଷ୍ଟ ବିକିରଣ ନ ଥିବାରୁ ଛୋଟ ଛୋଟ ତାରକା ରାସାୟନିକ ପ୍ରକ୍ରିୟା ସୃଷ୍ଟି ହେବାରେ ସାହାଯ୍ୟ କରି ନ ପାରେ । କିନ୍ତୁ ଯେଉଁ ତାରକାମାନଙ୍କ ଯଥେଷ୍ଟ ବିକିରଣ ପ୍ରଭାବ ଅଛି, ଉକ୍ତ ତାରକାମାନଙ୍କର ଗ୍ରହମାନଙ୍କରେ ଜୀବନ ତଥା ଚିନ୍ତାଶୀଳ ପ୍ରାଣୀ ସୃଷ୍ଟି ହେବା ଅସମ୍ଭବ ନୁହେଁ । ଖୁବ୍ ବଡ଼ ତାରକାମାନେ ଜୀବନ ସୃଷ୍ଟିର ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରନ୍ତି ନାହିଁ । ବୈଜ୍ଞାନିକମାନଙ୍କ ମତରେ ବେଶୀ ବର୍ଷ ଧରି ବଞ୍ଚିରହୁଥିବା ଛୋଟ ଛୋଟ ତାରକାମାନେ ହିଁ ସେମାନଙ୍କ ଚାରିପଟେ ଗ୍ରହ ମଣ୍ଡଳ ଗଢ଼ିଥିବେ ଏବଂ ଅନୁକୂଳ ବାତାବରଣ ପାଇଥିଲେ ଏହି ଗ୍ରହ ମଣ୍ଡଳରେ ରାସାୟନିକ ବିବର୍ତ୍ତନ ଘଟି କାଳକ୍ରମେ ଜୀବନଛାଞ୍ଚ ଥାଇ କ୍ଷୟ ବୃଦ୍ଧି ହୋଇ ପାରୁଥିବା ଓ ବଂଶ ବୃଦ୍ଧି କରିପାରୁଥିବା ଜୀବରୂପ

ଜନ୍ମନେଇଥିବେ । ଭନ୍ ହୋଏର୍ନରଙ୍କ ଗଣନା ଯେ ବିଶ୍ୱର ସବୁ ତାରକା ମଧ୍ୟରେ ପ୍ରାୟ ଶତକଡ଼ା ଦୁଇଭାଗରେ– ଅର୍ଥାତ୍ ୨୦୦ କୋଟି ତାରକାରେ ଜୀବସତ୍ତା ପାଇଁ ଅନୁକୂଳ ବାତାବରଣ ଥିବା ଗ୍ରହପୁଞ୍ଜ ଥିବେ ।

**ଅନ୍ୟ ସଭ୍ୟତା ସହିତ ଯୋଗାଯୋଗ ପ୍ରଶ୍ନ–** ଥରେ ଜ୍ଞାନୀ ବା ଚିନ୍ତାଶୀଳ ଜୀବ ତିଆରି ହୋଇଗଲେ ସେମାନେ ଆପେ ଆପେ ପରିବର୍ତ୍ତନଶୀଳ ବାତାବରଣ ସହ ଖାପ ଖୋଇ ବଞ୍ଚିରହି ପାରିବେ । ଅଗ୍ନି ଏବଂ ଭାଷା ଉପରେ ଦଖଲ ଆସିବା ପରେ ସେମାନଙ୍କର ବୈଷୟିକ ସଭ୍ୟତାର ବୃଦ୍ଧି ଘଟିବ । କିନ୍ତୁ ବୈଜ୍ଞାନିକମାନେ ପୃଥିବୀର ସଭ୍ୟତା ଏକକୋଷୀ ସୂକ୍ଷ୍ମାତିସୂକ୍ଷ୍ମ ଜୀବଠାରୁ ଆଧୁନିକ ଜ୍ଞାନୀ ମାନବର ବିବର୍ତ୍ତନ ପର୍ଯ୍ୟନ୍ତ ୪୦୦ କୋଟି ବର୍ଷ ଲାଗିଥିବା ଘଟଣାକୁ ମନରେ ରଖି ଚିନ୍ତା କରନ୍ତି ଯେ ପୃଥିବୀ ବାହାରେ ଏପରି ଏକ ବୈଷୟିକ ସଭ୍ୟତା ଗଢ଼ି ଉଠିବାକୁ ଶହ ଶହ କୋଟି ବର୍ଷ ମଧ୍ୟରେ ହଜାର ପ୍ରକାରର ବିବର୍ତ୍ତନ ସୋପାନ ଦେଇ ଗତି କରିବାକୁ ପଡ଼ିବ ବା ପଡ଼ିଥିବ । ପୃଥିବୀର ଉଦାହରଣ ଏ କ୍ଷେତ୍ରରେ ଏକ ହାରାହାରି ଘଣା ବୋଲି ଧରା ଯାଇପାରେ ।

ଆଉ ଗୋଟିଏ ସମସ୍ୟାମୂଳକ ତଥ୍ୟ ହେଲା ଯେ ମନୁଷ୍ୟ ବା ତାହା ଭଳି ଜ୍ଞାନୀ ଚିନ୍ତାଶୀଳ ଜୀବ ଖୁବ୍ ଶୀଘ୍ର ପ୍ରାକୃତିକ ପରିବର୍ତ୍ତନ ସହିତ ମିଶିଯାଇପାରେ, ତେଣୁ ଏହାର ତିଷ୍ଠିବା କାଳ ଅତି ଦୀର୍ଘ ନୁହେଁ । ଅତିବେଶୀ ଜନସଂଖ୍ୟା, ଗ୍ରହର ସମ୍ପଦ ନିଷ୍କାସନ, ବଂଶଗତ ଅଧଃପତନ, ପରସ୍ପର ବିଧ୍ୱଂସୀ ଯୁଦ୍ଧ, ଆବଦ୍ଧ ପରିସ୍ଥିତିରେ ଦୀର୍ଘକାଳ ସ୍ଥିତି, ବୃଦ୍ଧି ହେବାର ସୁଯୋଗର ଅଭାବ ଆଦି ବହୁତ କାରଣ ଚିନ୍ତାଶୀଳ ଜୀବ-ସଭ୍ୟତାର ଧ୍ୱଂସ ଆଣିଦେଇପାରେ । ମହାକାଶରେ ଯେତେ ଅନୁକୂଳ ଗ୍ରହ ଅଛନ୍ତି, ସେଗୁଡ଼ିକରୁ ଅର୍ଦ୍ଧାଧିକ ଜ୍ଞାନୀଜୀବର ବିବର୍ତ୍ତନ ହୋଇସାରିଥିବ ବୋଲି ଭନ୍ ହୋଏର୍ନର ଗଣନା କରିଛନ୍ତି । କିନ୍ତୁ ତାଙ୍କ ଗଣନା ଅନୁଯାୟୀ ବୈଷୟିକ ସଭ୍ୟତାର ଆୟୁଷ ୧୦,୦୦୦ ରୁ ଏକ ଲକ୍ଷ ବର୍ଷ ମଧ୍ୟରେ । ଏହି ଗଣନା ଅନୁଯାୟୀ ଦୁଇଟି ପ୍ରତିବେଶୀ ବୈଷୟିକ ସଭ୍ୟତା ମଧ୍ୟରେ ହାରାହାରି ୬୦୦ ଆଲୋକ ବର୍ଷ - (ଛଅ ଲକ୍ଷ କୋଟି) ୬,୦୦,୦୦୦ କୋଟି କିଲୋମିଟର ଦୂରତା ଥିବ । ବଞ୍ଚି ରହିଥିବା ଦୁଇଟି ପଡ଼ୋଶୀ ବୈଷୟିକ ସଭ୍ୟତା ପରସ୍ପର ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା

ଆଶା ନେଇ "ଅନ୍ଧକାରରେ ବାଡ଼ି ବୁଲାଇବା ଭଳି" ସଙ୍କେତ ବା ଇଙ୍ଗିତ (signals) ପଠାଇବେ । ଏହି ଇଙ୍ଗିତର ବୈଦ୍ୟୁତିକ ତରଙ୍ଗ ଅନ୍ୟ ସଭ୍ୟତାରେ ପହଞ୍ଚିବାକୁ ପ୍ରାୟ ୬୯୯ ବର୍ଷ ଲାଗିଯିବ । ଧରନ୍ତୁ ପୃଥିବୀରେ ଆମେ ଏପରି ଏକ ଇଙ୍ଗିତ ପାଇଲେ ଏବଂ ତାକୁ ବୁଝି ଆମେ ଉତ୍ତରରେ ଆମର ଇଙ୍ଗିତ ପଠାଇଲେ, ତେବେ ପୁଣି ୬୯୯ ବର୍ଷ ଲାଗିଯିବ । ପୃଥିବୀରେ ଏପରି ଏକ ବୈଷୟିକ ବା ଚିନ୍ତାଶୀଳ ଜ୍ଞାନୀ ସଭ୍ୟତା ଅଛି ବୋଲି ଜାଣିବାକୁ ପ୍ରଥମେ ଇଙ୍ଗିତ ପଠାଇଥିବା ସଭ୍ୟତାକୁ ୧୨୦୦ ବର୍ଷ ଲାଗିଯିବ । ଅର୍ଥାତ୍ ଆମେ ପୃଥିବୀରୁ ପ୍ରଥମେ ଇଙ୍ଗିତ ପଠାଇଲେ ୧୨୦୦ ବର୍ଷ ପର୍ଯ୍ୟନ୍ତ ଏହା ଏକତରଫା ହୋଇ ରହିବ, ତାହାପରେ ଅନ୍ୟ ଏକ ସଭ୍ୟତା– ଆମ ଭଳି ବା ଆମଠାରୁ ଉନ୍ନତ ସଭ୍ୟତା– ଅଛି ବୋଲି ଆମେ ଅର୍ଥାତ୍ ଆମର ୪୦୦ ପୁରୁଷ ପରବର୍ତ୍ତୀ ସନ୍ତାନମାନେ ଜାଣିପାରିବେ । ଯଦି ଇଙ୍ଗିତ ଉତ୍ତର ନ ଆସିଲା, ଆଉ ଏକ ସଭ୍ୟତା ନାହିଁ ବୋଲି ଠିକ୍ ରୂପେ କହିହେବ ନାହିଁ । ଏହାର ଅନ୍ୟ ଏକ ଅର୍ଥ ହୋଇପାରେ ଯେ ଏହାଠାରୁ ବେଶୀ ଦୂରରେ ବୈଷୟିକ ସଭ୍ୟତା ଥାଇପାରେ ।

**ମହାଶୂନ୍ୟ ଯାତ୍ରାର ସୀମା–** ଖବର ବା ଇଙ୍ଗିତ ପଠାଇବାଠାରୁ ମହାକାଶଯାନର ସିଧାସଳଖ ଅନ୍ୟ ଏକ ସଭ୍ୟତାକୁ ସ୍ପର୍ଶ କରିହେବ ବୋଲି କେତେକ ଭାବନ୍ତି । କିନ୍ତୁ ଏଥିରେ ଦୁଇଟି ଅନ୍ତରାୟ । ଇଙ୍ଗିତ ପଠାଇବା ଖର୍ଚ୍ଚଠାରୁ ଏହା ବହୁଗୁଣରେ ବେଶୀ ବ୍ୟୟସାପେକ୍ଷ । ଦ୍ୱିତୀୟତଃ ଆଲବର୍ଟ ଆଇନଷ୍ଟାଇନଙ୍କ ଆପେକ୍ଷିକ ମତବାଦ । ଏହି ନିୟମ ଅନୁଯାୟୀ କୌଣସି ବାସ୍ତବ ଜିନିଷ ବା ଯାନ ଆଲୋକ ଗତି (ସେକେଣ୍ଡକୁ ୩୦୦,୦୦୦ କିଲୋମିଟର)ରେ ଯାଇପାରିବ ନାହିଁ– ଏହାଠାରୁ ବେଶୀ ବେଗ ହେବା ତ ଦୂରର କଥା । ଆହୁରି ଅସୁବିଧା ଯେ ଏହି ନିୟମ ଅନୁଯାୟୀ ଏପରି ବସ୍ତୁ ବା ଯାନ ଆଲୋକଗତିର ନିକଟ ହେବା ବେଳକୁ ଏହାର ଓଜନ (mass) ଏତେ ବଢ଼ିଯିବ ଯେ ଆଲୋକବେଗରେ ପହଞ୍ଚିଲେ ଏହାର ଓଜନ ଆଲୋକ ବେଗଭଳି ଅସୀମ ଓଜନ ହୋଇଯିବ । ଏପରି ଅସୀମ ଓଜନର ଯାନକୁ ଚଳାଇନେବା (propel) ପାଇଁ ଯେଉଁ ପ୍ରକାର ଇଞ୍ଜିନ ବା ରକେଟ୍ ଦରକାର ତାହା ତିଆରି କରିହେବ ନାହିଁ । ଅର୍ଥାତ୍ ଆଲୋକ ବେଗଠାରୁ ବେଶୀ ଗତିରେ ଯାତ୍ରା କରିହେବ ନାହିଁ । ସେହି କାରଣରୁ ତାରକା ଓ ତାରକା ମଧ୍ୟରେ ପ୍ରତ୍ୟକ୍ଷ ଯାତ୍ରାର ସମ୍ଭାବନା ନାହିଁ ।

ବୈଜ୍ଞାନିକମାନେ ଆଉ ଗୋଟିଏ ଦୃଷ୍ଟିରୁ ମଧ୍ୟ ବିଚାର କରୁଛନ୍ତି । ରୁଷ ଜ୍ୟୋତିର୍ବିଦ ଏନ୍. ଏସ୍. କାର୍‌ଡ୍ରାଷେଭ ସମ୍ଭାବ୍ୟ ସଭ୍ୟତାଗୁଡ଼ିକୁ ଶ୍ରେଣୀ ବିଭାଗ କରିଛନ୍ତି । ୧ମ ଶ୍ରେଣୀୟ ସଭ୍ୟତା ପୃଥିବୀରେ ଅଛି – ଏହା ୬୦୦,୦୦ କୋଟି ୱାଟ୍ ଶକ୍ତି ଉତ୍ପାଦନ କରେ । ୨ୟ ଶ୍ରେଣୀୟ ସଭ୍ୟତା ଗୋଟିଏ ସାଧାରଣ ତାରକାର ଶକ୍ତି– ଯଥା ସୂର୍ଯ୍ୟ ଶକ୍ତି ସହିତ ସମାନ ଅର୍ଥାତ୍ ୧୦$^{୨୫}$ (୧୦ ପରେ ୨୫ଟି ଶୂନ) ୱାଟ୍ ଶକ୍ତି ଉତ୍ପାଦନ ତଥା ବ୍ୟୟକରେ । ସବୁଠାରୁ ପ୍ରାଚୀନତମ ସଭ୍ୟତା ୩ୟ ଶ୍ରେଣୀର ହୋଇଥିବ ଓ ସେମାନେ ୧୦$^{୩୬}$ (୧୦ ପରେ ୩୬ଟି ଶୂନ) ୱାଟ୍ ଶକ୍ତି ଅର୍ଥାତ୍ ଆମ ଛାୟାପଥ ନକ୍ଷତ୍ରମଣ୍ଡଳ (galaxy) ର ସମୁଦାୟ ଶକ୍ତିଠାରୁ ବେଶୀ ଖର୍ଚ୍ଚ କରନ୍ତି । ଆମ ନିକଟବର୍ତ୍ତୀ ନକ୍ଷତ୍ରମଣ୍ଡଳର ୧ମ ଶ୍ରେଣୀୟ ସଭ୍ୟତା ସମ୍ପର୍କରେ ଆସିବାଠାରୁ ୩ୟ ଶ୍ରେଣୀର ସଭ୍ୟତା ଖୁବ୍ ଦୂରରେ ଥିଲେ ହେଁ ସେମାନଙ୍କଠାରୁ ସମ୍ପର୍କ ପାଇବା ସହଜତର ହେବ ।

କେତେକ କହନ୍ତି ୩ୟ ବା ୨ୟ ଶ୍ରେଣୀର ସଭ୍ୟତା ପୃଥିବୀର ସଙ୍କେତକୁ ଖାତିର କରି ନପାରନ୍ତି– ଯେମିତି ମଣିଷ ଜିଆ ସହିତ ଯୋଗାଯୋଗ ରଖିବାକୁ ଚାହେଁ ନାହିଁ । ଅନ୍ୟ ଦିଗରେ ୧ ଶ୍ରେଣୀୟ ନିମ୍ନଶକ୍ତି ବିଶିଷ୍ଟ ସଭ୍ୟତାର ଆୟୁଷ ଏତେ କମ ଯେ ସେମାନେ ପୃଥିବୀର ଯୋଗାଯୋଗ ଦିଗ୍‌ବଳୟ ମଧ୍ୟରେ ରହି ନ ପାରନ୍ତି । ଅପରନ୍ତୁ ଯଦି ୨ୟ ଓ ୩ୟ ଶ୍ରେଣୀର ସଭ୍ୟତା ଥାଆନ୍ତି ସେମାନେ ବୋଧହୁଏ ମହାକାଶ ଯାତ୍ରାର କିଛି ଗୋଟାଏ ନୂଆ ପଦ୍ଧତି ଉଦ୍‌ଭାବନ କରିଥିବେ । ଆମର ଚିନ୍ତା ଭିତରେ ତାହା ଆସୁନାହିଁ । କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର କାର୍ଲ ସାଗାନ୍‌ଙ୍କ ଏହି ମତ । ଏହି ନୂଆ ଧରଣର ମହାକାଶ ଯାତ୍ରା ପାଇଁ ସେମାନେ ବୋଧହୁଏ ସାମୁଦ୍ରିକ୍ ବାୟା ଭଳି ମହାକାଶର ବିପଦସଂକୁଳ ସ୍ଥାନମାନଙ୍କରେ- ଯଥା କଳାଗହ୍ୱର (black holes) ଭଳି ମାଧ୍ୟାକର୍ଷଣ ଧ୍ୱଂସକାରୀ ତାରକା ସଂକେତ (buoy) ରଖିଥିବେ– ଏହି ସଂକେତରୁ ଯେଉଁ ଇଙ୍ଗିତ ବାହାରୁଥିବ ଆମେ ଦିନେ ଧରିପାରିବା କିମ୍ବା ସେମାନେ ସ୍ପନ୍ଦନଶୀଳ ନିଉଟ୍ରନ ତାରକା (crab ନେବୁଲାରେ) କିମ୍ବା କଳାଗହ୍ୱର ସ୍ୱରୂପ ତାରକା (ଯଥା cygnous X–1) ଠାରୁ ଶକ୍ତି ସଂଗ୍ରହ କରିବାର ଉପାୟ ବାହାର କରିଥିବେ ।

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ରେଡ଼ିଓ ଜ୍ୟୋତିର୍ବିଦ ଦଳ ଏକ ୧୦୦ ମିଟର ଥାଳି ଶବ୍ଦଗ୍ରାହୀ (antenna) ସାହାଯ୍ୟରେ ୮୦ ଆଲୋକବର୍ଷ ଦୂରତା

ପର୍ଯ୍ୟନ୍ତ ୫୦୦ ତାରକାକୁ ପର୍ଯ୍ୟବେକ୍ଷଣ କରୁଛନ୍ତି । ଏ ପର୍ଯ୍ୟନ୍ତ ସେମାନେ କୌଣସି କୃତ୍ରିମ ସଂକେତ ପାଇନାହାନ୍ତି, କିନ୍ତୁ ଏଥିରେ ସେମାନେ ହତାଶ ହୋଇ ନାହାନ୍ତି । ସଗାନଙ୍କ ମତରେ ଅନ୍ତତଃ ଲକ୍ଷେ ତାରକା ଅନୁଧ୍ୟାନ କଲାପରେ ଗୋଟିଏ ଅଧେ ସଭ୍ୟତା ସହିତ ସମ୍ପର୍କ ମିଳିପାରେ । ଭନ୍ ହୋଏର୍ନରଙ୍କ ମତରେ ଏଥିପାଇଁ ପ୍ରାୟ ୩୦ ଲକ୍ଷ ତାରକା ଖୋଜିବାକୁ ପଡ଼ିବ ।

ଏଥିପାଇଁ ବେଶ୍ ଗୁଡ଼ାଏ ଖର୍ଚ୍ଚ ଦରକାର । ଯୁକ୍ତରାଷ୍ଟ୍ରର ଦଳେ ବୈଜ୍ଞାନିକ 'ପ୍ରଜେକ୍ଟ ସାଇକ୍ଲୋପ୍ସ (cyclops) ନାମରେ ୧୦୦୦ କୋଟି ଡଲାର ମୂଲ୍ୟର ୧୦୦୦ ସଂଖ୍ୟାର ୧୦୦ ମିଟର ଥାଳି ରୂପକ ଘୂର୍ଣ୍ଣାୟମାନ ଶବ୍ଦଗ୍ରାହୀ ବସାଇବେ- ପ୍ରାୟ ୨୦ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାପୀ ଏହି ଯୋଜନା ଯୁକ୍ତରାଷ୍ଟ୍ର ଆପୋଲୋ ଯୋଜନାର ଅଧାଅଧି ଖର୍ଚ୍ଚ ଅଟକଳ ଦରକାର କରିବ । ୩୦ ବର୍ଷ କାଳ ମଧ୍ୟରେ ଏହି ଉଦ୍ୟାନ ବା cyclopolis ଶବ୍ଦଗ୍ରାହୀ ନଗରୀ ୧୦୦୦ ଆଲୋକ ବର୍ଷ ଦୂରତା ମଧ୍ୟରେ ଥିବା ସୂର୍ଯ୍ୟଙ୍କ ଭଳି ୧୦ ଲକ୍ଷ ତାରକା ଅନୁଧ୍ୟାନ କରିପାରିବ ।

**ଆମେ ଉତ୍ତର ଦେବା ତ ?** — କେତେକ ବୈଜ୍ଞାନିକ କହନ୍ତି ଯେ ଯୁଗ ଯୁଗ ଧରି ଅନ୍ୟ ସଭ୍ୟତା ସହିତ ଯୋଗାଯୋଗ ରଖିବା ଫଳରେ ପୃଥିବୀରେ ମଣିଷ ସଂସ୍କୃତି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ନପାରେ । ଉନ୍ନତ ସଭ୍ୟତା ସମ୍ପର୍କରେ ଆସି ଯେପରି ପ୍ରସ୍ତର ଯୁଗର ସଭ୍ୟତା ଉଭେଇଗଲା, ସେହିପରି ହୋଇପାରେ । ଅନ୍ୟ ଏକ ମତରେ ଏକ ଉନ୍ନତତର ସଭ୍ୟତା ଆମକୁ ଏକ ପ୍ରକାର ଗୃହପାଳିତ ଜୀବ-ଯଥା ଗାଈ, ବଳଦ ଭଳି ଦେଖିପାରେ ।

ଏସବୁ ଆଶଙ୍କାକୁ ଅମୂଳକ କହି ଅନ୍ୟମାନେ କହନ୍ତି ଯେ ବିଭିନ୍ନ ସଭ୍ୟତା ସହିତ ଆମର ଯୋଗାଯୋଗ ଏତେ ଧୀରେ ସୁସ୍ଥେ ଚାଲିବ ଯେ ମଣିଷ ଜାତି ବାହାର ଜଗତର ଇଙ୍ଗିତକୁ ଗ୍ରହଣ କରିପାରେ ବା ତ୍ୟାଗ କରିପାରେ । ଗୋଟିଏ ଲାଭ ନିଶ୍ଚୟ ହେବ । ଜ୍ଞାନ ବଢ଼ିବା ସଙ୍ଗେ ସଙ୍ଗେ ମଣିଷ ଆତ୍ମଧ୍ୱଂସକାରୀ ଉପାୟ ଓ କାର୍ଯ୍ୟରେ ବ୍ୟସ୍ତ ଅଛି । ଅନ୍ୟ ସଭ୍ୟତା ସବୁ ଜ୍ଞାନର ଏହି କୁଫଳକୁ କିପରି ପ୍ରତିରୋଧ କରିପାରିଛି ଆମେ ସେମାନଙ୍କ ସମ୍ପର୍କରୁ ଜାଣିପାରିବା । କିଛି ନ ହେଲେ, ଆଉ ଗୋଟିଏ ସଭ୍ୟତାକୁ ଯେ ଆମେ ଠାବ କରିପାରିଛୁ ଏହା ଆତ୍ମପ୍ରସାଦର ତଥା ଆମ ସଭ୍ୟତାର ମାନ ବଢ଼ାଇ ଦେବ ।

ବାହାର ଜଗତରେ ଜୀବନ ଖୋଜିବା କିପରି କଷ୍ଟକର ଗୋଟିଏ ଉଦାହରଣ ଦେଲେ ବୁଝିହେବ । ଗୋଟିଏ ନଡ଼ା ଗଦା ଭିତରେ ଛୁଞ୍ଚିଟିଏ ପଡ଼ିଥିଲେ, ତାକୁ ଖୋଜି ବାହାର କରିବା ଅସମ୍ଭବ । ଅନ୍ତତଃ ଆମେ ଛୁଞ୍ଚିଟି କିପରି ତାହା ଜାଣୁ । ଏହା ଇସ୍ପାତରେ ହୋଇଥିବାରୁ ଆମେ ସମସ୍ୟାର ସମାଧାନ ପାଇଁ ଚୁମ୍ବକର ସାହାଯ୍ୟ ନେଇପାରୁ । କିନ୍ତୁ ଆଉ ଗୋଟିଏ ସଭ୍ୟତା ଖୋଜିବା ଚେଷ୍ଟାରେ ଆମେ କ'ଣ ଖୋଜୁଛୁ ଜାଣିନାହୁଁ; କେଉଁଠି ମିଳିବ ଜାଣିନାହୁଁ । କ'ଣ ଯନ୍ତ୍ରପାତି ବ୍ୟବହାର କଲେ କଣ ଫଳ ମିଳିବ, ଅଥବା ମହାବିଶ୍ୱରୁ ଆଗତ ସଂକେତ କିପରି ହୋଇଥିବ ଆମେ ବା ତାକୁ କିପରି ବୁଝିପାରିବୁ, ଯଦି ଆମେ ସମ୍ପର୍କ ପାଉ, ସେ ସମ୍ପର୍କ ଆମର ମଙ୍ଗଳ ନା ଧ୍ୱଂସର କାରଣ ହେବ– ଏସବୁ ଚିନ୍ତା କରିବାର ବିଷୟ । ତଥାପି ଆଉ ଗୋଟିଏ ବାହାର ଜଗତର ସଭ୍ୟତା ଆମେ ଠାବ କରିପାରିଲେ ଯେଉଁ ଗର୍ବ ଅନୁଭବ କରିବା– ସେହି ଆଶାରେ ଏ ପ୍ରଚେଷ୍ଟା ଚାଲୁ ରହିବ ।

●

# ମଣିଷ ଶରୀରର ଭବିଷ୍ୟତ ରୂପ

କୋଣାର୍କ ମନ୍ଦିରରେ ଯେଉଁ ମୂର୍ତ୍ତିସବୁ ଖୋଦାଇ କରାଯାଇଛି, ସେଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଏ । ତଳ ଅଂଶରେ ଥିବା ପଶୁ ଓ ପଶୁଭଳି ଅବସ୍ଥାରେ ଥିବା ମଣିଷ, ମଝି ଅଂଶରେ ସାଧାରଣ ମଣିଷ ଓ ଉପର ଅଂଶରେ ଦେବତୁଲ୍ୟ ମଣିଷ । ଦେବତୁଲ୍ୟ ମଣିଷମାନେ ଖୁବ୍ ଉଚ୍ଚ, ପ୍ରାୟ ୨ ମିଟରରୁ ବେଶୀ, ଦେଖିବାକୁ ସୁଠାମ ସୁନ୍ଦର । କ୍ରମେ ମଣିଷର ସ୍ୱଭାବ ଉଚ୍ଚରୁ ଉଚ୍ଚତର ହେଲେ ପଶୁତ୍ୱରୁ ଦେବତ୍ୱକୁ ଉଠିହେବ । ସେହିଭଳି କ୍ରମବିବର୍ତ୍ତନ (evolution) ବାଦ ଅନୁଯାୟୀ ମଣିଷ ସୁନ୍ଦରରୁ ସୁନ୍ଦରତର ହେବା କଥା ।

**ବିବର୍ତ୍ତନ–** ମଣିଷର ପୂର୍ବ ଇତିହାସ ଲକ୍ଷ୍ୟ କରି ବୈଜ୍ଞାନିକମାନେ ଭବିଷ୍ୟତରେ ମଣିଷର ରୂପ କିପରି ଦେଖାଯିବ ତାହାର କଳ୍ପନା କରୁଛନ୍ତି । ୫୦ ଲକ୍ଷ ବର୍ଷ ତଳର ମୋଟା ଠିଆ Ausralo pithecus ନାମକ ମଣିଷର ୫ଲକ୍ଷ ବର୍ଷ ତଳର ସିଧାସଳଖ ଠିଆ ହେବା Homoerectus ନାମକ ମଣିଷର ବିବର୍ତ୍ତନ ହୋଇଥିଲା । ତାହାଠାରୁ ନିଆଣ୍ଡାଲ (Neanderthal man) ମଣିଷ ଭଳି ବୁଦ୍ଧିସମ୍ପନ୍ନ Homo Sapiens ମଣିଷର ବିବର୍ତ୍ତନ ୭୦ ହଜାର ବର୍ଷ ତଳେ ହୋଇଥିଲା । ଆଜିକାଲିର Homo Sapiens Sapiens ନାମରେ ଆଧୁନିକ ମଣିଷର ଆବିର୍ଭାବ ହୋଇଛି । ରୁଷୀୟ ବୈଜ୍ଞାନିକ A.P. Bystrov କହନ୍ତି ଯେ ମଣିଷର ବିବର୍ତ୍ତନରେ ପୂର୍ଣ୍ଣଚ୍ଛେଦ ଆସିଗଲାଣି । ଗତ ବରଫ ଯୁଗ ପରଠାରୁ ହୋମୋସାପିଏନ୍ସ ସାପିଏନ୍ସର କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଘଟିନାହିଁ ବୋଲି ଲଣ୍ଡନର ପ୍ରାକୃତିକ ଇତିହାସ ଯାଦୁଘରର ନୃତତ୍ତ୍ୱ ବିଭାଗର ବିଶେଷଜ୍ଞମାନେ ମନେ କରନ୍ତି ।

ମାର୍କିନ ନୃତବତ୍ତ୍ୱବିଦ୍ H.L. Shapiro ବିଶ୍ୱାସ କରନ୍ତି ଯେ ଭବିଷ୍ୟତ ମଣିଷ (Homo futurs) ଖୁବ୍ ଡେଙ୍ଗା ହେବ, ମୁଣ୍ଡଟା ବାଳ ନଥିବା ଶିରସ୍ତ୍ରାଣ ଭଳି ଦେଖା ହେବ, ମସ୍ତିଷ୍କର ଆକାର ଟିକେ ବଡ଼ ହୋଇଥିବ, ସମ୍ଭବତଃ ପାଦର କାଣିଆଙ୍ଗୁଳିଟି ଉଭେଇ ଯାଇଥିବ । ଆଉ ୫ ଲକ୍ଷ ବର୍ଷ ପରେ ମଣିଷର ରୂପ ଏହିପରି ହୋଇଥିବ ବୋଲି ସାପିରୋ କହନ୍ତି । ଆଉ କେତେ ବିଶେଷଜ୍ଞ କହନ୍ତି ଯେ ଭବିଷ୍ୟତ ମଣିଷ ଜଳଚର ବା Homo aquaticus ହୋଇଯିବ । ଭୂମିର ଉତ୍ପାଦିକା ହ୍ରାସ ହେଉଥିବାରୁ

ମଣିଷ ସାମୁଦ୍ରିକ ଆବହାୱାରେ ରହି ସମୁଦ୍ର ତଳ ଦେଶରେ ଚାଷ କରି ଓ ଖଣିଜ ପଦାର୍ଥ ସଂଗ୍ରହ କରି ଚଳିବାକୁ ଚେଷ୍ଟା କରିପାରେ । କିନ୍ତୁ ଏଥିପାଇଁ ମଣିଷର ଶ୍ୱାସକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆସିବା ଦରକାର । ଫୁସ୍‌ଫୁସ୍‌ରେ ପବନ ବଦଳରେ ପାଣି ରହିବା ଦରକାର । ବାହାରର ବା ଚାରିପାଖରେ ପାଣିର ଚାପ ସହିବାକୁ ପାଣିଥିବା ଫୁସ୍‌ଫୁସ୍ ହିଁ ସୁବିଧାଜନକ । ଅତ୍ୟଧିକ ଚାପରେ ମଧ୍ୟ ଜଳର ଆୟତନ ବଦଳିବ ନାହିଁ ।

**ଅତିମାନବ** – ଏ ସମସ୍ତ ବିବର୍ତ୍ତନ ସତ୍ତ୍ୱେ ମଣିଷ ଅତିମାନବ ହୋଇପାରିବ ନାହିଁ । ପ୍ରତିବର୍ଷର ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତାରେ ନୂଆ ନୂଆ ରେକର୍ଡ଼ ସୃଷ୍ଟି ହେଉଥିବା ଦେଖିଲେ, ମନେହୁଏ ମଣିଷର କ୍ଷମତାର ସୀମା ନାହିଁ । କିନ୍ତୁ ଶରୀରର ଗୋଟିଏ ସୀମା ଅଛି । ପ୍ରତ୍ୟେକ ବ୍ୟାୟାମରେ ଯେଉଁ ଶକ୍ତଯୋଗାଣକାରୀ ରାସାୟନିକ ପଦାର୍ଥମାନ ଖର୍ଚ୍ଚ ହୁଏ, ତାହା ପୂରଣ କରିବାରେ ମଣିଷର ଶରୀର ଅସମର୍ଥ । ଉଦାହରଣସ୍ୱରୂପ, ହିସାବ କରାଯାଇଛି ଯେ ୩ ମିନିଟ ୪୫ ସେକେଣ୍ଡରୁ କମ୍ ସମୟରେ ମଣିଷ ମାଇଲିଏ ବା ୧.୬୧ କିଲୋମିଟର ଦୌଡ଼ିପାରିବ ନାହିଁ । ଯେଉଁମାନେ ଏହାକୁ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟି କରନ୍ତି ସେମାନେ ଆଧୁନିକ ପଥ୍ୟ ଓ ତାଲିମ ଯୋଗୁ କରିପାରନ୍ତି । ତେଣୁ ଅତିମାନବ ସୃଷ୍ଟିହେବା କେବଳ ବୈଜ୍ଞାନିକ ଉପନ୍ୟାସରେ ବା କଳ୍ପନାରେ ହିଁ ରହିଯିବ ।

**ଯନ୍ତ୍ରମାନବ** – କିନ୍ତୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଡ଼ି ଅତିଯନ୍ତ୍ରମାନବ ବା Super Cyborg ବିବର୍ତ୍ତନ ଘଟିପାରେ । ବଦଳାଯାଇ ପାରୁଥିବା କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଲଗାଇ ମଣିଷର ଶାରୀରିକ ଶକ୍ତିକୁ ଖୁବ୍ ବଢ଼ାଯାଇପାରେ । ଏହି ଆଂଶିକ ମଣିଷ ଓ ଆଂଶିକ ଯନ୍ତ୍ରର ସମ୍ମିଶ୍ରଣକୁ ଇଂରାଜୀରେ Cyborg ବା ଯନ୍ତ୍ରଚାଳିତ ମାନବ କୁହାଯାଏ । ଆଉ ଲକ୍ଷେ ବର୍ଷ ପରେ ଏହି ପ୍ରକାର ଅତିଶକ୍ତିବିଶିଷ୍ଟ ଯନ୍ତ୍ରଚାଳିତ ମାନବର ବିବର୍ତ୍ତନ ହୋଇପାରେ ।

ଆଜିକାଲି ଡାକ୍ତରୀଚିକିତ୍ସାରେ ଜୀବନ୍ତ ଅଙ୍ଗକୁ ସୁସ୍ଥ ମଣିଷଠାରୁ ବାହାର କରିନେଇ ରୋଗୀ ଦେହରେ ଖଞ୍ଜାଯାଇପାରୁଛି । ଅତିରିକ୍ତ ଅଙ୍ଗ (Spare parts) ଶଲ୍ୟ ଚିକିତ୍ସାର ଏବେ ବହୁଳ ପ୍ରସାର ଘଟିଛି ଏବଂ ଏଥିଯୋଗୁ ବହୁତ ରୋଗୀଙ୍କ ଜୀବନ ରକ୍ଷା ହୋଇପାରିଛି । କେବଳ ଗୋଟିଏ ଅସୁବିଧା ଏଡ଼ାଇବାକୁ ରହିଯାଇଛି । ରୋଗୀର ଦେହ ସାଧାରଣତଃ ଅନ୍ୟ ବ୍ୟକ୍ତିର ଅର୍ଥାତ୍ ବାହାରର ପେଶୀ (Foreigntissue) ବା ତନ୍ତୁକୁ ଗ୍ରହଣ କରେ ନାହିଁ– ଶରୀରର ଆତ୍ମରକ୍ଷାକାରୀ

ପ୍ରତିରୋଧ ଶକ୍ତି ବାହାରର ସବୁ ଜିନିଷକୁ ବାହାର କରିଦେବାକୁ ଚେଷ୍ଟା କରେ । ଯେପରି ଗୋଡ଼ରେ କଣ୍ଟାଟିଏ ପଶିଗଲେ, ଆମେ ଯଦି ହାତରେ ନ କାଢୁ, କଣ୍ଟା ପଶିଥିବା ଜାଗାଟି ପଚିଯାଏ, ଫଳରେ କଣ୍ଟାଟି ଗଳିଖସିପଡ଼େ । ଏସବୁ ପ୍ରତିରୋଧକାରୀ ଶକ୍ତି ମୂଳରେ ଶ୍ୱେତରକ୍ତକଣିକା ରହିଛନ୍ତି । କେତେକ ପ୍ରକାରର ଔଷଧ ବ୍ୟବହାର କରି ଶ୍ୱେତରକ୍ତକଣିକାର ଆକ୍ରମଣାତ୍ମକ କ୍ରିୟାକଳାପକୁ ରୋକାଯାଇ ପାରୁଛି । ବେଳେ ବେଳେ ଏହାର ଫଳ ଓଲଟା ହେଉଛି, ଶରୀରର ପ୍ରତିରୋଧକାରୀ ଶକ୍ତି ଏତେ କମିଯାଉଛି ଯେ ରୋଗୀ ଯେକୌଣସି ମୁହୂର୍ତ୍ତରେ ଯେକୌଣସି ରୋଗ ଆକ୍ରମଣରେ ମୃତ୍ୟୁ ବରଣ କରିପାରେ ।

**ଚିକିତ୍ସା ବଦଳିବ** — ଯେପରି ରକ୍ତଦାନ ସମୟରେ ରୋଗୀର ରକ୍ତଶ୍ରେଣୀ ଅନୁଯାୟୀ ରକ୍ତ ଦିଆଗଲେ ତାହା ରୋଗୀର ଶରୀର ଗ୍ରହଣ କରିନିଏ, ସେହିପରି ସମ ପ୍ରକାରର ପେଶୀ ବା ତନ୍ତୁ (compatible tissue) ଯୋଗାଡ଼ କରିପାରିଲେ, ରୋଗୀର ପ୍ରତିରୋଧକାରୀ ଶକ୍ତି ହ୍ରାସ ନ କରାଇ ନୂଆ ଅଙ୍ଗ ଲଗାଇହେବ ଓ ତାହା ଶରୀର ସାଙ୍ଗରେ ମିଶିଯିବ । ଏହି ଦିଗରେ ଖୁବ୍ ଜୋରରେ ଗବେଷଣା ଚାଲିଛି । ଆମେରିକାର ସିନ୍‌ସିନାଟି ବିଶ୍ୱବିଦ୍ୟାଳୟର ଡାକ୍ତରୀ ଚିକିତ୍ସା କେନ୍ଦ୍ର ଏକପ୍ରକାର କୃତ୍ରିମ ରକ୍ତ ତିଆରି କରିଛନ୍ତି, ଅଜୈବିକ ଅମ୍ଳଜାନ ଶୋଷଣକାରୀ ନିଷ୍କ୍ରିୟ ପଦାର୍ଥରେ ଏହା ତିଆରି । ଏହା ସଫଳ ହେଲେ କୃତ୍ରିମ ରକ୍ତ କୌଣସି ବାହାର ଜିନିଷକୁ ପରିତ୍ୟାଗ କରିବ ନାହିଁ ।

**କୃତ୍ରିମ ଅଙ୍ଗ** — ଜୀବନ୍ତପେଶୀ ବା ତନ୍ତୁର ପୁନଃରୋପଣ ସାଙ୍ଗକୁ କୃତ୍ରିମ ଅତିରିକ୍ତ ଅଙ୍ଗ ତିଆରିରେ ବେଶ୍ ଉନ୍ନତି ଦେଖାଦେଉଛି । କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ତାଲିକାରେ ନିମ୍ନଲିଖିତ ବସ୍ତୁଗୁଡ଼ିକ ଅଛି । ଯକୃତ, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ମୂତ୍ରାଶୟ, ପାନ୍‌କ୍ରିୟାସ୍, ଧାତୁ ବା ଅସ୍ଥିର ମୁଣ୍ଡ ଖପୁରି, ଶଲ୍ୟଚିକିତ୍ସାର ଚିହ୍ନକୁ ଘୋଡ଼ାଇବାକୁ କୃତ୍ରିମ ବାଳ, ଖପୁରିରେ ହୋଇଥିବା ଗାତକୁ ବନ୍ଦ କରିବାକୁ ସିଲିକୋନ୍ ଠିପି, କୃତ୍ରିମ ଆକ୍ରିଲିକ୍ ଡୋଳା (Cornea) ସିଲିକୋନ୍ ଆକ୍ରିଲିକ୍ ବା କାଚର ଆଖି, ସ୍ପର୍ଶଚଷମା, ସାଧାରଣ ଚଷମା, କୃତ୍ରିମ ଦାନ୍ତ, ସିଲିକୋନ୍ କାନ, ସିଲିକୋନ ଓଠ, ପ୍ଲାଷ୍ଟିକ୍ ବା ରୂପାର ଶ୍ୱାସନଳୀ, ଶ୍ରବଣ ଯନ୍ତ୍ର, ମସ୍ତିଷ୍କରୁ ଜଳନିଷ୍କାସନ ନଳୀ, ରବର ଲାରିନ୍‌କ୍ସ (Larynx). ବାଟେରିଚାଳିତ ହୃଦ୍‌ପିଣ୍ଡଚାଳକ ଯନ୍ତ୍ର (Pace maker) ଧାତୁର ବାହୁ, ପ୍ଲାଷ୍ଟିକ୍ ସୂତା ବା ଧାତୁର ହୃତପିଣ୍ଡନଳୀ (Valve) ସିଲିକୋନ୍ ସ୍ତନ, ଡାକ୍ରନ୍‌ତିଆରି ଧମନୀ, କୃତ୍ରିମ ଶିରା, ଧାତୁର କୋହୁଣି, କୋହୁଣି ପାଇଁ ଖୋଳ ଓ କବ୍‌ଜା, ପେଟର

ଆସ୍ତର ପାଇଁ ତନ୍ତୁ ବା ସୂତାର ତାଳି (Patch), ଧାତୁର ପିଚାସନ୍ଧି, ଚଳପ୍ରଚଳ କରିହେଉଥିବା କୃତ୍ରିମ ଅଙ୍ଗ, ସିଲିକୋନ ବା ଆକ୍ରିଲିକ୍ କୋଷ (testicles) ଜଙ୍ଘପାଇଁ ଧାତୁରସ୍ତମ୍ଭ, ଧାତୁର ଅଙ୍ଗୁଳି ସନ୍ଧି, ଧାତୁର ଆଣ୍ଠୁ ସନ୍ଧି, ଧାତୁର ଆଣ୍ଠୁ ଟୋପି, ଧାତୁର ଆଣ୍ଠୁ ତଳହାଡ଼ (skin bone) ଇତ୍ୟାଦି ।

**ଶକ୍ତି** — କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗକୁ କାର୍ଯ୍ୟକ୍ଷମ କରିବାକୁ ବା ଚଳାଇବାକୁ ଯେଉଁ ବାଟେରୀଚାଳିତ ଯନ୍ତ୍ର ବା Power Pack ଖଞ୍ଜା ଯାଉଛି, ସେ ଗୁଡ଼ିକର ଆୟୁଷ ସୀମାବଦ୍ଧ, ପୁଣି ମଣିଷ ଶରୀରର ଗ୍ରହଣଯୋଗ୍ୟ ଏବଂ ସଂପୂର୍ଣ୍ଣ ନିର୍ଭରଶୀଳ ବସ୍ତୁରେ ଏହା ତିଆରି ହେବା ଉଚିତ, କିନ୍ତୁ ଏପରି ବସ୍ତୁ ମିଳିବା କଷ୍ଟ । ମାଂସପେଶୀର ସଙ୍କେତକୁ ଗ୍ରହଣ କରି କାମ କଲାଭଳି ମଟର ମଧ ଉଦ୍‌ଭାବନ ହୋଇନାହିଁ । ବିଶେଷଜ୍ଞମାନେ ଏସବୁ ସମସ୍ୟାକୁ କ୍ଷଣସ୍ଥାୟୀ ମନେ କରନ୍ତି । ବସ୍ତୁ ବିଜ୍ଞାନରେ ନୂତନ ଉଦ୍‌ଭାବନ ସଙ୍ଗେ ସଙ୍ଗେ ଏହାର ସମାଧାନ ହୋଇଯିବ ବୋଲି ସେମାନେ ଆଶା କରନ୍ତି । କୃତ୍ରିମ ଅଙ୍ଗ ଚଳାଚଳ ବିଜ୍ଞାନ ବା Cybernetics ବିଦ୍ୟା ଏହି ଦିଗରେ ଲାଗିପଡ଼ିଛି । ସ୍ପର୍ଶ, ତାପ, ଚାପ ଓ ଯନ୍ତ୍ରଣା ଭଳି ଅନୁଭୂତିକୁ ଯନ୍ତ୍ରରୁ ସ୍ନାୟବିକ ବ୍ୟବସ୍ଥାକୁ ରୂପାନ୍ତର କରିବା କଷ୍ଟକର ହେଉଥିବାରୁ ବୈଜ୍ଞାନିକମାନେ ଶରୀର ବାହାରୁ ଏହି ପ୍ରକାର ସମ୍ବାଦ ମସ୍ତିଷ୍କକୁ ପ୍ରେରଣ କରିବାର ବ୍ୟବସ୍ଥା କରୁଛନ୍ତି । ସ୍ପନ୍ଦନ, ଶବ୍ଦତରଙ୍ଗ, ଆଲୋକ ତଥା ମୃଦୁ ବିଦ୍ୟୁତ୍ ତରଙ୍ଗ ଭଳି କେତେକ ପ୍ରଭାବଦ୍ୱାରା କୃତ୍ରିମଅଙ୍ଗ ପରିଧାନକାରୀ ଏହି ପ୍ରକାର ଅନୁଭୂତି ପାଇପାରେ ଏହା ହେଲା ଏବକାର ଗବେଷଣା ।

**ଦେବ ନା ଦାନବ** — ଲକ୍ଷଲକ୍ଷ ବର୍ଷ ପରେ ମଣିଷ କିପରି ଦେଖାଯାଇପାରେ ? ଅଣ୍ଡାକୃତି ଚନ୍ଦାମୁଣ୍ଡ ଥାଇ ଖୁବ୍ ବୁଦ୍ଧିମାନ ହୋଇପାରେ । ଖୁବ୍‌ଡେଙ୍ଗା, ଦୃଢ଼ ମାଂସପେଶୀ, ଦେହଯାକ କାତି, ହାତଗୋଡ଼ ବଢ଼କଭଳି ଚର୍ମଯୁକ୍ତ ଚଟକା ଆହୁଲା ଭଳି ହୋଇପାରେ । ଅର୍ଦ୍ଧଯନ୍ତ୍ର, ଅର୍ଦ୍ଧମାନ... ରୂପରେ ଅତିରିକ୍ତ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବହାର କ୍ଷମତା ହାସଲ କରି ପ୍ରାଚୀନ କାଳର ପ୍ରବଳପରାକ୍ରମୀ ଦାନବ ଶକ୍ତି ଅର୍ଜନ କରିପାରେ । ଶରୀରର ରୂପ ଯେପରି ହେଉ ନା କାହିଁକି, ମଣିଷର ରୂପ ଅଧିକ ସୁନ୍ଦର, ଆୟୁଷ ଅଧିକ ବର୍ଷ, ଶାରୀରିକ ଶକ୍ତି ଅଧିକ ପ୍ରବଳ ଏବଂ ଧୀଶକ୍ତି ଅଧିକ ଚମତ୍କାର ନିଶ୍ଚୟ ହୋଇପଡ଼ିବ । ଏହା ନ ହେଲେ ଜ୍ଞାନୀଜୀବ ହିସାବରେ ମଣିଷ ଦୁନିଆରୁ ଲୋପ ପାଇଯିବ ।